ଧରିତ୍ରୀ
DHARITRI

ସମ୍ବଲପୁର, ଗୁରୁବାର, ଡିସେମ୍ବର ୨୨/୨୦୨୨ (୧୬ ପୃଷ୍ଠା) | Sambalpur, Thursday, December 22/2022 | Page 16 | ₹ 7.00 | ★★

୧୯ଶ ଭାଗ ୭ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur | VOLUME 19 ISSUE 7 | ମୂଲ୍ୟ₹୭/-




**ମା'ଙ୍କୁ ଉପହାସ କଲେ ପୁଅ**

ବଲିଉଡ୍ ଅଭିନେତ୍ରୀ ମଲାଇକା ଅରୋରାଙ୍କ ପୋଷାକକୁ ନେଇ ତାଙ୍କ ପୁଅ ଅର୍‌ହାନ ଖାନ୍ ଉପହାସ କରିଛନ୍ତି।

୧୨

୧୬

**ଜିଓ୍ବନଜୋତଙ୍କ ଶତକ**

ଜିଓ୍ବନଜୋତ ସିଂଙ୍କ ଅପରାଜିତ ଶତକ ବଳରେ ଉତ୍ତରାଖଣ୍ଡ ଡେରାଡୁନରେ ଚାଲିଥିବା ଓଡ଼ିଶା ବିପକ୍ଷ ରଣଜୀ ଟ୍ରଫି ମ୍ୟାଚରେ ପ୍ରଥମ ଇନିଂସ ଅଗ୍ରଣୀଲାଭ କରିଛି।



# ଓଡ଼ିଶାରେ ବିଏଫ୍.୭ ସଂକ୍ରମିତ ଚିହ୍ନଟ

## ଚାଇନାରେ ଆତଙ୍କ ଖେଳାଇଛି କରୋନାର ଏହି ସବ୍‌ଭାରିଆଣ୍ଟ

ନୂଆଦିଲ୍ଲୀ/ଭୁବନେଶ୍ୱର(ବ୍ୟୁରୋ),୨୧।୧୨

ଚାଇନାରେ ବହୁ ଲୋକଙ୍କ ଜୀବନ ନେଇ ଆତଙ୍କ ସୃଷ୍ଟି କରିଥିବା ଓମିକ୍ରନ୍ ଭୂତାଣୁର ସବ୍‌ଭାରିଆଣ୍ଟ ବିଏଫ୍.୭ ଭାରତକୁ ମାଡ଼ିଆସିଛି। କୋଭିଡ୍-୧୯ ମହାମାରୀର ଏହି ଘାତକ ଭାଇରସ୍‌ରେ ସଂକ୍ରମିତ ହୋଇଥିବା ଜଣେ ବ୍ୟକ୍ତି ଓଡ଼ିଶାର ଖୋର୍ଦ୍ଧା ଜିଲାରେ ଚିହ୍ନଟ ହୋଇଛନ୍ତି। ସେହିପରି ଗୁଜରାଟର ଆଉ ୨ ଜଣ ମଧ ଏଥିରେ ଆକ୍ରାନ୍ତ ହୋଇଥିବା ବୁଧବାର ଜଣାପଡ଼ିଛି। ବିଏଫ୍.୭ର ପ୍ରଥମ ମାମଲା ଗତ ଅକ୍ଟୋବରରେ ଗୁଜରାଟ ବାୟୋଟେକ୍ନୋଲୋଜି ରିସର୍ଚ୍ଚ ସେଣ୍ଟରରେ ଚିହ୍ନଟ ହୋଇଥିଲା। ପ୍ରଥମ ଓ ଦ୍ୱିତୀୟ ସଂକ୍ରମିତ ଗୁଜରାଟର ହୋଇଥିବାବେଳେ ତୃତୀୟ ଆକ୍ରାନ୍ତ ଜଣକ ଓଡ଼ିଶାର ବୋଲି ସ୍ପଷ୍ଟ ହୋଇଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ କୁହାଯାଇଛି ଯେ, ସଂକ୍ରମିତ ମହିଳା ଜଣକ ଖୋର୍ଦ୍ଧା ଜିଲାର ବାସିନ୍ଦା। ଗତ ସେପ୍ଟେମ୍ବର ୩୦ରେ ସେ ଆମେରିକା ଯିବା ପୂର୍ବରୁ ତାଙ୍କର ଆର୍‌ଟିପିସିଆର୍ ଟେଷ୍ଟ କରାଯାଇଥିଲା। ସେତେବେଳେ ସେ ଲକ୍ଷଣବିହୀନ ଥିଲେ। ଆର୍‌ଏମ୍‌ଆର୍‌ସିରେ ତାଙ୍କର ☞ପୃଷ୍ଠା-୪



### 'ମାସ୍କ ପିନ୍ଧ, ବୁଷ୍ଟର ଡୋଜ୍ ନିଅ'

ନୂଆଦିଲ୍ଲୀ,୨୧।୧୨

ପଡ଼ୋଶୀ ଚାଇନାରେ ବିଏଫ୍.୭ ସବ୍‌ଭାରିଆଣ୍ଟ ସଂକ୍ରମଣର ଭୟାବହତା ଭାରତ ପାଇଁ ଚିନ୍ତାର କାରଣ ସାଜିଥିବାବେଳେ ବୁଧବାର କେନ୍ଦ୍ର ସରକାର ଏହାକୁ ନେଇ ଦେଶବାସୀଙ୍କୁ ସତର୍କ କରାଇଛନ୍ତି। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବ୍ୟଙ୍କ ଅଧ୍ୟକ୍ଷତାରେ ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଏହି ଉଚ୍ଚସ୍ତରୀୟ ବୈଠକରେ ଭାରତର କୋଭିଡ୍-୧୯ ସ୍ଥିତି ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ବୈଠକ ଶେଷ ହେବା ପରେ ମନ୍ତ୍ରୀ ମାଣ୍ଡବ୍ୟ ଟୁଇଟ୍ କରିଥିଲେ, କୋଭିଡ୍ ଏ ପର୍ଯ୍ୟନ୍ତ ଯାଇନାହିଁ। ଅଧିକାରୀମାନଙ୍କୁ ସତର୍କ ରହିବାକୁ ଓ ସର୍ଭିଲାନ୍ସ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। କୌଣସି ପ୍ରକାର ସ୍ଥିତିର ମୁକାବିଲା ପାଇଁ ଆମେ ପ୍ରସ୍ତୁତ। ସେହିପରି କୋଭିଡ୍ ସମ୍ପର୍କିତ ଜାତୀୟ ଟାସ୍କ ଫୋର୍ସ ମୁଖ୍ୟ ତଥା ନୀତି ଆୟୋଗ ସଦସ୍ୟ ଭି.କେ. ପଲ୍ କହିଛନ୍ତି, ପର୍ଯ୍ୟାପ୍ତ ☞ପୃଷ୍ଠା-୪

# ଅବକାରୀ ହେପାଜତରେ ମୃତ୍ୟୁ

**ପୋଲିସ ହେପାଜତରେ ଥିବା ବ୍ୟକ୍ତିଙ୍କ ପ୍ରତି ଆଚରଣ ଏବଂ ବ୍ୟବହାରରେ ପରିବର୍ତ୍ତନ ହେଉ ନାହିଁ। ଫଳରେ ବିଭିନ୍ନ ସମୟରେ ହେପାଜତରେ ଲୋକମାନଙ୍କ ମୃତ୍ୟୁ ଘଟୁଛି। ମଙ୍ଗଳବାର ରାତିରେ ଏମିତି ଆଉ ଏକ ଘଟଣା ଘଟିଛି ଚୌଦ୍ୱାର ଅବକାରୀ ଉପନିରୀକ୍ଷକଙ୍କ କାର୍ଯ୍ୟାଳୟରେ। ଚୋରା ମଦ କାରବାର ଅଭିଯୋଗରେ ଗିରଫ ହୋଇଥିବା ଚୌଦ୍ୱାର ମହିଁସାଲଣ୍ଡାର ଶରତ ପ୍ରଧାନଙ୍କୁ କାର୍ଯ୍ୟାଳୟ ପରିସରରେ ରଖାଯାଇଥିଲା। ବୁଧବାର ସକାଳୁ ତାଙ୍କୁ କୋର୍ଟ ଚାଲାଣ କରାଯାଇଥାନ୍ତା। ହେଲେ ରାତିରେ ଶରତଙ୍କ ମୃତ୍ୟୁ ଘଟିଛି। ଅବକାରୀ ପୋଲିସ ପିଟିପିଟି ମାରି ଦେଇଥିବା ମୃତ ଯୁବକଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ଅସୁସ୍ଥତା କାରଣରୁ ଯୁବକଙ୍କ ମୃତ୍ୟୁ ଘଟିଥିବା ଅବକାରୀ ବିଭାଗ ପକ୍ଷରୁ ସଫେଇ ଦିଆଯାଉଛି, ଯାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରାଯାଇଛି।**



ଶରତ ପ୍ରଧାନ

- **ଚୋରା ଦେଶୀମଦ ବିକ୍ରି ଅଭିଯୋଗରେ ଅଟକ ଥିଲେ**
- **ହତ୍ୟା ଅଭିଯୋଗ ଆଣିଲେ ଭାଇ**
- **ଅସୁସ୍ଥତା କାରଣରୁ ମୃତ୍ୟୁ ସନ୍ଦେହ: ପୋଲିସ**

ଚୌଦ୍ୱାର,୨୧।୧୨(ଡି.ଏନ୍.ଏ.)

ଚୌଦ୍ୱାର ଥାନା ଅନ୍ତର୍ଗତ ମହିଁସାଲଣ୍ଡା ଗ୍ରାମର ଶରତ ପ୍ରଧାନ ମଙ୍ଗଳବାର ଅପରାହ୍ନରେ ଗୁରୁଡ଼ିଝାଟିଆ ଥାନା କୁମାରପୁର-ବଳିପୁର ରାସ୍ତାରେ ଠିଆହୋଇଥିଲେ। ଏହି ସମୟରେ ଅବକାରୀ ବିଭାଗର ପାଟ୍ରୋଲିଂ ଟିମ୍ ତାଙ୍କ ଆଡ଼କୁ ଆସିବାରୁ ସେ ଭୟରେ ଦୌଡ଼ି ପଳାଇ ଯାଇଥିଲେ। ତେବେ ଅବକାରୀ କର୍ମଚାରୀ ତାଙ୍କୁ କାବୁ କରିଥିଲେ। ତାଙ୍କ ନିକଟରୁ ୮୦ଲିଟର ମହୁଲି ମଦ ଜବତ କରିବା ସହିତ ତାଙ୍କୁ ଚୌଦ୍ୱାରସ୍ଥିତ ଅବକାରୀ ଉପନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ଅଣାଯାଇଥିଲା। ବୁଧବାର ତାଙ୍କୁ କୋର୍ଟଚାଲାଣ କରାଯାଇଥାନ୍ତା। ତେବେ ବିଳମ୍ବିତ ରାତିରେ ତାଙ୍କ ଶରୀର ହଠାତ୍ ଅସୁସ୍ଥ ହୋଇପଡ଼ିଥିଲା। ରାତି ପ୍ରାୟ ୧୦ଟା ସମୟରେ ଶରତଙ୍କ ଭାଇ ଭରତ ଓ ଜନୈକ ଓକିଲ ତାଙ୍କୁ କାର୍ଯ୍ୟାଳୟରେ ଭେଟିବା ସହିତ କିଛି ଔଷଧ ଓ କିଛି ଖାଦ୍ୟ ଦେଇ ଘରକୁ ଚାଲି ଯାଇଥିଲେ। ରାତି ୧୧ଟାରେ ଶରତଙ୍କ ଓକିଲ ଫୋନ୍ ଯୋଗେ ଭରତଙ୍କୁ ତୁମ ଭାଇଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଅବକାରୀ କର୍ମଚାରୀ କଟକ ବଡ଼ ଡାକ୍ତରଖାନା ନେଇଥିବା କହିଥିଲେ। ଡାକ୍ତରଖାନାରେ ପହଞ୍ଚିବାପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଭରତ ଡାକ୍ତରଖାନାରେ ପହଞ୍ଚି ଶରତଙ୍କ ଗୋଡ଼ର ଆଙ୍ଗୁଠିରେ ଗଭୀର କ୍ଷତ ଥିବା ଦେଖିଥିଲେ। ତାଙ୍କ ଭାଇଙ୍କୁ ଅବକାରୀ ବିଭାଗ କର୍ମଚାରୀମାନେ ପିଟି ପିଟି ମାରି ଦେଇଥିବା ସନ୍ଦେହ କରି ଚୌଦ୍ୱାର ଥାନାରେ ଭରତ ଏକ ଲିଖିତ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ଚୌଦ୍ୱାର ଅବକାରୀ ଅଧିକାରୀ ଦୁର୍ଯ୍ୟୋଧନ ଦିଗଲ ଏଭଳି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ ଡିସେମ୍ବର ୧୭ରୁ ୨୪ ତାରିଖ ପର୍ଯ୍ୟନ୍ତ ଛୁଟିରେ ଅଛନ୍ତି। ତଥାପି ଏହି ଘଟଣା ଶୁଣିବା ପରେ କର୍ମଚାରୀଙ୍କ ସହିତ ଯୋଗାଯୋଗ କରି ମୃତ ଶରତଙ୍କ ଉଚ୍ଚ ରକ୍ତଚାପ ଥିବା ହେତୁ ତାଙ୍କର ଏଭଳି ପରିସ୍ଥିତି ହୋଇଥିବା କହିଛନ୍ତି। ତାଙ୍କୁ କୌଣସି କର୍ମଚାରୀ ବାଡ଼ାବାଡ଼ି କରି ନ ଥିବା କହିବା ସହିତ ହୃଦ୍‌ଘାତ କିମ୍ବା ରକ୍ତଚାପ ହେତୁ ତାଙ୍କର ମୃତ୍ୟୁ ହୋଇଥାଇ ପାରେ। ଏନେଇ ମଙ୍ଗଳବାଗ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨୭୫୮/୨୦୨୨) ରୁଜୁ କରାଯାଇ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ରିପୋର୍ଟ ଆସିବାପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଅବକାରୀ ଅଧିକାରୀ ଦିଗଲ କହିଛନ୍ତି। ତେବେ ଏହି ଘଟଣା ପ୍ରଚାରିତ ହେବା ପରେ ମହିଁସାଲଣ୍ଡାର ଶତାଧିକ ଗ୍ରାମବାସୀ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ବିଶ୍ୱାସରେ ସାନ୍ତା**






# 'ଗୋବିନ୍ଦଙ୍କ ପକେଟରୁ ମିଳିଛି ଲଫାପା'

ବଲାଙ୍ଗୀର ଅଫିସ, ୨୧।୧୨

କଣ୍ଟାବାଞ୍ଜି ସବ୍‌ଜେଲରେ ମଙ୍ଗଳବାର ମମିତା ମେହେର ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦଙ୍କ ମୃତ୍ୟୁ ଘଟିଥିବାବେଳେ ତାଙ୍କ ପକେଟରୁ ଏକ ମାଟିଆ ରଙ୍ଗର ଲଫାପା ମିଳିଛି। ସେଥିରେ ଦୁଇପୃଷ୍ଠାର ଲେଖା ରହିଛି। ଏକଥା ପୋଲିସ କହିଥିବା ଗୋବିନ୍ଦଙ୍କ କାକା ଶ୍ୱଶୁର ମହେନ୍ଦ୍ର ସାହୁ କହିଛନ୍ତି। ଏପରି କି ସେହି ଦୁଇପୃଷ୍ଠାର ଲେଖା ପଢ଼ିବାକୁ ଚାହିଁଥିବାରୁ ତାଙ୍କୁ ପୋଲିସ ସୁଯୋଗ ଦେଇ ନ ଥିଲା ବୋଲି ମହେନ୍ଦ୍ର କହିଛନ୍ତି।

ଗୋବିନ୍ଦ ସାହୁଙ୍କ ମୃତଦେହକୁ ମଙ୍ଗଳବାର ରାତିରୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲକୁ ଅଣାଯାଇ ଶବାଗାରରେ ରଖାଯାଇଥିଲା। ☞ପୃଷ୍ଠା-୪

### କଣ୍ଟାବାଞ୍ଜିରେ କ୍ରାଇମବ୍ରାଞ୍ଚ ଟିମ୍‌ର ତନାଘନା

ବଲାଙ୍ଗୀର ଅଫିସ, ୨୧।୧୨

କଣ୍ଟାବାଞ୍ଜି ସବ୍‌ଜେଲରେ ମଙ୍ଗଳବାର ମମିତା ମେହେର ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ମୃତ୍ୟୁକୁ ନେଇ ଚର୍ଚ୍ଚା ଥମିବାର ନାଁ ନେଉନାହିଁ। ଜେଲ କର୍ତ୍ତୃପକ୍ଷ ଏବଂ ପୋଲିସ ପକ୍ଷରୁ ଏହାକୁ ଆତ୍ମହତ୍ୟା ବୋଲି କୁହାଯାଇଥିଲେ ମଧ୍ୟ ଏହାକୁ ଗୋବିନ୍ଦଙ୍କ ପରିବାର ଏବଂ ସମ୍ପର୍କୀୟ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହନ୍ତି। ସିଧାସଳଖ ଏହାକୁ ଏକ ହତ୍ୟା ବୋଲି ଅଭିଯୋଗ କରାଯାଇଛି। ପୋଲିସ ☞ପୃଷ୍ଠା-୪

# ୧୯ ସହରରେ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ପ୍ରକଳ୍ପ

- **ଲୋକାର୍ପିତ କଲେ ମୁଖ୍ୟମନ୍ତ୍ରୀ**
- **ସାଢ଼େ ୫ ଲକ୍ଷ ଲୋକଙ୍କୁ ମିଳିବ ୨୪ ଘଣ୍ଟିଆ ସ୍ୱଚ୍ଛ ପାଣି**

### ପ୍ରତି ପରିବାରକୁ ଭଲ ପିଇବା ପାଣି ଯୋଗାଇବା ପ୍ରାଥମିକତା: ନବୀନ

ଭୁବନେଶ୍ୱର,୨୧।୧୨(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ରାଜ୍ୟର ୧୯ ସହରରେ ୨୪ ଘଣ୍ଟିଆ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ପ୍ରକଳ୍ପ ଲୋକାର୍ପିତ କରିଛନ୍ତି। ସେହି ସହରଗୁଡ଼ିକ ହେଲା ଭୁବନେଶ୍ୱର, କଟକ, ନିମାପଡ଼ା, ବ୍ରହ୍ମପୁର, ଗୋପାଳପୁର, ରାଉରକେଲା, ସୁନ୍ଦରଗଡ଼, ବୀରମିତ୍ରପୁର, ରାଜଗାଙ୍ଗପୁର, କେନ୍ଦୁଝର, ଯୋଡ଼ା, ବଡ଼ବିଲ, ଚମ୍ପୁଆ, ଆନନ୍ଦପୁର, ବାରିପଦା, ରାଇରଙ୍ଗପୁର, ଉଦଳା, କରଞ୍ଜିଆ ଓ ବ୍ୟାସନଗର। ଏହିସବୁ ସହରଗୁଡ଼ିକର ୫.୫ ଲକ୍ଷ ଲୋକ ଉପକୃତ ହେବେ। ଏହା ପୂର୍ବରୁ ୫-ଟି ଉପକ୍ରମରେ ପୁରୀରେ ସବୁ ଲୋକଙ୍କୁ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ସୁବିଧା ମିଳିଥିଲା। ଗୋପାଳପୁରରେ ମଧ ରାଜ୍ୟର ଦ୍ୱିତୀୟ ସହର ଭାବରେ ଶତ ପ୍ରତିଶତ ଲୋକଙ୍କୁ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ବ୍ୟବସ୍ଥାର ସୁବିଧା ପ୍ରଦାନ କରାଯାଇଛି। ଏହାବ୍ୟତୀତ ଖୋର୍ଦ୍ଧା, ଜଟଣୀ ଓ ହିଞ୍ଜିଳିକାଟୁ ସହର ପାଇଁ ☞ପୃଷ୍ଠା-୪



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି।

# ଦିନ ମଜୁରିଆଙ୍କୁ ୧୪ କୋଟିର ଆୟକର ନୋଟିସ

ପାଟନା,୨୧।୧୨

ଦିନକୁ ୪୦୦ ଟଙ୍କା ଆୟ କରୁଥିବା ଜଣେ ଶ୍ରମିକଙ୍କୁ କମ୍ପାନୀ ଚଳାଉଥିବା ଦର୍ଶାଇ ୧୪ କୋଟି ଟଙ୍କାର ଆୟକର ନୋଟିସ ଆସିଛି। ବିହାରର ରୋହତକ ଜିଲାର ଏହି ଘଟଣା ତାଙ୍କ ପାଖ ପଡ଼ୋଶୀଙ୍କୁ ଆଚମ୍ବିତ କରିଦେଇଛି। କାରଘର ଥାନା ଅଞ୍ଚଳର ମନୋଜ ଯାଦବଙ୍କ ଘରେ ସୋମବାର ଆୟକର ବିଭାଗର ଏକ ଟିମ୍ ପହଞ୍ଚିଥିଲା। ଆଇଟି ଅଧିକାରୀମାନେ ମନୋଜ ଏକ କମ୍ପାନୀ ଚଳାଉଥିବା ଏବଂ ତାଙ୍କ ଉପରେ ୧୪ କୋଟି ଟଙ୍କାର ଆୟକର ରିଟର୍ନ ବକେୟା ଥିବା ଦର୍ଶାଇ ନୋଟିସ ଧରାଇ ଦେଇଥିଲେ। ଅଧିକାରୀମାନଙ୍କ ମତରେ ମନୋଜଙ୍କ ନାମରେ ଥିବା ବ୍ୟାଙ୍କ ଖାତା ଜରିଆରେ ଉକ୍ତ କମ୍ପାନୀର ☞ପୃଷ୍ଠା-୪









ସରି ଆସୁଛି ବର୍ଷ ୨୦୨୨ । ଏହି ବର୍ଷ ଓଡ଼ିଶାର ଉପକୂଳବର୍ତ୍ତୀ ଜିଲା ପାଇଁ ଥିଲା ଘଟଣାବହୁଳ । ଯାଜପୁର ଜିଲା କୋରେଇ ଷ୍ଟେଶନରେ ମାଲଗାଡ଼ି ଲାଇନଚ୍ୟୁତ୍, ବ୍ୟାସ ନଗର ପୌରାଧ୍ୟକ୍ଷାଙ୍କ ଫାଇଲ୍ ଫିଙ୍ଗା ରାଜନୀତି, ନାବାଳିକା ବଳାତ୍କାର ମାମଲାରେ ୨ଅଭିଯୁକ୍ତଙ୍କୁ ଜଗତସିଂହପୁର ଫାଷ୍ଟଟ୍ରାକ୍ କୋର୍ଟ(ପୋକ୍ସୋ) ଫାଶୀ ଦଣ୍ଡରେ ଦଣ୍ଡିତ କରିବା ଘଟଣା ଚର୍ଚ୍ଚାରେ ରହିଥିଲା । ଏଥିସହିତ କେନ୍ଦ୍ରାପଡ଼ାରେ କାର୍ତ୍ତିକେଶ୍ୱର ଭସାଣି ଶୋଭାଯାତ୍ରାରେ ବାଣ ବିସ୍ଫୋରଣ ୨ଜଣଙ୍କ ଜୀବନ ନେଇଥିଲା । ଚଳିତ ବର୍ଷ ଗହୀରମଥାରେ ଡଲଫିନ୍ ସଂଖ୍ୟା ବୃଦ୍ଧି ଓ ଡାଙ୍ଗମାଳରେ ଲୁଣା କୁମ୍ଭୀର ହାଚେରୀରେ ଆଉ ଏକ ଧଳା କୁମ୍ଭୀର ଠାବ ପରେ ପରିବେଶବିତ୍‌ମାନଙ୍କୁ ଖୁସି ଦେଇଥିଲା ।

## ଫାଇଲ ଫିଙ୍ଗା ରାଜନୀତି



**ଯା**ଜପୁର ଜିଲା ବ୍ୟାସନଗର ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କ ଉପରକୁ ପୌରାଧ୍ୟକ୍ଷା ସଙ୍ଗୀତା ପିଙ୍ଗୁଆ ଫାଇଲ୍ ଫୋପାଡ଼ିବା ଘଟଣା ଗତମାସ ୧୬ ତାରିଖରେ ଭାଇରାଲ ହେବା ପରେ ଯାଜପୁର ରାଜନୀତିରେ ଆଲୋଡ଼ନ ସୃଷ୍ଟି ହୋଇଥିଲା । ଏହି ଘଟଣା ପଛରେ କି ରହସ୍ୟ ଲୁଚି ରହିଥିଲା ତାକୁ ନେଇ ନାନା ପ୍ରସଙ୍ଗ ସାମ୍ନାକୁ ଆସିଥିଲା । ସାରା ରାଜ୍ୟରେ ଏହାକୁ ନେଇ ଚର୍ଚ୍ଚା ଜୋର ଧରିଥିଲା । ଏହି ଘଟଣାକୁ ନେଇ ବିଭିନ୍ନ ରାଜନୈତିକ ଦଳ ଓ ସଙ୍ଗଠନ ପକ୍ଷରୁ ପୌରାଧ୍ୟକ୍ଷାଙ୍କ ଗିରଫ ଦାବି କରାଯାଇ ଆନ୍ଦୋଳନ ହୋଇଥିଲା । ହେଲେ ପରବର୍ତ୍ତୀ ଅବସ୍ଥାରେ ନିର୍ବାହୀ ଅଧିକାରୀ ଅଶୋକ କୁମାର ରାଉତଙ୍କୁ ଅନ୍ୟତ୍ର ବଦଳି କରାଯାଇଥିଲା ।

# ଲୌହ ଦାନବର ରକ୍ତ ଭୋଜି

**ସେ**ଦିନ ଥିଲା ୨୦୨୨ ନଭେମ୍ବର ୨୧ । ପୂର୍ବତଟ ରେଳପଥର ଖୋର୍ଦ୍ଧା ଡିଭିଜନ ଅନ୍ତର୍ଗତ ଯାଜପୁର ଜିଲା କୋରେଇ ଷ୍ଟେଶନରେ ସକାଳ ୬ଟା ୫୪ରେ ଘଟିଥିଲା ଏକ ମର୍ମନ୍ତୁଦ ରେଳ ଦୁର୍ଘଟଣା । ଝାଡ଼ଖଣ୍ଡର ଡାଙ୍ଗୋଆପୋଷିରୁ ଗଞ୍ଜାମ ଜିଲା ଛତ୍ରପୁର ଅଭିମୁଖେ ଯାଉଥିବା ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ ହେଲା । ୫୮ ବଗିବିଶିଷ୍ଟ ଏହି ଟ୍ରେନ୍‌ର ୧୪ ଡ଼ବା ଲାଇନଚ୍ୟୁତ ହେବା ସହ ୮ଟି ପ୍ଲାଟଫର୍ମ ଉପରକୁ ମାଡ଼ି ଯାଇଥିଲା । ଫଳରେ ଉକ୍ତ ପ୍ଲାଟଫର୍ମର ଯାତ୍ରୀ ବିଶ୍ରାମଗାରରେ ଡିଏମ୍‌ୟୁ ଟ୍ରେନକୁ ଅପେକ୍ଷାରତ ୩ ଜଣ ମହିଳା ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା । ତେବେ ମୃତକମାନଙ୍କ ମଧ୍ୟରୁ ଜଣେ ମହିଳାଙ୍କ ଅଢେଇ ବର୍ଷର ଶିଶୁପୁତ୍ର ବର୍ତ୍ତିଯାଇଥିଲେ । ଏହାସହ ୪ ଜଣ ଗୁରୁତର ହୋଇଥିଲେ । ମୃତକଙ୍କ ପରିବାରକୁ ସରକାରଙ୍କ ପକ୍ଷରୁ ୭ ଲକ୍ଷ ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରାଯାଇଥିଲା ।



## ୨ ଗଣବଳାତ୍କାରୀଙ୍କୁ ଫାଶୀ ଦଣ୍ଡ

ଜଗତସିଂହପୁର ଜିଲା ତିର୍ତ୍ତୋଲ ଥାନା କ୍ରୀଷ୍ଣାନନ୍ଦପୁର ଅଞ୍ଚଳରେ ୨୧।୮।୧୪ରେ ଜଣେ ୮ ବର୍ଷୀୟା ନାବାଳିକା ତାଙ୍କ ଦାଦା ପୁଅ ଭାଇ ସହ ଗାଁର ଏକ ଦୋକାନକୁ ଚକୋଲେଟ୍ କିଣିବାକୁ ଯାଇଥିଲେ । ଏହି ସମୟରେ ଅଭିଯୁକ୍ତମାନେ ତାଙ୍କୁ ଉଠାଇ ନେଇ ଗଣବଳାତ୍କାର କରିଥିଲେ । ଏହାପରେ ନାବାଳିକାଙ୍କ ମୃତ୍ୟୁ ଘଟିଥିଲା । ଗତ ଜୁନ ୨୮ ତାରିଖରେ ଏହି ମାମଲାର ରାୟ ପ୍ରକାଶ ପାଇଥିଲା । ମାମଲାର ବିଚାର କରି ଜଗତ୍‌ସିଂହପୁର ଫାଷ୍ଟ ଟ୍ରାକ୍ କୋର୍ଟ (ପୋକ୍ସୋ) ବିଚାରପତି ଅଜୟ କୁମାର ମହାନ୍ତି ୪ ଅଭିଯୁକ୍ତଙ୍କ ମଧ୍ୟରୁ କ୍ରୀଷ୍ଣାନନ୍ଦପୁରର ସେକ ଆସିଫ ଓ ସେକ ଅକିଲଙ୍କୁ ଫାଶୀ ଦଣ୍ଡରେ ଦଣ୍ଡିତ କରିଥିଲେ । ଅନ୍ୟ ୨ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ ହୋଇଥିଲେ ।

## ୧୦୫ କୋଟି ଟଙ୍କା ଜରିମାନା

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଧୀନ କଳାପଥର ଖାଦାନରେ ସାଟେଲାଇଟ ମାପଚୁପ କରି ଅଗଷ୍ଟରେକ ୪ ଜଣ ଲିଜ୍‌ଧାରୀଙ୍କଠାରୁ ୧୦୫ କୋଟି ୮୭ ଲକ୍ଷ ଜରିମାନା ଆଦାୟ କରିବାକୁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ତହସିଲଦାର ଡିମାଣ୍ଡ ନୋଟିସ କରିଥିଲେ । ଲିଜ୍‌ଧାରୀ ଚନ୍ଦ୍ରମଣି ପରିଡାଙ୍କଠାରୁ ୧ କୋଟି ୮୭ ଲକ୍ଷ ଓ ସାବିତ୍ରୀ ପରିଡ଼ାଙ୍କଠାରୁ ୧୬ କୋଟି ୫୭ ଲକ୍ଷ, ରଞ୍ଜନ ଜେନାଙ୍କଠାରୁ ୨୩ କୋଟି ୩୨ ଲକ୍ଷ ଓ ସରୋଜ ରାଉତଙ୍କଠାରୁ ୬୩ କୋଟି ୩୭ ଲକ୍ଷ ଟଙ୍କା ଜରିମାନା ଆଦାୟ ନିର୍ଦ୍ଦେଶ ହୋଇଛି ।

## ଭସାଣି ଶୋଭାଯାତ୍ରାରେ ବିସ୍ଫୋରଣ



**କେନ୍ଦ୍ରା**ପଡ଼ା ଜିଲା ସଦର ଥାନା ଅନ୍ତର୍ଗତ ବାଲିଆ ବଜାରରେ ଗତ ନଭେମ୍ବର ୨୩ରେ ଖୁବ୍ ଧୁମ୍‌ଧାମ୍‌ରେ ଚାଲିଥିଲା କାର୍ତ୍ତିକେଶ୍ୱରଙ୍କ ଭସାଣି ଶୋଭାଯାତ୍ରା । ହେଲେ ସେହି ମଜାକୁ ଜାଳି ପୋଡ଼ି ଛାରଖାର କରି ଦେଇଥିଲା ବାଣ ବିସ୍ଫୋରଣ । ବାଣ ଫୁଟା ପ୍ରତିଯୋଗିତା ଆଣିଥିଲା ବିଭିଷିକା ଏଥିରେ ଶତାଧିକ ଆହତ ହୋଇଥିବା ବେଳେ ୨ଜଣଙ୍କ ମୃତ୍ୟୁ ଘଟିଥିଲା । ଅଦ୍ୟାବଧି ୧୨ ଜଣ କଟକ ବଡ ମେଡିକାଲରେ ଚିକିତ୍ସିତ ହେଉଛନ୍ତି ।

## ନିଜ ନାମରେ ମାମଲା ରୁଜୁ କଲେ ଆଇଆଇସି



**ଯା**ଜପୁର ଜିଲା କୋରେଇ ଥାନା ଅଧିକାରୀ ଶ୍ରବଣ କୁମାର ମହାରଣା ଦଳିତ ଦମ୍ପତିଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହିତ ମାଡ ମାରିବା ଅଭିଯୋଗ ହୋଇଥିଲା । ଏହି ଘଟଣା ବିବାଦ ସୃଷ୍ଟି କରିବାରୁ ସେ ନିଜ ନାମରେ ନିଜେ ମାମଲା ରୁଜୁ କରିଥିଲେ । ଏହି ପ୍ରସଙ୍ଗ ଚଳିତ ବର୍ଷର ଚର୍ଚ୍ଚିତ ଘଟଣା ଥିଲା । ୩୦।୯।୨୦୨୨ରେ ଏହି ମାମଲା ରୁଜୁ କରାଯାଇଥିଲା । ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋର ଏବଂ ଏସ୍‌ପି ରାହୁଲ ପି.ଆରଙ୍କ ନିର୍ଦ୍ଦେଶରେ ଥାନାଧିକାରୀ ମହାରଣାଙ୍କ ନିଜ ନାମରେ ମାମଲା(ନଂ. ୩୧୯/୨୦୨୨)ହେବା ସହ ୧୬ଟି ସଙ୍ଗିନ ଦଫା ଲାଗିଥିଲା ।

## ଟୋଲ୍‌ପ୍ଲାଜା ସ୍ଥାନାନ୍ତର

ନ୍ୟାଶନାଲ ହାଇୱେ ଅଥରିଟି ଅଫ୍ ଇଣ୍ଡିଆ ଅଧୀନରେ ଥିବା ଯାଜପୁର ଜିଲା ପାଣିକୋଇଲି ଟୋଲ୍ ପ୍ଲାଜାକୁ ୯।୧୧।୨୦୨୨ରେ ଯାଜପୁର-ଭଦ୍ରକ ସୀମାନ୍ତବର୍ତ୍ତୀ ନେଉଳାଛକକୁ ସ୍ଥାନାନ୍ତର କରାଯାଇଥିଲା । ବନ୍ଦାଳୋଠାରୁ ୪୭ କିମି ଦୂରତାରେ ଥିବା ପାଣିକୋଇଲି ଟୋଲ୍‌ପ୍ଲାଜା ବେଆଇନ ଦର୍ଶାଇ ଅଞ୍ଚଳବାସୀ ଅଭିଯୋଗ କରିଆସୁଥିଲେ ।

## ଟାଟା ହାତକୁ ଗଲା ନୀଳାଚଳ

**ଟା**ଟା ଷ୍ଟିଲ୍ ଲଙ୍ଗ ପ୍ରଡକ୍ଟସ୍ ଲିମିଟେଡ(ଟିଏସ୍‌ଏଲ୍‌ପିଏଲ୍) ପକ୍ଷରୁ ନୀଳାଚଳ ଇସ୍ପାତ୍ ନିଗମ ଲିମିଟେଡ (ଏନ୍‌ଆଇଏନ୍‌ଏଲ୍)ର ୯୩.୭୧ ପ୍ରତିଶତ ଅଂଶଧନର ଗତ ଜୁଲାଇ ୪ରେ ଅଧିଗ୍ରହଣ ପ୍ରକ୍ରିୟା ସମ୍ପନ୍ନ ହୋଇଥିଲା । ଡିସ୍‌ଇନ୍‌ଭେଷ୍ଟମେଣ୍ଟ ଓ ପବ୍ଲିକ୍ ଆସେଟ୍ ମ୍ୟାନେଜମେଣ୍ଟ ବିଭାଗ ଦ୍ୱାରା ପରିଚାଳିତ ପ୍ରକ୍ରିୟାନୁସାରେ ଗତ ମାର୍ଚ୍ଚ ୧୦ରେ ପ୍ରଥମେ ଶେୟାର ବିକ୍ରି ଓ କ୍ରୟ ଚୁକ୍ତିନାମା ହୋଇଥିଲା । ଏଥିପାଇଁ ଟାଟା ଷ୍ଟିଲ୍ ପକ୍ଷରୁ ମୋଟ ୧୨,୧୦୦ କୋଟି ଟଙ୍କା ପ୍ରଦାନ କରାଯାଇଥିଲା । ଏମ୍‌ଏମ୍‌ଟିସି, ଏନ୍‌ଏମ୍‌ଡିସି, ମେକନ୍, ଭାରତ ହେଭି ଇଲେକ୍ଟ୍ରିକାଲ ଲିମିଟେଡ, ଇଣ୍ଡଷ୍ଟ୍ରିଆଲ ପ୍ରମୋଶନ୍ ଆଣ୍ଡ ଇନ୍‌ଭେଷ୍ଟମେଣ୍ଟ କର୍ପୋରେଶନ୍ ଅଫ୍ ଓଡ଼ିଶା ଲିମିଟେଡ, ଓଡ଼ିଶା ମାଇନିଂ କର୍ପୋରେଶନ୍ ଲିମିଟେଡ, ଓଡ଼ିଶା ସରକାରଙ୍କ ଦ୍ୱାରା ଯୌଥ ପରିଚାଳନାରେ ବାର୍ଷିକ ୧ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଏନଆଇଏନ୍‌ଏଲ୍ ଟାଟା କମ୍ପାନୀ ହାତକୁ ଯାଇଥିଲା ।






## ଶ୍ୱେତାକୁ ନେଇ ପୁଣି ଖୁସି

**ଜା**ତୀୟ ଉଦ୍ୟାନ ଭିତରକନିକାସ୍ଥ ଡାଙ୍ଗମାଳରେ ଲୁଣା କୁମ୍ଭୀର ହାଚେରୀ ଅଛି । ପ୍ରତିବର୍ଷ ଆଖପାଖ ଅଞ୍ଚଳରୁ ଅଣ୍ଡା ସଂଗ୍ରହ କରାଯାଇ ହାଚେରୀରେ ଶବକ ଜନ୍ମକୁ ଅପେକ୍ଷା କରାଯାଇ ଥାଏ । ଗତ ଜାନୁଆରୀରେ ସେଠାରେ ଏକ ୩ ବର୍ଷିୟା ଧଳା କୁମ୍ଭୀର ରହିଥିବା ଜଣାପଡିବା ପରେ ଖୁସିର ଲହରୀ ଖେଳି ଯାଇଥିଲା । ବନ ବିଭାଗ ପକ୍ଷରୁ ଏହାର ନାମ ଶ୍ୱେତା ରଖାଯାଇଛି । ଧଳା କୁମ୍ଭୀର ଗୋରିକୁ ଜାତୀୟ ଯୁବ ଉତ୍ସବ ମାସକଟ ଭାବେ ବ୍ୟବହାର କରାଯାଇଛି । ଗୋରି, ଶ୍ୱେତା, ମଲ୍ଲି ସମେତ ୧୬ଟି ଧଳା କୁମ୍ଭୀର ରହି ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣ କେନ୍ଦ୍ର ବିନ୍ଦୁ ସାଜିଛନ୍ତି ।

# ଡଲଫିନ୍ ସଂଖ୍ୟା ୫୪୦



**ଚ**ଳିତ ବର୍ଷ ଏପ୍ରିଲରେ ଗହୀରମଥା ସାମୁଦ୍ରିକ ଅଞ୍ଚଳରୁ ଖୁସିର ଖବର ମିଳିଥିଲା । ୨୦୧୮ରୁ କ୍ରମାଗତ ହ୍ରାସ ପାଉଥିବା ଡଲଫିନଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା । ୨୦୧୮ରେ ୩୦୭, ୨୦୧୯ରେ ୨୧୬ , ୨୦୨୦ରେ ୬୨ ଓ ୨୦୨୧ରେ ୩୪୨ ଡଲଫିନ୍ ରହିଥିବା ବେଳେ ଚଳିତ ବର୍ଷ ସେହି ସଂଖ୍ୟା ୫୪୦ରେ ପହଞ୍ଚି ଥିଲା । ଯାହା ଚିଲିକାରେ ଥିବା ଡଲଫିନ୍‌ଠାରୁ ଅଧିକ । ଏହି ସମୟରେ ଚିଲିକାରେ ଡଲଫିନ୍ ସଂଖ୍ୟା ୧୬୭ ରହିଛି ।

## ପ୍ରମୋଦିନୀଙ୍କୁ ନ୍ୟାୟ

## ୨ ଦୋଷୀଙ୍କୁ ୧୪ ବର୍ଷ ଜେଲ



**ବ**ହୁ ଚର୍ଚ୍ଚିତ ପ୍ରମୋଦିନୀ ରାଉଳ ଏସିଡ୍ ମାଡ଼ ମାମଲାର ରାୟ ଗତ ମେ' ୮ ରେ ପ୍ରକାଶ ପାଇଥିଲା । ଜଗତ୍‌ସିଂହପୁର ସହକାରୀ ଦୌରାଜଜ୍ ରଶ୍ମିତା ସାହୁ ସନ୍ତୋଷ ବେଦାନ୍ତ ଓ ବିଶ୍ୱଜିତ ଦଳସିଂହରାୟଙ୍କୁ ଦୋଷୀସାବ୍ୟସ୍ତ କରି ୧୪ ବର୍ଷ ଲେଖାଏ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି । ଅଭିଯୁକ୍ତଦ୍ୱୟ ୧୫ ହଜାର ଟଙ୍କା ଲେଖାଏ ଜରିମାନା ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ପ୍ରମୋଦିନୀ ତିର୍ତ୍ତୋଲସ୍ଥିତ ଆଦିକବି ସାରଳା ଦାସ ମହାବିଦ୍ୟାଳୟର ଯୁକ୍ତ ୨ କଳା ଛାତ୍ରୀ ଥିଲେ । ଅଭିଯୁକ୍ତ ଜବାନ ସନ୍ତୋଷ ତାଙ୍କୁ ଏକତରଫା ଭଲପାଇ ନିରାଶ ହେଲା ପରେ ୨୦୦୯ ଏପ୍ରିଲ ୧୮ ରେ କନକପୁର ବିଏସ୍‌ଏନ୍‌ଏଲ୍ ଟେଲିଫୋନ ଏକ୍ସଚେଞ୍ଜ ନିକଟରେ ବନ୍ଧୁ ଅନିଲଙ୍କ ସହ ମିଶି ପ୍ରମୋଦିନୀଙ୍କୁ ଏସିଡ୍ ମାଡ଼ କରିଥିଲେ । ଏଥିଯୋଗୁ ପ୍ରମୋଦିନୀଙ୍କ ଶରୀରର ୮୦% ପୋଡି ଯାଇଥିଲା । ସେ ଦୃଷ୍ଟିଶକ୍ତି ହରାଇ ବସିଥିଲେ ।

## ଅଭିନେତ୍ରୀ ରଶ୍ମିରେଖାଙ୍କ ସନ୍ଦେହଜନକ ମୃତ୍ୟୁ



**ଟେ**ଲି ଅଭିନେତ୍ରୀ ରଶ୍ମିରେଖା ଓଝା ଓରଫ୍ ସୋନି (୨୨)ଙ୍କ ସନ୍ଦେହଜନକ ମୃତ୍ୟୁ ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଥିଲା । ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ ସଙ୍କେତପାଟଣା ଗ୍ରାମର ସୋନି ଭୁବନେଶ୍ୱର ନୟାପଲ୍ଲୀସ୍ଥିତ ଏକ ଭଡ଼ା ଘରେ ରହୁଥିଲେ । ସେ ୨ ଓଡ଼ିଆ ଚଳଚ୍ଚିତ୍ରରେ ପାର୍ଶ୍ୱ ଅଭିନେତ୍ରୀ ଭାବେ କାମ କରିବା ସହ ଏକାଧିକ ଧାରାବାହିକରେ ଅଭିନୟର ଯାଦୁ ଦେଖାଇଥିଲେ । ତ୍ରିକୋଣୀୟ ପ୍ରେମ ସମ୍ପର୍କରୁ ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା । ପ୍ରେମିକ ସନ୍ତୋଷ ପାତ୍ର ତାଙ୍କୁ ହତ୍ୟା କରିଥିବା ପରିବାର ଲୋକେ ନୟାପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ । ବିରିଡ଼ି ଅଞ୍ଚଳର ରାଜାଙ୍କ ସହ ରଶ୍ମିରେଖାଙ୍କ ବିବାହ ପ୍ରସ୍ତାବ ପଡ଼ିଥିବାରୁ ପ୍ରତିକ୍ରିୟାଶୀଳ ହୋଇ ସନ୍ତୋଷ ତାଙ୍କୁ ହତ୍ୟା କରିଥିବା ଅଭିଯୋଗରେ ଦର୍ଶାଯାଇଥିଲା । ଏହାର କିଛିଦିନ ପରେ ରାଉରକେଲାର ବାସନ୍ତୀ କଲୋନୀସ୍ଥିତ ଏକ ଘରୁ ସନ୍ତୋଷଙ୍କ ଝୁଲନ୍ତା ମୃତଦେହ ମିଳିଥିଲା ।

## ପ୍ରେମିକାଙ୍କୁ ନେଇ ବିବାଦରେ ତିର୍ତ୍ତୋଲ ବିଧାୟକ



**ତି**ର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସଙ୍କ ସହ ପ୍ରେମିକା ସୋମାଲିକା ଦାସଙ୍କ ବିବାହ ପ୍ରସଙ୍ଗକୁ ନେଇ ଗତ ଜୁନରେ ବିବାଦ ମୁଣ୍ଡ ଟେକିଥିଲା । ଏନେଇ ସେତେବେଳେ ବେଶ୍ ଚର୍ଚ୍ଚା ଚାଲିଥିଲା । ସୋମାଲିକା ବିଧାୟକଙ୍କ ନାଁରେ ନାନା ଆରୋପ କରିବା ସହ ଥାନାରେ ମଧ୍ୟ ମାମଲା ରୁଜୁ କରିଥିଲେ । ସୋମାଲିକା ବାପାଙ୍କ ଅଡିଓ ଭାଇରାଲ ହେଲା ପରେ ପରିସ୍ଥିତି ଜଟିଳ ରୂପ ନେଇଥିଲା । କିନ୍ତୁ ବିଧାୟକ ତାଙ୍କ ମା'ଙ୍କ ଦେହ ଖରାପ କାରଣରୁ ବିବାହରେ ବିଳମ୍ବ ହେଉଥିବା ଦର୍ଶାଇଥିଲେ । କିନ୍ତୁ ବିବାହକୁ ଏଡ଼ାଇ ଯାଇ ନ ଥିଲେ ।

# ମୁକ୍ତିକାନ୍ତଙ୍କ ଆତ୍ମହତ୍ୟା ଉଦ୍ୟମ





## ବିଜ୍ଞାପନ ହୋର୍ଡିଂ ଉପରେ ସାଢ଼େ ୪ ଘଣ୍ଟା

- ■ ୯ ବର୍ଷ ତଳର ପ୍ରତିଶ୍ରୁତିକୁ ମନେ ପକାଇବାକୁ ରାଉରକେଲାରୁ ଆସିଥିଲେ
- ■ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ସୁଯୋଗ ନ ଦିଆଯିବାରୁ ଧାରଣାରେ ବସିଥିଲେ
- ■ ଉଦ୍ଧାର କଲା ଅଗ୍ନିଶମ ଟିମ୍, କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସା ଜାରି

**ଭୁବନେଶ୍ୱର, ୨୧।୧୨ (ବ୍ୟୁରୋ)**

ରାଉରକେଲାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୯ବର୍ଷ ତଳେ ଦେଇଥିବା ପ୍ରତିଶ୍ରୁତିକୁ ମନେପକାଇ ଦେବାକୁ ରାଉରକେଲାରୁ ଚାଲି ଚାଲି ଭୁବନେଶ୍ୱର ଆସିଥିଲେ ସମାଜସେବୀ ମୁକ୍ତିକାନ୍ତ ବିଶ୍ୱାଳ। କାନ୍ଧରେ ଥିଲା ସେସବୁ ବିକାଶ ପ୍ରକଳ୍ପ ମଡେଲ୍‌ର ଭାର। ହେଲେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ସୁଯୋଗ ଦିଆ ନ ଯିବାରୁ ସେ ଗତ ୭ଦିନ ହେଲା ଶିଶୁଭବନ ଛକରେ ଧାରଣା ଦେଇଥିଲେ। ହେଲେ ତାଙ୍କ କଥା ଶୁଣା ନ ଯିବାରୁ ମୁକ୍ତିକାନ୍ତ ଶେଷରେ ଚରମ ନିଷ୍ପତ୍ତି ନେଇଛନ୍ତି। ବୁଧବାର ନବୀନ ନିବାସଠାରୁ ମାତ୍ର ୫୦୦ ମିଟର ଦୂର କ୍ୟାପିଟାଲ ଥାନା ଅନ୍ତର୍ଗତ ଶିଶୁ ଭବନ ଛକ ନିକଟରେ ଥିବା ଏକ ବିଜ୍ଞାପନ ହୋର୍ଡିଂ ଉପରେ ଚଢ଼ି ତଳକୁ ଡେଇଁବା ସହ ଦେହରେ ଡିଜେଲ ଢାଳି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ହୋର୍ଡିଂ ଉପରେ ଦୀଘ ୪ ଘଣ୍ଟାର ହାଇ ହାଇଡ୍ରାମା ପରେ ଶେଷରେ ମୁକ୍ତିକାନ୍ତଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ପରେ ଆମ୍ବୁଲାନ୍ସରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇ ଚିକିତ୍ସା ଆରମ୍ଭ କରାଯାଇଛି। ସେ ସୁସ୍ଥ ହେଉଥିବା ହସ୍ପିଟାଲ ସୂତ୍ରରୁ ଜଣାପଡିଛି। ଏଥିପାଇଁ ପୋଲିସ ଓ ଅଗ୍ନିଶମ ବାହିନୀଙ୍କୁ ସାଢ଼େ ୪ ଘଣ୍ଟା ଧରି ନାକେଦମ୍ ହେବାକୁ ପଡିଥିଲା।

ମୁକ୍ତିକାନ୍ତ ପୂର୍ବାହ୍ନ ପ୍ରାୟ ୧୦ଟା ୪୫ରେ ହଠାତ୍ ଉକ୍ତ ହୋର୍ଡିଂ ଉପରକୁ ଚଢ଼ି ସେଠାରେ ଜାତୀୟ ପତାକାକୁ ବାନ୍ଧି ଅଭିନବ ପ୍ରତିବାଦ କରିଥିଲେ। ସମର୍ଥକମାନେ ସେଠାରେ ପହଞ୍ଚି ତାଙ୍କୁ ତଳକୁ ଆସିବାକୁ ନେହୁରା ହୋଇଥିଲେ। କିନ୍ତୁ ତାଙ୍କର ଗୋଟିଏ ଜିଦ୍, ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ଅଫିସିଆଲ ଷ୍ଟେଟ୍‌ମେଣ୍ଟ ମିଳିଲେ ସେ ତଳକୁ ଓହ୍ଲାଇବେ। ଏପରି କଥାହେବା ଭିତରେ ମୁକ୍ତିକାନ୍ତ ପାଖରେ ରଖିଥିବା ଡିଜେଲ ବୋତଲକୁ ଦେହରେ ଅଳ୍ପ ଅଳ୍ପ ଢାଳି ହୋଇଯାଉଥିଲେ। ଲାଇଟର୍ ଓ ଦିଆସିଲ୍ ପ୍ୟାକେଟ ଧରି ଦେହରେ ନିଆଁ ଲଗାଇ ଆତ୍ମାହୁତି ଦେବାକୁ ଧମକ ଦେଉଥିଲେ। ଯଦି ତାଙ୍କୁ ବଳପୂର୍ବକ ଉଦ୍ଧାର କରାଯାଏ ସେ ତଳକୁ ଡେଇଁପଡ଼ିବେ କିମ୍ବା ଦେହରେ ନିଆଁ ଲଗାଇଦେବାକୁ ଫୋନ୍ ଯୋଗେ ଉଚ୍ଚସ୍ୱରରେ ଧମକ ଦେଉଥିଲେ। ଅତିରିକ୍ତ ଡିସିପି ପି.କେ. ରାଉତ, ପ୍ରକାଶ ଚନ୍ଦ୍ର ପାଲ, ଜୋନ୍ ଏସିପି ମାନସ ଗଡ଼ନାୟକ ପ୍ରମୁଖ ଉପସ୍ଥିତ ରହି ସ୍ଥିତି ଉପରେ ନଜର ରଖିଥିଲେ। ଏପରି ସମୟରେ ମୁକ୍ତିକାନ୍ତଙ୍କ ସମର୍ଥକମାନେ ବାରମ୍ବାର ନବୀନ ନିବାସ ଅଭିମୁଖେ ଯାଉଥିବାବେଳେ ପୋଲିସ ସେମାନଙ୍କୁ ଅଟକାଉଥିଲା। ପୋଲିସ ବହୁଥର ମାଇକ ଦ୍ୱାରା ମୁକ୍ତିକାନ୍ତକୁ ମୁଖ୍ୟମନ୍ତ୍ରୀଙ୍କ ସହ ଭେଟ କରାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ସେ ବିଶ୍ୱାସ କରୁ ନ ଥିଲେ। ଅପରାହ୍ନ ୩ଟା ପର୍ଯ୍ୟନ୍ତ ମୁକ୍ତିକାନ୍ତ ତଳକୁ ନ ଆସିବାରୁ ଫାୟାର ଡେପୁଟି ଅଫିସର ଅବନି ସ୍ୱାଇଁଙ୍କ ନେତୃତ୍ୱରେ ୩୦ ଜଣିଆ ଟିମ୍ ବେଶ୍ ସତର୍କତା ଓ ଯୋଜନାବଦ୍ଧ ଭାବେ ଅପରେଶନ ଆରମ୍ଭ କରିଥିଲେ। ବହୁ ସମୟ ଧରି ବୁଝାଶୁଝା ପରେ ତାଙ୍କୁ କାବୁ କରାଯାଇଥିଲା। ଅପରାହ୍ନ ପ୍ରାୟ ୩ଟା ୩୦ରେ ଉଦ୍ଧାର କରାଯିବା ପରେ ହାଇଡ୍ରୋଲିକ୍ ବ୍ରୁଷ୍ଟୋ ସ୍କାଏ ଲିଫ୍ଟ ସହାୟତାରେ ତଳକୁ ଅଣାଯାଇ ଆମ୍ବୁଲାନ୍ସରେ କ୍ୟାପିଟାଲ ହସ୍ପିଟାଲକୁ ନିଆଯାଇଥିଲା।

ତଳକୁ ଅଣାଯିବା ସମୟରେ ମୁକ୍ତିକାନ୍ତ ଗଣମାଧ୍ୟମକୁ କହିଥିଲେ, ସରକାର ତାଙ୍କ ପ୍ରତିଶ୍ରୁତି ପୂରଣ ନ କରିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ଯଦି ତାଙ୍କୁ ଗିରଫ କରାଯାଏ, ଜେଲ ଭିତରେ ଅନଶନ କରିବେ। ସେପଟେ ମୁକ୍ତିକାନ୍ତଙ୍କ ଉଦ୍ଧାର କଥା ଶୁଣିବା ପରେ ତାଙ୍କ ପରିବାର ଲୋକେ ଆଶ୍ୱସ୍ତ ହୋଇଥିଲେ ମଧ୍ୟ ରାଜ୍ୟ ସରକାର ଓ ମୁଖ୍ୟମନ୍ତ୍ରୀଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ କେବଳ ଧନୀ ଲୋକଙ୍କ କଥା ଶୁଣନ୍ତି ବୋଲି ସେମାନେ କହିଛନ୍ତି।

ସୂଚନାଯୋଗ୍ୟ, ରାଉରକେଲାରେ ୪୦୦ ଶଯ୍ୟା ବିଶିଷ୍ଟ ସୁପର ସ୍ପେଶାଲିଷ୍ଟ ହସ୍ପିଟାଲ, କୋଏଲ ନଦୀରେ ବ୍ୟାରେଜ, ନଦୀ ପାର୍ଶ୍ୱରେ ରିଂ ରୋଡ ନିର୍ମାଣ ଓ ଶୀତଳ ଭଣ୍ଡାର ଆଦି ପ୍ରକଳ୍ପଗୁଡିକ କାର୍ଯ୍ୟକ୍ଷମ କରିବା ମୁକ୍ତିକାନ୍ତଙ୍କ ଦାବି ରହିଛି। ମୁଖ୍ୟମନ୍ତ୍ରୀ ୨୦୧୩ରେ ଏସବୁର ପ୍ରତିଶ୍ରୁତି ଦେଇଥିଲେ। ମୁକ୍ତିକାନ୍ତ ଏସବୁ ଦାବିର ଦୁଇଟି ପ୍ରକଳ୍ପ ମଡେଲକୁ ନଭେମ୍ବର ୧୬ରୁ ରାଉରକେଲାରୁ କାନ୍ଧରେ ବୋହି ନବୀନ ନିବାସ ଅଭିମୁଖେ ବାହାରିଥିଲେ। ସେ ଡିସେମ୍ବର ୧୪ରେ ଭୁବନେଶ୍ୱରରେ ପହଞ୍ଚିଥିଲେ। ହେଲେ ମୁଖ୍ୟମନ୍ତ୍ରୀଙ୍କୁ ଦେଖା କରିବାକୁ ସୁଯୋଗ ଦିଆ ନ ଯିବାରୁ ସେ ଶିଶୁଭବନ ଛକରେ ଧାରଣାରେ ବସିଥିଲେ। ଉଲ୍ଲେଖଯୋଗ୍ୟ, ଏହା ପୂର୍ବରୁ ୨୦୧୮ ଜୁଲାଇ ୩୦ରେ ମଧ୍ୟ ସେ ରାଉରକେଲାରୁ ଭୁବନେଶ୍ୱର ପଦଯାତ୍ରାରେ ଆସି ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ସହ ଦାବି ନେଇ ସ୍ମାରକପତ୍ର ଦେଇଥିଲେ।

# ଗଜପତିରେ ମୃଦୁ ଭୂକମ୍ପ

**ଭୁବନେଶ୍ୱର,(ବ୍ୟୁରୋ)/ପାରଳାଖେମୁଣ୍ଡି /ପାତ୍ରପୁର,୨୧।୧୨ (ଡି.ଏନ୍.ଏ)**

ଗଜପତି ଜିଲାରେ ବୁଧବାର ସକାଳ ୯ଟା ୪୬ ମିନିଟ ୨୦ ସେକେଣ୍ଡରେ ମୃଦୁ ଭୂକମ୍ପ ଅନୁଭୂତ ହୋଇଛି। ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ୩.୪ ଥିଲା। ଭୂକମ୍ପର ଉତ୍ପତ୍ତି ସ୍ଥଳ ଭୂପୃଷ୍ଠର ୫ କିମି ତଳେ ଥିଲା। ଏ ନେଇ ଭାରତୀୟ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଭୂକମ୍ପର ଝଟକା ମୋହନା, ଆର. ଉଦୟଗିରି ଓ ଗଞ୍ଜାମ ଜିଲା ପାତ୍ରପୁର ଅଞ୍ଚଳରେ ଅନୁଭୂତ ହୋଇଛି। ୫ରୁ ୬ ସେକେଣ୍ଡ ପର୍ଯ୍ୟନ୍ତ ଏହା ଅନୁଭୂତ ହୋଇଛି। ଏଥିଯୋଗୁ କୌଣସି କ୍ଷୟକ୍ଷତିର ସୂଚନା ନାହିଁ। ଭୂକମ୍ପ ଝଟକା ଅନୁଭୂତ କରି ଲୋକମାନେ ଭୟରେ ଘରୁ ବାହାରକୁ ଚାଲିଆସିଥିଲେ। ଏପରି କି ସ୍କୁଲର ଛାତ୍ରୀଛାତ୍ରମାନେ ମଧ୍ୟ ଶ୍ରେଣୀରୁ ବାହାରକୁ ଚାଲିଆସିଥିଲେ। ଗାଁରେ ମହିଳାମାନେ ହୁଳହୁଳି ଦେଇଥିଲେ। କାଳେ ପୁଣି ଭୂକମ୍ପ ହେବ, ସେଥିପାଇଁ ଲୋକମାନେ କିଛି ସମୟ ଘର ଭିତରକୁ ଯାଇ ନ ଥିଲେ। ମୋହନା ସମେତ ଲୁହାଗୁଡି, ଅଡ଼ବା, ଚନ୍ଦ୍ରଗିରି, ମହେନ୍ଦ୍ରଗଡ଼, ଆର. ଉଦୟଗିରି ଓ ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ଖାରିଆଗୁଡ଼ା ଅଞ୍ଚଳରେ ଏହି ଭୂମିକମ୍ପ ଅନୁଭୂତ ହୋଇଛି ।

# ନଗଦ ୧.୬ କୋଟି, ୧.୮୩ କେଜି ସୁନା ମିଳିଲା

## ଇଡ୍‌କଲ୍ ଡେପୁଟି ମ୍ୟାନେଜରଙ୍କ ଘରେ ଭିଜିଲାନ୍ସ ଚଢ଼ାଉର ଦ୍ୱିତୀୟ ଦିନ

**ଭୁବନେଶ୍ୱର, ୨୧।୧୨(ବ୍ୟୁରୋ)**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଇଡ୍‌କଲ୍ (ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ଇନ୍‌ଫ୍ରାଷ୍ଟ୍ରକ୍ଚର୍ ଡେଭଲପ୍‌ମେଣ୍ଟ କର୍ପୋରେଶନ୍ ଅଫ୍ ଓଡ଼ିଶା ଲିମିଟେଡ୍)ର କୋରାପୁଟ ଜିଲା 'ଆମ୍ପାଭାଲି ଲାଇମ୍ ଷ୍ଟୋନ୍ ମାଇନ୍‌ସ'ର ଡେପୁଟି ମ୍ୟାନେଜର ଗୟା ସାନ୍ତରାଙ୍କ ଘରେ ମଙ୍ଗଳବାରଠାରୁ ଭିଜିଲାନ୍ସ ଚଢ଼ାଉ ଚାଲିଛି। ବୁଧବାର ଦ୍ୱିତୀୟ ଦିନରେ ଭୁବନେଶ୍ୱରସ୍ଥିତ ତାଙ୍କ ଘରୁ ନଗଦ ୧ କୋଟି ୬ ଲକ୍ଷ ୪୦ ହଜାର ଟଙ୍କା, ୧ କେଜି ୮୩ ଗ୍ରାମ ସୁନା ଓ ୬ କେଜି ୭୫୦ ଗ୍ରାମ ରୁପା ମିଳିଛି। ଘରୁ ଏତେ ପରିମାଣର ନଗଦ ଟଙ୍କା ମିଳିବା ଭିଜିଲାନ୍ସ ଇତିହାସରେ ୪ର୍ଥ ଘଟଣା ବୋଲି କୁହାଯାଉଛି। ଚଢ଼ାଉ ଓ ଯାଞ୍ଚ ଜାରି ରହିଥିବାବେଳେ ଆୟ ବହିର୍ଭୂତ ସମ୍ପତ୍ତି ନେଇ ଗୟାଙ୍କୁ କୋରାପୁଟରୁ ଭୁବନେଶ୍ୱର ଅଣାଯାଇ ପଚରାଉଚରା କରାଯାଉଛି। ଅନ୍ୟପକ୍ଷରେ ଗୟାଙ୍କ ୧୬ଟି ବ୍ୟାଙ୍କ ଆକାଉଣ୍ଟ ମଧ୍ୟରୁ ୪ଟିରେ ୪.୧୯ କୋଟି ଟଙ୍କା ଜମା ରାଶି ବୁଧବାର ଠାବ ହୋଇଥିଲା। ବାକି ଆକାଉଣ୍ଟରେ ଜମା ଟଙ୍କାକୁ ଯାଞ୍ଚ କରାଯାଉ ଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, କୋରାପୁଟ ଜିଲା ସୁଙ୍କି ଗେଟସ୍ଥିତ ଭଡ଼ାଘର, ଆମ୍ପାଭାଲିସ୍ଥିତ କାର୍ଯ୍ୟାଳୟ, ଭୁବନେଶ୍ୱର ମଞ୍ଚେଶ୍ୱର ଶିଳ୍ପାଞ୍ଚଳସ୍ଥିତ ୩ ମହଲା କୋଠା ଓ ବ୍ୟବସାୟିକ ପ୍ରତିଷ୍ଠାନ, ଜୟଦେବ ବିହାରସ୍ଥିତ ନିର୍ମାଣାଧୀନ ୪ ମହଲା କୋଠା, ନୟାଗଡ଼ ଜିଲା ଓଡ଼ଗାଁସ୍ଥିତ ପୈତୃକ ଘର ଏବଂ ରାୟଗଡ଼ା ଜିଲାର ମୁନିଗୁଡ଼ାସ୍ଥିତ ଶ୍ୱଶୁର ଘରେ ମଙ୍ଗଳବାର ଏକକାଳୀନ ଚଢ଼ାଉ ହୋଇଥିଲା। ଭୁବନେଶ୍ୱର, ନୟାଗଡ଼ ଓ ଯାଜପୁରର ମୁଖ୍ୟ ଅଞ୍ଚଳରେ ୧୩ଟି ପ୍ଲଟ ସହ ୨ଟି ଚାରିଚକିଆ ଯାନ ଓ ୪ଟି ବାଇକ୍ ମଧ୍ୟ ଠାବ ହୋଇଥିଲା। ଉକ୍ତ ସମ୍ପତ୍ତିର ପରିମାଣ ବଢ଼ିବା ନେଇ ଆଶଙ୍କା କରାଯାଉଛି। ଅନ୍ୟ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ନେଇ ଭିଜିଲାନ୍ସ ଟିମ୍ ଗୟାଙ୍କୁ ପଚରାଉଚରା କରୁଛି। ଗୁରୁବାର ଗୟାଙ୍କୁ ଭିଜିଲାନ୍ସ ଗିରଫ କରିପାରେ ବୋଲି ସୂଚନା ମିଳିଛି।






**ଆଜିର ମନ୍ତବ୍ୟ**

ମହାରାଷ୍ଟ୍ର-କର୍ଣ୍ଣାଟକ ସୀମା ବିବାଦ ସନ୍ଦର୍ଭରେ ଉଭୟ ରାଜ୍ୟ ସରକାରଙ୍କ ମଧ୍ୟରେ ଆଲୋଚନାର ଆବଶ୍ୟକତା ରହିଛି। ନଚେତ୍ ଚାଇନା ଭଳି ଆମେ ମଧ୍ୟ କର୍ଣ୍ଣାଟକ ଭିତରକୁ ଅନୁପ୍ରବେଶ କରିବୁ। -ସଞ୍ଜୟ ରାଉତ, ଶିବସେନା (ଉଦ୍ଧବ ଠାକ୍‌ରେ) ଏମ୍‌ପି

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଭାଙ୍ଗକୁ ଚୁଡ଼ା ଘଷା, ମାଉଁସକୁ ମଦ**
**ଗଞ୍ଜେଇ କି ଘିଅଭାତ ଅଫିମକୁ ଦୁଧ ।**

ଭାଙ୍ଗ ସହିତ ଚୁଡ଼ାଘଷା ଓ ମଦ ସହିତ ମାଂସ ଖିଆଯିବା ଭଳି ଗଞ୍ଜେଇ ସହ ଘିଅଭାତ ତଥା ଅଫିମ ସହିତ କ୍ଷୀର ଖିଆଯାଉଥିବାର ଜଣାଯାଇଥାଏ। ଏପରି ଖାଦ୍ୟ ଖାଇବାରେ ଏକ ଅଲଗା ପ୍ରକାରର ମଜା ମଧ୍ୟ ରହିଥାଏ। ବିଭିନ୍ନ ନିଶାଦ୍ରବ୍ୟ ସେବନ ସହ ଉପଯୁକ୍ତ ଖାଦ୍ୟ ଖାଇବା ନେଇ ଏଠାରେ ବର୍ଣ୍ଣନା କରାଯାଇଛି।

**ଭୋକ କି ଜାଣେ କଞ୍ଚା ଓଦା**
**ନିଦ କି ଜାଣେ ଲଟା ବୁଦା ।**

କଥାରେ ଅଛି ଭୋକ ଲାଗୁଥିବାବେଳେ ଆମ୍ବିଳା ଆମ୍ବ ମଧ୍ୟ ପାଟିକୁ ସୁଆଦିଆ ଲାଗିଥାଏ। ତେଣୁ ଭୋକିଲା ବ୍ୟକ୍ତିଙ୍କୁ ଯେ କୌଣସି ଖାଦ୍ୟ ମିଳିଲେ ସେଥିରେ ସେ ବାଛବିଚାର ନ କରି ତାକୁ ଆନନ୍ଦରେ ଗ୍ରହଣ କରିଥାଏ। ସେହିପରି ନିଦ ମାଡ଼ି ଆସିଲେ ବ୍ୟକ୍ତିର ସ୍ଥାନ, ପାତ୍ର ଓ କାଳର କୌଣସି ଜ୍ଞାନ ରହେ ନାହିଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଫୁଲବାଣୀ ୮ ଡିଗ୍ରୀ

ଭୁବନେଶ୍ୱର,୨୧।୧୨(ବ୍ୟୁରୋ)

ରାଜ୍ୟରେ ଗତ କିଛିଦିନ ହେବ ଶୀତର ପ୍ରକୋପ ଜାରି ରହିଛି। ବିଶେଷକରି ଆଭ୍ୟନ୍ତରୀଣ ଏବଂ ପଶ୍ଚିମ ଓଡ଼ିଶାରେ ଏହାର ପ୍ରକୋପ ଅଧିକ। ସର୍ବନିମ୍ନ ତାପମାତ୍ରା ୮ ଡିଗ୍ରୀ ସେଲ୍‌ସିୟସକୁ ଖସିଯାଇଛି। ରାଜ୍ୟର ୬ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ସେଲ୍‌ସିୟସ ତଳେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁଯାୟୀ ବୁଧବାର ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୮ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ସୁନ୍ଦରଗଡ଼ ୯.୩, ଝାରସୁଗୁଡ଼ା ୯.୬, କେନ୍ଦୁଝର ୮.୮, ଦାରିଙ୍ଗବାଡ଼ି ୧୦, କୋରାପୁଟରେ ସର୍ବନିମ୍ନ ତାପମାତ୍ରା ୧୦ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।ଆସନ୍ତା ୨୪ ତାରିଖରୁ ରାଜ୍ୟରେ ପଶ୍ଚିମାବାୟୁ ପ୍ରବାହ ହେବ। ଏଥିଯୋଗୁ ଶୀତ ହ୍ରାସ ପାଇପାରେ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ କନ୍ଧମାଳ, ନୟାଗଡ଼, ଗଜପତି, ଖୋର୍ଦ୍ଧା, ପୁରୀ, କଟକ, ଅନୁଗୋଳ, ଢେଙ୍କାନାଳ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ ଏବଂ ଯାଜପୁର ଜିଲାର କେତେକ ସ୍ଥାନରେ କୁହୁଡ଼ି ହେବାର ସମ୍ଭାବନା ରହିଛି ।

## ୪ ଓଏଏସ୍ ଅଫିସର କ୍ରୀଡ଼ା ବିଭାଗ ଓଏସ୍‌ଡି ନିଯୁକ୍ତ

**ହକି ବିଶ୍ୱକପ୍ ପରିଚାଳନା**

ଭୁବନେଶ୍ୱର,୨୧।୧୨(ବ୍ୟୁରୋ): ହକି ବିଶ୍ୱକପ୍‌କୁ ସୁରୁଖୁରୁରେ ଶେଷ କରିବା ପାଇଁ ରାଜ୍ୟ ସରକାର ବୁଧବାର ୪ ଜଣ ଓଏଏସ୍ ଅଫିସରଙ୍କୁ କ୍ରୀଡ଼ା ବିଭାଗକୁ ଓଏସ୍‌ଡି ଭାବେ ବଦଳି କରିଛନ୍ତି। ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଯୁଗ୍ମ ସଚିବ ବାଦଲ କୁମାର ମହାନ୍ତି, ଇଡ୍‌କୋ ଲ୍ୟାଣ୍ଡ ଅଫିସର ସମ୍ବିତ କୁମାର ଗଡନାୟକ, ଟେକ୍ସଟ ବୁକ୍ ପ୍ରଡକ୍ସନ ଓ ମାର୍କେଟିଂ ନିର୍ଦ୍ଦେଶକ ଯୋଗେନ୍ଦ୍ର ମାଝି ଏବଂ ଭୁବନେଶ୍ୱର ବ୍ଲକ ଅତିରିକ୍ତ ତହସିଲଦାର ଶାଶ୍ୱତ ପ୍ରଧାନଙ୍କୁ କ୍ରୀଡ଼ା ବିଭାଗକୁ ଓଏସ୍‌ଡି ଭାବେ ବଦଳି କରାଯାଇଛି। ଉକ୍ତ ଅଧିକାରୀମାନେ ତୁରନ୍ତ କ୍ରୀଡ଼ା ବିଭାଗରେ ରିପୋର୍ଟ କରିବାକୁ କୁହାଯାଇଛି।

# ମଝିଘରିଆଣୀଙ୍କ ହୁଣ୍ଡିରୁ ମିଳିଲା ୬୨ ଲକ୍ଷ

ରାୟଗଡ଼ା ଅଫିସ/ରାୟଗଡ଼ା (ସ୍ୱ.ପ୍ର.),୨୧।୧୨

ରାୟଗଡ଼ା ଜିଲାର ଅଧିଷ୍ଠାତ୍ରୀ ଦେବୀ ମାଁ ମଝିଘରିଆଣୀଙ୍କ ମନ୍ଦିର ହୁଣ୍ଡି ବୁଧବାର ଖୋଲାଯାଇଛି। ଚଳିତ ବର୍ଷ ଚୈତ୍ରଯାତ୍ରା ପୂର୍ବରୁ ମାଁଙ୍କ ହୁଣ୍ଡି ଖୋଲାଯିବାର ନିୟମ ରହିଥିବା ବେଳେ ସେହି କ୍ରମରେ ଖୋଲି ଗଣତି କରାଯାଇଥିଲା। ହୁଣ୍ଡିରୁ ମୋଟ ୬୨ ଲକ୍ଷ ୨୨ ହଜାର ୫୯ ଟଙ୍କା ବାହାରିଛି। ସେହିପରି ୪୬ ଗ୍ରାମ ସୁନା, ୧୭୭୫ ଗ୍ରାମ ରୁପା ସମେତ ଆମେରିକା, ଅଷ୍ଟ୍ରେଲିଆ, ଆଫ୍ରିକା ଦେଶର ୪୮ଟି ମୁଦ୍ରା ମଧ୍ୟ ହୁଣ୍ଡିରୁ ବାହାରିଛି।

ସକାଳେ ମାଜିଷ୍ଟ୍ରେଟ ଏବଂ ପୋଲିସ ଉପସ୍ଥିତିରେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ହୁଣ୍ଡି ଖୋଲାଯାଇ ଗଣତି ଆରମ୍ଭ ହୋଇଥିଲା। ୮ ଘଣ୍ଟା ଧରି ଗଣତି ହୋଇଥିଲା। ଏଥିପୂର୍ବରୁ ଅଗଷ୍ଟ ୨୪ରେ ଦଶହରା ପୂର୍ବରୁ ମନ୍ଦିର ହୁଣ୍ଡି ଖୋଲାଯାଇଥିଲା। ସେହି ସମୟରେ ହୁଣ୍ଡିରୁ ୧ କୋଟି ୧ ଲକ୍ଷ ୨୩ ହଜାର ଟଙ୍କା ସମେତ ୧୦୪ ଗ୍ରାମ ସୁନା, ୨୬୭୦ ଗ୍ରାମ ରୁପା ବାହାରିଥିଲା। ବିଭିନ୍ନ ଅଞ୍ଚଳରୁ ଆସୁଥିବା ମାଁଙ୍କ ଶ୍ରଦ୍ଧାଳୁ ପ୍ରତ୍ୟେକ ଦିନ ମାନସିକ ରଖି ହୁଣ୍ଡିରେ ଦାନ କରିଥାନ୍ତି। ହୁଣ୍ଡିରୁ ବାହାରିଥିବା ଟଙ୍କା ବ୍ୟାଙ୍କରେ ଜମା କରାଯାଇଛି। ସେହିଭଳି ସୁନା ଓ ରୁପା ଜିଲା କୋଷାଗାରରେ ରଖାଯାଇଥିବା ମନ୍ଦିର ପରିଚାଳନା କମିଟି ପକ୍ଷରୁ ସୂଚନା ମିଳିଛି। ଗଣତିରେ ବ୍ୟାଙ୍କ କର୍ମଚାରୀ ସମେତ ଅନେକ ସ୍ୱେଚ୍ଛାସେବୀ ସାମିଲ ଥିଲେ।



ସ୍ୱେଚ୍ଛାସେବୀମାନେ ଦାନଟଙ୍କା ଗଣତି କରୁଛନ୍ତି।

## ଜାନୁୟାରୀ ୧୭ରୁ ବସ୍ ଧର୍ମଘଟ

ଭୁବନେଶ୍ୱର,୨୧।୧୨(ବ୍ୟୁରୋ)

ରାଜ୍ୟ ସରକାରଙ୍କୁ ଘରୋଇ ବସ୍ ମାଲିକ ସଂଘ ଚେତାବନୀ ଦେଇଛି । ଆସନ୍ତା ଜାନୁୟାରୀ ୧୬ ସୁଦ୍ଧା ୮ ଦଫା ଦାବି ପୂରଣ ନ ହେଲେ ୧୭ ତାରିଖରୁ ରାସ୍ତାରେ କୌଣସି ଘରୋଇ ବସ୍ ଗଡ଼ିବ ନାହିଁ। ୮ ଦଫା ଦାବି ପୂରଣ ନେଇ ବୁଧବାର ଅନୁଷ୍ଠିତ ଘରୋଇ ବସ୍ ମାଲିକ ସଂଘର ଗୁରୁତ୍ୱପୂର୍ଣ୍ଣ ବୈଠକ ପରେ ଏହି ନିଷ୍ପତ୍ତି ନିଆଯାଇଛି। ବୈଠକରେ ବସ୍ ମାଲିକମାନେ ଯୋଗଦେଇ ସରକାରଙ୍କ ସ୍କ୍ରାପ୍ ପଲିସିକୁ ବିରୋଧ କରିଛନ୍ତି । ଘରୋଇ ବସ୍ ମାଲିକ ସଂଘ ମୁଖପାତ୍ର ଦେବାଶିଷ ନାୟକ କହିଛନ୍ତି, ସ୍କ୍ରାପ୍ ପଲିସି ଉଚ୍ଛେଦ ସହ ୮ ଦଫା ଦାବି ପୂରଣ ନ ହେଲେ ଜାନୁୟାରୀ ୧୭ ତାରିଖରୁ ରାଜ୍ୟରେ କୌଣସି ବସ ଗଡ଼ିବ ନାହିଁ। ସଂଘ ପକ୍ଷରୁ ସ୍କ୍ରାପ୍ ପଲିସିକୁ ପ୍ରତ୍ୟାହାର, ମୋଟରଯାନ ଆଇନ ନଂ. ୫୧କୁ ପ୍ରତ୍ୟାହାର, ବସ୍ ପରମିଟକୁ ଗାଡ଼ି ସହ ତୃତୀୟ ପକ୍ଷକୁ ହସ୍ତାନ୍ତର ଅନୁମତି, ସ୍ଲିପର ବସ୍‌ଗୁଡ଼ିକୁ ଦିନବେଳା ଚଳାଇବାକୁ ଅନୁମତି ଦେବା, ମଙ୍ଗୁଳି-ସମ୍ବଲପୁର ଓ ବଲାଙ୍ଗୀରଠାରୁ ବରଗଡ଼ ଯାଏ ରାସ୍ତାକୁ ତୁରନ୍ତ ମରାମତି କରିବା, ସବୁ ବସ୍‌ଷ୍ଟାଣ୍ଡ ପାଇଁ ପାର୍କିଂ ଫି' ସମାନ କରିବା ଆଦି ଦାବି କରାଯାଇଛି।

# ଭିଜିଲାନ୍ସ ଜାଲରେ କୋଟିପତି ରେଞ୍ଜର

**ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ**

ଭବାନୀପାଟଣା/କେସିଙ୍ଗା, ୨୧।୧୨(ସ୍ୱ.ପ୍ର./ଡି.ଏନ.ଏ.)

ଭିଜିଲାନ୍ସ ଜାଲରେ କଳାହାଣ୍ଡି ଜିଲା କେଗାଁ ରେଞ୍ଜର କେଶବ ମାଝି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବୁଧବାର ସକାଳେ କେସିଙ୍ଗା ଓମ ନଗରପଡାସ୍ଥିତ ବାସ ଭବନ, କେଗାଁ ସରକାରୀ କାର୍ଯ୍ୟାଳୟ, କ୍ୱାର୍ଟର ଓ ବ୍ରାହ୍ମଣୀର ପୈତୃକ ଘରେ ଏକକାଳୀନ କୋରାପୁଟ ଓ କଳାହାଣ୍ଡି ଭିଜିଲାନ୍ସ ବିଭାଗ ଚଢ଼ାଉ କରିଛି।



ରେଞ୍ଜର କେଶବ ମାଝି

ଚଢ଼ାଉ ସମୟରେ ରେଞ୍ଜର ମାଝି ଓ ତାଙ୍କ ପରିବାର ସଦସ୍ୟଙ୍କ ନାମରେ ବିଭିନ୍ନ ବ୍ୟାଙ୍କରେ ଖାତା ରହିବା ସହିତ ନଗଦ ୨ ଲକ୍ଷ ୭୮ ହଜାର ୬୪୦ ଟଙ୍କା ଜମା, ବ୍ୟାଙ୍କ ଓ ବୀମାରେ ୩୩ ଲକ୍ଷ ଟଙ୍କା ଜମା ଥିବା, ୨୦୨୦ରେ କେସିଙ୍ଗା ଓମ୍ ନଗର ପଡ଼ାରେ ନିର୍ମିତ ୩ ମହଲା କୋଠା ଯାହାର ଦାମ ୧ କୋଟି ୧୮ ଲକ୍ଷରୁ ଉର୍ଦ୍ଧ୍ୱ, କେସିଙ୍ଗା ସହର ଆଖପାଖରେ ୪ଟି ପ୍ଲଟ ରହିଥିବା ଜଣାପଡ଼ିଛି। ପ୍ଲଟଗୁଡ଼ିକ ହେଲା କେସିଙ୍ଗା ବ୍ରାହ୍ମଣୀରେ ୧ ଏକର.୬୬ ଡିସମିଲ ଓ ୧ ଏକର ୩୬ ଡିସମିଲ, କେସିଙ୍ଗା ସହରରେ ୧୧ ଡିସମିଲ, ବୋରିଙ୍ଗ ପଦରରେ ୬୨ ଡିସମିଲର ପ୍ଲଟ ରହିଥିବା ସୂଚନା ମିଳିଛି। ସେହିପରି ୪୭୭ ଗ୍ରାମ ସୁନା ଅଳଙ୍କାର, ୩୨୦ ଗ୍ରାମ ରୁପା, ୨ଟି ଚାରିଚକିଆ ଯାନ, ବୁଲେଟ ଆଦି ବହୁ ସାମଗ୍ରୀ ଠାବ ହୋଇଥିବା ଜଣାପଡ଼ିଛି। ଏହାର ଆନୁମାନିକ ମୂଲ୍ୟ ୨.୪୫ କୋଟି ବୋଲି ସୂଚନା ମିଳିଛି। ଚଢ଼ାଉରେ ମାଲକାନଗିରି ଡିଏସ୍‌ପି ସୁଶାନ୍ତ ବିଶ୍ୱାଳ, ଭବାନୀପାଟଣା ଡିଏସ୍‌ପି ସଦାନନ୍ଦ ପାଣି, ନବରଙ୍ଗପୁର ଡିଏସ୍‌ପି କଳାବତୀ ବାଗ, ଇନ୍ସପେକ୍ଟର ସାବିତ୍ରୀ ପ୍ରଧାନ, ପ୍ରମିଳା ସୁନା, ଆଲୋକ ମହାପାତ୍ର ପ୍ରମୁଖ ୧୨ଜଣିଆ ଟିମ୍ ସାମିଲ ଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଶାରୀରିକ ସମସ୍ୟା ଯୋଗୁ ଦିନଚର୍ଯ୍ୟା ଭଲ ନ ହୋଇପାରେ। ଗତକାଲି ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଟଣାଓଟରା ଭିତିରେ ପାଇବେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ମିଳିବ। ପଡ଼ୋଶୀଙ୍କ ସାହାଯ୍ୟରେ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବାର ଆଶା ରହିଛି।

**ବୃଷ** ସ୍ୱାସ୍ଥ୍ୟ ପୂର୍ବଭଳି ରହିଲେ ମଧ୍ୟ ସାମୟିକ ଦୁର୍ବଳତା କାର୍ଯ୍ୟକ୍ଷେତ୍ରକୁ ମନ୍ଥର କରିପାରେ। ଆପଣଙ୍କ କାର୍ଯ୍ୟାବଳୀର ଖୁବ୍ ପ୍ରଶଂସା କରି ପଦସ୍ଥ ବ୍ୟକ୍ତିବିଶେଷ ଖୁସି ହୋଇପାରନ୍ତି। କର୍ମକ୍ଷେତ୍ରରେ ଗୁରୁଦାୟିତ୍ୱ ବହନ କରିବାକୁ ସରକାରୀ ଆଦେଶପତ୍ର ମିଳିପାରେ। ସାମାଜିକ ସ୍ତରରେ ଅର୍ଥ ଓ ସମ୍ମାନ ପାଇବେ।

**ମିଥୁନ** ଫାଇଲ୍ କାମ ବୃଦ୍ଧି କାରଣରୁ ଆଜି ଘରକଥା ବୁଝିବା ପାଇଁ ମଧ୍ୟ ସମୟ ପାଇବେ ନାହିଁ। ସାମାଜିକ ସ୍ତରରେ ବନ୍ଧୁବର୍ଗଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବେ। ସାମୟିକଭାବରେ ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତ ରହିପାରନ୍ତି। ଆପୋସ ଆଲୋଚନା ଜରିଆରେ ହୃତ ସମ୍ପର୍କ ପୁନଃ ପ୍ରତିଷ୍ଠା ହୋଇପାରେ।

**କର୍କଟ** ଆଜି ସକାଳୁ ସକାଳୁ ହଠାତ୍ କୌଣସି ଖବର ପାଇ ଖୁସି ହେବେ। ମିଥ୍ୟା ଅଭିଯୋଗକୁ ବୁଝି ନ ପାରି ନିଜଲୋକଙ୍କ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଅନିୟମିତ ଭୋଜନ କାରଣରୁ ପେଟ ଗୋଳମାଳ ଦେଖାଦେଇ ପାରେ। କର୍ମ କ୍ଷେତ୍ରରେ ଅବହେଳା ପ୍ରଦର୍ଶନ କରି ସମାଲୋଚିତ ହେବେ।

**ସିଂହ** ବନ୍ଧୁମାନଙ୍କ ସାହାଯ୍ୟ ଓ ସହଯୋଗରୁ ଅଭିଳଷିତ ଫଳ ପାଇ ଖୁସି ହେବେ। ଅପରାହ୍ନରେ ଗୃହସୀମାକୁ କେନ୍ଦ୍ରକରି ବିବାଦ ବୃଦ୍ଧି ପାଇବାର ଆଶଙ୍କା ରହିଛି। ବାଣିଜ୍ୟ, ବ୍ୟବସାୟ, ନିର୍ମାଣ ଓ ପ୍ରଶାସନିକ ସ୍ତରରେ ସମସ୍ୟାର ଆଶୁ ସମାଧାନ ହୋଇଯିବ। ପରକଥାରେ ପଡି ଭୁଲ୍ ମାର୍ଗର ଅନୁସରଣ କରି ଅନୁତାପ କରିବାକୁ ପଡ଼ିପାରେ।

**କନ୍ୟା** ଚତୁଃପାର୍ଶ୍ୱରେ ଘଟିଯାଉଥିବା ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ। ପରିବାରର ବରାଦ ଅନନୁଯାୟୀ ଗୃହୋପକରଣ ସାମଗ୍ରୀ କ୍ରୟ କରିବେ। ଗୁରୁଜନଙ୍କଠାରୁ ପରାମର୍ଶ ପାଇ ଖୁସି ହେବେ। ସଭାସମିତିରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ।

**ତୁଳା** ପରିସ୍ଥିତି ପ୍ରତି ଲକ୍ଷ୍ୟ କରି କେତେକ କ୍ଷେତ୍ରରେ ଜାଣିଶୁଣି ମଧ୍ୟ ନୀରବ ରହିବାକୁ ବାଧ୍ୟ ହେବେ। ଆବଶ୍ୟକତା ଉପଲବ୍ଧି କରି ଏକାଧିକ କାମ ହାତକୁ ନେଇ ବ୍ୟଥିତ ହୋଇପାରନ୍ତି। ବନ୍ଧୁମାନଙ୍କ ସହ ଆଜିର ସକାଳୁଆ ଯାତ୍ରାରେ ସଫଳତା ପାଇବେ। ଆନୁଷ୍ଠାନିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ।

**ବିଛା** ଆଜି କାମ ହାସଲ କରିବା ସକାଶେ କଅଁଳ କଥା କହି ପରିସ୍ଥିତିକୁ ସୁଧାରି ନେଇପାରନ୍ତି। ଅନ୍ୟାୟ ବିରୋଧରେ ସ୍ୱର ଉଠାଇବେ ସତ କିନ୍ତୁ ସହଯୋଗ ପାଇବେନାହିଁ। ଅନିୟମିତ ଆହାର ଯୋଗୁ ସ୍ୱାସ୍ଥ୍ୟରେ ସମସ୍ୟା ଦେଖାଦେଇପାରେ। କେତେକ ନୂତନ କାମର ପରିକଳ୍ପନା କରି ପ୍ରସ୍ତୁତି ଆରମ୍ଭ କରିପାରନ୍ତି।

**ଧନୁ** କର୍ମକ୍ଷେତ୍ରରେ କେତେକ ସାମାନ୍ୟ ଭୁଲ୍‌ରୁ କାମଗୁଡିକ ବିଶୃଙ୍ଖଳିତ ହୋଇପାରେ। ପ୍ରତ୍ୟେକ କ୍ଷେତ୍ରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡିବେ। ଶାସ୍ତ୍ରାଧ୍ୟୟନ, ସାହିତ୍ୟ ଚର୍ଚ୍ଚା ଓ ସତ୍‌ସଙ୍ଗ, ସଭାସମିତି, ବିତର୍କରେ ଅଂଶଗ୍ରହଣ କରି ପ୍ରଶଂସିତ ହେବେ। ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢିପାରେ।

**ମକର** ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧିଯୋଗୁ ମନରେ ସରସତା ରହି ନ ପାରେ। କର୍ମକ୍ଷେତ୍ରରେ ବନ୍ଧୁଙ୍କ ମେଳରେ ରହିବାର ସୁଯୋଗ ପାଇ ଖୁସି ହେବେ। କଳା, ସାହିତ୍ୟ ଓ ଚଳଚ୍ଚିତ୍ର ତଥା ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ହେବ। ସଭାସମିତିକୁ ନିମନ୍ତ୍ରିତ ହୋଇ ଦୂରଯାତ୍ରା କରିବାକୁ ପଡ଼ିପାରେ।

**କୁମ୍ଭ** ବନ୍ଧୁମାନଙ୍କ ସହ ଆଲୋଚନା ଅନୁଯାୟୀ ଆଜିର କାମଗୁଡିକ ସବୁ ଠିକ୍‌ଠିକ୍ ହୋଇଯିବ। କୌଣସି ସମସ୍ୟାର ଆଶଙ୍କା କରି ଅସୁବିଧା ନ ଥିଲେ ମଧ୍ୟ ମନ ଅସ୍ଥିର ରହିବ। ଅନ୍ୟମନସ୍କ ହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ। ଫେରିବା ବାଟରେ ଅର୍ଥ କିମ୍ବା ଦ୍ରବ୍ୟହାନି ଯୋଗୁ ବିଚଳିତ ବୋଧ କରିପାରନ୍ତି।

**ମୀନ** ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ବହୁତ ଭଲ ହେବ। ଯାତ୍ରା ସମୟରେ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। ଆନୁଷ୍ଠାନିକ କାର୍ଯ୍ୟକ୍ରମ, କଳା, ସାହିତ୍ୟ, ଆଲୋଚନା କ୍ଷେତ୍ରରେ ବେଶ୍ ଆଦୃତ ହେବେ। କର୍ମକ୍ଷେତ୍ରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

ଆଜି ଡିସେମ୍ବର ୨୨ ତାରିଖ, ବିଶ୍ୱଗଣିତ ଦିବସ, ପଲ୍ଲୀକବି ନନ୍ଦକିଶୋର ବଳଙ୍କ ଜୟନ୍ତୀ, ଶାରଦା ଦେବୀଙ୍କ ଜନ୍ମଦିବସ, ପୌଷକୃଷ୍ଣ ଚତୁର୍ଦ୍ଦଶୀ ଗୁରୁବାର, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ଅମାବାସ୍ୟାର ନିଶାପାଳନ, ରାଶିନକ୍ଷତ୍ର-ଜ୍ୟେଷ୍ଠା/ବିଛା, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୨୦ମି. ଗତେ ଘ.୦୭।୪୭ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୧।୦୬ମି. ଗତେ ଘ.୦୨।୨୭ମି. ମଧ୍ୟେ ରାହୁ କାଳ।

## ପ୍ରଥମ ପୃଷ୍ଠାରୁ...

### ଅବକାରୀ ହେପାଜତରେ...

ସନ୍ଧ୍ୟାରେ ୫୫ ନମ୍ବର ଜାତୀୟ ରାଜପଥର ଓଟିଏମ୍ ଛକ ପରିବା ବଜାର ନିକଟରେ ରାସ୍ତା ଅବରୋଧ କରିବାବେଳେ କଟକ ଜୋନ୍-୧ ଏସିପି ଅରୁଣ କୁମାର ସ୍ୱାଇଁ ଓ ଚୌଦ୍ୱାର ଥାନା ଆଇଆଇସି ବିରଞ୍ଚି ନାରାୟଣ ପତି ୨ ପ୍ଲାଟୁନ୍ ଫୋର୍ସ ସହିତ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକମାନଙ୍କୁ ବୁଝାଶୁଝା କରି ରାସ୍ତାରୋକୋରୁ ବିରତ କରାଇଥିଲେ। ଶରତଙ୍କ ନାମରେ ପୂର୍ବରୁ କୌଣସି ଆପରାଧିକ ମାମଲା ନ ଥିବା ଅବକାରୀ ପୋଲିସ ସୂଚନା ଦେଇଛି। ମୃତ ଶରତଙ୍କ ଗୋଟିଏ ଛୋଟ ବିକଳାଙ୍ଗ ପୁଅ ଓ ଗୋଟିଏ ଝିଅ ଥିବାବେଳେ ସେମାନଙ୍କ ଭରଣପୋଷଣ ଦାୟିତ୍ୱ ନେବା, କ୍ଷତିପୂରଣ ବାବଦ ୫ଲକ୍ଷ ଟଙ୍କା ପ୍ରଦାନ ଓ ଶରତଙ୍କ ପତ୍ନୀଙ୍କୁ ଚାକିରି ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏସିପି ସ୍ୱାଇଁଙ୍କ କହିବା ହେଲା ଏନ୍‌ଏଚ୍‌ଆର୍‌ସି ଗାଇଡ୍‌ଲାଇନ୍ ଅନୁସାରେ ଇନ୍‌କ୍ୱାରୀ ଚାଲିଛି। ମୃତକଙ୍କ ଭାଇ କରିଥିବା ଅଭିଯୋଗ ଉପରେ ତଦନ୍ତ କରାଯିବ ବୋଲି କହିଛନ୍ତି।

### ୧୯ ସହରରେ ଡ୍ରିଙ୍କ୍ ...

ମୁଖ୍ୟମନ୍ତ୍ରୀ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ କାର୍ଯ୍ୟକ୍ରମର ଆରମ୍ଭ ଘୋଷଣା କରିଛନ୍ତି। ଏହାଦ୍ୱାରା ଏହି ୩ଟି ସହରର ୧.୫୦ ଲକ୍ଷ ଲୋକ ଉପକାର ପାଇବେ ।

ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରତି ପରିବାରକୁ ଭଲ ପିଇବା ପାଣି ଯୋଗାଇବା ମୋର ବହୁତ ଦିନର ସ୍ୱପ୍ନ। ଏହା ସବୁବେଳେ ମୋ ସରକାରର ପ୍ରାଥମିକତା ହୋଇରହିଛି। ଜଳ ଆମ ସମସ୍ତଙ୍କ ପାଇଁ ଅମୂଲ୍ୟ। ଏହାକୁ ଉପଯୁକ୍ତ ଭାବେ ବ୍ୟବହାର କରିବା ଉଚିତ। ଗୋଟିଏ ବି ବୁନ୍ଦା ଜଳ ନଷ୍ଟ ନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ଜଳ ହେଉଛି ଜୀବନ। ଜନସ୍ୱାସ୍ଥ୍ୟ ଓ ଦୈନନ୍ଦିନ ଜୀବନର ସୁବିଧା ପାଇଁ ସ୍ୱଚ୍ଛ ଜଳ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଏହି ସୁବିଧା ଜନସାଧାରଣଙ୍କ ଜୀବନଧାରଣ ମାନରେ ପ୍ରଭୂତ ଉନ୍ନତି ଆଣିବ। ବିଶ୍ୱର ବଡ଼ ବଡ଼ ସହରର ବ୍ୟବସ୍ଥା ସହିତ ଓଡ଼ିଶାର ସହରଗୁଡ଼ିକ ମଧ୍ୟ ଯୋଡ଼ି ହୋଇଛନ୍ତି । ବ୍ୟୁରୋ ଅଫ୍ ଷ୍ଟାଣ୍ଡାର୍ଡ୍ସର ମାନ ଅନୁଯାୟୀ ଲୋକେ ଉତ୍ତମ ଓ ସ୍ୱଚ୍ଛ ଜଳ ପାଇପାରୁଛନ୍ତି। ଏହି ସେବା ପାଇଁ ମୁଖ୍ୟମନ୍ତ୍ରୀ ୱାଟ୍‌କୋକୁ ଧନ୍ୟବାଦ ଦେଇଛନ୍ତି।

ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଓ ଦୃଢ଼ ନେତୃତ୍ୱ ଯୋଗୁ ଓଡ଼ିଶାବାସୀ ଉନ୍ନତମାନର ସେବା ପାଇପାରୁଛନ୍ତି। ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ରାଜ୍ୟ ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ। ଓମ୍ବାଡସିର ଓଭରସାଇଟ୍ ଅଥରିଟି ଜଷ୍ଟିସ ଅନନ୍ତ ପଟ୍ଟନାୟକ କହିଛନ୍ତି, ସେ ମାଇନିଂ ଅଞ୍ଚଳକୁ ପ୍ରାୟତଃ ଗସ୍ତ କରନ୍ତି। ପାଣି ପାଇଁ ଲୋକଙ୍କ ଅସୁବିଧାକୁ ସେ ଅନୁଭବ କରିଛନ୍ତି। ଆଜି ସେ ଅଞ୍ଚଳଗୁଡ଼ିକରେ ପିଇବା ପାଣି କ୍ଷେତ୍ରରେ ଉଲ୍ଲେଖନୀୟ କାମ ହୋଇଛି। ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ଭୂମିକା ବାସ୍ତବରେ ପ୍ରଶଂସନୀୟ ବୋଲି ସେ କହିଛନ୍ତ। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଜି. ମାଥିଭାଥନନ ସ୍ୱାଗତ ଭାଷଣ ଦେଇଥିଲେ। ୱାଟ୍‌କୋର ସିଇଓ ପି.କେ. ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନ୍ତ୍ରୀ ଅଶୋକ ପଣ୍ଡା, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ୧୯ଟି ସହରର ନେତୃବୃନ୍ଦ, ଅଧିକାରୀଗଣ ଓ ଜନସାଧାରଣ ଭିଡିଓ କନ୍‌ଫରେନ୍ସ ଜରିଆରେ ଯୋଡ଼ି ହୋଇଥିଲେ ।

### ଓଡ଼ିଶାରେ ବିଏଫ୍.୭ ...

ଜେନୋମ୍ ସିକ୍ୱେନ୍ସିଂ କରାଯାଇଥିଲା। ଉକ୍ତ ମହିଳା ଓ ତାଙ୍କ ପରିବାର ଗତ ଅକ୍ଟୋବରରୁ ଆମେରିକାରେ ରହୁଛନ୍ତି। ଭାରତ ଛାଡ଼ିବା ପର୍ଯ୍ୟନ୍ତ ତାଙ୍କ ପରିବାରର କୌଣସି ସଦସ୍ୟଙ୍କଠାରେ କରୋନାର ଲକ୍ଷଣ ନ ଥିଲା। ତେବେ ଗତ ୩ ମାସ ମଧ୍ୟରେ ରାଜ୍ୟର ଅନ୍ୟ କୌଣସି ଆକ୍ରାନ୍ତଙ୍କଠାରେ ଏହି ନୂଆ ସବ୍‌ଭାରିଆଣ୍ଟ ଚିହ୍ନଟ ହୋଇନାହିଁ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଅନ୍ୟପକ୍ଷେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବ୍ୟଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ସମୀକ୍ଷା ବୈଠକରେ ବିଶେଷଜ୍ଞମାନେ କହିଛନ୍ତି, ଦେଶରେ କୋଭିଡ୍ ମହାମାରୀ ସଂକ୍ରମିତଙ୍କ ସଂଖ୍ୟାରେ ବିଶେଷ ବୃଦ୍ଧି ଘଟି ନ ଥିଲେ ହେଁ ପୂର୍ବରୁ ଥିବା ଓ ନୂଆକରି ବାହାରୁଥିବା ଭାରିଆଣ୍ଟଗୁଡ଼ିକୁ ଟ୍ରାକ୍ କରିବା ପାଇଁ ସର୍ଭିଲାନ୍ସ ବ୍ୟବସ୍ଥାକୁ ମଜଭୁତ କରାଯିବା ଆବଶ୍ୟକତା ରହିଛି। ନୂଆଦିଲ୍ଲୀରେ ଅଧିକାରୀମାନଙ୍କ ସୂତ୍ରରୁ ଜଣାପଡ଼ିଛି ଯେ, ବର୍ତ୍ତମାନ ଚାଇନାର ସହରଗୁଡ଼ିକରେ ବିଏଫ୍.୭ ସମେତ ଓମିକ୍ରନ୍‌ର ସଞ୍ଚାରଣକ୍ଷମ ଷ୍ଟ୍ରେନ୍‌ଗୁଡ଼ିକର ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ମହାମାରୀର ଏହି ସବ୍‌ଭାରିଆଣ୍ଟ ବେଜିଂ ଓ ସାଂଘାଇରୁ ଅନ୍ୟ ସହରଗୁଡ଼ିକୁ ବ୍ୟାପି ଆତଙ୍କ ଖେଳାଇଛି। ବିଏଫ୍.୭ର ସଂକ୍ରମଣ କ୍ଷମତା ଅଧିକ ରହିଥିବାରୁ ଚାଇନାବାସୀ ଏଥିରୁ ବର୍ତ୍ତିପାରୁ ନାହାନ୍ତି। ଏପରି କି ଭାକ୍ସିନ ନେଇଥିବା ଲୋକେ ମଧ୍ୟ ଏହି ଭୂତାଣୁରେ ଆକ୍ରାନ୍ତ ହୋଇ ପ୍ରାଣ ହରାଉଛନ୍ତି। ଓମିକ୍ରନ୍ ବିଏ.୫ ଭାରିଆଣ୍ଟରୁ ଉତ୍ପନ୍ନ ଏହି ଭୂତାଣୁର ସଂକ୍ରମଣ କ୍ଷମତା ସର୍ବାଧିକ। ପୂର୍ବରୁ ଏହା ଆମେରିକା, ବ୍ରିଟେନ ଏବଂ ବେଲଜିୟମ, ଜର୍ମାନୀ, ଫ୍ରାନ୍ସ ଓ ଡେନ୍‌ମାର୍କ ଭଳି ୟୁରୋପୀୟ ରାଷ୍ଟ୍ରଗୁଡ଼ିକରେ ଚିହ୍ନଟ ହୋଇସାରିଛି।

## ସ୍ୱାସ୍ଥ୍ୟ ବିଭାଗ ତତ୍ପର

ଭୁବନେଶ୍ୱର(ବ୍ୟୁରୋ),୨୧।୧୨

ସତର୍କତା ଅବଲମ୍ବନ ପାଇଁ କେନ୍ଦ୍ରର ଚିଠି ପାଇବା ପରେ ରାଜ୍ୟ ସରକାର ତତ୍ପରତା ଦେଖାଇଛନ୍ତି। ଲକ୍ଷଣ ଦେଖାଯିବା ମାତ୍ରେ ଟେଷ୍ଟିଂ ପାଇଁ ସ୍ୱାସ୍ଥ୍ୟ ବିଭାଗ ଅନୁରୋଧ କରିଛି। ରାଜ୍ୟ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି, ଲୋକଙ୍କଠାରେ କୋଭିଡ୍-୧୯ ଲକ୍ଷଣ ଦେଖାଯିବା ମାତ୍ରେ ଟେଷ୍ଟ କରାଯିବ। ଆକ୍ରାନ୍ତଙ୍କ ଜେନୋମ୍ ସିକ୍ୱେନ୍ସ ହେବ। ଆମ ପାଖରେ ପର୍ଯ୍ୟାପ୍ତ ପରିମାଣର ଜେନୋମ୍ ସିକ୍ୱେନ୍ସିଂ ଏବଂ ସର୍ଭିଲାନ୍ସ କରିବାକୁ ସୁବିଧା ଅଛି। ଏହାପରେ ମଧ୍ୟ ଯଦି ସଂକ୍ରମଣ ବଢ଼େ ତା'ପରେ ଅନ୍ୟ ପଦକ୍ଷେପ ନିଆଯିବ। ହକି ବିଶ୍ୱକପରେ ଭିଡ଼କୁ ଦୃଷ୍ଟିରେ ରଖି ସେଠାରେ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି। କାହାଠାରେ ଲକ୍ଷଣ ପ୍ରକାଶ ପାଇଲେ ସଙ୍ଗେ ସଙ୍ଗେ ସେଠାରେ ତାଙ୍କର ଟେଷ୍ଟ କରିବା ବ୍ୟବସ୍ଥା କରାଯାଇଛି। ଭୁବନେଶ୍ୱର ଓ ରାଉରକେଲାରେ ଟେଷ୍ଟିଂ ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା କରାଯାଇଥିବା ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ କହିଛନ୍ତି। ସ୍ୱାସ୍ଥ୍ୟ ବିଭାଗ ସଚିବ ଶାଳିନୀ ପଣ୍ଡିତ ବୁଧବାର ଏନ୍‌ଏଚ୍‌ଏମ୍ ଏବଂ ଓଏସ୍‌ଏମ୍‌ସିଏଲ୍ ପରିଚାଳନା ନିର୍ଦ୍ଦେଶକ, ସମସ୍ତ ଜିଲାପାଳ, ଜନସ୍ୱାସ୍ଥ୍ୟ ସ୍ୱତନ୍ତ୍ର ସଚିବ, ସ୍ୱାସ୍ଥ୍ୟ ବିଭାଗର ସମସ୍ତ ନିର୍ଦ୍ଦେଶକ, ସମସ୍ତ ସରକାରୀ ମେଡିକାଲ କଲେଜ ଡିନ୍ ଏବଂ ସୁପରିଣ୍ଟେଣ୍ଡେଣ୍ଟ, ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ଏବଂ ରାଉରକେଲା ଆର୍‌ଜିଏଚ୍ ନିର୍ଦ୍ଦେଶକ ଓ ସମସ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଚିଠି ଲେଖି ସତର୍କ ରହିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କରୋନା ଟେଷ୍ଟିଂ ବଢ଼ାଇବା ସହିତ ସମସ୍ତ ପଜିଟିଭ କେସ୍‌ର ଜେନୋମ୍ ସିକ୍ୱେନ୍ସିଂ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

### 'ମାସ୍କ ପିନ୍ଧ, ...

ଟେଷ୍ଟ କରାଯାଉଥିବାରୁ ଆତଙ୍କିତ ହେବାର କିଛି ନାହିଁ। କିନ୍ତୁ ଲୋକେ ଭିଡ଼ ଭିତରକୁ ଗଲେ ମାସ୍କ ପିନ୍ଧନ୍ତୁ। ଅନ୍ତର୍ଜାତୀୟ ବିମାନ ଯାତ୍ରା ପାଇଁ ରହିଥିବା ପୂର୍ବ ଗାଇଡ୍‌ଲାଇନ୍ (ନିର୍ଦ୍ଦେଶାବଳୀ)ରେ କୌଣସି ପ୍ରକାର ପରିବର୍ତ୍ତନ କରାଯାଇନାହିଁ। ପ୍ରକାଶ ଯେ, ଏହା ପୂର୍ବରୁ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ପତ୍ର ଲେଖିଥିଲେ। ଚାଇନା, ଜାପାନ, ଆମେରିକା, ଦକ୍ଷିଣ କୋରିଆ ଓ ବ୍ରାଜିଲ ଭଳି ଦେଶଗୁଡ଼ିକରେ ହଠାତ୍ ସଂକ୍ରମଣ ମାମଲା ବୃଦ୍ଧି ପାଇଥିବାରୁ ପଜିଟିଭ୍ ଚିହ୍ନଟ ହୋଇଥିବା ବ୍ୟକ୍ତିମାନଙ୍କ ଜେନୋମ୍ ସିକ୍ୱେନ୍ସିଂକୁ କଡ଼ାକଡ଼ି କରିବାକୁ ସେ ଏଥିରେ ପରାମର୍ଶ ଦେଇଥିଲେ। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ୱେବ୍‌ସାଇଟ୍ ଅନୁସାରେ ଭାରତରେ ଗତ ୨୪ ଘଣ୍ଟା ମଧ୍ୟରେ ୧୨୯ ନୂଆ ମାମଲା ସାମ୍ନାକୁ ଆସିଛି। ଏଥିସହ ସକ୍ରିୟ ମାମଲା ସଂଖ୍ୟା ୩,୪୦୮କୁ ବୃଦ୍ଧି ପାଇଛି। ଦିନକ ଭିତରେ ଦେଶରେ ଜଣେ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି।

### 'ଗୋବିନ୍ଦଙ୍କ ପକେଟରୁ ...

ବୁଧବାର ପୂର୍ବାହ୍ନରେ ବୁର୍ଲା ଭିମ୍‌ସାର ମେଡିକାଲ କଲେଜ ଏଫ୍‌ଏମ୍‌ଟି ପ୍ରଫେସର ସତ୍ୟସାଇ ପଣ୍ଡା, ଆସିଷ୍ଟାଣ୍ଟ ପ୍ରଫେସର ବୀରେନ୍ ଖାଲ୍‌କୋ ଏବଂ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ଏଫ୍‌ଏମ୍‌ଟି ବିଭାଗ ଡାକ୍ତର ସୁବଳ ନାଏକ ବ୍ୟବଚ୍ଛେଦ କରିଥିଲେ। ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି)ଙ୍କ ନିର୍ଦ୍ଦେଶ ଏବଂ ଗାଇଡଲାଇନ୍ ମୁତାବକ୍ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ବ୍ୟବଚ୍ଛେଦ କରାଯାଇଛି। ସମଗ୍ର ପ୍ରକ୍ରିୟାକୁ ଭିଡିଓ ରେକର୍ଡିଂ କରାଯାଇଛି। ଗୋବିନ୍ଦଙ୍କ କାକା ଶ୍ୱଶୁର ମହେନ୍ଦ୍ର ସାହୁ ଏବଂ ତାଙ୍କ ଶଳା ଟୁନା ସାହୁ ବ୍ୟବଚ୍ଛେଦ ଗୃହ ବାହାରେ ଉପସ୍ଥିତ ଥିଲେ। ମହେନ୍ଦ୍ର କହିଛନ୍ତି, ଗୋବିନ୍ଦଙ୍କ ଆତ୍ମହତ୍ୟା ବିଶ୍ୱାସଯୋଗ୍ୟ ନୁହେଁ। ସେ ଜଣେ ଷ୍ଟ୍ରଙ୍ଗ୍ ଲୋକ। ମମିତା ମେହେର ହତ୍ୟା ଘଟଣା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ତାଙ୍କୁ ମାରି ଦିଆଯାଇଥିବା ସନ୍ଦେହ ହେଉଛି ବୋଲି ସେ କହିଛନ୍ତି। ୪ ଘଣ୍ଟା ଧରି ବ୍ୟବଚ୍ଛେଦ ପ୍ରକ୍ରିୟା ଚାଲିବା ପରେ ମୃତଦେହକୁ ଗୋବିନ୍ଦଙ୍କ ସମ୍ପର୍କୀୟଙ୍କୁ ଦେବାକୁ ପୋଲିସ ଚାହିଁଥିଲା। ମାତ୍ର ଏହାକୁ ଗ୍ରହଣ କରିବାକୁ ମହେନ୍ଦ୍ର ଏବଂ ଶଳା ଟୁନା ମନା କରିଦେଇଥିଲେ। ଏହାପରେ ଗୋବିନ୍ଦଙ୍କ ଝିଅ ଲିପିକା ସାହୁ ଭୀମ ଭୋଇ ମେଡିକାଲ ଆସି ମୃତଦେହ ଗ୍ରହଣ କରି ମହାଲିଙ୍ଗ ଗାଁକୁ ନେଇଥିଲେ।

### କଣ୍ଟାବାଞ୍ଜିରେ କ୍ରାଇମବ୍ରାଞ୍ଚ ...

ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ ମୁତାବକ ମାମଲାର କ୍ରାଇମବ୍ରାଞ୍ଚ ତଦନ୍ତ ଆରମ୍ଭ ହୋଇଛି। ବୁଧବାର ପୂର୍ବାହ୍ନ ପ୍ରାୟ ୧୦ଟାରେ କ୍ରାଇମବ୍ରାଞ୍ଚ ଡିଏସ୍‌ପି ବିଜୟ କୁମାର ମଲ୍ଲିକଙ୍କ ନେତୃତ୍ୱରେ ୧୦ଜଣିଆ କ୍ରାଇମବ୍ରାଞ୍ଚ ଟିମ୍ ସହ ଫୋରେନସିକ୍ ଏବଂ ସାଇଣ୍ଟିଫିକ୍ ଦଳ କଣ୍ଟାବାଞ୍ଜି ସବ୍‌ଜେଲରେ ପହଞ୍ଚିଥିଲେ। ପୂର୍ବାହ୍ନ ୧୦ଟାରୁ ଅପରାହ୍ଣ ସାଢ଼େ ୨ଟା ପର୍ଯ୍ୟନ୍ତ ସେଠାରେ ତନାଘନା କରିଥିଲେ। ସେଠାରେ କ'ଣ ତଦନ୍ତ କରାଯାଇଛି ତାହାର ସୂଚନା ଦେଇ ନ ଥିଲେ ମଧ୍ୟ କିଭଳି ପରିସ୍ଥିତିରେ ଗୋବିନ୍ଦ ସାହୁଙ୍କର ଜେଲ ପରିସରରେ ମୃତ୍ୟୁ ହେଲା ତାକୁ ନେଇ ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି। ଜେଲର ସାଧାରଣ ସେଲ୍‌ରେ ଗୋବିନ୍ଦ ଥିଲେ। ମଙ୍ଗଳବାର କୋର୍ଟରେ ଶୁଣାଣି ପ୍ରକ୍ରିୟା ଥିବାରୁ ସେ କୋର୍ଟକୁ ଯିବାର ନିର୍ଦ୍ଧାରିତ ଥିଲା। ପୋଲିସ ଏସ୍କର୍ଟ ଟିମ୍ ମଧ୍ୟ ଜେଲକୁ ଆସିସାରିଥିଲା। ଏଭଳି ପରିସ୍ଥିତିରେ ସେ କିଭଳି ଉପାୟ ଅବଲମ୍ବନ କରି ଆତ୍ମହତ୍ୟା କରିବାର ସୁଯୋଗ ପାଇଲେ ବୋଲି ଏବେ ସାଧାରଣରେ ପ୍ରଶ୍ନ ଉଠୁଛି। ଜେଲ ଭିତର କିଚେନ୍ ଝରକା ରେଲିଂରେ ସେ ଗାମୁଛା ସାହାଯ୍ୟରେ ଆତ୍ମହତ୍ୟା କରିଥିବା କୁହାଯାଇଛି। ଏହା ସାଧାରଣରେ ବିଶ୍ୱାସଯୋଗ୍ୟ ହୋଇପାରୁନାହିଁ। ଏଦିଗରେ କ୍ରାଇମବ୍ରାଞ୍ଚ କ'ଣ ତଦନ୍ତ କରିଛି ସେନେଇ କିଛି କହିପାରିବେ ନାହିଁ ବୋଲି ଡିଏସ୍‌ପି ମଲ୍ଲିକ ଗଣମାଧ୍ୟମକୁ କହିଛନ୍ତି। ତଦନ୍ତ ସରିଲେ ସବିଶେଷ ରିପୋର୍ଟ ଦିଆଯିବ ବୋଲି ସେ କହିଛନ୍ତି।

### ଦିନ ମଜୁରିଆଙ୍କୁ ୧୪ ...

ଅନେକ କୋଟି ଟଙ୍କା କାରବାର ହୋଇଥିଲା। ମନୋଜ କହିଥିଲେ, ସେ ଜଣେ ଶ୍ରମିକ ହୋଇଥିବାରୁ ତାଙ୍କ ସବୁ ସମ୍ପତ୍ତି ବିକିଲେ ବି ୧୪ କୋଟି ଟଙ୍କା ପୈଠ କରିପାରିବେ ନାହିଁ। ଖୋଳତାଡ଼ ପରେ ପ୍ରକୃତ କଥା ସାମ୍ନାକୁ ଆସିଛି। ମନୋଜ ପୂର୍ବରୁ ଦିଲ୍ଲୀ, ହରିୟାଣା ଓ ପଞ୍ଜାବର କେତୋଟି ଘରୋଇ କମ୍ପାନୀରେ କାମ କରୁଥିଲେ। ୨୦୨୦ରେ କୋଭିଡ୍ ସଂକ୍ରମଣର ମୁକାବିଲା ପାଇଁ କେନ୍ଦ୍ର ସରକାର ଜାରି କରିଥିବା ଲକ୍‌ଡାଉନ୍ ବେଳେ ସେ ନିଜ ଘର ବିହାରକୁ ଫେରିଆସିଥିଲେ। ମନୋଜ କହିଛନ୍ତି, ସେ ପୂର୍ବରୁ ନିଯୁକ୍ତିବେଳେ ତାଙ୍କ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର, ଆଧାର, ପ୍ୟାନ୍ କାର୍ଡ ଆଦି ଦସ୍ତାବିଜ ଦାଖଲ କରିଥିଲେ। କମ୍ପାନୀଗୁଡ଼ିକ ସେସବୁକୁ ଜାଲିଆତି କରି ତାଙ୍କ ନାମରେ ବ୍ୟାଙ୍କ ଆକାଉଣ୍ଟ ଖୋଲିବା ସହ ଏଭଳି କାରସାଦି କରିଥିବା ମନୋଜ ଅଧିକାରୀମାନଙ୍କୁ କହିଥିଲେ।

## ଗାଁ ଶ୍ମଶାନରେ ଗୋବିନ୍ଦଙ୍କ ଅନ୍ତିମ ସଂସ୍କାର

# ଏସ୍‌ଆଇଟି ନ ହେଲେ ସିବିଆଇ ତଦନ୍ତ ହେଉ

ଭବାନୀପାଟଣା/ଗୋଲାମୁଣ୍ଡା, ୨୧।୧୨(ସ୍ୱ.ପ୍ର./ଡି.ଏନ.ଏ.)

କଳାହାଣ୍ଡି ଜିଲା ମହାଲିଙ୍ଗ ସନଶାଇନ ପବ୍ଲିକ ସ୍କୁଲ ଅଧକ୍ଷା ମମିତା ମେହେର ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ମଙ୍ଗଳବାର କଣ୍ଟାବାଞ୍ଜି ସବ୍‌ଜେଲ ଭିତରେ ମୃତ୍ୟୁ ଘଟଣା ରାଜ୍ୟରେ ହଇଚଇ ସୃଷ୍ଟି କରିଛି। ବୁଧବାର ଗୋବିନ୍ଦ ସାହୁଙ୍କ ମୃତଦେହ କଡ଼ା ସୁରକ୍ଷା ବ୍ୟବସ୍ଥା ଭିତରେ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ବ୍ୟବଚ୍ଛେଦ କରାଯାଇଥିଲା। ଏହାପରେ ପୋଲିସ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ସନ୍ଧ୍ୟା ସାଢ଼େ ୫ଟାରେ ଆମ୍ବୁଲାନ୍ସ ଜରିଆରେ ଗୋବିନ୍ଦଙ୍କ ମୃତଦେହ ନିଜ ଗାଁ ମହାଲିଙ୍ଗରେ ପହଞ୍ଚିଥିଲା। ଏହି ସମୟରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ନିଜ ଘର ପରିସରରେ ବିଧି ବିଧାନ ଅନୁଯାୟୀ ମୃତଦେହକୁ କିଛି ସମୟ ରଖାଯିବା ପରେ ଅନ୍ତିମ ସଂସ୍କାର ପାଇଁ ଗାଁ ଶ୍ମଶାନକୁ ନିଆଯାଇଥିଲା। ସେଠାରେ ପୁଅ ଚିନୁ ସାହୁ ମୁଖାଗ୍ନି ଦେଇଥିଲେ। ଅନ୍ୟପଟେ ଏବେବି ପରିବାର ଲୋକେ ଏହା ଆତ୍ମହତ୍ୟା ନୁହେଁ ବରଂ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଅଭିଯୋଗ ଆଣିଛନ୍ତି। ଯଦି ରାଜ୍ୟ ସରକାରଙ୍କ ସତସାହସ ଅଛି ତାହାହେଲେ କେନ୍ଦ୍ରକୁ ଏହି ଘଟଣାର ସିବିଆଇ ତଦନ୍ତ କରିବାକୁ ପତ୍ର ଲେଖନ୍ତୁ, ନଚେତ ଏସଆଇଟି ତଦନ୍ତ ନିର୍ଦ୍ଦେଶ ଦିଅନ୍ତୁ ବୋଲି ମୃତ ଗୋବିନ୍ଦଙ୍କ ଭଣଜା ମନୋଜ ସାହୁ କହିଛନ୍ତି।


ଗୋବିନ୍ଦଙ୍କ ମୃତଦେହ ଗାଁରେ ପହଞ୍ଚିବା ପରେ ଲୋକେ ଦେଖିବାକୁ ଭିଡ଼ ଜମାଇଛନ୍ତି।

# ଡିଏନ୍‌ଏ ଦ୍ୱନ୍ଦ୍ୱ: ସ୍ପଷ୍ଟ କଲେ ଉତ୍ତରାଞ୍ଚଳ ଆଇଜି

## ଗୋଟିଏ ପରୀକ୍ଷାରେ ମେଳ, ଗୋଟିଏରେ ସ୍ପଷ୍ଟତା ନାହିଁ


STATE FORENSIC SCIENCE LABORATORY RASULGARH, BHUBANESWAR-751010, ODISHA
INTER DIVISIONAL EXAMINATION REPORT
DNA DIVISION

SFSL No. . 2021BHUB006067 Referred Division No. 2021XDNA000315 Date of Dispatch : 09/11/2021
Parent Division No. 2021BIOL002209

| | | | | |
|---|---|---|---|---|
| 19 | R | 1. Pre-processing: Small amount of of tissue was taken and pre-processed . 2.Extraction: DNA was extracted by Automated DNA Extraction method using Qiagen EZ1 DNA Investigator kit. 3.Quantification: Using Quantifiler® Trio DNA Quantification Kit. 4.Amplification: Using AmpFISTR® Globalfiler® Kit. 5.DNA Profiling and Software Analysis: Using Automated DNA Sequencer 3500 XL Model (ABI) and Gene Mapper® IDX Software with respect to Gene ScanTM 600 Liz TM size standard. | 1. Same as Exhibit A. | - |
| 20 | R1 | 1. Same as Exhibit R. | 1. Same as Exhibit A. | - |
| 21 | R2 | 1. Same as Exhibit R. | 1. Same as Exhibit A. | - |

ଡିଏନ୍‌ଏ ରିପୋର୍ଟ

ସମ୍ବଲପୁର(ବ୍ୟୁରୋ)/ ବଲାଙ୍ଗୀର ଅଫିସ୍, ୨୧।୧୨

ବହୁଚର୍ଚ୍ଚିତ ମମିତା ମେହେର ହତ୍ୟା ଘଟଣାରେ ଗିରଫ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ଆତ୍ମହତ୍ୟା ପରେ ଏହି ମାମଲା ଭିନ୍ନ ମୋଡ଼ ନେଇଛି। ଡିଏନ୍‌ଏ ରିପୋର୍ଟକୁ ନେଇ ବିଭ୍ରାନ୍ତିକର ଚର୍ଚ୍ଚା ହେଉଥିବାବେଳେ ଉତ୍ତରାଞ୍ଚଳ ପୋଲିସ ଆଇଜି ଡ. ଦୀପକ କୁମାର ବୁଧବାର ଗଣମାଧ୍ୟମ ଆଗରେ ଏହାର ସତ୍ୟତା ନେଇ ସୂଚନା ଦେଇଛନ୍ତି। ସେ କହିଛନ୍ତି, କ୍ରାଇମ ସିନ୍ ରିକ୍ରିଏଶନ ସମୟରେ ମୁଖ୍ୟ ଅଭିଯୁକ୍ତ ସାହୁ ଦେଖାଇଥିବା ସ୍ଥାନରୁ ଦେହାବଶେଷ ସଂଗ୍ରହ କରାଯାଇ ପୋଡ଼ା ହାଡ଼କୁ ପରୀକ୍ଷା ନିମନ୍ତେ ରାଜ୍ୟ ଫୋରେନ୍‌ସିକ୍ ଲ୍ୟାବକୁ ପଠାଯାଇଥିଲା। ଏଥିରେ ୨ ପ୍ରକାର ପରୀକ୍ଷା କରାଯାଇଥାଏ। ନ୍ୟୁକ୍ଲିୟର ଡିଏନ୍‌ଏ ପରୀକ୍ଷାରୁ ଏହା ମମିତାଙ୍କ ବାପା ଓ ମା'ଙ୍କ ଡିଏନ୍‌ଏ ସହ ମେଳ ଖାଇଥିଲା। ସାଧାରଣତଃ ନ୍ୟୁକ୍ଲିୟର ଡିଏନ୍‌ଏ ପରୀକ୍ଷା ରିପୋର୍ଟ ଉପରେ ଗୁରୁତ୍ୱ ଦିଆଯାଇଥାଏ। ଅନ୍ୟପକ୍ଷେ ମାଇଟୋକଣ୍ଡ୍ରିଆଲ ଡିଏନ୍‌ଏ ପରୀକ୍ଷା ସୁବିଧା ନ ଥିବାରୁ ହାଇଦ୍ରାବାଦସ୍ଥିତ ସିଡିଏଫ୍‌ଟି କେନ୍ଦ୍ରକୁ ପୋଡ଼ା ହାଡ଼ ପଠାଯାଇଥିଲା। ହେଲେ ସେଥିରେ କୌଣସି ସ୍ପଷ୍ଟ ଚିତ୍ର ଆସି ନ ଥିଲା। ହାଡ଼ର ବହୁଅଂଶ ପୋଡିଯାଇଥିବାରୁ ସିଡିଏଫ୍‌ଟି ନ୍ୟୁକ୍ଲିୟର ଡିଏନ୍‌ଏକୁ ବାହାର କରିପାରିଲା ନାହିଁ। ରାଜ୍ୟ ଫୋରେନ୍‌ସିକ୍ ଲ୍ୟାବ ଡିଏନ୍‌ଏ ପରୀକ୍ଷାରୁ ରିପୋର୍ଟ ମେଳ ଖାଉଥିବା ନେଇ ସ୍ପଷ୍ଟ ରିପୋର୍ଟ ଆସିବାରୁ ଏଥିରେ ଆଉ କୌଣସି ବିବାଦ ନାହିଁ। ଗତ ଫେବୃୟାରୀରୁ ଚାର୍ଜସିଟ୍ ଏବଂ ଅନ୍ୟାନ୍ୟ କାଗଜପତ୍ର କୋର୍ଟରେ ଦାଖଲ ହୋଇସାରିଛି। ଏସମ୍ପର୍କରେ ଅଭିଯୁକ୍ତଙ୍କ ପକ୍ଷ ମଧ୍ୟ ଅବଗତ ଅଛନ୍ତି। ଡିଏନ୍‌ଏ ମେଳ ଖାଉନାହିଁ ବୋଲି ଏବେ ଯେଉଁ କୁହାଯାଉଛି, ତାହା ସମ୍ପୂର୍ଣ୍ଣ ମିଥ୍ୟା। ଅନ୍ୟପଟେ ଏହି ମାମଲା ଏବେ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର ହୋଇଛି। ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତିଙ୍କ ତତ୍ତ୍ୱାବଧାନରେ ଘଟଣାର ତଦନ୍ତ ଚାଲିଥିଲା। ସମସ୍ତ ଦିଗକୁ ନେଇ ତଦନ୍ତ ପରେ ରିପୋର୍ଟ ପ୍ରସ୍ତୁତ କରାଯାଇଥିଲା ବୋଲି ଆଇଜି କୁମାର କହିଛନ୍ତି। ସୂଚନାଯୋଗ୍ୟ, ସମ୍ପ୍ରତି ମମିତା ମେହେରଙ୍କ ମୃତଦେହର ଅବଶେଷକୁ ନେଇ ବିବାଦ ଦେଖାଦେଇଛି। ମହାଲିଙ୍ଗସ୍ଥିତ ଶିକ୍ଷାନୁଷ୍ଠାନ ପରିସରରୁ ହାଡ଼ କଙ୍କାଳ ଜବତ ହୋଇଥିଲା, ଯାହା ମମିତାଙ୍କର ବୋଲି ଚିହ୍ନଟ ହୋଇଥିଲା। ଜବତ ହାଡ଼ ପରୀକ୍ଷା ଲାଗି ଫୋରେନ୍‌ସିକ୍ ଲ୍ୟାବକୁ ପଠାଯାଇଥିଲା। ମମିତାଙ୍କ ଦେହାବଶେଷର ଡିଏନ୍‌ଏ ତାଙ୍କ ମାତାପିତାଙ୍କ ଡିଏନ୍‌ଏ ସହ ମେଳ ଖାଉ ନ ଥିବା ନେଇ ଗୋବିନ୍ଦଙ୍କ ଓକିଲ ଦେବାଶିଷ ପଣ୍ଡା ମଙ୍ଗଳବାର ଅଭିଯୋଗ କରିଥିଲେ।

# ହତ୍ୟାକାରୀଙ୍କ ଆତ୍ମହତ୍ୟାକୁ ନେଇ ଭାଜପା ହୀନ ରାଜନୀତି କରୁଛି: ବିଜେଡି

ଭୁବନେଶ୍ୱର,୨୧।୧୨(ବ୍ୟୁରୋ)

ପ୍ରାୟ ଏକ ବର୍ଷ ତଳେ ମମିତା ମେହେର ହତ୍ୟାକାଣ୍ଡ ଘଟିଲା ବେଳେ ଏହାକୁ ନେଇ ଅନେକ ରାଜନୀତି ହୋଇଥିଲା। ଏପରି କି ଏହି ସ୍ପର୍ଶକାତର ମାମଲାରୁ ରାଜନୀତିର ରୁଟିସେକିବା ପାଇଁ ବିରୋଧୀ ଦଳମାନେ ପୀଡ଼ିତାଙ୍କ ଚରିତ୍ର ସଂହାର କରିବାକୁ ପଛାଇ ନ ଥିଲେ। ଏବେ ପୁଣିଥରେ ମମିତା ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁ ଆତ୍ମହତ୍ୟା କରିବା ପରେ ଭାଜପା ହୀନ ରାଜନୀତି କରିବା ଆରମ୍ଭ କରିଦେଇଛି। ରାଜନୀତି କରିବା ଲାଗି ଓଡ଼ିଶାରେ ଆହୁରି ଅନେକ ପ୍ରସଙ୍ଗ ରହିଛି। ଭାଜପା ନେତାମାନେ ଶସ୍ତା ରାଜନୀତି ନ କରି ନ୍ୟାୟପାଳିକା ଉପରେ ଆସ୍ଥା ରଖନ୍ତୁ ବୋଲି ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି।

ମହାନ୍ତି କହିଛନ୍ତି ଯେ ମମିତା ମେହେର ହତ୍ୟାକାଣ୍ଡ ଘଟିବା ପରେ ଏହାର ଗୁରୁତ୍ୱକୁ ଉପଲବ୍ଧି କରି ଜଣେ କାର୍ଯ୍ୟରତ ବିଚାରପତିଙ୍କ ତଦାରଖରେ ଏହି ମାମଲାର ତଦନ୍ତ ଲାଗି ଅନୁମତି ଦେବାକୁ ରାଜ୍ୟ ସରକାରଙ୍କ ତରଫରୁ ହାଇକୋର୍ଟଙ୍କ ନିକଟରେ ଆବେଦନ କରାଯାଇଥିଲା। ରାଜ୍ୟ ସରକାରଙ୍କ ଆବେଦନକୁ ଗ୍ରହଣ କରି ହାଇକୋର୍ଟ ଜଣେ ଅବସରପ୍ରାପ୍ତ ଜିଲା ଜଜ୍‌ଙ୍କ ତଦାରଖରେ ଏହି ମାମଲାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲା ଜଜ୍‌ଙ୍କ ତଦାରଖରେ ତଦନ୍ତ ହେବା ପରେ ପୋଲିସ ମାମଲାର ଚାର୍ଜସିଟ୍ ଦାଖଲ କରିଥିଲା ଏବଂ ଅଦାଲତରେ ମଧ୍ୟ ଦ୍ରୁତ ବେଗରେ ମାମଲାର ଶୁଣାଣି ଜାରି ରହିଥିଲା। ଅନ୍ୟପକ୍ଷରେ ଏହି ସ୍ପର୍ଶକାତର ମାମଲାରେ ଆରମ୍ଭରୁ ଭାଜପା ରାଜନୀତି କରିବା ସହ ମୃତ ମମିତା ମେହେରଙ୍କ ଚରିତ୍ର ସଂହାର କରିବାରୁ ତାଙ୍କ ପରିବାରବର୍ଗ ଗଭୀର ମାନସିକ ଆଘାତ ପାଇଥିଲେ। ତେଣୁ ସେମାନେ ଏହାକୁ ନେଇ ରାଜନୀତି ନ କରିବାକୁ ହାତଯୋଡ଼ି ନିବେଦନ କରିଥିଲେ। ମାତ୍ର ଏହା ସତ୍ତ୍ୱେ ଭାଜପା ନେତାମାନେ ତାଙ୍କ ପରିବାରବର୍ଗଙ୍କ କୋହପୂର୍ଣ୍ଣ ଆବେଦନକୁ ଗ୍ରହଣ ନ କରି ଏହି ସ୍ପର୍ଶକାତର ଘଟଣାକୁ ନେଇ ରାଜନୀତି କରି ଚାଲିଲେ। ଜଣେ ହତ୍ୟାକାରୀଙ୍କ ଆତ୍ମହତ୍ୟାକୁ ନେଇ ଭାଜପା ଏତେ ଲୁହ ଗଡ଼ାଉଛି କାହିଁକି। ଓଡ଼ିଶାରେ ରାଜନୀତି କରିବାକୁ ଅନେକ ପ୍ରସଙ୍ଗ ଅଛି। ଏଭଳି ଏକ ସମ୍ବେଦନଶୀଳ ମାମଲାରେ ଭାଜପା ନେତାମାନେ ଅଯଥା ରାଜନୀତି ନ କରି ନ୍ୟାୟ ବ୍ୟବସ୍ଥା ଉପରେ ଆସ୍ଥା ରଖନ୍ତୁ ବୋଲି ମହାନ୍ତି କହିଛନ୍ତି।


ଲେନିନ୍ ମହାନ୍ତି

# ଗୋବିନ୍ଦଙ୍କ ମୃତ୍ୟୁ ତଥ୍ୟ ଲୁଚାଇବା ପାଇଁ ହୋଇଛି: ସାଲୁଜା

ଭୁବନେଶ୍ୱର,୨୧।୧୨(ବ୍ୟୁରୋ)

ମମିତା ମେହେର ମୃତ୍ୟୁ ଘଟଣାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁ କଣ୍ଟାବାଞ୍ଜି ଉପକାରାଗାରରେ ଆତ୍ମହତ୍ୟା କଲେ। ଏହା ଆତ୍ମହତ୍ୟା ନା ଏକ ସୁଚିନ୍ତିତ ହତ୍ୟା ଷଡ଼ଯନ୍ତ୍ର ବୋଲି କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା ପ୍ରଶ୍ନ କରିଛନ୍ତି। କଂଗ୍ରେସ ଭବନଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସାଲୁଜା କହିଛନ୍ତି, ଗୋବିନ୍ଦଙ୍କ ମୃତ୍ୟୁ ବହୁକିଛି ତଥ୍ୟକୁ ସମ୍ପୂର୍ଣ୍ଣରୂପେ ଲୁଚାଇଦେବା ପାଇଁ ହୋଇଛି। ଏ ଷଡ଼ଯନ୍ତ୍ର ସରକାରୀ ଦଳର ପ୍ରଭାବଶାଳୀ ବିଧାୟକ, ପୂର୍ବତନ ମନ୍ତ୍ରୀ ଏବଂ ବହୁ କିଛି ଆଇଏଏସ୍, ଆଇପିଏସ୍ ଅଫିସର ରଚିଛନ୍ତି। ଜେଲ ପରିସରରେ ସିସିଟିଭି କ୍ୟାମେରା ଲଗାଯାଇଛି। ଏପରିକି ପୋଲିସ କର୍ମଚାରୀମାନେ ମଧ୍ୟ କଏଦୀମାନଙ୍କୁ ଜଗି ରୁହନ୍ତି। କିନ୍ତୁ ଏତେ ବ୍ୟବସ୍ଥା ସତ୍ତ୍ୱେ କିଭଳି ଗୋବିନ୍ଦ ଏକ ୬ଫୁଟ ଲମ୍ବ ରେଲିଂରେ ଗାମୁଛାରେ ଆତ୍ମହତ୍ୟା କଲେ। ମମିତା ମେହେର ହତ୍ୟା ଘଟଣାରେ ତତ୍କାଳୀନ ବିଜେଡିର ପ୍ରଭାବଶାଳୀ ନେତା ଦିବ୍ୟଶଙ୍କର ମିଶ୍ରଙ୍କର ସମ୍ପୃକ୍ତି ଥିବା ନେଇ ଯଥେଷ୍ଟ ପ୍ରମାଣ ମିଳିସାରିଥିଲା। ଏପରିକି ବିଜେଡିର ବହୁ ତୁଙ୍ଗନେତା ଓ ମନ୍ତ୍ରୀମାନେ ଲଗାତର ମହାଲିଙ୍ଗ କଲେଜକୁ ଯିବାର ପ୍ରମାଣ ମଧ୍ୟ ମିଳିଥିଲା। ଏପରିକି ଏମାନେ ସମସ୍ତେ ଗୋବିନ୍ଦଙ୍କର ଅତି ନିଜସ୍ୱ ଥିଲେ। ଗୋବିନ୍ଦଙ୍କ ମୃତ୍ୟୁର କିଛିଦିନ ପୂର୍ବରୁ କାହିଁକି କଣ୍ଟାବାଞ୍ଜି ଜେଲର କର୍ମଚାରୀଙ୍କୁ ବହୁଳ ଭାବେ ବଦଳି କରାଯାଇଥିଲା। ନିଜେ ସମ୍ବଲପୁର ରେଞ୍ଜର ଡିଆଇଜି କଣ୍ଟାବାଞ୍ଜି ଜେଲ ପରିଦର୍ଶନରେ ଯାଇଥିଲେ। ଯଦି ସେତେବେଳେ ଏଭଳି କୌଣସି ଅସୁବିଧା ଲକ୍ଷ୍ୟ କରିଥିଲେ ତାହାକୁ କାହିଁକି ସୁଧାରି ନ ଥିଲେ। ଏହି ସ୍ପର୍ଶକାତର ଘଟଣାରେ ଉଚ୍ଚ ନ୍ୟାୟାଳୟର ଜଣେ ବିଚାରପତିଙ୍କ ଅଧକ୍ଷତାରେ ଏକ ଏସ୍‌ଆଇଟି ତଦନ୍ତ ବା ସିବିଆଇ ତଦନ୍ତ ହେଉ ବୋଲି ସାଲୁଜା ଦାବୀ କରିଛନ୍ତି।


ସନ୍ତୋଷ ସିଂ ସାଲୁଜା

# ସିବିଆଇ ତଦନ୍ତ ନ ହେଲେ ରାଜ୍ୟବ୍ୟାପୀ ଆନ୍ଦୋଳନ: ଭାଜପା

ଭୁବନେଶ୍ୱର,୨୧।୧୨(ବ୍ୟୁରୋ)

ମମିତା ମେହେର ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଏବଂ ସାକ୍ଷୀ ଗୋବିନ୍ଦ ସାହୁଙ୍କ ଜେଲ ଭିତରେ ମୃତ୍ୟୁ ଆତ୍ମହତ୍ୟା ନୁହେଁ ବରଂ ସୁପରିକଳ୍ପିତ ହତ୍ୟାକାଣ୍ଡ। ରାଜ୍ୟ ସରକାରଙ୍କ ବହୁ ମନ୍ତ୍ରୀ ଓ ଶାସକ ଦଳର ବହୁ ନେତା ବିଭିନ୍ନ କୁକର୍ମ କରି ଆଇନ ଜାଲରେ ଧରାପଡ଼ିବା ଭୟରେ ଅଛନ୍ତି। ତେଣୁ ସେମାନଙ୍କୁ ସୁରକ୍ଷା ଦେବା ସକାଶେ ସରକାରୀ ଭାବେ ସାକ୍ଷୀ ସଫା ଅଭିଯାନ ଆରମ୍ଭ ହୋଇଛି। ଗୋବିନ୍ଦଙ୍କ ମୃତ୍ୟୁ ଘଟଣା ଏହାର ଜ୍ୱଳନ୍ତ ଉଦାହରଣ ବୋଲି ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଏଭଳି ସମ୍ବେଦନଶୀଳ ଘଟଣାର ତଦନ୍ତ ତୁରନ୍ତ ସିବିଆଇ ଦ୍ୱାରା କରାଗଲେ ପ୍ରକୃତ ସତ୍ୟାସତ୍ୟ ସାମ୍ନାକୁ ଆସିପାରିବ। ଏହା ନ ହେଲେ ରାଜ୍ୟ ସରକାରଙ୍କ ସାକ୍ଷୀ ସଫା ଅଭିଯାନ ବିରୋଧରେ ଦଳ ପକ୍ଷରୁ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ପୃଥ୍ୱୀରାଜ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପୃଥ୍ୱୀରାଜ କହିଛନ୍ତି, ଶିକ୍ଷୟିତ୍ରୀ ମମିତା ମେହେରଙ୍କୁ ଅତ୍ୟନ୍ତ ବୀଭତ୍ସ ଭାବେ ହତ୍ୟା କରାଯିବା ପରେ ପ୍ରମାଣ ନଷ୍ଟ ପାଇଁ ଶବକୁ ଗାଏବ କରାଯାଇଥିଲା। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁ ଗିରଫ ହେବା ପରେ ଦୀର୍ଘଦିନ ଧରି ଜେଲରେ ଥିଲେ। ମଙ୍ଗଳବାର ତାଙ୍କୁ କୋର୍ଟରେ ହାଜର ହେବାକୁ ଥିବାବେଳେ ଏହା ପୂର୍ବରୁ ତାଙ୍କ ମୃତ୍ୟୁ ଘଟିବା ଆଦୌ ସଂଯୋଗବଶତଃ ନୁହେଁ ବରଂ ସରକାରଙ୍କ ବିଧିବଦ୍ଧ ଯୋଜନା। ପୋଲିସ ଓ କ୍ରାଇମବ୍ରାଞ୍ଚ ଦ୍ୱାରା ସମସ୍ତ ପ୍ରମାଣ ନଷ୍ଟ କରିବାର ପ୍ରୟାସ ଆରମ୍ଭ ହୋଇଛି। ବର୍ତ୍ତମାନ ଘଟଣାର ମୁଖ୍ୟ ସାକ୍ଷୀ ଗୋବିନ୍ଦ ସାହୁଙ୍କୁ ହତ୍ୟା କରାଯାଇ ବଳକା ପ୍ରମାଣ ନଷ୍ଟ କରାଯିବାର ବିରାଟ ଷଡ଼ଯନ୍ତ୍ର ରଚାଯାଇଛି। ପୋଲିସ ଡିଆଇଜି କଣ୍ଟାବାଞ୍ଜି ଜେଲକୁ ଯାଇ ଗୋବିନ୍ଦଙ୍କୁ ଦେଖାକରିବା କଥା ବହୁ ସନ୍ଦେହ ସୃଷ୍ଟି କରୁଛି। ତାଙ୍କ ସ୍ୱାମୀଙ୍କୁ ହତ୍ୟା କରାଯାଇଛି ବୋଲି ଗୋବିନ୍ଦଙ୍କ ସ୍ତ୍ରୀ ମଧ୍ୟ ଅଭିଯୋଗ ଆଣିଛନ୍ତି। ଗୋବିନ୍ଦ ଙ୍କୁ ନିର୍ଦ୍ଦୋଷ କରାଯାଇ ଜେଲରୁ ମୁକୁଳାଯିବ ବୋଲି ରାଜ୍ୟ ସରକାରଙ୍କ ଦୁଇ ପୂର୍ବତନ ମନ୍ତ୍ରୀ ଆଶ୍ୱାସନା ଦେଇଥିବାର ମୃତ ଗୋବିନ୍ଦଙ୍କ କକା ଶ୍ୱଶୁର କହିଛନ୍ତି। ରାଜ୍ୟ ସରକାରଙ୍କ 'କୁକର୍ମର ସାକ୍ଷୀ ସଫା ଅଭିଯାନ' ଅତ୍ୟନ୍ତ ନିନ୍ଦନୀୟ ବୋଲି ସେ କହିଛନ୍ତି।


ଖବରଦାତା ସମ୍ମିଳନୀରେ ଭାଜପା ନେତୃବୃନ୍ଦ।

# 'ଜେଲ୍ ଅଧିକାରୀଙ୍କୁ ଗିରଫ କରାଯାଉ'

- ଗୋବିନ୍ଦଙ୍କ ମୃତ୍ୟୁ ଆତ୍ମହତ୍ୟା, ନୁହେଁ, ସୁପରିକଳ୍ପିତ ହତ୍ୟା: ଯୁବ କଂଗ୍ରେସ
- ଏସ୍‌ଆଇଟି ତଦନ୍ତ ଦାବିକଲା ରାଜ୍ୟ ଯୁବ କଂଗ୍ରେସ
- ସାର୍ବଜନୀନ ହେଉ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ

କଟକ ଅଫିସ, ୨୧।୧୨

ମମିତା ମେହେର ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ମୃତ୍ୟୁ ଆତ୍ମହତ୍ୟା ନୁହେଁ, ଏହା ଏକ ସୁପରିକଳ୍ପିତ ହତ୍ୟା। କାରଣ ମମିତା ହତ୍ୟା ଘଟଣାରେ ଶାସକ ଦଳର ବହୁ ନେତା ଓ ପୂର୍ବତନ ମନ୍ତ୍ରୀଙ୍କ ସମ୍ପୃକ୍ତି ରହିଥିବା ଅଭିଯୋଗ ହୋଇ ଆସୁଥିଲା। ଏଭଳି ପରିସ୍ଥିତିରେ ଗୋବିନ୍ଦ ଦୀର୍ଘଦିନ ପରେ ଆତ୍ମହତ୍ୟା କରିଥିବା କଥାକୁ ଗ୍ରହଣ କରାଯାଇପାରୁନାହିଁ ବୋଲି ଓଡ଼ିଶା ରାଜ୍ୟ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତିରଞ୍ଜନ ଲେଙ୍କା ଅଭିଯୋଗ କରିଛନ୍ତି। ଏ ନେଇ ଲେଙ୍କାଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନଶୃଙ୍ଖଳା) ଆର୍.କେ. ଶର୍ମାଙ୍କୁ ବୁଧବାର ସାକ୍ଷାତ କରି ଡିଜିପିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଭାରତୀୟ ପିଙ୍ଗଳ କୋଡ୍ ୩୦୨ ଦଫା ଅନୁଯାୟୀ ଜେଲ ଦାୟିତ୍ୱରେ ଥିବା ପୋଲିସ ଅଧିକାରୀଙ୍କୁ ଗିରଫ କରିବା, ଗୋବିନ୍ଦଙ୍କ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ସାର୍ବଜନୀନ କରିବା ସହ ହାଇକୋର୍ଟ ନିୟନ୍ତ୍ରିତ ସ୍ପେଶାଲ ଇନ୍‌ଭେଷ୍ଟିଗେଶନ୍ ଟିମ୍(ଏସ୍‌ଆଇଟି) ଦ୍ୱାରା ତଦନ୍ତ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଡ. ଲେଙ୍କାଙ୍କ ସହ ରାଜ୍ୟ ଯୁବ କଂଗ୍ରେସର ନିରଞ୍ଜନ ନାୟକ, ଜ୍ଞାନ ରଞ୍ଜନ ରାଉତ, ମାନସ ନାୟକ, ଜଗତ ଜୀବନ ମହାନ୍ତି, ସୁଦୀପ ସାମଲ, ସୋନୁ ସ୍ୱାଇଁ, ବିଶ୍ୱଜିତ୍ ଲେଙ୍କା, ଆଦିତ୍ୟ ପ୍ରସାଦ ପରିଡ଼ା, ଆକାଶ କୁମାର ସାମଲ, ଶୁଭ ରଞ୍ଜନ ମହାନ୍ତି, ଦିବ୍ୟ ରଞ୍ଜନ ମହାନ୍ତିଙ୍କ ସହ ଅନ୍ୟମାନେ ଶର୍ମାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

ସୂଚନାଯୋଗ୍ୟ, ୨୦୨୧ ଅକ୍ଟୋବର ୮ରେ ବଲାଙ୍ଗୀର ଜିଲା ତୁରେକେଲା ଥାନା ଅନ୍ତର୍ଗତ ଝରଣୀ ଗାଁରୁ ସନ୍‌ସାଇନ ପବ୍ଲିକ ସ୍କୁଲ ଅଧକ୍ଷା ମମିତା କଳାହାଣ୍ଡି ଜିଲା ମହାଲିଙ୍ଗ ଅଭିମୁଖେ ବାହାରି ନିଖୋଜ ହୋଇଯାଇଥିଲେ। ତାଙ୍କ ପରିବାର ଲୋକେ କେ.ଗାଁ. ଥାନାରେ ଅଭିଯୋଗ କରିବାକୁ ଯାଇଥିଲେ। ସେଠାରେ ଅଭିଯୋଗ ଗ୍ରହଣ କରାଯିବ ନାହିଁ ବୋଲି ପୋଲିସ ଅଧିକାରୀ ମନା କରିବାରୁ ସେଠାରୁ ଫେରିଆସି ଅକ୍ଟୋବର ୧୩ରେ ବଲାଙ୍ଗୀର ଜିଲା ସିନ୍ଧେକେଲା ଥାନାରେ ଅଭିଯୋଗ କରିଥିଲେ। ସେଠାରେ ମାମଲା ରୁଜୁ ହୋଇଥିଲା। ପୋଲିସ ମହାଲିଙ୍ଗରୁ ସନ୍‌ସାଇନ ପବ୍ଲିକ ସ୍କୁଲ ପରିଚାଳନା କମିଟି ସଭାପତି ଗୋବିନ୍ଦଙ୍କୁ ଅକ୍ଟୋବର ୧୪ରେ ଥାନାରେ ଅଟକ ରଖିଥିଲା। ମମିତାଙ୍କୁ ଗୋବିନ୍ଦ ତାଙ୍କ କାର୍ ଭିତରେ ହତ୍ୟା କରିଥିଲେ। ପରେ ମହାଲିଙ୍ଗର ଏକ ନିର୍ମାଣାଧୀନ ଷ୍ଟାଡିୟମରେ ପୋଡ଼ି ମାରିଦେବା ପରେ ପୋତି ଦେଇଥିବା ନେଇ ପୋଲିସ ତଦନ୍ତ ଓ ଚାର୍ଜଶିଟ୍‌ରେ ଉଲ୍ଲେଖ କରିଥିଲା। ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦଙ୍କ ସହ ତତ୍କାଳୀନ ମନ୍ତ୍ରୀ ଓ ବିଶିଷ୍ଟ ଲୋକଙ୍କ ସମ୍ପର୍କ ଦୃଷ୍ଟିରୁ ଘଟଣାଟି ରାଜ୍ୟବ୍ୟାପୀ ହଇଚଇ ସୃଷ୍ଟି କରିଥିଲା। ହେଲେ ଏବେ ଗୋବିନ୍ଦଙ୍କ ମୃତ୍ୟୁ ପରେ ଅଧିକ ସନ୍ଦେହଜନକ ସ୍ଥିତିକୁ ଆଣିଛି।


ଯୁବ କଂଗ୍ରେସ ପକ୍ଷରୁ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନଶୃଙ୍ଖଳା) ଆର୍.କେ. ଶର୍ମାଙ୍କୁ ଦାବିପତ୍ର ଦିଆଯାଉଛି।

omfed
## ନିର୍ବାଚନ ଅଧିକାରୀ
ଓଡ଼ିଶା ରାଜ୍ୟ ସମବାୟ ଦୁଗ୍ଧ ଉତ୍ପାଦକ ମହାସଂଘ (ଓମଫେଡ) ଲି.ଙ୍କ କାର୍ଯ୍ୟାଳୟ
### ନିର୍ବାଚନ ବିଜ୍ଞାପନ
ସଂଖ୍ୟା: ୦୧ ତାରିଖ: ୨୨।୧୨।୨୦୨୨
No. CAD-4205: ଓଡ଼ିଶା ସମବାୟ ସମିତି ଆଇନ ୧୯୬୨ରେ ଥିବା ବ୍ୟବସ୍ଥା ଅନୁଯାୟୀ ଓ ଓଡ଼ିଶା ସମବାୟ ସମିତି (କମିଟିର ନିର୍ବାଚନ) ନିୟମାବଳୀ ୧୯୯୨ର ଧାରା ୪ରେ ନ୍ୟସ୍ତ ହୋଇଥିବା କ୍ଷମତା ବଳରେ ଏବଂ ରାଜ୍ୟ ସମବାୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ପ୍ରକାରେ ଆମ୍ଭେ **ଡଃ. ବିଶ୍ୱଜିତ ରାଉତ, ଉପ-ନିର୍ଦ୍ଦେଶକ (ଡେରୀ), ନିର୍ବାଚନ ଅଧିକାରୀ, ଓଡ଼ିଶା ରାଜ୍ୟ ସମବାୟ ଦୁଗ୍ଧ ଉତ୍ପାଦକ ମହାସଂଘ ଲିଃ.,** ଏତଦ୍ୱାରା ବିଜ୍ଞାପିତ କରାଉଛୁ ଯେ, ଉପରୋକ୍ତ ସମବାୟ ସମିତିର କମିଟି ସଦସ୍ୟ/ସଦସ୍ୟା ପଦ (ଗୁଡ଼ିକ)ର ନିର୍ବାଚନ ତା ୨୬।୦୨।୨୦୨୩ରିଖରେ ଅନୁଷ୍ଠିତ ହେବ। ନିର୍ବାଚନ ସଂକ୍ରାନ୍ତୀୟ ବିସ୍ତୃତ କାର୍ଯ୍ୟକ୍ରମ ଯଥା ସମୟରେ ଘୋଷଣା କରାଯିବ।
ନିର୍ବାଚନ ଅଧିକାରୀ
ଓଡ଼ିଶା ରାଜ୍ୟ ସମବାୟ ଦୁଗ୍ଧ ଉତ୍ପାଦକ ମହାସଂଘ ସମିତି ଲିଃ.
OIPR-06063/11/0055/2223

## ODISHA PUBLIC SERVICE COMMISSION
### ADVERTISEMENT No. 13 of 2022-23
**Recruitment to the Posts of Veterinary Assistant Surgeon/ Additional Veterinary Assistant Surgeon in Group - A (Junior Branch - II) of Odisha Veterinary Service under Fisheries & Animal Resources Development Department.**
WEBSITE: www.opsc.gov.in

No. D-256: Online applications are invited from the prospective candidates through the proforma application to be made available on the Website of the Commission **(http://opsc.gov.in)** for recruitment to **659 (Six Hundred Fifty Nine)** posts of **Veterinary Assistant Surgeon/Additional Veterinary Assistant Surgeon in Group - A** (Junior Branch-II) of Odisha Veterinary Service under Fisheries & Animal Resources Development Department in the scale of pay of 44,900/- in Level-10, Cell - 1 of ORSP, 2017 with usual Dearness and other allowances as may be sanctioned by the Government of Odisha from time to time.

2. **VACANCY POSITION:** As per requisition filed by the Fisheries & Animal Resources Deelopment Department, Government of Odisha, out of a total of 659 (213 - W) vacancies, 302 (100 - W) vacancies are reserved for UR category, 05 (02 - W) vacancy is reserved for SEBC category, 118 (37 - W) vacancy is reserved for SC category & 234 (74 - W) vacancies are reserved for ST category. Also 05 (02 - W) vacancies are reserved for Sports Persons and 18 (06 - W) are reserved for Persons with Disabilities whose permanent disability is 40% and more.
3. **AGE:** A candidate must have attained the age of 21 (Tweny one) years and must not be above the age of 38 (Thrity eight) years as on the 1st day of January, 2022 i.e. he/she must have been born not earlier than 2nd January 1984 and not later than 1st January 2001.
4. **EDUCATIONAL QUALIFICATION:** A candidate must
   a) Possess a Bachelor's Degree in Veterinary Science & Animal Husbandry (B.V. Sc. & A.H.) or its equivalent degree from any recognized University/College/Institution in India or abroad.
   b) Possess required conversion certificates recognized by Veterinary Council of India (VCI) in case of candidate having Degrees from Universities of Foreign Countries.
   c) Possess valid Registration Certificate under the Odisha Veterinary Practitioners Act, 1970 (Section 21).
5. **EXAMINATION FEE:** The examination fee for all categories of candidates has been exempted as per GA & PG Department Notification No. 9897/Gen., Dt.11.04.2022.
6. **METHOD OF SELECTION:** The selection of candidates for recuritment to the posts of Assistant Director will be made on the basis of **Written Test and interview.**

The link for registration/re-registration and submission of Online application shall be available **from 30.12.2022 to 30.01.2023 (Note: 30.01.2023 is the last date for submission of Registered Online Application)**.
The candidates are advised to visit the website of the Commission at **http://opsc.gov.in** for detailed information for applying to the above post.
CUTTACK Sd./- SECRETARY
DATE: 20.12.2022 ODISHA PUBLIC SERVICE COMMISSION, CUTTACK
OIPR-12002/11/0224/2223

## ୟୁକୋ ବ୍ୟାଙ୍କ
ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩
### ଦଖଲ ନୋଟିସ୍
ସ୍ଥାବର ସମ୍ପତ୍ତି ନିମନ୍ତେ

(ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ, ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨(୨୦୦୨ର ନଂ. ୫୪) ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଓ ଆଇନଗତ ଖର୍ଚ୍ଚ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତାମାନେ ସେମାନଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ **ଦଖଲ**କୁ ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍ ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ **ୟୁକୋ ବ୍ୟାଙ୍କ** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ ଓ ଖର୍ଚ୍ଚ ପାଇଁ ଉତ୍ତରଦାୟୀ ରହିବେ।

| ଶହୀଦ ନଗର ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତାମାନେ: ୧) ଶ୍ରୀ ସିଦ୍ଧାର୍ଥ ଶଙ୍କର ଦାଶ, ପିତା: ଶ୍ରୀ ବଳରାମ ଦାଶ, ୨) ଶ୍ରୀ ବଳରାମ ଦାଶ, ପିତା: ୰ ବୈଷ୍ଣବ ଚରଣ ଦାଶ / ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀମତୀ ଜ୍ୟୋତିର୍ମୟୀ ଦାଶ, ସ୍ୱାମୀ: ଶ୍ରୀ ବଳରାମ ଦାଶ, ୨) ଶ୍ରୀମତୀ ମଧୁମିତା ଆଚାର୍ଯ୍ୟ, ସ୍ୱାମୀ: ଶ୍ରୀ ସିଦ୍ଧାର୍ଥ ଶଙ୍କର ଦାଶ, ସମସ୍ତଙ୍କ ଠିକଣା-ପ୍ଲଟ୍ ନଂ.: ୨୭(ଅଂଶ), ମହର୍ଷି କଲେଜ ପଛପାର୍ଶ୍ୱ, ଶହୀଦ ନଗର, ଭୁବନେଶ୍ୱର, ଖୋର୍ଦ୍ଧା-୭୫୧୦୦୭ | ୨୮.୦୯.୨୦୨୨ ସୁଦ୍ଧା ଟ.୫୦,୦୫,୮୯୪.୪୪ + ସେବାବଦ ସୁଧ ଏବଂ ଖର୍ଚ୍ଚ | ୧୩.୧୦.୨୦୨୨ / ୧୬.୧୨.୨୦୨୨ | ଶ୍ରୀ ବଳରାମ ଦାଶ, ପିତା: ୰ ବୈଷ୍ଣବ ଚରଣ ଦାଶଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ହାଲ୍ ମୌଜା: ଭୁବନେଶ୍ୱର ସହର ୟୁନିଟ୍-୯ ସତ୍ୟନଗର, ଜିଲ୍ଲା: ଖୋର୍ଦ୍ଧା, ସବ୍-ରେଜିଷ୍ଟ୍ରାର କାର୍ଯ୍ୟାଳୟ: ଭୁବନେଶ୍ୱରରେ ତା.୦୪.୧୧.୧୯୭୭ରିଖରେ ସମ୍ପାଦିତ ପଞ୍ଜିକୃତ ବିକ୍ରୟ ଦଲିଲ୍ ନଂ.: ୭୨୧୦,୭୨୨୬, ଖାତା ନଂ.: ୧୬୩, ପ୍ଲଟ୍ ନଂ.: ୧୧୭/୧୧୦୩, କ୍ଷେତ୍ର: ଏକର୦.୦୫୦ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ.: ୧୦୬୦, ପୂର୍ବ: ପ୍ଲଟ୍ ନଂ.: ୧୧୦୪, ପଶ୍ଚିମ: ପ୍ଲଟ୍ ନଂ.: ୧୦୫୦ |

ସ୍ଥାନ : ଭୁବନେଶ୍ୱର, ତାରିଖ : ୨୧.୧୨.୨୦୨୨ କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ

> ପକ୍ଷପାତିତା ହେଲା ପୂର୍ଣ୍ଣ ଆନ୍ତରିକତାର ପରମ ଶତ୍ରୁ। ସେ ପକ୍ଷପାତିତା ଦେହର ହେଉ ବା ପ୍ରାଣର ହେଉ ବା ମନର ହେଉ। ଆଉ ମଧ୍ୟ ତୁମ ମନରେ ଥିବା ପୂର୍ବ କଳ୍ପିତ ଧାରଣା ଉପରେ ପୂର୍ଣ୍ଣ ନିର୍ଭର କରିବା ଅନୁଚିତ। ତୁମକୁ ଏସବୁ ଅତିକ୍ରମ କରିବାକୁ ହେବ। -ଶ୍ରୀମା



# ବିଶ୍ୱାସରେ ସାନ୍ତା



ଦେବଦତ୍ତ ପଟ୍ଟନାୟକ

ସାନ୍ତାକ୍ଲଜ୍ କିଏ ତାହା ସାମ୍ପ୍ରତିକ ସମୟରେ ସମୀକ୍ଷା କରାଯିବା ଦରକାର। ପ୍ରଭୁ ଯିଶୁଖ୍ରୀଷ୍ଟଙ୍କ ସହ ସାନ୍ତାକ୍ଲଜ୍‌ର ସମ୍ପର୍କ କ'ଣ ରହିଛି ତାହା ମଧ୍ୟ ଜାଣିବା ଆବଶ୍ୟକ। ପ୍ରଥମେ ଏଠାରେ ଏକ କାହାଣୀ ଅବତାରଣା କରାଯାଉଛି। ଜଣେ ଜାପାନୀଙ୍କ ଶପିଂ ମଲ୍‌କୁ ଜଣେ ଆମେରିକୀୟ ଯାଇଥିଲେ। ଆମେରିକୀୟ ଜଣକ ସେହି ଶପିଂ ମଲ୍‌ରେ କ୍ରସ୍ ଉପରେ ଜଣେ ସାନ୍ତାକ୍ଲଜ୍‌ଙ୍କ ପ୍ରତିମୂର୍ତ୍ତି ରହିଥିବା ଦେଖିଲେ। ଏହା ତାଙ୍କ ମନରେ ଭୟ ସଞ୍ଚାର କଲା। ଏହା କିଛି ମଜା ପାଇଁ କିମ୍ବା ଏକ ରାଜନୈତିକ ପ୍ରତିବାଦ ଅବା ପ୍ରାକ୍ ଆଧୁନିକ ପ୍ରତିସ୍ଥାପନ କଳା ହୋଇପାରେ ବୋଲି ସେ ମନେକଲେ। କିନ୍ତୁ ପରେ ସେ ଅନୁଭବ କଲେ ଯେ, ମଲ୍‌ର ଲୋକମାନେ କିଛି ନ ବୁଝି ଏହା କରିଥିଲେ। ବାସ୍ତବରେ ଯିଶୁ ଖ୍ରୀଷ୍ଟ ଏବଂ ସାନ୍ତାକ୍ଲଜ୍ ସମାନ ବ୍ୟକ୍ତି ବୋଲି ସେମାନେ ଗ୍ରହଣ କରିନେଇଥିଲେ। ସାନ୍ତା ବାସ୍ତବରେ ଜଣେ ବ୍ୟକ୍ତି କି ନୁହେଁ ତାହା ଅଭିଭାବକମାନେ ସେମାନଙ୍କ ପିଲାମାନଙ୍କୁ ଜଣାଇବା ଲାଗି କରୁଥିବା ବିତର୍କ ସମ୍ବଳିତ ଧାରାବାହିକଗୁଡ଼ିକୁ ଯଦି ଆପଣ ଦେଖିବେ ତେବେ ଶପିଂ ମଲ୍ ଘଟଣାରେ ଆଶ୍ଚର୍ଯ୍ୟ ହେବେ ନାହିଁ। ଅବଶ୍ୟ, ଅଧିକାଂଶ ସମୟରେ ଅନେକଙ୍କ ଘରେ ଖ୍ରୀଷ୍ଟମାସ ସମ୍ପର୍କିତ ଆଲୋଚନାରେ ଯିଶୁଖ୍ରୀଷ୍ଟଙ୍କୁ ବାଦ୍ ଦିଆଯିବା ସହ ସେଠାରେ ସବୁ କେବଳ ସାନ୍ତାକୈନ୍ଦ୍ରିକ ହୋଇଯାଇଛି। ତେବେ ଆମକୁ ଜାଣିବାକୁ ପଡ଼ିବ ବାସ୍ତବରେ ଏହି ସାନ୍ତା କିଏ ?

ସାନ୍ତାଙ୍କ ବାସ୍ତବତା ସମ୍ପର୍କରେ ଜାଣିବା ଲାଗି ଅନେକ ସିଦ୍ଧାନ୍ତ ଅଛି। ସହରାଞ୍ଚଳରେ ପ୍ରଚଳିତ ସବୁଠୁ ଲୋକପ୍ରିୟ କିମ୍ବଦନ୍ତୀ କହେ ଯେ, ଏହା ଥିଲା କୋକାକୋଲାର ଏକ ସୃଷ୍ଟି। କାରଣ ଏକ କୋକ୍‌ର ରଙ୍ଗ ଯାହା ସେଭଳି ରଙ୍ଗର ପୋଷାକ ସାନ୍ତା ପିନ୍ଧିଥାନ୍ତି। ଏହା ବ୍ୟତୀତ ଉପଭୋକ୍ତାବାଦ ଧର୍ମୀୟ ପରମ୍ପରା ବା ଉତ୍ସବଗୁଡ଼ିକ ପାଇଁ ଅନେକ ବାଟରେ ଧର୍ମ ନିରପେକ୍ଷ ପୁଞ୍ଜିବାଦ କ'ଣ କରିପାରେ ତାହାକୁ ସମର୍ଥନ କରିବାରେ ସାନ୍ତାକ୍ଲଜ୍ ବେଶ୍ ଲୋକପ୍ରିୟ ହୋଇଛି। ବର୍ତ୍ତମାନ ପାଇଁ ତୁମ ପାଖରେ ଜଣେ ପିତୃସମ ବ୍ୟକ୍ତିତ୍ୱ ରହିଛନ୍ତି ଯିଏ ତୁମେ ଭଲ ହୋଇଥିଲେ ତୁମକୁ ଉପହାର ଦେଇଥା'ନ୍ତି ଏବଂ ଦୁଷ୍ଟ ପ୍ରକୃତିର ହୋଇଥିଲେ ତୁମକୁ ଉପହାର ଦିଅନ୍ତି ନାହିଁ। ଏଣୁ ସାନ୍ତାକ୍ଲଜ୍ ହେଉଛନ୍ତି ଏକ ପ୍ରକାର ଦେବତା ଯିଏ ଅଭିଭାବକଙ୍କ କଥା ଅନୁଯାୟୀ କାମ କରୁଥିବା ପିଲା ବା ବ୍ୟକ୍ତିଙ୍କୁ ଉପହାର ଦିଅନ୍ତି। ସାନ୍ତାଙ୍କୁ ଦେବତା ଭାବେ ବିଶ୍ୱାସ କରିବା ଦ୍ୱାରା ହିବ୍ରୁ ଭାଷାରେ ରଚିତ ଖ୍ରୀଷ୍ଟଧର୍ମର ପୁରାତନ ନିୟମ(ବାଇବେଲ)ରେ ବର୍ଣ୍ଣିତ ଆବ୍ରାହାମିକ ଗଡ୍ (ହିବ୍ରୁ ଦିବ୍ୟ ପୁରୁଷ ଯାହାଙ୍କୁ ଶାଶ୍ୱତ, ସର୍ବଶକ୍ତିମାନ, ସର୍ବବିଦ୍ୟମାନ ତଥା ବିଶ୍ୱର ସୃଷ୍ଟିକର୍ତ୍ତା ଭାବେ କଳ୍ପନା କରାଯାଇଛି) ଙ୍କ ମହତ୍ତ୍ୱ ହ୍ରାସ ହେଉଛି। ସାନ୍ତାଙ୍କୁ ନେଇ ଏଭଳି ଏକ ପୁଞ୍ଜିବାଦୀ-ଉପଭୋକ୍ତାବାଦୀ ବିଚାର ଆବ୍ରାହାମିକ ଗଡ୍‌ଙ୍କ ବାସ୍ତବତାକୁ ନୀଚ ଦୃଷ୍ଟିରେ ଦେଖୁଛି। ହିବ୍ରୁ ଦିବ୍ୟପୁରୁଷ ଯାହା କହନ୍ତି ତାହା ଯେଉଁମାନେ କରନ୍ତି ନାହିଁ ସେମାନଙ୍କୁ ଦଣ୍ଡ ଦେବା ପାଇଁ ବନ୍ୟା ଓ ଅଗ୍ନିକୁ ପଠାଇଥାନ୍ତି ଏବଂ ସେମାନଙ୍କ ଉପରେ କୋପ କରିଥାନ୍ତି ବୋଲି ବିଶ୍ୱାସ ରହିଛି। ସବୁ ଧର୍ମୀୟ ବିଚାରରେ ଅତ୍ୟଧିକ ଲୋକ ବିଭିନ୍ନ ପ୍ରକାର ଭୋଜନ ପ୍ରସ୍ତୁତ କରି ଖାଇ ଆନନ୍ଦିତ ହେବା ଓ ଉପହାର ଦେଇ ନିଜକୁ ପୃଥକ୍ ଭାବେ ଉପସ୍ଥାପନ କରୁଛନ୍ତି। ହିନ୍ଦୁଧର୍ମରେ ଦୀପାବଳିରେ ବି ଠିକ୍ ଏହି ପ୍ରକାରେ ପାଳିତ ହେଉଛି।



ଖ୍ରୀଷ୍ଟଧର୍ମ ଜନ୍ମଲାଭ କରିବା ପୂର୍ବରୁ ୟୁରୋପରେ ବିଭିନ୍ନ ସ୍ଥାନରେ ରହୁଥିବା ଜର୍ମାନୀ ଭାଷାଭାଷୀ ଲୋକମାନଙ୍କର ଏକପ୍ରକାର ଭିନ୍ନ ବିଶ୍ୱାସ ରହିଥିଲା। ଶୀତଋତୁର ମଧ୍ୟଭାଗରେ ଗୋଟିଏ ଆଖି ଓ ଦାଢ଼ି ଥିବା ଜ୍ଞାନୀ ବୃଦ୍ଧ ଓଡିନ (ଜର୍ମାନୀ ଭାଷାଭାଷୀ ଲୋକମାନଙ୍କ ପରମ ଦେବତା) ୮ ଗୋଡିଆ ଘୋଡ଼ାରେ ବସି ଦଳେ ଶିକାରୀଙ୍କୁ ଧରି ବାହାରକୁ ବାହାରି ୟୁଲେ ପର୍ବ ସମୟରେ ଆକାଶର ସବୁଆଡେ ଘୂରିବୁଲନ୍ତି। ଏହି ବିଶ୍ୱାସ ଏବେ ସମ୍ଭବତଃ ସାରା ଆକାଶରେ ଶିଙ୍ଗା ହରିଣ ସ୍ଲେଜ୍‌ଗାଡିରେ ବସି ବୁଲୁଥିବା ସାନ୍ତାକ୍ଲଜକୁ ରୂପାନ୍ତର ହୋଇଛି। ସାନ୍ତା ବୁଲୁଥିବାବେଳେ ଚିମିନ ବାଟ ଦେଇ କ୍ରିସ୍‌ମାସ ଟ୍ରି ପାଖକୁ ଆସି ଭଲ ପିଲାମାନଙ୍କୁ ଉପହାର ଦେଇଥାନ୍ତି। ରୋମ ସାମ୍ରାଜ୍ୟରେ ଖ୍ରୀଷ୍ଟଧର୍ମାବଲମ୍ବୀଙ୍କ ପୁରାତନ ପ୍ରକୃତି ବିଶ୍ୱାସର ଏକ ପ୍ରତୀକ ହେଉଛି କ୍ରିସ୍‌ମାସ ଟ୍ରି। ଆମ ସମସ୍ତଙ୍କୁ ମନେରଖିବା ଉଚିତ ଯେ, କ୍ରିସ୍‌ମାସ ହେଉଛି ପ୍ରଭୁ ଯିଶୁଙ୍କ ଜନ୍ମ ଦିନ। ସେ ମରୁଭୂମିରେ ଜନ୍ମ ହୋଇଥିଲେ। ସେଠାରେ ବରଫ ନ ଥିଲା କି ସେ ଜନ୍ମ ହୋଇଥିବା ଚାରଣଭୂମି ଚାରିପାଖରେ କ୍ରିସ୍‌ମାସ ଟ୍ରି ଭଳି କୌଣସି ଗଛ ନ ଥିଲା।

ଆଉ କେତେଜଣ ଉଦାରବାଦୀ ଓ ପ୍ରସନ୍ନଚିତ୍ତ ବୟସ୍କ ବ୍ୟକ୍ତିଙ୍କ କାହାଣୀ ଏଠାରେ ଉପସ୍ଥାପନ କରିବା। ଏଭଳି ଲୋକମାନଙ୍କ ମଧ୍ୟରେ ରହିଛନ୍ତି ବିଜାଣ୍ଟିନ ସାମ୍ରାଜ୍ୟ (ରୋମ ସାମ୍ରାଜ୍ୟର ପୂର୍ବାଞ୍ଚଳ)ର ସେଣ୍ଟ ନିକୋଲାସ , ଷୋଡ଼ଶ ଶତାବ୍ଦୀର ଇଂଲଣ୍ଡର ଫାଦର କ୍ରାସ୍‌ମାସ ଏବଂ ନେଦରଲାଣ୍ଡର ସିଣ୍ଟର୍‌କଲାସ । ଏମାନେ ଅନ୍ୟକୁ ସାହାଯ୍ୟ କରିବାରେ ବିଶ୍ୱାସ ରଖୁଥିଲେ,ସାନ୍ତାଙ୍କ ଭଳି ଉପହାରରେ ନୁହେଁ। ଏପରିକି ବାହାରେ ଘନ ଅନ୍ଧାରରେ କ୍ରୀତଦାସମାନେ ଭୋକିଲା ଥିବା ସମୟରେ ସମ୍ଭ୍ରାନ୍ତ ଶ୍ରେଣୀର ଧନୀ ଓ ଫାଦର(ବିଶପ)ମାନେ ଚର୍ଚ୍ଚରେ ଯିଶୁଖ୍ରୀଷ୍ଟଙ୍କୁ ସ୍ମରଣ (ପ୍ରାର୍ଥନା) କରୁଥିବାବେଳେ ଏମାନେ ସେହି ଗରିବ ଲୋକମାନଙ୍କୁ ରାତିରେ ସାହାଯ୍ୟ କରୁଥିଲେ। ସେଣ୍ଟ ନିକୋଲାସ ଜଣେ ବିଶପଙ୍କଠାରୁ ଅଧିକ ଏବଂ ଲୋମଯୁକ୍ତ ନାଲି ଓ ସବୁଜ ରଙ୍ଗର କୋଟ୍ ପିନ୍ଧିଥିବା ଫାଦର କ୍ରିସ୍‌ମାସ ଏବଂ ସିଣ୍ଟର୍‌କଲାସ ସବୁଠୁ ଆନନ୍ଦିତ ବୟସ୍କ ବ୍ୟକ୍ତି।

ଧର୍ମୀୟ ବିଶ୍ୱାସରେ ଏବକାର ସାନ୍ତା ପନ୍ଥ ବା ସଂସ୍କୃତି ପ୍ରକାଶ ପାଇଛି ଭିନ୍ନ ଧାରାରେ। ପାର୍କ , ଚିଠି ଲେଖା , ତାଙ୍କ କଳ୍ପିତ କାହାଣୀ ଓ ତାଙ୍କ ସ୍ତ୍ରୀ ଓ ପିଲା ତଥା ତାଙ୍କ ଉପହାର ପ୍ରଦାନ କ୍ଷମତା ସମ୍ପର୍କିତ ହଲିଉଡ୍ ଫିଲ୍ମରେ ସାନ୍ତା ବିଶ୍ୱାସ ପରିପୂର୍ଣ୍ଣ। ଅନେକ ସ୍ଥାନରେ ଏହା ଯିଶୁଖ୍ରୀଷ୍ଟଙ୍କ ବିଚାରଧାରାଠାରୁ ଭଲ ବୋଲି ଦର୍ଶାଇବାକୁ ଚେଷ୍ଟା କରେ, ଏପରିକି ତାହାକୁ କମ୍ ଗୁରୁତ୍ୱ ଦେଇଥାଏ। ଯିଶୁଙ୍କ ଜନ୍ମ କୃଷି କ୍ଷେତରେ ରହୁଥିବା ପ୍ରାଣୀ ଓ ପଶୁପାଳକମାନଙ୍କ ପରିବେଷ୍ଟିତ ଏକ ଶାନ୍ତ ସାଧାରଣ ଚାରଣଭୂମିରେ ହୋଇଥିଲା। ଏକ ସ୍ୱତନ୍ତ୍ର ନକ୍ଷତ୍ର ୩ ଜଣ ପଣ୍ଡିତଙ୍କୁ ପଥପ୍ରଦର୍ଶନ କରି ସେଠାକୁ ନେଇଆସିଥିଲା ଓ ସେମାନେ ଯିଶୁଙ୍କୁ ଦେଖିଥିଲେ। ପ୍ରକୃତି ଓ ଅନେକ ଦେବତା ଉପରେ ବିଶ୍ୱାସ ରଖୁଥିବା ପୁରୁଣା ପରମ୍ପରା ଚର୍ଚ୍ଚ ନୈତିକତାବାଦ ବା ଶୁଦ୍ଧାଚାରବାଦକୁ ବାଟ ଛାଡୁନାହିଁ କି? ସାନ୍ତାକ୍ଲଜ୍‌କୁ ନେଇ ପର୍ବ ସମୟରେ ଆକାଶଛୁଆ ବ୍ୟବସାୟ ବୃଦ୍ଧି କାରଣରୁ ଏଭଳି ଘଟୁଛି କି? ପ୍ରଶ୍ନ ଉଠେ.ଏହା କ'ଣ ଧର୍ମଠାରୁ ଦୂରେଇଯିବା ଲାଗି ପର୍ବର ଲଗାତର ଏକ ପ୍ରୟାସ। ପର୍ବକୁ କମ୍ ପ୍ରାର୍ଥନାଭିତ୍ତିକ ଏବଂ ଅଧିକ ଶପିଙ୍ଗ ମୁହାଁ କରାଇବା ସାନ୍ତାପନ୍ଥୀମାନେ ଚେଷ୍ଟା କରୁଛନ୍ତି କି। ଏଣୁ ଆମ ଅଫିସ୍ ଓ ସ୍କୁଲରେ ସାନ୍ତା ଦେଉଥିବା ଉପହାରଗୁଡ଼ିକୁ ଖୋଲିବା ସମୟରେ ଆମେ ଏସବୁ ବିଷୟରେ ଗଭୀର ଭାବେ ଚିନ୍ତା କରିବା ଉଚିତ।

-devduttofficial@gmail.com

# ମଣିଷ ସମୟର ଦାସ



ରାଧାଶ୍ୟାମ ରାଉଳ

ସମୟର ପ୍ରବହମାନ ସ୍ରୋତରେ ଜୀବନରେ ଓ ଜଗତରେ ନାନା ଘଟଣା ଘଟୁଛି, ଅନେକ କିଛି ପରିବର୍ତ୍ତନ ହେଉଛି। ଇତିହାସ ହେଉ କି ପୁରାଣ ଶାସ୍ତ୍ରର ଚର୍ଚ୍ଚା ହେଉ ; ସେଥିରୁ ଅନେକ ପ୍ରମାଣ ମିଳିବ ଯେ, କେତେକେତେ ପ୍ରତାପୀ, ପରାକ୍ରମୀ, କ୍ଷମତାଶାଳୀ, ଦୁର୍ଦ୍ଧର୍ଷ ଦିଗ୍‌ବିଜୟୀ ଶାସକ ଓ ସମ୍ରାଟ୍ କେଉଁଠି ନା କେଉଁଠି ପରାଜୟ ବରଣ କରି ଶେଷକୁ କାଳର କରାଳଗର୍ଭରେ ଲୀନ ହୋଇଯାଇଛନ୍ତି। କେତେକେତେ ସାମ୍ରାଜ୍ୟର ପତନ ଘଟିଛି। ରାଜତନ୍ତ୍ର, ସୈରତନ୍ତ୍ରର ବିଲୋପ ଘଟି ପ୍ରଜାତନ୍ତ୍ର ବା ଗଣତନ୍ତ୍ରର ଅଭ୍ୟୁଦୟ ଘଟିଛି।

ସମୟ ସ୍ୱୟଂସମ୍ପୂର୍ଣ୍ଣ, ଅଣଲେଉଟା! ଅବିରାମ ଗତି ସମୟର। କାହାର ସୁବିଧା, ଅସୁବିଧାରେ କିମ୍ବା ଅନୁରୋଧରେ ସମୟ ଦଣ୍ଡେପଳେ ଅଟକିଯାଏ ନାହିଁ ତା' ପାଖରେ। ସମୟ କାହାର ନିଜର ହୋଇ ରହିନଥିଲା, ରହିନାହିଁ କି ରହିବନାହିଁ। ସମୟ ସହ ଘଟି ଯାଇଥିବା ଘଟଣା ଆମ ପାଇଁ ଅତୀତ, ସେସବୁ ସ୍ମୃତିର କଥା। ଏବେ ବା ତତ୍କାଳ ଯାହା ହେଉଛି ବା ଘଟୁଛି ସେସବୁ ଆମର ଦୃଷ୍ଟିଭଙ୍ଗୀ, ଉପସ୍ଥିତ ବୁଦ୍ଧି, ବିଚାରଶକ୍ତି ଏବଂ ଆମର ଆଚରଣ ଓ ଉଚ୍ଚାରଣ ଉପରେ ଆଧାରିତ। ଏହାହିଁ ଆମର ବର୍ତ୍ତମାନ। ବର୍ତ୍ତମାନ ଆମର ସବୁଠାରୁ ପ୍ରିୟ ସମୟ। ଆଗକୁ କ'ଣ ହେବ, କ'ଣ ଘଟିବ, ତାହା ସଂପୂର୍ଣ୍ଣ ଅନିଶ୍ଚିତ। ଭବିଷ୍ୟତ ପାଇଁ ଅବଶ୍ୟ ସ୍ୱପ୍ନ ଦେଖିହେବ, ସମ୍ଭାବନା ସବୁର ପରିକଳ୍ପନା କରିହେବ। ତେବେ ବର୍ତ୍ତମାନର ସ୍ଥିତି ଉପରେ ଆମେ କେତେମାତ୍ରାରେ ଦୃଢ଼ ଭାବରେ ଛିଡ଼ା ହୋଇପାରିଛୁ, କେଉଁଭଳି ଭାବରେ ଆମେ ଆମର ପରିଚୟ ସୃଷ୍ଟି କରିପାରିଛୁ, ତାକୁ ଇ ନେଇ ଭବିଷ୍ୟତର ପରିକଳ୍ପନା ହୁଏତ ସମ୍ଭବ।

ଜୀବନରେ ଦୁଃଖ କଷ୍ଟ ଯନ୍ତ୍ରଣା ସହିବାଠାରୁ ସୁଖ ସଫଳତା, ପ୍ରାଚୁର୍ଯ୍ୟ ବୈଭବ ପ୍ରାପ୍ତି ପର୍ଯ୍ୟନ୍ତ, ଭାଇ ଭାଇ ଭିନ୍ନେ ଭାଗ ହେବା ଠାରୁ ଜୁଇରେ ବାପା ମାଆଙ୍କର ଚିତା ଜାଳିବା ଯାଏଁ, ପ୍ରେମିକାର ପ୍ରେମାଭିନୟଠାରୁ ପତ୍ନୀଙ୍କର ଫରମାଇସ୍, ଥଟ୍ଟା ପରିହାସଯାଏଁ, ଚାକିରି ଆରମ୍ଭଠାରୁ ଅବସର ନେବାଯାଏଁ, ବାଲ୍ୟ ଜୀବନର ଦୁଷ୍ଟାମିଠାରୁ ପରିଣତ ବୟସର ପରିପକ୍ୱ ବିଚାରଯାଏଁ ସବୁ କାର୍ଯ୍ୟକ୍ରମ ଓ ପରିସ୍ଥିତିର ନିୟନ୍ତ୍ରକ ସମୟ। ଜୀବନ ଯାତ୍ରାପଥରେ ପାଦ ଝୁଣ୍ଟି ପଡ଼ିବାର ଆଶଙ୍କା ଥିବାବେଳେ ସମୟ ଆମକୁ ସଚେତନ ଓ ସତର୍କ କରିଥାଏ। ସମୟ ବି ଚିହ୍ନେଇଦିଏ କିଏ ବନ୍ଧୁ କିଏ ବଇରି, କିଏ ବିଶ୍ୱସ୍ତ କିଏ ବେଇମାନ, କିଏ ସଚ୍ଚୋଟ କିଏ ସୈତାନ, କିଏ ରକ୍ଷକ କିଏ ଭକ୍ଷକ, କିଏ ପ୍ରେମିକ କିଏ ପ୍ରତାରକ, କିଏ ଆସ୍ତିକ କିଏ ନାସ୍ତିକ, କିଏ ସମଦର୍ଶୀ କିଏ ସ୍ୱାର୍ଥାନ୍ୱେଷୀ!

ତଥାପି ମନ ମାନେନା, ହୃଦୟ ବୁଝେନା। ବିତିଯାଇଥିବା ସମୟ କି ଚାଲି ଯାଇଥିବା ସମୟ ଯେମିତି ଆମ ଜୀବନରୁ ଆମ ବୟସ, ଆମ ପିଲାଦିନ, ସ୍ନେହ ପ୍ରେମ ବନ୍ଧୁତା ଚୋରି କରିନେଇ ଆମକୁ ନିରୁପାୟ, ବେସାହାରା ବନେଇ ଦେଇଛି! ତେଣୁ ମନରେ ବିଦ୍ରୋହ ଜାଗେ ; ହେଃ ସମୟ ଦାଉସାଧୁଛି ବୋଲି ତ ଦିନକୁ ଦିନ ଦହଗଞ୍ଜ, ଦୁର୍ବିଷହ ଲାଗୁଛି ଜୀବନ। ସମୟ ସାଥ୍ ଦେଉନାହିଁ ବୋଲି ତ ପ୍ରେମରେ ଧୋକା ଦେଇ ପାଖରୁ ପ୍ରେମିକା ଦୂରେଇଗଲା ବହୁଦୂରକୁ, ବନ୍ଧୁତାରେ ଫାଟ କରି ପ୍ରିୟ ବନ୍ଧୁ ହୋଇଗଲା ଗୋଛିକଟା ଗୋବର୍ଦ୍ଧନ! ସତରେ ସମୟ ବେଳେବେଳେ ଏମିତି ଦୁଃସମୟ ରୂପ ନିଏ। ସଙ୍କଟ ଭିତରକୁ ଟାଣିନିଏ ଜୀବନକୁ, ଜଗତକୁ। କରୋନା କାଳରେ ସମୟ ଯେ କେତେ ନିଷ୍ଠୁର ନିଦାରୁଣ ହୋଇପାରେ, ତା'ର ଚାକ୍ଷୁଷ ପ୍ରମାଣ ମହାବିପଦରୁ ବର୍ତ୍ତି ଯାଇଥିବା ଆମେ ସମସ୍ତେ ଭୁକ୍ତଭୋଗୀ ମଣିଷ।

ଆମ ସଭିଙ୍କ ପାଇଁ ଦିନରାତି ଚବିଶ ଘଣ୍ଟାର ସମୟ ସମାନ। ସମୟର ସଦୁପଯୋଗ ନ କରି ନିଜ ସପକ୍ଷରେ ନିଜେ ଯୁକ୍ତି ବାଢ଼ି କହିବା ନିଷ୍ପ୍ରୟୋଜନ ଯେ, ଏବେ ସମୟ ଭଲ ନାହିଁ। ହୁଏତ ଆଗକୁ ଭଲ ସମୟ ଆସୁଛି କି ଆସିବ! ସମୟକୁ କେବେବି ଆମେ ଆମ ସପକ୍ଷରେ ଆଣିପାରିବୁ ନାହିଁ। ସମୟର ଗତି ସହ ଆମ ସଭିଙ୍କର ଜୀବନର ଗତି ଯୋଡ଼ା। ସମୟକୁ ଅବଜ୍ଞା କରିବା ଅସମ୍ଭବ, ସାଧାତୀତ। କାରଣ ମଣିଷ ସମୟର ଦାସ!

**ଡୁ୍ୟପ୍ଲେକ୍ସ: ୧୦(ବି), ବୀମା ବିହାର, ମର୍କତନଗର, ସେକ୍ଟର-୬, କଟକ**
**ମୋ: ୯୪୩୭୦୯୦୮୮୫**

## ଏଇ ଭାରତରେ

ଇ କମର୍ସ କମ୍ପାନୀଗୁଡ଼ିକ ଦ୍ୱାରା ପସନ୍ଦର ଜିନିଷ ଘରେ ପହଞ୍ଚୁଥିବା ଭଳି ଏବେ ବେଙ୍ଗାଲୁରୁର ୨ ଭଉଣୀ ଯଶୋଦା ଏବଂ ରେହା କାରୁତୁରି ଲୋକଙ୍କୁ ପୂଜାଫୁଲ ଦେଉଛନ୍ତି। ସେମାନେ ହୁଭୁ (କନ୍ନଡ ଭାଷାରେ ଫୁଲ) ଫ୍ରେଶ୍ ଷ୍ଟାର୍ଟଅପ୍ ଗଠନ କରି ତା' ମାଧ୍ୟମରେ ଘରେ ଘରେ ଫୁଲ ପହଞ୍ଚାଉଛନ୍ତି ଓ ଏଥିରେ ଶତାଧିକ ଲୋକଙ୍କୁ ନିଯୁକ୍ତି ଦେଇଛନ୍ତି। ୨୦୧୯ରେ ସେମାନେ ଏହି କାର୍ଯ୍ୟ ଆରମ୍ଭ କରି ୧୦ ଲକ୍ଷ ଟଙ୍କା ନିବେଶ କରିଥିଲେ। ଏବେ ସେଥିରୁ ଏହି ଦୁଇ ଭଉଣୀ ବାର୍ଷିକ ୮ କୋଟି ଟଙ୍କା ରୋଜଗାର କରୁଛନ୍ତି। ତାଙ୍କ ପରିବାର ଫୁଲ ବ୍ୟବସାୟରେ ଜଡ଼ିତ ରହିଥିବାରୁ ଏମାନେ ଏଥିପ୍ରତି ଆକର୍ଷିତ ହୋଇ ଏଭଳି କାର୍ଯ୍ୟ କରୁଛନ୍ତି। ସେମାନେ କର୍ଣ୍ଣାଟକ, କେରଳ ଓ ତାମିଲନାଡୁର ପାଖାପାଖି ୫୦ ଜଣ କୃଷକଙ୍କଠାରୁ ଫୁଲ ସଂଗ୍ରହ କରୁଛନ୍ତି। କୌଣସି ମଧ୍ୟସ୍ଥଙ୍କୁ ନିଯୁକ୍ତ ନ କରି କୃଷକମାନଙ୍କ ସହ ସିଧାସଳଖ ସମ୍ପର୍କ ରଖୁଥିବାରୁ ସେମାନେ ଭଲ ଲାଭ ପାଉଛନ୍ତି। ପ୍ୟାକିଂ ପଦ୍ଧତି ଉଚ୍ଚମାନର ରହିଥିବାରୁ ଫୁଲ ପ୍ରାୟ ୨ ସପ୍ତାହ ଯାଏ ଫ୍ରେଶ୍ ରହିପାରୁଛି। ମାସକୁ ସେମାନେ ଦେଢ଼ ଲକ୍ଷରୁ ଊର୍ଦ୍ଧ୍ୱ ଅର୍ଡର ପାଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୨ ଡିସେମ୍ବର ୧୯୯୭

- ପୂର୍ବତନ ପାକିସ୍ତାନ ପ୍ରଧାନମନ୍ତ୍ରୀ ବେନଜୀର ଭୁଟ୍ଟୋ ଓ ତାଙ୍କ ସ୍ୱାମୀ ଅସିଫ ଅଲ୍ଲୀ ଜର୍ଦ୍ଦାରୀଙ୍କ ନାମରେ ୬ଟି ସୁଇସ୍ ବ୍ୟାଙ୍କରେ ଜମାଥିବା ବେଆଇନ ଅର୍ଥ ଅଚଳ।
- ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ସାଂସଦ ତ୍ରିଜିବ ଚୌଧୁରୀଙ୍କ ୮୬ ବର୍ଷ ବୟସରେ ପରଲୋକ।
- ତାମିଲନାଡୁ କଂଗ୍ରେସର ଟାଣୁଆ ନେତା ତଥା ପୂର୍ବତନ ପିସିସି ସଭାପତି ଭି.କେ. ରାମମୂ କଂଗ୍ରେସ ଦଳ ତ୍ୟାଗ କରି 'ତାମିଲନାଡୁ ମାକାଲ କଂଗ୍ରେସ' ନାମରେ ଏମ ନୂଆ ଦଳ ଗଠନ କରିଛନ୍ତି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | | | | 8 | | | | 1 |
| | | 7 | 2 | | | | | |
| 1 | | | 4 | | | | 3 | |
| 3 | 4 | | | 6 | | 1 | | |
| 8 | | | | | | | | 9 |
| | | 5 | | | 3 | | | |
| | 2 | | | | | 5 | | |
| | | 6 | | 4 | 9 | | | |
| 5 | | | | | | | | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 6 | 3 | 5 | 2 | 8 | 9 | 1 | 7 |
| 8 | 9 | 2 | 1 | 3 | 7 | 5 | 6 | 4 |
| 5 | 1 | 7 | 4 | 6 | 9 | 2 | 8 | 3 |
| 7 | 8 | 9 | 2 | 5 | 1 | 3 | 4 | 6 |
| 6 | 5 | 4 | 8 | 9 | 3 | 1 | 7 | 2 |
| 3 | 2 | 1 | 6 | 7 | 4 | 8 | 9 | 5 |
| 2 | 4 | 8 | 3 | 1 | 6 | 7 | 5 | 9 |
| 1 | 7 | 5 | 9 | 4 | 2 | 6 | 3 | 8 |
| 9 | 3 | 6 | 7 | 8 | 5 | 4 | 2 | 1 |

ଗତକାଲିର ଉତ୍ତର

# ଓଲଟାମତି, ଓଲଟଗତି



ଶୁଭନାରାୟଣ ଶତପଥୀ

ସୁରାପାନ ଗାଁଠାରୁ ସହର ପର୍ଯ୍ୟନ୍ତ ସବୁଠାରେ ପରିବ୍ୟାପ୍ତ। ସୁରା କବଳରୁ ଯୁବକ, ଯୁବତୀ, ମହିଳା ଏମିତି କି ଶିଶୁମାନେ ମଧ୍ୟ ବାଦ ପଡୁନାହାନ୍ତି। ଥରେ ଗୋଟିଏ ସ୍ଥାନରେ କେତେକ ପିଲା ସୁରାପାନ କରୁଥିବାର ଦେଖିବାକୁ ମିଳିଲା। ଏତିକିବେଳେ ଜଣେ ଭଦ୍ରବ୍ୟକ୍ତି ସେଠାରେ ପହଞ୍ଚିଲେ। ସୁରାଆସରରେ ବସିଥିବା ପାଞ୍ଚଜଣ ପିଲାଙ୍କ ମଧ୍ୟରୁ ଜଣକୁ ଧରିନେଇଗଲେ। ବୁଝିବାରୁ ଜଣାପଡ଼ିଲା ଯେ ଉକ୍ତ ବ୍ୟକ୍ତି ଜଣକ ହେଉଛନ୍ତି ଏକ ଶିଶୁଯତ୍ନ ଅନୁଷ୍ଠାନର ମୁଖିଆ ଓ ପିଲାଟି ହେଉଛି ସେଠାକାର ଅନ୍ତେବାସୀ। ପିଲାଟି ସେଠାରେ ସେବା ପାଇଆସୁଛି ସତ କିନ୍ତୁ ସୁରାପାନର ଅଭ୍ୟାସ ତା' ବାପାଙ୍କଠାରୁ ଶିଖିଛି ବୋଲି ସ୍ୱୀକାର କରିଛି। ଘଟଣାଚକ୍ରଟି ହେଉଛି ଯେ ଅତ୍ୟଧିକ ସୁରାପାନରେ ବୁଡ଼ିରହୁଥିବା ବାପା, ଘରର ଚଳଣି ପ୍ରତି ଧ୍ୟାନ ନ ଦେବା କାରଣରୁ ମାଆ ଜଣକ ତିନି ପୁଅଙ୍କ ମୁହଁରେ ଆହାର ଦେବାକୁ ଯାଇ କୋଳରେ ଧରିଥିବା ପଚିଶ ଦିନର ଚତୁର୍ଥ ବା ସବାସାନ ଶିଶୁପୁତ୍ରକୁ ବିକ୍ରି କରିଦେଉଥିଲେ। ଶିଶୁ ସୁରକ୍ଷା ବିଭାଗ, ସ୍ଥାନୀୟ ପୋଲିସ, ପ୍ରଶାସନର ହସ୍ତକ୍ଷେପ ପରେ ଶିଶୁବିକ୍ରି ବନ୍ଦ କରାଗଲା ଏବଂ ପରିବାର ସମୃଦ୍ଧୀକରଣ ପଦକ୍ଷେପସ୍ୱରୂପ ସେହି ପରିବାରକୁ ସ୍ୱୟଂସହାୟକ ଦଳରେ ଅନ୍ତର୍ଭୁକ୍ତୀକରଣ, ରାଶନ କାର୍ଡ, ଶିଶୁମାନଙ୍କୁ ମାଗଣା ପାଠପଢ଼ିବା ବ୍ୟବସ୍ଥା ସହିତ ଅଙ୍ଗନୱାଡିରେ ଭର୍ତ୍ତି କରାଗଲା। ମୋଟ ଚାରୋଟି ପିଲାଙ୍କ ମଧ୍ୟରୁ ଦୁଇଜଣ ଶିଶୁଯତ୍ନ ଅନୁଷ୍ଠାନରେ ରହିଲେ ଓ ବଢ଼ିଲେ। ତେବେ ସେହି ଦୁଇଜଣଙ୍କ ମଧ୍ୟରୁ ଏହି ଗୋଟିଏ ପୁଅ ତା' ବାପାଙ୍କ ସହିତ ସୁରାପାନର ଅଭ୍ୟାସ କଥା ପରିପ୍ରକାଶ କରିଥିଲା।

ଅନ୍ୟ ଏକ ଘଟଣାରେ ସମ୍ଭ୍ରାନ୍ତ ଶ୍ରେଣୀର ଦଳେ ଯୁବତୀ ଜଣେ ପୁରୁଷଙ୍କୁ ଏଇ ନିକଟରେ ଅପହରଣ କରିବା ପରେ ତାଙ୍କୁ ଯୌନଶୋଷଣ କରିବା ଖବର ଆଲୋଡ଼ନ ସୃଷ୍ଟି କରିଥିଲା। ଉକ୍ତ ଯୁବତୀମାନେ ସୁରାପାନ କରି ଏହି କାଣ୍ଡଭିଆଇଥିବାର ଖବର ପ୍ରସାରିତ ହୋଇଥିଲା। ତେବେ ସୁରାପାନ ଏ ଘଟଣାକୁ ପ୍ରୋତ୍ସାହିତ କରିବାର ଏକ ବଡ଼ କାରଣ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। କେଉଁଠି ପରମ୍ପରାର ଦ୍ୱାହି ଦେଇ ତ କେଉଁଠି ସାଂପ୍ରତିକ ଆଧୁନିକ ଜୀବନଶୈଳୀର ପରାକାଷ୍ଠା ଦେଖାଇ ବ୍ୟକ୍ତି ସୁରାପାନ କରୁଛି। ସୁରାପାନ ସର୍ବସାଧାରଣରେ ଧୀରେଧୀରେ ଗ୍ରହଣୀୟ ହେବାରେ ଲାଗିଛି। ପୂର୍ବରୁ ସ୍ଥାନୀୟ ଅଞ୍ଚଳରେ ବା ରନ୍ଧାଯାଉଥିବା ଦେଶୀ ସୁରାକୁ ବିରୋଧ କରିବା ଓ ଭାଙ୍ଗିବାକୁ ନେଇ ଅନେକ ଖବର ପ୍ରସାରିତ ହେଉଥିଲା। କିନ୍ତୁ ଏବେ ସ୍ୱୀକୃତିପ୍ରାପ୍ତ ସୁରା କିଣିବାକୁ ଲମ୍ବା ଲାଇନ। ସେଠାରେ ସୁରାପାନ ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ ବୋଲି ପଢୁଛେ। ତଥାପି ମତିରେ ପରିବର୍ତ୍ତନ ନାହିଁ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ୨୦୨୨ ତଥ୍ୟ ଅନୁଯାୟୀ କ୍ଷତିକାରକ ସୁରାର ବ୍ୟବହାର ଯୋଗୁ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ରୋଗର ଶିକାର ହୋଇଥାନ୍ତି ଲୋକେ। ସାରାବିଶ୍ୱରେ ପ୍ରତିବର୍ଷ ପ୍ରାୟ ୩ ମିଲିୟନ ମୃତ୍ୟୁ ସୁରା ବ୍ୟବହାର ଯୋଗୁ ହୋଇଥାଏ, ଯାହା ମୋଟ ମୃତ୍ୟୁର ୫.୩ ଶତକଡ଼ା।

ତେବେ ଅନ୍ୟ ଏକ ବିପରୀତ ଘଟଣା ହେଉଛି, ପ୍ରାତଃଭ୍ରମଣ, ବ୍ୟାୟାମ କରିବାକୁ ସହରରେ ଥିବା ପାର୍କକୁ ଆସନ୍ତି ଲୋକେ। ଏଇ କିଛିଦିନ ତଳର କଥା। ଠେଲାଗାଡ଼ି ଧରି ଜଣେ କ୍ଷୁଦ୍ରବ୍ୟବସାୟୀ ସେହିଗାଡ଼ିରେ ଅମୃତ ପାନୀୟ ଲେଖି ସେଠାରେ ବିକ୍ରି ଉଦ୍ଦେଶ୍ୟରେ ଠିଆ ହୋଇଥାନ୍ତି। କିନ୍ତୁ ସେହି ଠେଲାଗାଡ଼ି ନିକଟରେ କେବେ ଆଖିଦୃଶିଆ ଭିଡ଼ ବା



ଲମ୍ବା ଧାଡ଼ି ପରିଲକ୍ଷିତ ହେଉ ନ ଥାଏ। ତେବେ ଉକ୍ତ ବ୍ୟବସାୟୀଜଣକ ସେହି ଠେଲାଗାଡ଼ିରେ ଭୂଇଁଲିମ୍ବ ଜୁସ, ତୁଳସୀ ରସ, ଦହିପଣା, ବେଲ ପଣା, କଲରା ରସ, ମାଣ୍ଡିଆ ଜୁସ, ଭୁସି ମିଶିରି ଇତ୍ୟାଦି ବିକ୍ରି କରୁଥାନ୍ତି। ଯେଉଁଠି ପ୍ରକୃତିଦତ୍ତ ଦ୍ରବ୍ୟଠାରୁ ମଣିଷମାନେ ଦୂରେଇ ଯାଉଛନ୍ତି, ସେଠାରେ ଏହି ବ୍ୟବସାୟୀ ଜଣକ କେବଳ ନିଜ ସ୍ୱାର୍ଥକୈନ୍ଦ୍ରିକ ବ୍ୟବସାୟ ବା ଅର୍ଥ ରୋଜଗାର ପଛରେ ନ ପଡ଼ି ସମାଜର ମଙ୍ଗଳ କାମନାରେ ରୋଜଗାରକୁ ଯୋଡ଼ିଛନ୍ତି। ବର୍ତ୍ତମାନ ମଣିଷ କେବଳ ଅଧିକ ରୋଜଗାର ପଛରେ ଦୌଡୁଥିବା ବେଳେ ଏହି ଚିନ୍ତାଧାରାର ବ୍ୟବସାୟୀମାନଙ୍କ ଏପରି ପ୍ରୟାସ ବାସ୍ତବରେ ପ୍ରଶଂସନୀୟ। ତେବେ ଦୁଃଖର ବିଷୟ ଯେ ବର୍ତ୍ତମାନର ପିଢ଼ି ଏହି ଅମୃତସମ ପାନୀୟର ସ୍ୱାସ୍ଥ୍ୟ ଅନୁକୂଳ ଉପାଦେୟତାକୁ ଗ୍ରହଣ କରିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ସାଧାରଣତଃ ସୁରାପ୍ରେମୀ ମଣିଷମାନେ ସୁରାପାନ ପାଇଁ ସୀମାସରହଦ ମାନନ୍ତି ନାହିଁ। ସୁରା ଲୋଡ଼ା ପଡ଼ିଲେ କଳାବଜାରରେ ଅଧିକ ଅର୍ଥ ଦେଇ, କଳେବଳେ କୌଶଳେ ସୁରା ସଂଗ୍ରହ କରିବାକୁ ପଛଘୁଞ୍ଚା ଦିଅନ୍ତି ନାହିଁ। ଏଥିପାଇଁ ବୋଧହୁଏ ସଦ୍ୟ ପ୍ରାକୃତିକ ସ୍ୱାସ୍ଥ୍ୟ ହିତକାରୀ ପାନୀୟ ବେପାରୀଙ୍କ ପାଖରେ ଗ୍ରାହକ ଢେର କମ। ଦିନେ ଏହି ଅମୃତରୂପୀ ପାନୀୟ ବ୍ୟବସାୟ କରୁଥିବା ବ୍ୟବସାୟୀଜଣକ ତାଙ୍କର ଜଣେ ନିୟମିତ ଗ୍ରାହକଙ୍କୁ ଅନୁରୋଧ କଲେ କିଛି ଅଧିକ ଅର୍ଥ ଦେବାକୁ। ଗ୍ରାହକଜଣକ ଏବିଷୟରେ ଜାଣିବାର ଇଚ୍ଛାପ୍ରକାଶ କରିବାରୁ ବ୍ୟବସାୟୀ ଜଣକ କହିଲେ ଯେ ଏଠାରେ ବିକ୍ରି ନ ହେଉଥିବା ଅଧିକାଂଶ ପାନୀୟ ବା ଜୁସ୍‌କୁ ମୋତେ ଫିଙ୍ଗିବାକୁ ପଡ଼େ। କାରଣ ଏହାକୁ ପରଦିନ ପର୍ଯ୍ୟନ୍ତ ରଖାଯାଇପାରେ ନାହିଁ। ଏଠାରେ ସକାଳରୁ ଦିନ ଦଶଟା ପର୍ଯ୍ୟନ୍ତ ଯାହା ବ୍ୟବସାୟ ହୁଏ। ଆଉ ତା'ପରେ ପ୍ରାୟତଃ ଏ ବ୍ୟବସାୟ ହୁଏ ନାହିଁ। ଏସବୁ ପାନୀୟ ପାଇଁ କଞ୍ଚାମାଲ ସଂଗ୍ରହ ଓ ପ୍ରସ୍ତୁତିରେ ମୋର ପରିଶ୍ରମ ବୃଥାଯାଏ ଏବଂ ରୋଜଗାର ବି କମ୍ ହୁଏ। ଏଣୁ ଗ୍ରାହକଙ୍କ ଅନାସକ୍ତ ପଣିଆ ଯୋଗୁ ମୋତେ ଏ ବ୍ୟବସାୟରେ ପରିବର୍ତ୍ତନ କରିବାକୁ ପଡ଼ିବ ବୋଲି କହିଲେ ବ୍ୟବସାୟୀଜଣକ। ଏକଥା ଶୁଣି ଗ୍ରାହକ ଜଣକ ବ୍ୟବସାୟୀଙ୍କ ହାତକୁ ଶହେଟଙ୍କାର ନୋଟଟିଏ ବଢ଼େଇ ଦେଲେ। ବ୍ୟବସାୟୀଜଣକ ପ୍ରତିଶ୍ରୁତି ଦେଲେ ଯେ ମୁଁ ଆପଣଙ୍କ ଅର୍ଥର ମୂଲ୍ୟ ନିଶ୍ଚୟ ଫେରସ୍ତ ଦେବି।

ଦେଖାଯାଉଛି ଅଧିକାଂଶ କ୍ଷେତ୍ରରେ ସମାଜ ପାଇଁ ଉତ୍ତମ ଚିନ୍ତାନେଇ କାର୍ଯ୍ୟକରୁଥିବା ବ୍ୟକ୍ତି ଏମିତିକା ପରିସ୍ଥିତିର ସାମ୍ନା କରୁଛି। ଏପରିସ୍ଥଳେ ଏହି ବ୍ୟକ୍ତିବିଶେଷଙ୍କୁ ପ୍ରୋତ୍ସାହନର ଆବଶ୍ୟକତା ରହିଛି। ଫଳରେ କ୍ଷୁଦ୍ର ବ୍ୟବସାୟୀଜଣକ ରୋଜଗାରକ୍ଷମ ହେବାସହ ସୁସ୍ଥ ସମାଜ ଗଠନରେ ସହାୟକ ହୋଇପାରନ୍ତେ। ସୁରା ବଦଳରେ ଏପରି ପ୍ରାକୃତିକ ପାନୀୟର ବହୁଳ ବ୍ୟବହାର ସମାଜ ପାଇଁ ବରଦାନ ସଦୃଶ। ଯେତେବେଳେ ଚିକିତ୍ସକ ପରାମର୍ଶ ଦିଅନ୍ତି ସେତେବେଳେ ସେହି ମଣିଷ ଏସବୁ ପ୍ରାକୃତିକ ଦ୍ରବ୍ୟର ଆବଶ୍ୟକତା ଉପଲବ୍ଧି କରେ । ଫ୍ଲେଭର ନୁହେଁ ପ୍ରକୃତିଦତ୍ତ ଉତ୍ତମ ଗୁଣ ସଂପନ୍ନ ଦ୍ରବ୍ୟ ଆମକୁ ସୁସ୍ଥ ଜୀବନ ପ୍ରଦାନ କରେ। ଏଇ କୋଭିଡ କାଳର କଥା। ଲୋକେ ଜୀବନ ବଞ୍ଚାଇବାକୁ ଘରେଘରେ ପ୍ରାକୃତିକ ଦ୍ରବ୍ୟରେ ପ୍ରସ୍ତୁତ ପାନୀୟ ବା କାଢ଼ା କରି ପିଉଥିଲେ। ଏହା ମଧ୍ୟ ଜୀବନ ରକ୍ଷାକାରୀ ସାବ୍ୟସ୍ତ ହେଉଥିଲା। ସକାରାତ୍ମକ ମାନସିକତା, ନିଜ ସ୍ୱାସ୍ଥ୍ୟର ବିକାଶକୁ ଦୃଷ୍ଟିରେ ରଖି ଅମୃତସମ ପାନୀୟର ବ୍ୟବସାୟୀମାନଙ୍କୁ ସହଯୋଗ ହୁଏତ ମଣିଷ ସମାଜକୁ ଏକ ନୂଆ ରାହା ଦେବ। ତେବେ ଓଲଟାମତି, ଓଲଟଗତି ଏକ ବିପରୀତାଭିମୁଖୀ ସମାଜକୁ ଜନ୍ମ ଦେବ ଏଥିରେ ସନ୍ଦେହ ନାହିଁ।

**ବିଜିପୁର, ବ୍ରହ୍ମଗିରି, ପୁରୀ**
**ମୋ-୯୪୩୮୪୩୨୦୨୩**

## ପାଠକ ଶ୍ରେଷ୍ଠ ବିଚାରକ

### ସ୍କୁଲରେ ଶୈକ୍ଷିକ ସ୍ଥିତି

ମହାଶୟ,

ମୌଳିକ ଅଧିକାର ଅନୁଯାୟୀ ସବୁ ବର୍ଗର ପିଲାଙ୍କୁ ଉପଯୁକ୍ତ ଶିକ୍ଷା ମିଳିବା ଆବଶ୍ୟକ। କେବଳ ହାତଗଣତି କେତେକ ପିଲାଙ୍କ ଶିକ୍ଷାର ବିକାଶ ପାଇଁ ସ୍କୁଲଗୁଡ଼ିକୁ ଉନ୍ନୀତ ବା ରୂପାନ୍ତରିତ ନାମରେ ନାମିତ କରିବା କିମ୍ବା ଆଦର୍ଶ ସ୍କୁଲ ଭାବେ ଗଢ଼ିଦେଲେ ଚଳିବ ନାହିଁ। ସବୁ ପିଲାଙ୍କର ଶୈକ୍ଷିକ ବିକାଶ ପାଇଁ ତତ୍ପରତା ପ୍ରକାଶ ହେବା ଉଚିତ। ବର୍ତ୍ତମାନ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମରେ ଶିକ୍ଷା ବିଭାଗର ଅଧିକାରୀମାନଙ୍କୁ ସ୍କୁଲମାନଙ୍କର ସ୍ଥିତି ସମ୍ବନ୍ଧରେ ବିବରଣୀ ମଗାଯାଇଛି। ଆଶ୍ଚର୍ଯ୍ୟର କଥା ସ୍କୁଲର ସ୍ଥିତି ପ୍ରତିମାସରେ ଓ ବର୍ଷରେ ବିଭାଗୀୟ ଅଧିକାରୀ ପଠାଇଥାନ୍ତି। ତାହା କ'ଣ ଯଥେଷ୍ଟ ନୁହେଁ ? ସ୍କୁଲଘରଗୁଡ଼ିକର ବିକଳ ଚିତ୍ର, ଶିକ୍ଷକ ଅଭାବ, ପାଠାଗାର, କ୍ରୀଡ଼ାଭୂମିର ଅଭାବ ଓ ମଧ୍ୟାହ୍ନଭୋଜନରେ ଅନିୟମିତତା ଇତ୍ୟାଦି ଖବରମାନ ଦୈନନ୍ଦିତ ଖବରକାଗଜ ମଣ୍ଡନ କରୁଛି। ହେଲେ ସେ ସବୁ ସମସ୍ୟାର ସମାଧାନ ପାଇଁ କୌଣସି ବଳିଷ୍ଠ ପଦକ୍ଷେପ ନିଆଯାଉନାହିଁ। ଏହି ପରିସ୍ଥିତି ଲାଗି ରହିଲେ ପିଲାମାନଙ୍କର ପାଠପଢ଼ା ନିଶ୍ଚୟ ଅନ୍ଧାରରେ ରହିଯିବ। ଶୈକ୍ଷିକ ବିକାଶ ଦିଗରେ ସୁଦୃଢ଼ ପଦକ୍ଷେପ ନେବା ନିହାତି ଆବଶ୍ୟକ।

**-ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ତୁମେ ଦଶନେ ନ ଦିଅ ହାସ,
କଳକଣ୍ଠେ ନାହିଁ ଭାଷ,
ଆଜି କେଉଁ ଭବିଷ୍ୟ କୁହୁତାନେ ମଜି
ମୁଁ ନ ମାନେ ପଥ ଅପଥ
ତୁମେ ଅଧରେ ନ ଦିଆ ଉକତ।
-(ବିଶ୍ୱର ଆହ୍ୱାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

**ଆଜିଠୁ ରାଜ୍ୟସ୍ତରୀୟ ତିଲେଶ୍ୱର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ**

ବୌଦ୍ଧ,(ସ୍ୱ.ପ୍ର.): ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ତିଲେଶ୍ୱରଠାରେ ଗୁରୁବାର ଠାରୁ ୨୦ତମ ରାଜ୍ୟସ୍ତରୀୟ ତିଲେଶ୍ୱର କପ ଫୁଟବଲ ଟୁର୍ନାମେଣ୍ଟ ଆରମ୍ଭ ହେବାକୁ ଯାଉଛି। ତିଲେଶ୍ୱରର ଫେଣ୍ଡସ ଆସୋସିଏଶନ ପକ୍ଷରୁ ଆୟୋଜିତ ଏହି ଫୁଟବଲ ଟୁର୍ନାମେଣ୍ଟ ତିଲେଶ୍ୱରର ଫକୀର ଚରଣ ଖେଳପଡିଆଠାରେ ହେବ। ଆସନ୍ତା ୨୮ ତାରିଖରେ ଫାଇନାଲ ଖେଳ ହେବ ବୋଲି ଆସୋସିଏଶନର ସମ୍ପାଦକ ରମେଶ କୁମାର ସାମଲ ସୂଚନା ଦେଇଛନ୍ତି।

**ସେଲ୍ଫି କର୍ନର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com



@ ବିଜୟ



@ ଅଭିଜିତ୍

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଶ୍ରୀକୃଷ୍ଣ, ବଳରାମଙ୍କୁ କଂସଙ୍କ ନିମନ୍ତ୍ରଣ

## ଧୁଙ୍ଗିଆମୁଣ୍ଡାରେ ଧନୁଯାତ୍ରାର ସପ୍ତମ ସନ୍ଧ୍ୟା

**ସିନାପାଲି,୨୧।୧୨(ଡି.ଏନ.ଏ.)**

ନୂଆପଡ଼ା ଜିଲା ସିନାପାଲି ଅନ୍ତର୍ଗତ କେନ୍ଦୁମୁଣ୍ଡା ପଞ୍ଚାୟତ ଧୁଙ୍ଗିଆମୁଣ୍ଡାଠାରେ ବିରାଟ ଧନୁଯାତ୍ରା ମହୋତ୍ସବର ସପ୍ତମ ରାଜନୀରେ ମହାରାଜା କଂସଙ୍କ ଆଦେଶ ନେଇ ଅକ୍ରୁର ଶ୍ରୀକୃଷ୍ଣ ଓ ବଳରାମଙ୍କୁ ରାଜଦରବାରରେ ଆସିବା ପାଇଁ ନିମନ୍ତ୍ରଣ କରିଥିଲେ। ଆୟୋଜିତ ସାଂସ୍କୃତିକ ସଭାରେ ଅନୁଷ୍ଠାନ ସଭାପତି ଲମ୍ବୋଧର ଦଣ୍ଡସେନା ଅଧ୍ୟକ୍ଷତା କରିଥିବା ବେଳେ ସାଂସ୍କୃତିକ ସମ୍ପାଦକ ଭୃଙ୍ଗରାଜ ନାଗ ଓ ସ୍ଥାନୀୟ ସରପଞ୍ଚ ମଦନ ଦଣ୍ଡସେନା ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ବିଜେଡିର ପୂର୍ବତନ ଜିଲା ପରିଷଦ ଲମ୍ବୋଧର ନିଆଲ, ୧୨ ନମ୍ବର ଜୋନର ଜିଲା ପରିଷଦ ସଦସ୍ୟା ପୁଷ୍ପାଞ୍ଜଳି ଗୁଆଲ, ଗୋର୍ଲା ସରପଞ୍ଚ ଦମୟନ୍ତୀ ଦଣ୍ଡସେନା, ଗଣେଶ ପୋଡ଼, କେନ୍ଦୁମୁଣ୍ଡା ପଞ୍ଚାୟତ ସମିତି ମେମ୍ବର ତୁଳସା ଖର୍ସେଲ, କୁଳିଆପାଥର ୱାର୍ଡମେମ୍ବର ଲତା ଗୁଆଲ ପ୍ରମୁଖ ଯୋଗଦେଇଥିଲେ। ଧନୁଯାତ୍ରାରେ ସ୍ଥାନୀୟ ପରିଚାଳନା କମିଟି କୁସଦେବ ଖର୍ସେଲ, ଜିତେନ୍ଦ୍ର ଖର୍ସେଲ, ଜିତେନ୍ଦ୍ର ନାଏକ, ହୁକୁମ ଗୁଆଲ, ଦିବ୍ୟ ଖର୍ସେଲ ,ରବି ହଂସ, ଭୃଜବଳ ହଂସ, କୁନା ଧାକଡ ପ୍ରମୁଖ ଉପସ୍ଥିତ ରହିଥିଲେ। ଅନୁଷ୍ଠାନ ସମ୍ପାଦକ ଦୁଷ୍ମନ୍ତ ଖର୍ସେଲ ଧନ୍ୟବାଦ ଅର୍ପଣ କରିଥିଲେ।



ଦରବାରରେ ମହାରାଜ କଂସଙ୍କ ସହ ଅତିଥିମାନେ।

# ମାଝିଗୁଡ଼ା, ଚିକିଲି ହାଇସ୍କୁଲରେ ବାର୍ଷିକ କ୍ରୀଡ଼ା

**କୋକସରା,୨୧।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ମହାତ୍ମା ଗାନ୍ଧୀ ହାଇସ୍କୁଲ ଓ ଚକିଲି ଚନ୍ଦ୍ରଭାନୁ ହାଇସ୍କୁଲରେ ବୁଧବାର ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ମାଝିଗୁଡା ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରଦୀପ୍ତ କିଶୋର ଦାସଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଧର୍ମଗଡ଼ ବିଧାୟକ ମୋଷଧି ବାଗ, ମୁଖ୍ୟବକ୍ତା ଭାବେ ପ୍ରଧାନ ଶିକ୍ଷକ କୋକସରା ହାଇସ୍କୁଲ ସୁଧୀର କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ବିଆରସିସି ତୋଫାନ ମାଝି, ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ଦିନବନ୍ଧୁ କର ଯୋଗଦେଇ ବିଭିନ୍ନ ବର୍ଗରେ ଖେଳକୁଦରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ଟ୍ରଫି ସହ ପୁରସ୍କୃତ କରିଥିଲେ। ମଞ୍ଚ ପରିଚାଳନା ପୂର୍ବତନ ଛାତ୍ର ଧର୍ମରାଜ ସାହୁ କରିଥିବା ବେଳେ ଧନ୍ୟବାଦ ଦେଇଥିଲେ ଶିକ୍ଷକ ପ୍ରତାପ ଚନ୍ଦ୍ର ମହାନ୍ତି। ସେହିପରି ଚିକିଲି ହାଇସ୍କୁଲରେ ମୁଖ୍ୟଅତିଥି ଭାବେ ଶଙ୍କର ପ୍ରସାଦ ଶବର, ମୁଖ୍ୟବକ୍ତା ଭାବେ ଲଡୁଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ, ବ୍ଲକ ଓଷ୍ଟା ସଂଘ ସଭାପତି ଅଶୋକ କୁମାର ଦାସ, ସମ୍ମାନିତ ଅତିଥି ଭାବେ ଚିର୍ଚିଗୁଡା ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ମହେଶ କୁମାର ଭାଟି, କାଶିବାହାଲ ସିଆରସିସି ପ୍ରଶାନ୍ତ ଶବର, ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଗାୟତ୍ରୀ କୁମାରୀ ଷଡ଼ଙ୍ଗୀ ଏବଂ ପରିଚାଳନା କମିଟି ଅଧ୍ୟକ୍ଷ ହୃଷିକେଶ ନାଏକ ମଞ୍ଚାସୀନ ରହିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ଶିକ୍ଷୟିତ୍ରୀ ପଦ୍ମନ ସାହୁ, ସରିତା ଧାରା ସାହୁ, ଚିତ୍ତରଞ୍ଜନ ମହାନ୍ତି, ଚନ୍ଦ୍ରିକା ପ୍ରଧାନ, ମଳୟ ବାଗ, ବର୍ଷାରାଣୀ ସାହୁ, ଜ୍ୟୋତି ପ୍ରକାଶ ମହାନନ୍ଦ, ଦିବାକର ଦାସ, କଳ୍ପନା ଶବର, ଭବାନୀ ଶଙ୍କର ଶବର, ଦିବ୍ୟା ଶବର ସହଯୋଗ କରିଥିଲେ। ସମସ୍ତ ଛାତ୍ରୀଛାତ୍ର, ପୁରାତନ ଛାତ୍ରୀଛାତ୍ର, ପରିଚାଳନା କମିଟି, ଅଭିଭାବକ ଏବଂ ଗ୍ରାମବାସୀ ପିଲାମାନଙ୍କୁ ଉତ୍ସାହିତ କରିଥିଲେ।



କ୍ରୀଡା ଉତ୍ସବରେ ଯୋଗଦେଇଥିବା ଅତିଥି।

# ମଣ୍ଡି ଅବ୍ୟବସ୍ଥା: ଭାଜପା ଘେରିଲା ଉପଜିଲାପାଳ ଅଫିସ

**ପାଟଣାଗଡ, ୨୧।୧୨(ଡି.ଏନ.ଏ.)**

ଧାନକ୍ରୟ ବ୍ୟବସ୍ଥାରେ ରାଜ୍ୟ ସରକାରଙ୍କ ଭୁଲ ନୀତି କାରଣରୁ ଚାଷୀମାନେ ଅବହେଳାର ଶିକାର ହେଉଛନ୍ତି। ପୁନଶ୍ଚ ମଣ୍ଡିର ସଠିକ ପରିଚଳନା ହେଉ ନ ଥିବାରୁ ଚାଷୀ ହନ୍ତସନ୍ତ ହେଉଛନ୍ତି। ଏସବୁ ଅଭିଯୋଗ କରି ବୁଧବାର ପାଟଣାଗଡ ଭାଜପା ପକ୍ଷରୁ ଜିଲା କୃଷକ ମୋର୍ଚ୍ଚା ସଭାପତି ମାଧବ ସାଏଙ୍କ ନେତୃତ୍ୱରେ ଉପଜିଲାପାଳ ଅଫିସ ସମ୍ମୁଖରେ ଧାରଣା ଦିଆଯାଇଥିଲା। ପରେ ଉପଜିଲାପାଳ ଡକ୍ଟର ବିଜୟାନନ୍ଦ ସେଠି ଆନ୍ଦୋଳନସ୍ଥଳକୁ ଆସି ୧୦ ଦଫା ଦାବିପତ୍ର ଗ୍ରହଣ କରିଥିଲେ । ଆଗାମୀ ୭ଦିନ ମଧ୍ୟରେ ଦାବିଗୁଡିକର ସମାଧାନ ନହେଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଚେତାବନୀ ଦିଆଯାଇଛି। ଏହି ଘେରାଉରେ ନୀଳ ପାଣିଗ୍ରାହୀ, ପ୍ରଶାନ୍ତ ଦାସ, କୁନୁ ମୁଣ୍ଡା, ଜିଲା ପରିଷଦ ସଦସ୍ୟା ଅନିମା ଦାସ, ଶବ୍ଦ ମିର୍ଦ୍ଧା, ବେଲପଡା ବ୍ଲକ ମଣ୍ଡଳ ସଭାପତି ବଲ୍ଲଭ ଧରୁଆ, ରମାନାଥ ହୋତାଙ୍କ ସହ ବହୁ ସଂଖ୍ୟାରେ ଭାଜପା କର୍ମୀ ଯୋଗଦେଇଥିଲେ।

# ନୂଆପଡ଼ା ଜିଲା ଗସ୍ତରେ ଖଣିମନ୍ତ୍ରୀ



ମନ୍ତ୍ରୀ ନିର୍ମାଣାଧୀନ ଇନ୍‌ଡୋରହଲ ତଦାରଖ କରୁଛନ୍ତି।

**ନୂଆପଡ଼ା ଅଫିସ,୨୧।୧୨**

ନୂଆପଡା ଜିଲା ଦିନିକିଆ ଗସ୍ତରେ ରାଜ୍ୟ ସରକାରଙ୍କ ପୂର୍ତ୍ତ ଓ ଖଣି ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଆସି ଜିଲାସ୍ତରୀୟ ଅଧିକାରୀଙ୍କ ସହ ଏକ ସମୀକ୍ଷା ବୈଠକରେ ଯୋଗଦେଇଥିଲେ। ପରେ ନୂଆପଡା, ଖଡିଆଳ ଓ ଖରିଆରୋଡ ବିଜ୍ଞାପିତ ଅଞ୍ଚଳ ପରିଷଦରେ ନିର୍ମାଣାଧୀନ ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍‌ଡୋର ହଲର କାର୍ଯ୍ୟ ତଦାରଖ ସହ ଭୂତଳ ଜଳ ଉପରେ ଏକ ସେମିନାରରେ ଯୋଗଦେଇଥିଲେ । ନୂଆପଡା ବିଜ୍ଞାପିତ ଅଞ୍ଚଳ ପରିଷଦ ୧୨ ନଂ. ୱାର୍ଡରେ ନିର୍ମାଣ ଚାଲିଥିବା ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍‌ଡୋର ହଲର କାର୍ଯ୍ୟ ତଦାରଖ କରି ଗୁଣବତା ଓ ଶ୍ରୀଘ୍ର ସମ୍ପାଦନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ପର୍ଯ୍ୟବେକ୍ଷଣ ସମୟରେ ରାଜ୍ୟ ସରକାରଙ୍କ ଯୋଜନା ଓ ସମନ୍ୱୟ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ, ଜିଲା ପରିଷଦ ସଦସ୍ୟ ଅବନି ରଞ୍ଜନ ଯୋଶୀ, ନଗରପାଳ ମହମ୍ମଦ ଆଦାମ, ପରିଷଦ ମଠୟ ରଞ୍ଜନ ମଣ୍ଡଳ, ମୁଖ୍ୟ ନିର୍ମାଣ ଯନ୍ତ୍ରୀ ହିମାଂଶୁ ଶେଖର ଷଡଙ୍ଗୀ, ଅଧୀକ୍ଷଣ ଯନ୍ତ୍ରୀ ଅଶୋକ ପଣ୍ଡା ଓ କନିଷ୍ଠ ଯନ୍ତ୍ରୀ ମାଧବ ପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ଲକସ୍ତରୀୟ ଖେଳକୁଦ ପ୍ରତିଯୋଗିତା

**ଲାଞ୍ଜିଗଡ଼,୨୧।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ହକି ବିଶ୍ୱକପ-୨୦୨୩ ଉପଲକ୍ଷେ ଲାଞ୍ଜିଗଡ଼ ଏସଏସଡ଼ି ସ୍କୁଲ ଓ ବିଶ୍ୱନାଥପୁର ଗୋପବନ୍ଧୁ ହାଇସ୍କୁଲ ଖେଳ ପଡିଆଠାରେ ବ୍ଲକସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ବ୍ଲକ ଶିକ୍ଷାଧିକାରୀ ସଞ୍ଜୀବ କୁମାର ନାଏକଙ୍କ ତତ୍ତ୍ୱାବଧାନରେ ଲାଞ୍ଜିଗଡ଼ ଜୋନ-୨ ଜିଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ ମୁଖ୍ୟଅତିଥି, ମୁଖ୍ୟବକ୍ତା ଲାଞ୍ଜିଗଡ଼ ସରପଞ୍ଚ ସରସ୍ୱତୀ ମୁଣ୍ଡା, ଏସଏସଡି ସ୍କୁଲ ପ୍ରଧାନ ଶିକ୍ଷକ ପାର୍ଥିବ ତାଣ୍ଡି, ଗୋପାଳ ଦାସ ମହାନନ୍ଦ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବ୍ଲକର ସମସ୍ତ ବିଦ୍ୟାଳୟର ଷଷ୍ଠରୁ ଦଶମ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଶିକ୍ଷକ ବନିତା ଧଙ୍ଗଡାମାଝି, ଜୟଲାଲ ଭୋଇ, ଅନନ୍ତ ନାୟକ, ଦୁଷ୍ମନ୍ତ ମାଝି ପ୍ରମୁଖ ଉପସ୍ଥିତଥିଲେ। ସେହିପରି ବିଶ୍ୱନାଥପୁର ଗୋପବନ୍ଧୁ ହାଇସ୍କୁଲ ଖେଳ ପଡିଆଠାରେ ଅନୁଷ୍ଠିତ ସମାରୋହରେ ମୁଖ୍ୟଅତିଥି ଭାବେ ଗୋପବନ୍ଧୁ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ମଲ୍ଲିକ, ସମ୍ପାଦକ ଭାବେ ନୋଡାଲ ଖେଳ ଶିକ୍ଷୟିତ୍ରୀ ଧରିତ୍ରୀ ବିଶୋଇ ଯୋଗଦେଇଥିଲେ। ଅଜୟ କୁମାର ପଲେଇ, କାଳିପଦ ମଣ୍ଡଳ, ବନିତା ଧାଁଗଡାମାଝି, ଗୁଣନିଧି ମାଝି, ତେଜରାଜ ବିଶ୍ୱାଳ, ଅନନ୍ତ ନାରାୟଣ ନାୟକ, ହେମନ୍ତ କୁମାର ସାହୁ, ପୁରୁଷୋତ୍ତମ ଚନ୍ଦନ ପ୍ରମୁଖ ଖେଳ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଆଥଲେଟିକ, ଫୁଟବଲ, କ୍ରିକେଟ, କବାଡି, ଖୋଖୋ, ବ୍ୟାଟମିଣ୍ଟନ, ଯୋଗ ଇତ୍ୟାଦି ପ୍ରତିଯୋଗିତାରେ ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ। ରୁପସିଙ୍ଗ ରାଉତ ମଞ୍ଚ ପରିଚାଳନା ଏବଂ ଖେଳ ଶିକ୍ଷୟିତ୍ରୀ ଧରିତ୍ରୀ ବିଶୋଇ ଧନ୍ୟବାଦ ଦେଇଥିଲେ।

# 'ଦୁଗ୍ଧ ବଲାଙ୍ଗୀରରର ନୂଆ ପରିଚୟ'

## ବଲାଙ୍ଗୀର ଗୋପାଳନ ସମ୍ମିଳନୀ ଉଦ୍‌ଘାଟିତ

**ବଲାଙ୍ଗୀର ଅଫିସ, ୨୧।୧୨**

ଦୁଗ୍ଧ ଉତ୍ପାଦନ କ୍ଷେତ୍ର ଏବେ ବଲାଙ୍ଗୀରର ନୂଆ ପରିଚୟ ଆଣିଦେଇଛି। ଦୁଗ୍ଧକ୍ଷେତ୍ରରେ ଅତ୍ୟନ୍ତ କ୍ଷୀପ୍ରତର ଭାବେ ବିକାଶ ସମ୍ଭବ ହୋଇଛି ବୋଲି ଅତିଥିମାନେ ବଲାଙ୍ଗୀର କୋଶଳ କଳାମଣ୍ଡଳ ପଡିଆରେ ଆୟୋଜିତ ରାଜ୍ୟର ପ୍ରଥମ ଗୋପାଳନ ସମ୍ମିଳନୀ ଉଦ୍‌ଘାଟନୀ ସମାରୋହରେ କହିଛନ୍ତି। ବୁଧବାର ଏହି ଦୁଇଦିନିଆ ଗୋପାଳନ ସମ୍ମିଳନୀକୁ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ତଥା ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ତ୍ରିପାଠୀ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଦେଶରେ ଡାଇରି କ୍ଷେତ୍ରରେ ଦ୍ରୁତ ପରିବର୍ତ୍ତନ ଆସିଛି। ଦୁଇଦିନିଆ ଗୋପାଳନ ସମ୍ମିଳନୀ ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବାର୍ତ୍ତା ପାଠ କରାଯାଇଥିଲା। ଡାଇରି କ୍ଷେତ୍ରରେ ଏବେ ନୂତନ ଟେକ୍ନୋଲୋଜି, ଉତ୍ପାଦ ଏବଂ ଧାରା ଦେଖିବାକୁ ମିଳିଛି ଯାହା ଯୁବ ଉଦ୍ୟୋଗୀ ଏବଂ ଷ୍ଟାର୍ଟଅପ ଗୁଡିକୁ ଏହି କ୍ଷେତ୍ର ପ୍ରତି ଆକର୍ଷିତ କରୁଛି। ବଲାଙ୍ଗୀରରେ ଏଭଳି ସମ୍ମିଳନୀ ଆୟୋଜିତ ହେବା ଆମ ପାଇଁ ଏକ ଖୁସିର ବିଷୟ। ଗୋପାଳନ ବିଶେଷଜ୍ଞ, ପ୍ରାଣୀ ଚିକିତ୍ସକ, ଗବେଷଣା ପ୍ରତିଷ୍ଠାନ, ଦୁଗ୍ଧଚାଷୀ ଏବଂ ଷ୍ଟାର୍ଟଅପ ଗୁଡିକ ଲାଗି ଏହି ସମ୍ମିଳନୀ ଏକକ ପ୍ଲାଟଫର୍ମ ହୋଇ ପାରିବ ଏବଂ ଉଭୟ ଜିଲା ଓ ରାଜ୍ୟ ପାଇଁ ନୂତନ ସମ୍ଭାବନା ଆଣିବ ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ବାର୍ତ୍ତାରେ ଜଣାଇଥିଲେ।

ବଲାଙ୍ଗୀର ଜିଲା ପ୍ରଶାସନ ଏବଂ ବଲାଙ୍ଗୀର-କଳାହାଣ୍ଡି- ନୂଆପଡା ଆଞ୍ଚଳିକ ସମବାୟ ଦୁଗ୍ଧ ସମିତି ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଦୁଇଦିନିଆ ଗୋପାଳନ ସମ୍ମିଳନୀରେ ମୁଖ୍ୟଅତିଥି ତ୍ରିପାଠୀ ଚାଷୀଙ୍କ ଆୟ ବୃଦ୍ଧି ଦିଗରେ ସରକାର ଯଥେଷ୍ଟ ଗୁରୁତ୍ୱ ପ୍ରଦାନ କରୁଛନ୍ତି ବୋଲି କହିଥିଲେ। ଗୋପାଳନ ଏବଂ ଦୁଗ୍ଧକ୍ଷେତ୍ରରେ ଆୟବୃଦ୍ଧି ତଥା ରୋଜଗାର ସୃଷ୍ଟିର ସୁଯୋଗ ରହିଛି। ବଲାଙ୍ଗୀର ଜିଲାରେ ଦୁଗ୍ଧ ଉତ୍ପାଦନରେ ରେକର୍ଡ ସୃଷ୍ଟି ହୋଇଛି। ୨୦୧୯-୨୦ ମସିହାରେ ଜିଲାରେ ୩୬ ହଜାର ଲିଟର ଦୁଗ୍ଧ ଉତ୍ପାଦନ ହେଉଥିବାବେଳେ ୨୦୨୨-୨୩ ମସିହାରେ ଏହା ୭୪ ହଜାର ଲିଟରକୁ ପହଞ୍ଚିଛି। ଏହି ରେକର୍ଡ ପ୍ରତିଷ୍ଠା କରିବାରେ ସମଗ୍ର ରାଜ୍ୟ ତଥା ଦେଶରେ ବଲାଙ୍ଗୀର ଜିଲାପାଳ ଚଞ୍ଚଳ ରାଣା ଓ ତାଙ୍କ ଟିମ୍ ରେକର୍ଡ ସୃଷ୍ଟି କରିଛନ୍ତି ବୋଲି ତ୍ରିପାଠୀ କହି ଅଭିନନ୍ଦନ ଜଣାଇଥିଲେ। ଉତ୍ତରାଞ୍ଚଳ ରାଜସ୍ୱ କମିଶନର ସୁରେଶ ଚନ୍ଦ୍ର ଦଲାଇ ସମ୍ମାନିତ ଅତିଥିଭାବେ ଯୋଗଦେଇ ଏହି ସମ୍ମିଳନୀ ଦ୍ୱାରା ଜିଲାର ଦୁଗ୍ଧଚାଷୀମାନେ ଆହୁରି ବୈଷୟିକ ଜ୍ଞାନ କୌଶଳ ଆହରଣ କରିବା ସହ ନିଜ ବ୍ୟବସାୟ ରେ ଉନ୍ନତି ଆଣିପାରିବେ ବୋଲି କହିଥିଲେ। ଜିଲାପାଳ ଚଞ୍ଚଳ ରାଣା ନିଜ ବକ୍ତବ୍ୟରେ ଏହି ସମ୍ମିଳନୀ ଚାଷୀମାନଙ୍କ ପାଇଁ ପ୍ରେରଣାଦାୟୀ ରହିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓମଫେଡ ପରିଚାଳନା ନିର୍ଦ୍ଦେଶକ ଆଶିଷ କୁମାର ସିହ୍ନା, ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ବଲାଙ୍ଗୀର କଳାହାଣ୍ଡି ନୂଆପଡା ଆଞ୍ଚଳିକ ସମବାୟ ଦୁଗ୍ଧ ସମିତି ସଭାପତି ସୀମା ପଟେଲ, ପଶ୍ଚିମ ଓଡିଶା ବିକାଶ ପରିଷଦ ମୁଖ୍ୟ କାର୍ଯନିର୍ବାହୀ ଅଧିକାରୀ ଡ଼ ଅଜିତ କୁମାର ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ବିକେଏନ୍ ସମବାୟ ଦୁଗ୍ଧ ସମିତି ସାଧାରଣ ପରିଚାଳକ ଡ଼ ସରୋଜ କୁମାର ସାହୁ ସମ୍ମିଳନୀ ପ୍ରାରମ୍ଭରେ ସ୍ୱାଗତ ବକ୍ତବ୍ୟ ରଖିଥିଲେ। ଉଦ୍‌ଘାଟନୀ ପରେ ମୁଖ୍ୟଅତିଥି ତ୍ରିପାଠୀ ଏକ ପ୍ରଦର୍ଶନୀ ଉଦ୍‌ଘାଟନ କରିଥିଲେ। ଏହାପରେ ବୈଷୟିକ ଅଧିବେଶନ ଏବଂ ଆଲୋଚନାଚକ୍ର ଅଅନୁଷ୍ଠିତ ହୋଇଥିଲା। ଏଥିରେ ସମଗ୍ର ଦେଶ ଏବଂହ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ବିଶେଷଜ୍ଞ, ଡାକ୍ତର, ଉଦ୍ୟୋଗୀ, ସଫଳ ଗୋପାଳକ, ଦୁଗ୍ଧଚାଷୀ, ବ୍ୟବସାୟୀ ଯୋଗଦାନ କରିଥିଲେ। ସନ୍ଧ୍ୟାରେ ସଫଳ ଚାଷୀ, ଉଦ୍ୟୋଗୀଙ୍କୁ ମୁଖ୍ୟଅତିଥି ତ୍ରିପାଠୀ ଓ ଜିଲାପାଳ ରାଣା ପୁରସ୍କୃତ କରିଥିଲେ।




ଗୋପାଳନ ସମ୍ମିଳନୀର ଉଦ୍‌ଘାଟନୀ ସମାରୋହରେ ମଞ୍ଚାସୀନ ଅତିଥି।


सेन्ट्रल माईन प्लानिंग एण्ड डिजाईन इन्स्टीच्यूट लिमिटेड
**cmpdi** A Mini Ratna Company
**CENTRAL MINE PLANNING & DESIGN INSTITUTE LIMITED**
(A Subsidiary of Coal India Limited) (कोल इण्डिया लिमिटेड की एक अनुषंगी कंपनी)
Gondwana Place, Kanke Road, Ranchi-834 031, Jharkhand, INDIA

**NOTICE**

"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. **www.coalindia.in**/respective Subsidiary Company (CMPDI, **www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurement Portal **https://eprocure.gov.in** In addition, procurement is also done through GeM portal **https://gem.gov.in**".

**ପୂର୍ବ ତଟ ରେଳପଥ**

ଫେବୃଆରୀ-2023 ପାଇଁ ଡିପୋ ଏବଂ ମଣ୍ଡଳଗୁଡ଼ିକ ନିମନ୍ତେ ସ୍କ୍ରାପ୍ ବିକ୍ରୀ ଇ-ନିଲାମ କାର୍ଯ୍ୟସୂଚୀ

ଇ-ନିଲାମର ଅନୁସୂଚୀ

| ମାସ | ମୁଖ୍ୟାଳୟ/ମଣ୍ଡଳଗୁଡ଼ିକ | ତାରିଖ |
|---|---|---|
| ଫେବୃଆରୀ -2023 | ଡିପୋ ମଞ୍ଚେଶ୍ୱର | 02.02.2023, 09.02.2023, 17.02.2023, 24.02.2023 |
| | ଖୋର୍ଦ୍ଧା ରୋଡ଼ ମଣ୍ଡଳ | 07.02.2023, 14.02.2023, 21.02.2023, 28.02.2023 |
| | ୱାଲ୍ଟିୟର ମଣ୍ଡଳ | 01.02.2023, 06.02.2023, 13.02.2023, 20.02.2023 27.02.2023 |
| | ସମ୍ବଲପୁର ମଣ୍ଡଳ | 03.02.2023, 10.02.2023, 17.02.2023, 27.02.2023 |

''ଯେପରି ଅଛି, ଯେଉଁଠାରେ ଅଛି'' ଭିତ୍ତିରେ ସମ୍ବଲପୁର, ଖୋର୍ଦ୍ଧା ରୋଡ଼ ଏବଂ ୱାଲ୍ଟିୟର ମଣ୍ଡଳରେ ନଷ୍ଟ ହୋଇଥିବା ରୋଲିଂ ଷ୍ଟକ୍ସ (ଲୋକୋ, କୋଚ୍, ୱାଗନ), ସ୍କ୍ରାପ୍ ରେଲ, ବିବିଧ **P.Way** ଫିଟିଙ୍ଗସ (ସୁଇଚ, କ୍ରସିଙ୍ଗସ, ଫିସ୍ ପ୍ଲେଟସ, ସ୍ଲିପର, ଫିସ୍ ବୋଲ୍ଟ ଇତ୍ୟାଦି), ବିବିଧ ୱାର୍କସପ୍ ସ୍କ୍ରାପ (ଡ୍ରମ୍, ବଗି ଫ୍ରେମ୍, ବଫର କେସିଙ୍ଗ, ବଫର ପ୍ଲଙ୍ଗର, ଟର୍ଣ୍ଣିଙ୍ଗ ଏବଂ ବୋରିଙ୍ଗ ଇତ୍ୟାଦି), ବିବିଧ ଫେରସ୍, ନନ୍-ଫେରସ୍, ନନ୍ - ମେଟାଲିକ୍ ସ୍କ୍ରାପ୍, ନଷ୍ଟ ହୋଇଥିବା ମେସିନାରୀ ଏବଂ ପ୍ଲାଣ୍ଟସ, ନଷ୍ଟ ହୋଇଥିବା ଯାନ, ନଷ୍ଟ ହୋଇଥିବା ଅଫିସ୍ ଉପକରଣ ଏବଂ ରେଲୱେ ବିଦ୍ୟୁତୀକରଣ ର ସ୍କ୍ରାପ୍ ସାମଗ୍ରୀଗୁଡ଼ିକର ମଧ୍ୟ ପ୍ରସ୍ତାବିତ ନିଲାମ ବିକ୍ରୀ। ରେଳବାଇ ପ୍ରଶାସନର ଅନ୍ୟ ଆଇଟମଗୁଡ଼ିକୁ ମଧ୍ୟ ନିଲାମରେ ଅନ୍ତର୍ଭୁକ୍ତ କରିବାର ସ୍ୱତନ୍ତ୍ରତା ରହିଛି ଏବଂ ସାମଗ୍ରୀଗୁଡ଼ିକର ସର୍ତ୍ତ ଓ ବ୍ୟବସ୍ଥାବଳୀ ସମ୍ପର୍କିତ ସଂପୂର୍ଣ୍ଣ ବିବରଣୀ ନିଲାମ କାଟଲଗ୍ ଅନୁଯାୟୀ କରାଯିବ, ଯାହାକି **ପୂର୍ବ ତଟ ରେଳପଥ**ର ସଂପୃକ୍ତ ନିଲାମ ପରିଚାଳନା ପ୍ରାଧିକାରୀଙ୍କ କାର୍ଯ୍ୟାଳୟରୁ କିମ୍ବା ନିଲାମ ତାରିଖର **07(ସାତ)** ଦିନ ପୂର୍ବରୁ ଆମର ୱେବ୍‌ସାଇଟ୍ **www.ireps.gov.in** ରେ ଉପଲବ୍ଧ ହେବ।

PR-830/N/22-23 ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଭୁବନେଶ୍ୱର

**DISTRICT PROJECT OFFICE, SS, SUNDARGARH**
In Front of BS High School, Sundargarh
Email: dpcsndgssa.opepa@nic.in
No. 5521/IE Dated: 21.12.2022

**LIMITED QUOTATION CALL NOTICE**

Sealed quotation/tender in plain papers are invited from the Registered Firms/Suppliers having valid GSTIN and Income Tax Clearance Certificate for supply of different equipment and materials for different block resource centres of Sundargarh District. The quotation/tender should reach the office of the undersigned on or before 05.01.2023 by 1.00 P.M. at the latest through Speed/Regd. Post and the tenders shall be opened on the same day at 4.00 P.M. in the presence of bidders or their authorized representatives.
Detailed terms and conditions, other information are available in district website **http://sundergarh.nic.in** and OPEPA website **http://osepa.odisha.gov.in**. For any addendum, corrigendum, modification above website may be referred to.

Sd./- DEO-cum-DPC
Samagra Shiksha, Sundargarh

**OFFICE OF THE PANCHAYAT SAMITI, BHADRAK**
Order No. 3906 Date: 20.12.2022

**CORRIGENDUM NOTICE**

No. i-275: In continuation to this office tender call notice issued vide this office Order No. 5806 Dt.12.12.2022 regarding **supply of Tri Cycle for Garbage Collection**, the last date of which was fixed to 19.12.2022 as no bidders filed any tender papers by the date mentioned above, further it will be extended upto 23.12.2022. Therefore all bidders are requested to see the corrigendum and download tender schedule which is uploaded.

Sd./- Block Development Officer, Bhadrak
OIPR-19211/11/0008/2223

**ପୂର୍ବ ତଟ ରେଳପଥ**

ଆଗ୍ରହର ପରିପ୍ରକାଶ (EOI)

EOI ସୂଚନା ସଂ.- CMS/SBP/L.Purchase/2022/1712 ତା.17.12.2022ରିଖ

**କାର୍ଯ୍ୟର ବିବରଣୀ :** "ଦୈନିକ ଆବଶ୍ୟକତା ଅନୁଯାୟୀ ମଣ୍ଡଳ ରେଳ ଚିକିତ୍ସାଳୟ, ସମ୍ବଲପୁରର ଷ୍ଟକ୍ (Stock)ରେ ଉପଲବ୍ଧ ନଥିବା ଔଷଧଗୁଡ଼ିକର ଯୋଗାଣ ନିମନ୍ତେ।"

**ଚୁକ୍ତି ଅବଧି :** କାର୍ଯ୍ୟ ଆରମ୍ଭ ହେବା ତାରିଖ ଠାରୁ 02(ଦୁଇ) ବର୍ଷ

**ଆଗ୍ରହର ପରିପ୍ରକାଶ (EOI)ବନ୍ଦ ହେବା ତାରିଖ ଓ ସମୟ:** ତା.28.12.2022 ରିଖ 1500 ଘଟିକାରେ।

ଆଗ୍ରହର ପରିପ୍ରକାଶ (EOI) ପ୍ରାପ୍ତକର୍ତ୍ତାଙ୍କ ଠିକଣା : ମୁଖ୍ୟ ଚିକିତ୍ସା ଅଧୀକ୍ଷକ, ମଣ୍ଡଳ ରେଳ ଚିକିତ୍ସାଳୟ, ସମ୍ବଲପୁର, ପୋଷ୍ଟ : ଖେତରାଜପୁର, ଜିଲ୍ଲା : ସମ୍ବଲପୁର, ଓଡ଼ିଶା, ପିନ୍-768003

ବିସ୍ତୃତ ବିବରଣୀ ପାଇଁ ଦୟାକରି ଆମର ୱେବ୍‌ସାଇଟ୍ **https://eastcoastrail.indianrailways.gov.in→Tenders→Expression of Interest (EOI)** କୁ ଅବଲୋକନ କରନ୍ତୁ।

ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧୀକ୍ଷକ (ଭଣ୍ଡାର)/ ସମ୍ବଲପୁର
PR-832/N/22-23

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.02/GSU/SBP/2022-23 ତା.16.12.2022 ରିଖ

**କାର୍ଯ୍ୟର ନାମ:** ପୂର୍ବ ତଟ ରେଳପଥର ମୁଖ୍ୟ ପ୍ରକଳ୍ପ ପ୍ରବନ୍ଧକ(ଗତି ଶକ୍ତି ୟୁନିଟ୍), ସମ୍ବଲପୁର ମଣ୍ଡଳ ପରିସୀମା ଅଧୀନସ୍ଥ ବିଭିନ୍ନ ନିର୍ମାଣ ସ୍ଥଳ/ସେକ୍ସନଗୁଡ଼ିକ ଠାରେ ପ୍ରକଳ୍ପ ନିରୀକ୍ଷଣ ସେବା ପ୍ରଦାନ କରିବା।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 2,18,82,000/-, ବିଡ୍ ସିକ୍ୟୁରିଟି(ଟଙ୍କାରେ) :2,59,400/-, କାର୍ଯ୍ୟ ଶେଷହେବାଅବଧି: 18 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.09.01.2023 ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ **http://www.ireps.gov.in** ରେ ଉପଲବ୍ଧ ଅଟେ।

ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ। ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ଉପରୋକ୍ତ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ଉପ ମୁଖ୍ୟ ଯନ୍ତ୍ରୀ(ଗତି ଶକ୍ତି), ସମ୍ବଲପୁର
PR-149/CF/22-23

**Government of Odisha, e- Procurement Notice**
**INVITATION FOR BIDS (IFB)**
**Bid Identification No. C.C.E.Dkl.(R&B) 18/2022-23**
**Email Id:sedklpwd@gmail.com**
**Letter No.3313/Dt.17.12.22**

**No.B-1004:** The Chief Construction Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for construction of Road & Bridge work as detailed below:

1. Name of the work : Road works
2. No. of works : 02 (Two) Nos.
3. Estimated Cost : Rs.8,02,50,439/- to Rs.9,31,52,182/- (as given in column No. 03 of table)
4. Cost of tender paper : Rs.10,000.00
5. Class of contractor : 'A' & 'Special' Class (as given in column No. 06 of table)
6. Period of Completion of work : 09 (Nine) to 11(Eleven) Calendar Months (as given in column No. 07 of table)
7. Date and time of availability of bid Document in the website : From Dt.23.12.2022 to 5.30 PM of Dt.06.01.2023
8. Date of opening of bid : Dt.07.01.2023 at 11.30 hours

The bidders have to participate in ONLINE biding only, further details can be seen from the e- Procurement Portal: www.tendersodisha.gov.in. Any addendum / corrigendum / cancellation of tender can also be seen in the said website.

Sd./- Chief Construction Engineer
OIPR-34132/11/0026/2223 Dhenkanal (R&B) Circle, Dhenkanal

## ଆଜିଠୁ ରାଜ୍ୟସ୍ତରୀୟ ତିଲେଶ୍ୱର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ

ବୌଦ୍ଧ,(ସ୍ୱ.ପ୍ର.): ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ତିଲେଶ୍ୱରଠାରେ ଗୁରୁବାର ଠାରୁ ୨୦ତମ ରାଜ୍ୟସ୍ତରୀୟ ତିଲେଶ୍ୱର କପ ଫୁଟବଲ ଟୁର୍ନାମେଣ୍ଟ ଆରମ୍ଭ ହେବାକୁ ଯାଉଛି। ତିଲେଶ୍ୱରର ଫେଣ୍ଡସ ଆସୋସିଏଶନ ପକ୍ଷରୁ ଆୟୋଜିତ ଏହି ଫୁଟବଲ ଟୁର୍ନାମେଣ୍ଟ ତିଲେଶ୍ୱରର ଫକୀର ଚରଣ ଖେଳପଡିଆଠାରେ ହେବ। ଆସନ୍ତା ୨୮ ତାରିଖରେ ଫାଇନାଲ ଖେଳ ହେବ ବୋଲି ଆସୋସିଏଶନର ସମ୍ପାଦକ ରମେଶ କୁମାର ସାମଲ ସୂଚନା ଦେଇଛନ୍ତି।

### ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com



@ ବିଜୟ



@ ଅଭିଜିତ୍

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଶ୍ରୀକୃଷ୍ଣ, ବଳରାମଙ୍କୁ କଂସଙ୍କ ନିମନ୍ତ୍ରଣ

### ଧୁଙ୍ଗିଆମୁଣ୍ଡାରେ ଧନୁଯାତ୍ରାର ସପ୍ତମ ସନ୍ଧ୍ୟା

ସିନାପାଲି,୨୧।୧୨(ଡି.ଏନ.ଏ.)

ନୂଆପଡ଼ା ଜିଲା ସିନାପାଲି ଅନ୍ତର୍ଗତ କେନ୍ଦୁମୁଣ୍ଡା ପଞ୍ଚାୟତ ଧୁଙ୍ଗିଆମୁଣ୍ଡାଠାରେ ବିରାଟ ଧନୁଯାତ୍ରା ମହୋତ୍ସବର ସପ୍ତମ ରାଜନୀରେ ମହାରାଜା କଂସଙ୍କ ଆଦେଶ ନେଇ ଅକ୍ରୁର ଶ୍ରୀକୃଷ୍ଣ ଓ ବଳରାମଙ୍କୁ ରାଜଦରବାରରେ ଆସିବା ପାଇଁ ନିମନ୍ତ୍ରଣ କରିଥିଲେ। ଆୟୋଜିତ ସାଂସ୍କୃତିକ ସଭାରେ ଅନୁଷ୍ଠାନ ସଭାପତି ଲମ୍ବୋଧର ଦଣ୍ଡସେନା ଅଧ୍ୟକ୍ଷତା କରିଥିବା ବେଳେ ସାଂସ୍କୃତିକ ସମ୍ପାଦକ ଭୃଙ୍ଗରାଜ ନାଗ ଓ ସ୍ଥାନୀୟ ସରପଞ୍ଚ ମଦନ ଦଣ୍ଡସେନା ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟଅତିଥି



ଦରବାରରେ ମହାରାଜ କଂସଙ୍କ ସହ ଅତିଥିମାନେ।

ଭାବେ ବିଜେଡିର ପୂର୍ବତନ ଜିଲା ପରିଷଦ ଲମ୍ବୋଧର ନିଆଲ, ୧୨ ନମ୍ବର ଜୋନର ଜିଲା ପରିଷଦ ସଦସ୍ୟା ପୁଷ୍ପାଞ୍ଜଳି ଗୁଆଲ, ଗୋର୍ଲା ସରପଞ୍ଚ ଦମୟନ୍ତୀ ଦଣ୍ଡସେନା, ଗଣେଶ ପୋଡ଼, କେନ୍ଦୁମୁଣ୍ଡା ପଞ୍ଚାୟତ ସମିତି ମେମ୍ବର ତୁଳସା ଖର୍ସେଲ, କୁଳିଆପାଥର ୱାର୍ଡମେମ୍ବର ଲତା ଗୁଆଲ ପ୍ରମୁଖ ଯୋଗଦେଇଥିଲେ। ଧନୁଯାତ୍ରାରେ ସ୍ଥାନୀୟ ପରିଚାଳନା କମିଟି କୁସଦେବ ଖର୍ସେଲ, ଜିତେନ୍ଦ୍ର ଖର୍ସେଲ, ଜିତେନ୍ଦ୍ର ନାଏକ, ହୁକୁମ ଗୁଆଲ, ଦିବ୍ୟ ଖର୍ସେଲ ,ରବି ହଂସ, ଭୂଜବଳ ହଂସ, କୁନା ଧାକଡ ପ୍ରମୁଖ ଉପସ୍ଥିତ ରହିଥିଲେ। ଅନୁଷ୍ଠାନ ସମ୍ପାଦକ ଦୁଷ୍ମନ୍ତ ଖର୍ସେଲ ଧନ୍ୟବାଦ ଅର୍ପଣ କରିଥିଲେ।

# ବିନା ସୂଚନା ଫଳକରେ ନିୟନ୍ତ୍ରିତ ବଜାର କମିଟିର ନିର୍ମାଣ କାର୍ଯ୍ୟ

ତରଭା,୨୧।୧୨(ଡି.ଏନ.ଏ.)

ବିଭିନ୍ନ ସରକାରୀ ଯୋଜନାରେ କରାଯାଉଥିବା ଉନ୍ନୟନମୂଳକ କାର୍ଯ୍ୟରେ ସ୍ୱଚ୍ଛତା ଆଣିବା ପାଇଁ ସୂଚନା ଫଳକ ଦିଆଯିବାକୁ ନିୟମ ଥିବା ସତ୍ତ୍ୱେ ତରଭା ବ୍ଲକର ବିଭିନ୍ନ ସମବାୟ ସମିତିରେ ନିୟନ୍ତ୍ରିତ ବଜାର କମିଟି ଦ୍ୱାରା ସେଡ୍ ନିର୍ମାଣ କାର୍ଯ୍ୟରେ ଏହାର ବ୍ୟତିକ୍ରମ ଦେଖାଯାଉଛି। ଶିବତୁଳା, ଦୁବୁଲା, ଦେଉଳପଦର ପ୍ରଭୃତି ପାକ୍ସରେ ସେଡ ନିର୍ମାଣ କାର୍ଯ୍ୟ ମନୋମୁଖୀ କରାଯାଇ ସରକାରୀ ନିୟମକୁ ଉଲ୍ଲଂଘନ କରାଯାଉଛି। ପାକ୍ସଗୁଡିକର ବିନା ଅନୁମୋଦନରେ କାର୍ଯ୍ୟ କରଯାଉଛି। ଜଙ୍ଗଲ ବିଭାଗର ବିନା ଅନୁମୋଦନରେ ମୂଲ୍ୟବାନ ଗଛ ସବୁ କାଟି ନିର୍ମାଣ କାର୍ଯ୍ୟ କରାଯାଉଛି। ଯୋଜନାରେ ଥିବା କାର୍ଯ୍ୟର ସଠିକ ବ୍ୟୟ ଅଟକଳର ପରିମାଣ ନ ଦର୍ଶାଇ ଏବଂ ଟେକନିକାଲ ଅଧିକାରୀଙ୍କ ଅନୁପସ୍ଥିତରେ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ଫଳରେ ଏହାର ସ୍ଥାୟୀତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବର୍ତ୍ତମାନ ଚାଷୀମାନଙ୍କଠାରୁ ପାକ୍ସରେ ଧାନ କିଣା



ଶିବତୁଲା ପାକ୍ସରେ ବିକ୍ରି ପାଇଁ ରଖା ଯାଇଥିବା ଚାଷୀଙ୍କ ଧାନ।

ଚାଲିଥିବା ବେଳେ ଧାନ କିଣିବା ପାଇଁ ଥିବା ଫର୍ଡକୁ କାହାକୁ ନ ଜଣାଇ ନିଜ ଅକ୍ତିଆରକୁ ନେବା କେତେ ଯୁକ୍ତିଯୁକ୍ତ ତାହା ଚାଷୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହାକୁ ଚାଷୀ ଓ ନିର୍ବାଚିତ ପ୍ରତିନିଧିମାନେ ବିରୋଧ କରିବାରୁ ଓଲଟା ଉପରିସ୍ଥ ଅଧିକାରୀମାନେ ପତ୍ର ମାଧ୍ୟମରେ ଧମକାଉ ଥିବା ବିଭିନ୍ନ ପାକ୍ସ ସୂତ୍ରରୁ ଜଣାଯାଇଛି। ନିର୍ମାଣ କାର୍ଯ୍ୟର ସ୍ୱଚ୍ଛତା, ସ୍ଥାୟୀତ୍ୱ ଓ ଚାଷୀଙ୍କ ସୁବିଧା ସୁଯୋଗକୁ ଦୃଷ୍ଟିରେ ରଖି କାର୍ଯ୍ୟ କରାଯାଉ ନ ଥିବାରୁ ଆମେ ବିରୋଧ କରୁଛୁ। ସମସ୍ତ ବିଷୟ ପ୍ରତି ଧ୍ୟାନ ଦେଇ ଉନ୍ନୟନମୂଳକ କାର୍ଯ୍ୟ କରାଯାଉ ବୋଲି ଶିବତୁଳା, ଦେଉଳପଦର, ଦୁବୁଲା ପାକ୍ସ ସଭାପତି ଯଥାକ୍ରମେ ତପନ ଅଗ୍ରୱାଲ, ରାଜେନ୍ଦ୍ର ପଣ୍ଡା, ବିଶେଶ୍ୱର ସାହୁଙ୍କ ସହ ଚାଷୀମାନେ ଦାବି କରିଛନ୍ତି।

# ନୂଆପଡ଼ା ଜିଲା ଗସ୍ତରେ ଖଣିମନ୍ତ୍ରୀ



ମନ୍ତ୍ରୀ ନିର୍ମାଣାଧୀନ ଇନ୍‌ଡୋରହଲ ତଦାରଖ କରୁଛନ୍ତି।

ନୂଆପଡ଼ା ଅଫିସ,୨୧।୧୨

ନୂଆପଡା ଜିଲା ଦିନିକିଆ ଗସ୍ତରେ ରାଜ୍ୟ ସରକାରଙ୍କ ପୂର୍ତ୍ତ ଓ ଖଣି ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଆସି ଜିଲାସ୍ତରୀୟ ଅଧିକାରୀଙ୍କ ସହ ଏକ ସମୀକ୍ଷା ବୈଠକରେ ଯୋଗଦେଇଥିଲେ। ପରେ ନୂଆପଡା, ଖଡିଆଳ ଓ ଖରିଆରୋଡ ବିଜ୍ଞାପିତ ଅଞ୍ଚଳ ପରିଷଦରେ ନିର୍ମାଣାଧୀନ ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍‌ଡୋର ହଲର କାର୍ଯ୍ୟ ତଦାରଖ ସହ ଭୂତଳ ଜଳ ଉପରେ ଏକ ସେମିନାରରେ ଯୋଗଦେଇଥିଲେ। ନୂଆପଡା ବିଜ୍ଞାପିତ ଅଞ୍ଚଳ ପରିଷଦ ୧୨ ନଂ. ୱାର୍ଡରେ ନିର୍ମାଣ ଚାଲିଥିବା ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍‌ଡୋର ହଲର କାର୍ଯ୍ୟ ତଦାରଖ କରି ଗୁଣବତା ଓ ଶ୍ରୀଘ୍ର ସମ୍ପାଦନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ପର୍ଯ୍ୟବେକ୍ଷଣ ସମୟରେ ରାଜ୍ୟ ସରକାରଙ୍କ ଯୋଜନା ଓ ସମନ୍ୱୟ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ, ଜିଲା ପରିଷଦ ସଦସ୍ୟ ଅବନି ରଞ୍ଜନ ଯୋଶୀ, ନଗରପାଳ ମହମ୍ମଦ ଆଦାମ, ପରିଷଦ ମଠୟ ରଞ୍ଜନ ମଣ୍ଡଳ, ମୁଖ୍ୟ ନିର୍ମାଣ ଯନ୍ତ୍ରୀ ହିମାଂଶୁ ଶେଖର ଷଡଙ୍ଗୀ, ଅଧୀକ୍ଷଣ ଯନ୍ତ୍ରୀ ଅଶୋକ ପଣ୍ଡା ଓ କନିଷ୍ଠ ଯନ୍ତ୍ରୀ ମାଧବ ପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଭିନ୍ନକ୍ଷମ ଯୁବତୀଙ୍କୁ ବଳାତ୍କାର କରିବା ଅଭିଯୋଗରେ ଯୁବକ ଗିରଫ

ଡୁଙ୍ଗୁରିପାଲି,୨୧।୧୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଅଞ୍ଚଳରେ ଜଣେ ଭିନ୍ନକ୍ଷମ ଯୁବତୀଙ୍କୁ ବଳାତ୍କାର କରିବା ଅଭିଯୋଗରେ ପୋଲିସ ରଞ୍ଜନ ମିର୍ଦ୍ଧାଙ୍କୁ ବୁଧବାର ଗିରଫ କରିଛି। ପ୍ରକାଶ ଯେ,୨୦ ବର୍ଷୀୟା ଭିନ୍ନକ୍ଷମ ଯୁବତୀ (ମୂକ) ଜଣକ ମଙ୍ଗଳବାର ସନ୍ଧ୍ୟାରେ ଘରର ବାଡିପଟକୁ ଶୌଚ ପାଇଁ ଯାଇଥିଲେ। ଏହି ସମୟରେ ରଞ୍ଜନ ଯୁବତୀଙ୍କୁ ଏକୁଟିଆ ଦେଖି ଟେକିନେଇ ବଳାତ୍କାର କରିଥିଲେ। ଝିଅ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ଶୌଚ ହେବା ପାଇଁ ସେ ଯେଉଁଠି ଯାଇଥିଲେ ସେଠାରେ ଚପଲ ଓ ବାଲଟି ପଡିଥିବା ବେଳେ କିଛି ଦୂରରେ ଅଭିଯୁକ୍ତ ଯୁବକଙ୍କ ମୋବାଇଲ ଓ ଚପଲ ପଡ଼ିଥିବା ପରିବାର ଲୋକେ ଦେଖିଥିଲେ। ଆଉ କିଛି ଦୂରରେ ଝିଅ କାନ୍ଦୁଥିବାର ଦେଖି ଘରକୁ ନେଇ ଆସିଥିଲେ। ଏନେଇ ଯୁବତୀଙ୍କ ପରିବାର ଲୋକେ ବୁଧବାର ଡୁଙ୍ଗୁରିପାଲି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏହି ଘଟଣାର ତଦନ୍ତ କରି ଅଭିଯୁକ୍ତ ରଞ୍ଜନଙ୍କୁ ଗିରଫ କରିଛି। ଏନେଇ ୨୬୧/୨୨ରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

# ଆହତଙ୍କୁ ଡାକ୍ତରଖାନାରେ ଭର୍ତ୍ତିକଲେ ଏସ୍‌ପି

ସୋନପୁର,୨୧।୧୨(ନି.ପ୍ର.)

ସୁବର୍ଣ୍ଣପୁର ଏସ୍‌ପି ଅମରେଶ କୁମାର ପଣ୍ଡା ଦୁର୍ଘଟଣାରେ ଆହତଙ୍କୁ ନିଜ ଗାଡିରେ ନେଇ ବୁଧବାର ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଏସ୍‌ପି ପଣ୍ଡା ବିନିକା ଥାନା ଅଭିମୁଖେ ଯାଉଥିବା ସମୟରେ ସୋନପୁର–ବିନିକା ରାସ୍ତାର ଉର୍ଲେ ଛକ ହମ୍ପସ୍ ନିକଟରେ ମା', ବାପା ଓ ଶିଶୁ କନ୍ୟା ସଡକ ଦୁର୍ଘଟଣାରେ ଆହତ ହୋଇଥିବା ଦେଖିବାକୁ ପାଇଥିଲେ। ତରଭା ଥାନା ଘାଟକଇଁତରା ଗ୍ରାମର ସନତ ଶତପଥୀ(୩୫) ବାଇକ୍‌ରେ ସ୍ତ୍ରୀ ରୀନା ଓ ୩ ବର୍ଷର ଶିଶୁ କନ୍ୟାକୁ ନେଇ ଯାଉଥିବା ସମୟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ସେମାନଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଦେଖି ଏସ୍‌ପି ଗାଡି ଅଟକାଇ ଥିଲେ। ଆହତଙ୍କୁ ସଙ୍ଗେ ସଙ୍ଗେ ଡାକ୍ତରଖାନାକୁ ନେଇ ଚିକିତ୍ସିତ କରାଇଥିଲେ। ବାଇକ୍‌ରେ ମହିଳା ଓ ଶିଶୁଙ୍କୁ ନେଇ ଯାଉଥିବା ସମୟରେ ସମସ୍ତେ ସାବଧାନତା ଅବଲମ୍ବନ କରିବାକୁ ଏସ୍‌ପି ପଣ୍ଡା ଏହି ଅବସରରେ ପରାମର୍ଶ ଦେଇଛନ୍ତି। ଏସ୍‌ପିଙ୍କ ଏଭଳି ସେବାମୂଳକ କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।

# 'ଦୁଗ୍ଧ ବଲାଙ୍ଗୀରର ନୂଆ ପରିଚୟ'

### ବଲାଙ୍ଗୀର ଗୋପାଳନ ସମ୍ମିଳନୀ ଉଦ୍‌ଘାଟିତ

ବଲାଙ୍ଗୀର ଅଫିସ, ୨୧।୧୨

ଦୁଗ୍ଧ ଉତ୍ପାଦନ କ୍ଷେତ୍ର ଏବେ ବଲାଙ୍ଗୀରର ନୂଆ ପରିଚୟ ଆଣିଦେଇଛି। ଦୁଗ୍ଧକ୍ଷେତ୍ରରେ ଅତ୍ୟନ୍ତ କ୍ଷୀପ୍ରତର ଭାବେ ବିକାଶ ସମ୍ଭବ ହୋଇଛି ବୋଲି ଅତିଥିମାନେ ବଲାଙ୍ଗୀର କୋଶଳ କଳାମଣ୍ଡଳ ପଡିଆରେ ଆୟୋଜିତ ରାଜ୍ୟର ପ୍ରଥମ ଗୋପାଳନ ସମ୍ମିଳନୀ ଉଦ୍‌ଘାଟନୀ ସମାରୋହରେ କହିଛନ୍ତି। ବୁଧବାର ଏହି ଦୁଇଦିନିଆ ଗୋପାଳନ ସମ୍ମିଳନୀକୁ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ତଥା ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ତ୍ରିପାଠୀ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଦେଶରେ ଡାଇରି କ୍ଷେତ୍ରରେ ଦ୍ରୁତ ପରିବର୍ତ୍ତନ ଆସିଛି। ଦୁଇଦିନିଆ ଗୋପାଳନ ସମ୍ମିଳନୀ ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବାର୍ତ୍ତା ପାଠ କରାଯାଇଥିଲା। ଡାଇରି କ୍ଷେତ୍ରରେ ଏବେ ନୂତନ ଟେକ୍ନୋଲୋଜି, ଉତ୍ପାଦ ଏବଂ ଧାରା ଦେଖିବାକୁ ମିଳିଛି ଯାହା ଯୁବ ଉଦ୍ୟୋଗୀ ଏବଂ ଷ୍ଟାର୍ଟଅପ ଗୁଡିକୁ ଏହି କ୍ଷେତ୍ର ପ୍ରତି ଆକର୍ଷିତ କରୁଛି। ବଲାଙ୍ଗୀରରେ ଏଭଳି ସମ୍ମିଳନୀ ଆୟୋଜିତ ହେବା ଆମ ପାଇଁ ଏକ ଖୁସିର ବିଷୟ। ଗୋପାଳନ ବିଶେଷଜ୍ଞ, ପ୍ରାଣୀ ଚିକିତ୍ସକ, ଗବେଷଣା ପ୍ରତିଷ୍ଠାନ, ଦୁଗ୍ଧଚାଷୀ ଏବଂ ଷ୍ଟାର୍ଟଅପ ଗୁଡିକ




ଗୋପାଳନ ସମ୍ମିଳନୀର ଉଦ୍‌ଘାଟନୀ ସମାରୋହରେ ମଞ୍ଚାସୀନ ଅତିଥି।

ଲାଗି ଏହି ସମ୍ମିଳନୀ ଏକକ ପ୍ଲାଟଫର୍ମ ହୋଇ ପାରିବ ଏବଂ ଉଭୟ ଜିଲା ଓ ରାଜ୍ୟ ପାଇଁ ନୂତନ ସମ୍ଭାବନା ଆଣିବ ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ବାର୍ତ୍ତାରେ ଜଣାଇଥିଲେ।

ବଲାଙ୍ଗୀର ଜିଲା ପ୍ରଶାସନ ଏବଂ ବଲାଙ୍ଗୀର–କଳାହାଣ୍ଡି– ନୂଆପଡା ଆଞ୍ଚଳିକ ସମବାୟ ଦୁଗ୍ଧ ସମିତି ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଦୁଇଦିନିଆ ଗୋପାଳନ ସମ୍ମିଳନୀରେ ମୁଖ୍ୟଅତିଥି ତ୍ରିପାଠୀ ଚାଷୀଙ୍କ ଆୟ ବୃଦ୍ଧି ଦିଗରେ ସରକାର ଯଥେଷ୍ଟ ଗୁରୁତ୍ୱ ପ୍ରଦାନ କରୁଛନ୍ତି ବୋଲି କହିଥିଲେ। ଗୋପାଳନ ଏବଂ ଦୁଗ୍ଧକ୍ଷେତ୍ରରେ ଆୟବୃଦ୍ଧି ତଥା ରୋଜଗାର ସୃଷ୍ଟିର ସୁଯୋଗ ରହିଛି। ବଲାଙ୍ଗୀର ଜିଲାରେ ଦୁଗ୍ଧ ଉତ୍ପାଦନରେ ରେକର୍ଡ ସୃଷ୍ଟି ହୋଇଛି। ୨୦୧୯–୨୦ ମସିହାରେ ଜିଲାରେ ୩୬ ହଜାର ଲିଟର ଦୁଗ୍ଧ ଉତ୍ପାଦନ ହେଉଥିବାବେଳେ ୨୦୨୨–୨୩ ମସିହାରେ ଏହା ୭୪ ହଜାର ଲିଟରକୁ ପହଞ୍ଚିଛି। ଏହି ରେକର୍ଡ ପ୍ରତିଷ୍ଠା କରିବାରେ ସମଗ୍ର ରାଜ୍ୟ ତଥା ଦେଶରେ ବଲାଙ୍ଗୀର ଜିଲାପାଳ ଚଞ୍ଚଳ ରାଣା ଓ ତାଙ୍କ ଟିମ୍ ରେକର୍ଡ ସୃଷ୍ଟି କରିଛନ୍ତି ବୋଲି ତ୍ରିପାଠୀ କହି ଅଭିନନ୍ଦନ ଜଣାଇଥିଲେ। ଉତ୍ତରାଞ୍ଚଳ ରାଜସ୍ୱ କମିଶନର ସୁରେଶ ଚନ୍ଦ୍ର ଦଲାଇ ସମ୍ମାନିତ ଅତିଥିଭାବେ ଯୋଗଦେଇ ଏହି ସମ୍ମିଳନୀ ଦ୍ୱାରା ଜିଲାର ଦୁଗ୍ଧଚାଷୀମାନେ ଆହୁରି ବୈଷୟିକ ଜ୍ଞାନ କୌଶଳ ଆହରଣ କରିବା ସହ ନିଜ ବ୍ୟବସାୟ ରେ ଉନ୍ନତି ଆଣିପାରିବେ ବୋଲି କହିଥିଲେ। ଜିଲାପାଳ ଚଞ୍ଚଳ ରାଣା ନିଜ ବକ୍ତବ୍ୟରେ ଏହି ସମ୍ମିଳନୀ ଚାଷୀମାନଙ୍କ ପାଇଁ ପ୍ରେରଣାଦାୟୀ ରହିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓମଫେଡ ପରିଚାଳନା ନିର୍ଦ୍ଦେଶକ ଆଶିଷ କୁମାର ସିହ୍ନା, ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ବଲାଙ୍ଗୀର କଳାହାଣ୍ଡି ନୂଆପଡା ଆଞ୍ଚଳିକ ସମବାୟ ଦୁଗ୍ଧ ସମିତି ସଭାପତି ସୀମା ପଟେଲ, ପଶ୍ଚିମ ଓଡିଶା ବିକାଶ ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ଼ ଅଜିତ କୁମାର ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ବିକେଏନ୍ ସମବାୟ ଦୁଗ୍ଧ ସମିତି ସାଧାରଣ ପରିଚାଳକ ଡ଼ ସରୋଜ କୁମାର ସାହୁ ସମ୍ମିଳନୀ ପ୍ରାରମ୍ଭରେ ସ୍ୱାଗତ ବକ୍ତବ୍ୟ ରଖିଥିଲେ। ଉଦ୍‌ଘାଟନୀ ପରେ ମୁଖ୍ୟଅତିଥି ତ୍ରିପାଠୀ ଏକ ପ୍ରଦର୍ଶନୀ ଉଦ୍‌ଘାଟନ କରିଥିଲେ। ଏହାପରେ ବୈଷୟିକ ଅଧିବେଶନ ଏବଂ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ସମଗ୍ର ଦେଶ ଏବଂହ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ବିଶେଷଜ୍ଞ, ଡାକ୍ତର, ଉଦ୍ୟୋଗୀ, ସଫଳ ଗୋପାଳକ, ଦୁଗ୍ଧଚାଷୀ, ବ୍ୟବସାୟୀ ଯୋଗଦାନ କରିଥିଲେ। ସନ୍ଧ୍ୟାରେ ସଫଳ ଚାଷୀ, ଉଦ୍ୟୋଗୀଙ୍କୁ ମୁଖ୍ୟଅତିଥି ତ୍ରିପାଠୀ ଓ ଜିଲାପାଳ ରାଣା ପୁରସ୍କୃତ କରିଥିଲେ।


सेन्ट्रल माईन प्लानिंग एण्ड डिजाईन इन्स्टीच्यूट लिमिटेड
**cmpdi** A Mini Ratna Company
**CENTRAL MINE PLANNING & DESIGN INSTITUTE LIMITED**
(A Subsidiary of Coal India Limited) (कोल इण्डिया लिमिटेड की एक अनुषंगी कंपनी)
Gondwana Place, Kanke Road, Ranchi-834 031, Jharkhand, INDIA

**NOTICE**

"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. **www.coalindia.in**/respective Subsidiary Company (CMPDI, **www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurement Portal **https://eprocure.gov.in** In addition, procurement is also done through GeM portal **https://gem.gov.in**".



**ପୂର୍ବ ତଟ ରେଳପଥ**

ଫେବୃଆରୀ-2023 ପାଇଁ ଡିପୋ ଏବଂ ମଣ୍ଡଳଗୁଡ଼ିକ ନିମନ୍ତେ ସ୍କ୍ରାପ୍ ବିକ୍ରୀ ଇ-ନିଲାମ କାର୍ଯ୍ୟସୂଚୀ

ଇ-ନିଲାମର ଅନୁସୂଚୀ

| ମାସ | ମୁଖ୍ୟାଳୟ/ମଣ୍ଡଳଗୁଡିକ | ତାରିଖ |
|---|---|---|
| ଫେବୃଆରୀ -2023 | ଡିପୋ ମଞ୍ଚେଶ୍ୱର | 02.02.2023, 09.02.2023, 17.02.2023, 24.02.2023 |
| | ଖୋର୍ଦ୍ଧା ରୋଡ଼ ମଣ୍ଡଳ | 07.02.2023, 14.02.2023, 21.02.2023, 28.02.2023 |
| | ୱାଲ୍ଟିୟର ମଣ୍ଡଳ | 01.02.2023, 06.02.2023, 13.02.2023, 20.02.2023 27.02.2023 |
| | ସମ୍ବଲପୁର ମଣ୍ଡଳ | 03.02.2023, 10.02.2023, 17.02.2023, 27.02.2023 |

''ଯେପରି ଅଛି, ଯେଉଁଠାରେ ଅଛି'' ଭିତ୍ତିରେ ସମ୍ବଲପୁର, ଖୋର୍ଦ୍ଧା ରୋଡ଼ ଏବଂ ୱାଲ୍ଟିୟର ମଣ୍ଡଳରେ ନଷ୍ଟ ହୋଇଥିବା ରୋଲିଂ ଷ୍ଟକ୍ସ (ଲୋକୋ, କୋଚ୍, ୱାଗନ), ସ୍କ୍ରାପ୍ ରେଲ, ବିବିଧ **P.Way** ଫିଟିଙ୍ଗସ (ସୁଇଚ୍, କ୍ରସିଙ୍ଗସ, ଫିସ୍ ପ୍ଲେଟସ, ସ୍ଲିପର, ଫିସ୍ ବୋଲ୍ଟ ଇତ୍ୟାଦି), ବିବିଧ ୱାର୍କସପ୍ ସ୍କ୍ରାପ (ଡ୍ରମ୍, ବଗି ଫ୍ରେମ୍, ବଫର କେସିଙ୍ଗ, ବଫର ପ୍ଲଙ୍ଗର, ଟର୍ଣ୍ଣିଙ୍ଗ ଏବଂ ବୋରିଙ୍ଗ ଇତ୍ୟାଦି), ବିବିଧ ଫେରସ୍, ନନ୍-ଫେରସ୍, ନନ୍ - ମେଟାଲିକ୍ ସ୍କ୍ରାପ୍, ନଷ୍ଟ ହୋଇଥିବା ମେସିନାରୀ ଏବଂ ପ୍ଲାଣ୍ଟସ, ନଷ୍ଟ ହୋଇଥିବା ଯାନ, ନଷ୍ଟ ହୋଇଥିବା ଅଫିସ୍ ଉପକରଣ ଏବଂ ରେଲୱେ ବିଦ୍ୟୁତୀକରଣ ର ସ୍କ୍ରାପ୍ ସାମଗ୍ରୀଗୁଡ଼ିକର ମଧ୍ୟ ପ୍ରସ୍ତାବିତ ନିଲାମ ବିକ୍ରୀ। ରେଳବାଇ ପ୍ରଶାସନର ଅନ୍ୟ ଆଇଟମ୍‌ଗୁଡ଼ିକୁ ମଧ୍ୟ ନିଲାମରେ ଅନ୍ତର୍ଭୁକ୍ତ କରିବାର ସ୍ୱତନ୍ତ୍ରତା ରହିଛି ଏବଂ ସାମଗ୍ରୀଗୁଡ଼ିକର ସର୍ତ୍ତ ଓ ବ୍ୟବସ୍ଥାବଳୀ ସମ୍ପର୍କିତ ସଂପୂର୍ଣ୍ଣ ବିବରଣୀ ନିଲାମ କାଟଲଗ୍ ଅନୁଯାୟୀ କରାଯିବ, ଯାହାକି ପୂର୍ବ ତଟ ରେଳପଥର ସଂପୃକ୍ତ ନିଲାମ ପରିଚାଳନା ପ୍ରାଧିକାରୀଙ୍କ କାର୍ଯ୍ୟାଳୟରୁ କିମ୍ବା ନିଲାମ ତାରିଖର **07**(ସାତ) ଦିନ ପୂର୍ବରୁ ଆମର ୱେବସାଇଟ୍ **www.ireps.gov.in** ରେ ଉପଲବ୍ଧ ହେବ।

PR-830/N/22-23 — ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଭୁବନେଶ୍ୱର



**DISTRICT PROJECT OFFICE, SS, SUNDARGARH**
In Front of BS High School, Sundargarh
Email: dpcsndgssa.opepa@nic.in
No. 5521/IE — Dated: 21.12.2022

**LIMITED QUOTATION CALL NOTICE**

Sealed quotation/tender in plain papers are invited from the Registered Firms/Suppliers having valid GSTIN and Income Tax Clearance Certificate for supply of different equipment and materials for different block resource centres of Sundargarh District. The quotation/tender should reach the office of the undersigned on or before 05.01.2023 by 1.00 P.M. at the latest through Speed/Regd. Post and the tenders shall be opened on the same day at 4.00 P.M. in the presence of bidders or their authorized representatives.

Detailed terms and conditions, other information are available in district website **http://sundergarh.nic.in** and OPEPA website **http://osepa.odisha.gov.in**. For any addendum, corrigendum, modification above website may be referred to.

**Sd./- DEO-cum-DPC**
**Samagra Shiksha, Sundargarh**



**OFFICE OF THE PANCHAYAT SAMITI, BHADRAK**
Order No. 3906 — Date: 20.12.2022

**CORRIGENDUM NOTICE**

No. i-275: In continuation to this office tender call notice issued vide this office Order No. 5806 Dt.12.12.2022 regarding **supply of Tri Cycle for Garbage Collection,** the last date of which was fixed to 19.12.2022 as no bidders filed any tender papers by the date mentioned above, further it will be extended upto 23.12.2022. Therefore all bidders are requested to see the corrigendum and download tender schedule which is uploaded.

**Sd./- Block Development Officer, Bhadrak**
OIPR-19211/11/0008/2223



**ପୂର୍ବ ତଟ ରେଳପଥ**

ଆଗ୍ରହର ପରିପ୍ରକାଶ (EOI)

EOI ସୂଚନା ସଂ.- CMS/SBP/L.Purchase/2022/1712 ତା.17.12.2022ରିଖ

**କାର୍ଯ୍ୟର ବିବରଣୀ :** "ଦୈନିକ ଆବଶ୍ୟକତା ଅନୁଯାୟୀ ମଣ୍ଡଳ ରେଳ ଚିକିତ୍ସାଳୟ, ସମ୍ବଲପୁରର ଷ୍ଟକ୍ (Stock)ରେ ଉପଲବ୍ଧ ନଥିବା ଔଷଧଗୁଡ଼ିକର ଯୋଗାଣ ନିମନ୍ତେ।"

**ଚୁକ୍ତି ଅବଧି :** କାର୍ଯ୍ୟ ଆରମ୍ଭ ହେବା ତାରିଖ ଠାରୁ 02(ଦୁଇ) ବର୍ଷ

**ଆଗ୍ରହର ପରିପ୍ରକାଶ (EOI)ବନ୍ଦ ହେବା ତାରିଖ ଓ ସମୟ:** ତା.28.12.2022 ରିଖ 1500 ଘଟିକାରେ।

ଆଗ୍ରହର ପରିପ୍ରକାଶ (EOI) ପ୍ରାପ୍ତକର୍ତ୍ତାଙ୍କ ଠିକଣା : ମୁଖ୍ୟ ଚିକିତ୍ସା ଅଧୀକ୍ଷକ, ମଣ୍ଡଳ ରେଳ ଚିକିତ୍ସାଳୟ, ସମ୍ବଲପୁର, ପୋଷ୍ଟ : ଖେତରାଜପୁର, ଜିଲ୍ଲା : ସମ୍ବଲପୁର, ଓଡ଼ିଶା, ପିନ୍-768003

ବିସ୍ତୃତ ବିବରଣୀ ପାଇଁ ଦୟାକରି ଆମର ୱେବସାଇଟ୍ **https://eastcoastrail.indianrailways.gov.in→Tenders→Expression of Interest (EOI)** କୁ ଅବଲୋକନ କରନ୍ତୁ।

ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧୀକ୍ଷକ (ଭଣ୍ଡାର)/ ସମ୍ବଲପୁର

PR-832/N/22-23



**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.02/GSU/SBP/2022-23 ତା.16.12.2022 ରିଖ

**କାର୍ଯ୍ୟର ନାମ:** ପୂର୍ବ ତଟ ରେଳପଥର ମୁଖ୍ୟ ପ୍ରକଳ୍ପ ପ୍ରବନ୍ଧକ(ଗତି ଶକ୍ତି ୟୁନିଟ୍), ସମ୍ବଲପୁର ମଣ୍ଡଳ ପରିସୀମା ଅଧୀନସ୍ଥ ବିଭିନ୍ନ ନିର୍ମାଣ ସ୍ଥଳ/ସେକ୍ସନଗୁଡ଼ିକ ଠାରେ ପ୍ରକଳ୍ପ ନିରୀକ୍ଷଣ ସେବା ପ୍ରଦାନ କରିବା।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 2,18,82,000/-, ବିଡ୍ ସିକ୍ୟୁରିଟି(ଟଙ୍କାରେ) :2,59,400/-, କାର୍ଯ୍ୟ ଶେଷହେବା ଅବଧି: 18 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.09.01.2023 ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ **http://www.ireps.gov.in** ରେ ଉପଲବ୍ଧ ଅଟେ।

ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ। ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ଉପରୋକ୍ତ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି।

ଉପ ମୁଖ୍ୟ ଯନ୍ତ୍ରୀ(ଗତି ଶକ୍ତି), ସମ୍ବଲପୁର

PR-149/CF/22-23



**Government of Odisha, e- Procurement Notice**
**INVITATION FOR BIDS (IFB)**
**Bid Identification No. C.C.E.Dkl.(R&B) 18/2022-23**
**Email Id:sedklpwd@gmail.com**
**Letter No.3313/Dt.17.12.22**

**No.B-1004:**The Chief Construction Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for construction of Road & Bridge work as detailed below:

1. Name of the work : Road works
2. No. of works : 02 (Two) Nos.
3. Estimated Cost : Rs.8,02,50,439/- to Rs.9,31,52,182/- (as given in column No. 03 of table)
4. Cost of tender paper : Rs.10,000.00
5. Class of contractor : 'A' & 'Special' Class (as given in column No. 06 of table)
6. Period of Completion of work : 09 (Nine) to 11(Eleven) Calendar Months (as given in column No. 07 of table)
7. Date and time of availability of bid Document in the website : From Dt.23.12.2022 to 5.30 PM of Dt.06.01.2023
8. Date of opening of bid : Dt.07.01.2023 at 11.30 hours

The bidders have to participate in ONLINE biding only, further details can be seen from the e- Procurement Portal: www.tendersodisha.gov.in. Any addendum / corrigendum / cancellation of tender can also be seen in the said website.

**Sd./- Chief Construction Engineer**
OIPR-34132/11/0026/2223 **Dhenkanal (R&B) Circle, Dhenkanal**

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com



@ ବିଜୟ



@ ଅଭିଜିତ୍

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବନ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ରାଉରକେଲା ଅଫିସ,୨୧।୧୨

ହାତୀ ଉପଦ୍ରବ ଓ ତାର କ୍ଷତିପୂରଣ ପ୍ରଦାନ ନିମନ୍ତେ ରାଉରକେଲା ବନ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏନେଇ ଲାଠିକଟା ବ୍ଲକ ଅନ୍ତର୍ଗତ ସୁଇଡିହି ମୁଣ୍ଡାଜୋର ରାମଯୋଡି ପଞ୍ଚାୟତରେ ବସବାସ କରୁଥିବା ଅଞ୍ଚଳବାସୀ ଉକ୍ତ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହା ସହ ରାଉରକେଲା ଡିଏଫ୍ଓଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ରାମଯୋଡି ପଞ୍ଚାୟତରେ ବହୁ ଦିନ ଧରି ବିଭିନ୍ନ ହାତୀପଲର ଉପଦ୍ରବ ବଢିବାରେ ଲାଗିଛି। ଲୋକଙ୍କ ଫସଲ ସହ ଘରଦ୍ୱାର କ୍ଷତିଗ୍ରସ୍ତ ହେଉଛି। ବିଭିନ୍ନ ଗ୍ରାମର ବାସିନ୍ଦାଙ୍କ ଜୀବନ ହାନି ହେଉଛି। ବନରକ୍ଷୀମାନେ ଗ୍ରାମବାସୀଙ୍କ ଜୀବନ ରକ୍ଷା ଓ ହାତୀ ଉପଦ୍ରବ ରୋକିବାରେ ଅନେକ ସମୟରେ ବିଫଳ ହେଉଛନ୍ତି। ତେଣୁ ଆଗାମୀ ଦିନରେ ଗ୍ରାମବାସୀଙ୍କ ପ୍ରତି ଯଥାଶୀଘ୍ର ବନ ବିଭାଗ କିଛି ବିକଳ୍ପ ବ୍ୟବସ୍ଥା ନ କଲେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ସ୍ଥାନୀୟ ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି। ଏଥିସହ ସୁଇଡିହି ଅଞ୍ଚଳରେ ଗତ ୨୦ ତାରିଖରେ ନରେଶ କୁମ୍ଭାରଙ୍କୁ ହାତୀ ମାରି ଦେଇଥିବାବେଳେ ତାଙ୍କ ପରିବାରକୁ ଆଜିଯାଏଁ କୌଣସି କ୍ଷତପୂରଣ ମିଳିନାହିଁ । ସେହିଭଳି ବୁଧବାର ସକାଳ ସମୟରେ ହାତୀଙ୍କ ଆତଙ୍କ ଦେଖାଦେଇଛି। ତେଣୁ ବନ ବିଭାଗ ଏନେଇ ସଜାଗ ରହି ତୁରନ୍ତ ଉକ୍ତ ସମସ୍ୟାର ସମାଧାନ କରାଯାଉ ବୋଲି ଗ୍ରାମବାସୀ ଦାବି କରିଛନ୍ତି।



ରାଉରକେଲା ବନ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ଠିକା ଶ୍ରମିକଙ୍କ ପାଇଁ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ରାଉରକେଲା ଅଫିସ,୨୧।୧୨

ଆରଏସ୍‌ପି ହଟଷ୍ଟ୍ରିପ ମିଲ ଅଞ୍ଚଳରେ କାର୍ଯ୍ୟରତ ଠିକା ଶ୍ରମିକଙ୍କ ପାଇଁ ୫୦ତମ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଛି। ଏହି ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିରରେ ୨୨୨ ଜଣ ଠିକା ଶ୍ରମିକ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଆର୍‌ଏସ୍‌ପିର କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ.ଆର ସୂର୍ଯ୍ୟବଂଶୀ ଏହି ଶିବିରକୁ ପରିଦର୍ଶନ କରିବା ସହ ଡାକ୍ତର ଓ ଠିକା ଶ୍ରମିକଙ୍କ ସହିତ ମତବିନିମୟ କରିଥିଲେ। ଏହି ଅବସରରେ ହଟଷ୍ଟ୍ରିପ ମିଲ ଦ୍ୱୟର ସିଜିଏମ୍ ଇନ ଚାର୍ଜ ଆର.କେ ମୁଦୁଲି, କାର୍ମିକ ଓ ପ୍ରଶାସନିକ ବିଭାଗର ଜି.ଏମ ବି. କୁଲ୍ଲୁ, ଧୀରେନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକଳ୍ପ ଓସିଏଲ୍‌ସି କାର୍ମିକ ବିଭାଗର ଜିଏମ ସଞ୍ଜୟ ମେହରୋତ୍ରା ଅତିଥିମାନଙ୍କୁ ସ୍ୱାଗତ ଜଣାଇବା ସହ ଶିବିର ପରିଚାଳନା ବିଷୟରେ ସମସ୍ତ ତଥ୍ୟ ପ୍ରଦାନ କରିଥିଲେ। ଏହି ଶିବିରରେ ଠିକା ଶ୍ରମିକମାନଙ୍କ ଉଚ୍ଚତା, ଓଜନ, ଚକ୍ଷୁ ପରୀକ୍ଷା, ରକ୍ତ ଚାପ, ରକ୍ତ ସର୍କରା, ବ୍ଲଡ ଗ୍ରୁପିଙ୍ଗ ଭଳି ବିଭିନ୍ନ ରୋଗର ଚିକିତ୍ସା କରାଯାଇଥିଲା। ଶିବିରରେ ଚିହ୍ନଟ ରୋଗୀଙ୍କୁ ମାଗଣାରେ ଔଷଧ ବିତରଣ କରାଯାଇଥିଲା। ଆରଏସ୍‌ପିର କାର୍ମିକ ଠିକା ଶ୍ରମିକ ସେଲର ସିନିୟର ମ୍ୟାନେଜର ଅବିନାଶ ଓ ବିଭାଗୀୟ ଦଳ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ୨୦୧୩ ଏପ୍ରିଲରେ ଆରମ୍ଭ ହୋଇଥିବା ଯୋଜନା ଅଧିନରେ ଅବଧି ପର୍ଯ୍ୟନ୍ତ ୧୨୫୮୮ ଠିକା ଶ୍ରମିକ ସ୍ୱାସ୍ଥ୍ୟ ପରୀକ୍ଷା ସମ୍ପନ୍ନ ହୋଇଛି।



ଠିକା ଶ୍ରମିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

## ଖୁଚୁରା ପ୍ରତିଷ୍ଠାନ ବୁଲି ଅଭିଜ୍ଞତା ପାଇଲେ ଛାତ୍ରୀଛାତ୍ର

ସମ୍ବଲପୁର୨୧।୧୨(ବ୍ୟୁରୋ)

ସମ୍ବଲପୁର ଜିଲା ଝୁଝୁମୁରା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଖୁଚୁରା ପ୍ରତିଷ୍ଠାନ ବୁଲି ଅଭିଜ୍ଞତା ହାସଲ କରିଛନ୍ତି। ତୃତୀୟ ଭାଷା ଧନ୍ଦାମୂଳକ ଶିକ୍ଷା ରୂପେ ଖୁଚୁରା ବ୍ୟବସାୟ ବିଷୟକୁ ଚୟନ କରିଥିବା ନବମ ଓ ଦଶମ ଶ୍ରେଣୀର ଛାତ୍ରୀଛାତ୍ର ଏଥିରେ ସାମିଲ ହୋଇଥିଲେ। ଧନ୍ଦାମୂଳକ ଶିକ୍ଷକ ନେତ୍ରାନନ୍ଦ ଭୋଇ, ସହକାରୀ ଶିକ୍ଷକ ସୀମା ମେହେର, ଅତିଥି ଶିକ୍ଷକ ପ୍ରମୋଦ ପ୍ରଧାନ ସହଯୋଗ କରିଥିଲେ। ଖୁଚୁରା ପ୍ରତିଷ୍ଠାନର ପରିଚାଳନା, ବିଭିନ୍ନ ବିଭାଗ ଓ ବିଭାଗୀୟ କର୍ମଚାରୀଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ବିଷୟରେ ପିଲାମାନେ ଅବଗତ ହୋଇଥିଲେ। ଏହି ଭ୍ରମଣ କାର୍ଯ୍ୟକ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୁଳଧର ପ୍ରଧାନଙ୍କ ତତ୍ତ୍ୱାବଧାନରେ ହୋଇଥିଲା।

cmpdi A Mini Ratna Company
सेन्ट्रल माईन प्लानिंग एण्ड डिजाईन इन्स्टीच्यूट लिमिटेड
CENTRAL MINE PLANNING & DESIGN INSTITUTE LIMITED
(A Subsidiary of Coal India Limited) (कोल इण्डिया लिमिटेड की एक अनुषंगी कंपनी)
Gondwana Place, Kanke Road, Ranchi-834 031, Jharkhand, INDIA
NOTICE
"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. www.coalindia.in/respective Subsidiary Company (CMPDI, www.cmpdi.co.in), CIL e-procurement portal https://coalindiatenders.nic.in and Central Public Procurement Portal https://eprocure.gov.in In addition, procurement is also done through GeM portal https://gem.gov.in".

ପୂର୍ବ ତଟ ରେଳପଥ
ଫେବୃଆରୀ-2023 ପାଇଁ ଡିପୋ ଏବଂ ମଣ୍ଡଳଗୁଡ଼ିକ ନିମନ୍ତେ ସ୍କ୍ରାପ୍ ବିକ୍ରୀ ଇ-ନିଲାମ କାର୍ଯ୍ୟସୂଚୀ
ଇ-ନିଲାମର ଅନୁସୂଚୀ

| ମାସ | ମୁଖ୍ୟାଳୟ/ମଣ୍ଡଳଗୁଡ଼ିକ | ତାରିଖ |
|---|---|---|
| ଫେବୃଆରୀ -2023 | ଡିପୋ ମଞ୍ଚେଶ୍ୱର | 02.02.2023, 09.02.2023, 17.02.2023, 24.02.2023 |
| | ଖୋର୍ଦ୍ଧା ରୋଡ୍ ମଣ୍ଡଳ | 07.02.2023, 14.02.2023, 21.02.2023, 28.02.2023 |
| | ୱାଲ୍ଟିୟର ମଣ୍ଡଳ | 01.02.2023, 06.02.2023, 13.02.2023, 20.02.2023 27.02.2023 |
| | ସମ୍ବଲପୁର ମଣ୍ଡଳ | 03.02.2023, 10.02.2023, 17.02.2023, 27.02.2023 |

''ଯେପରି ଅଛି, ଯେଉଁଠାରେ ଅଛି'' ଭିତ୍ତିରେ ସମ୍ବଲପୁର, ଖୋର୍ଦ୍ଧା ରୋଡ୍ ଏବଂ ୱାଲ୍ଟିୟର ମଣ୍ଡଳରେ ନଷ୍ଟ ହୋଇଥିବା ରୋଲିଂ ଷ୍ଟକ୍ସ (ଲୋକୋ, କୋଚ୍, ୱାଗନ), ସ୍କ୍ରାପ୍ ରେଲ, ବିବିଧ P.Way ଫିଟିଙ୍ଗସ (ସୁଇଚ୍, କ୍ରସିଙ୍ଗସ, ଫିସ୍ ପ୍ଲେଟସ, ସ୍ଲିପର, ଫିସ୍ ବୋଲ୍ଟ ଇତ୍ୟାଦି), ବିବିଧ ୱାର୍କସପ୍ ସ୍କ୍ରାପ (ଡ୍ରମ୍, ବଗି ଫ୍ରେମ୍, ବଫର କେସିଙ୍ଗ, ବଫର ପ୍ଲଙ୍ଗର, ଟର୍ଣ୍ଣିଙ୍ଗ ଏବଂ ବୋରିଙ୍ଗ ଇତ୍ୟାଦି), ବିବିଧ ଫେରସ୍, ନନ୍-ଫେରସ୍, ନନ୍ - ମେଟାଲିକ୍ ସ୍କ୍ରାପ୍, ନଷ୍ଟ ହୋଇଥିବା ମେସିନାରୀ ଏବଂ ପ୍ଲାଣ୍ଟସ, ନଷ୍ଟ ହୋଇଥିବା ଯାନ, ନଷ୍ଟ ହୋଇଥିବା ଅଫିସ୍ ଉପକରଣ ଏବଂ ରେଲୱେ ବିଦ୍ୟୁତୀକରଣ ର ସ୍କ୍ରାପ୍ ସାମଗ୍ରୀଗୁଡ଼ିକର ମଧ୍ୟ ପ୍ରସ୍ତାବିତ ନିଲାମ ବିକ୍ରୀ। ରେଳବାଇ ପ୍ରଶାସନର ଅନ୍ୟ ଆଇଟମ୍‌ଗୁଡ଼ିକୁ ମଧ୍ୟ ନିଲାମରେ ଅନ୍ତର୍ଭୁକ୍ତ କରିବାର ସ୍ୱତନ୍ତ୍ରତା ରହିଛି ଏବଂ ସାମଗ୍ରୀଗୁଡ଼ିକର ସର୍ତ୍ତ ଓ ବ୍ୟବସ୍ଥାବଳୀ ସମ୍ପର୍କିତ ସଂପୂର୍ଣ୍ଣ ବିବରଣୀ ନିଲାମ କାଟଲଗ୍ ଅନୁଯାୟୀ କରାଯିବ, ଯାହାକି ପୂର୍ବ ତଟ ରେଳପଥର ସଂପୃକ୍ତ ନିଲାମ ପରିଚାଳନା ପ୍ରାଧିକାରୀଙ୍କ କାର୍ଯ୍ୟାଳୟରୁ କିମ୍ବା ନିଲାମ ତାରିଖର 07(ସାତ) ଦିନ ପୂର୍ବରୁ ଆମର ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ହେବ।
PR-830/N/22-23 ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଭୁବନେଶ୍ୱର

## ରାଉରକେଲାରେ ଡ୍ରିଙ୍କ ଫ୍ରମ୍ ଟ୍ୟାପ୍‌ର ଶୁଭାରମ୍ଭ




ଜଗଦାରେ ଉଦ୍‌ଘାଟନ ଉତ୍ସବରେ ଉପସ୍ଥିତ ଅତିଥି।

ରାଉରକେଲା ଅଫିସ,୨୧।୧୨

ସହରରେ ୨୪ ଘଣ୍ଟିଆ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଡ୍ରିଙ୍କ ଫ୍ରମ ଟ୍ୟାପ୍‌ର ଶୁଭାରମ୍ଭ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱର ଲୋକସେବା ଭବନରୁ ଭିସି ଦ୍ୱାରା ବୁଧବାର ଉଦ୍‌ଘାଟନ କରିଥିଲେ। ଏନେଇ ଜଗଦା ଅଞ୍ଚଳରେ ଉଦ୍‌ଘାଟନ ଉତ୍ସବରେ ସୁନ୍ଦରଗଡ଼ ଜିଲାପାଳ ଡାକ୍ତର ପରାଗ ହର୍ଷଦ ଗାଭାଲି, ରାଉରକେଲା ଅତିରିକ୍ତ ଜିଲାପାଳ ଡ. ଶୁଭଙ୍କର ମହାପାତ୍ର, ବିଧାୟକ ସାରଦା ପ୍ରସାଦ ନାୟକ ଅତିଥି ଭାବେ ଯୋଗଦେଇ ଥିଲେ। ସହରରେ ୱାର୍ଡ ନଂ.୧, ୨, ୩ ଓ ୩୬ ଅଞ୍ଚଳରେ ବାସବାସ କରୁଥିବା ବସ୍ତିବାସୀଙ୍କୁ ୨୪ ଘଣ୍ଟିଆ ବିଶୁଦ୍ଧ ପାନୀୟ ଜଳ ଏହି ଯୋଜନା ମାଧ୍ୟମରେ ମିଳିବ ବୋଲି ଜିଲାପାଳ ଗାଭାଲି ଅବଗତ କରାଇଥିଲେ। ବିଶୁଦ୍ଧ ଜଳକୁ କିଭଳି ନଷ୍ଟ ନ କରିବା ଓ ଜଳର ସଞ୍ଚୟ ଉପରେ ବିଧାୟକ ନାୟକ ସ୍ଥାନୀୟ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ।

## କେନ୍ଦ୍ରୀୟ ବିଦ୍ୟାଳୟ-୨ରେ ବାର୍ଷିକ କ୍ରୀଡ଼ା

ସମ୍ବଲପୁର୨୧।୧୨(ବ୍ୟୁରୋ)

ବୁର୍ଲା ଗଣେଶ ନଗରସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ-୨ରେ ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ଅଲିମ୍ପିକ୍ ମଶାଲ ଜଳାଇବା ପରେ କ୍ରୀଡ଼ା ଉତ୍ସବ ଆରମ୍ଭ ହୋଇଥିଲା। ପ୍ରଧାନ ଶିକ୍ଷକ ଗଣେଶ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ ପ୍ରେମରାଜ ପ୍ରଧାନ ଯୋଗଦେଇ କ୍ରୀଡ଼ାର ମହତ୍ତ୍ୱ ବିଷୟରେ ଆଲୋକପାତ କରିଥିଲେ। ଛାତ୍ରୀଛାତ୍ର ୧୦୦ ମିଟର, ୬୦୦ ମିଟର, ୨୦୦ ମିଟର, ୪୦୦ ମିଟର ରିଲେ ରେସ, ଶଟ୍‌ପୁଟ୍, ଲମ୍ବଡିଆଁ, ଉଚ୍ଚ ଡିଆଁ ଆଦି ପ୍ରତିଯୋଗିତାରେ ଭାଗ ନେଇଥିଲେ। ମୁଖ୍ୟଅତିଥି ପ୍ରଧାନ ବିଜେତାମାନଙ୍କୁ ପୁରସ୍କୃତ କରିଥିଲେ। ସ୍କୁଲର କ୍ରୀଡା ଶିକ୍ଷକ ପରିଚାଳନା କରିଥିବା ବେଳେ ସମସ୍ତ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।

## ଅସହାୟ ଶିଶୁଙ୍କୁ ଥଇଥାନ କଲା ପ୍ରଶାସନ



ଜିଲାପାଳଙ୍କ ଅଫିସ ସମ୍ମୁଖରେ ଶିଶୁଙ୍କ ସହ କର୍ମକର୍ତ୍ତା ।

ସମ୍ବଲପୁର,୨୧।୧୨(ବ୍ୟୁରୋ)

ସମ୍ବଲପୁର ମହାନଗର ଚାରଭାଟିର ୨ ଜଣ ଅସହାୟ ଶିଶୁଙ୍କୁ ପ୍ରଶାସନ ପକ୍ଷରୁ ଥଇଥାନ କରାଯାଇଛି। ବାପା ଅଭି ଓରାମଙ୍କ ମୃତ୍ୟୁ ପରେ ଦୁଇ ଶିଶୁ ପାଠପଢା ଛାଡି ଅଭାବ ଅସୁବିଧାରେ ରହୁଥିଲେ। ୧୨ବର୍ଷିୟ ଅରୁଣ ଓରାମ ଓ ୧୦ ବର୍ଷିୟ ବରୁଣ ଓରାମ ମାଆ ସକୁନ୍ତଳା ଓରାମଙ୍କ ଉପରେ ନିର୍ଭରଶୀଳ। ସକୁନ୍ତଳା ମୁକ ଓ ବଧିର ହୋଇଥିବାବେଳେ ପିଲାମାନଙ୍କ ପାଠପଢା ନେଇ ସହଯୋଗ କରିପାରୁ ନ ଥିଲେ। ଚାରଭାଟିର ଅଙ୍ଗନୱାଡ଼ି କର୍ମୀ ସସ୍ମିତା ଓରାମ, ଆଶାକର୍ମୀ ସୁଷମା ଓରାମ ସେମାନଙ୍କୁ ଥଇଥାନ କରିବାକୁ ଆଗେଇ ଆସିଥିଲେ। ଡିସିପିଓ ସୁଚିସ୍ମିତା ପଟ୍ଟନାୟକଙ୍କ ସହଯୋଗରେ ଦୁଇ ପିଲାଙ୍କୁ ଆଇଜାକ୍ ସାନ୍ତ୍ରା ବାଳନିକେତନ ଫୁଲଝରନଠାରେ ଆଶ୍ରୟ ଦିଆଯାଇଥିଲା।

DISTRICT PROJECT OFFICE, SS, SUNDARGARH
In Front of BS High School, Sundargarh
Email: dpcsndgssa.opepa@nic.in
No. 5521/IE Dated: 21.12.2022
LIMITED QUOTATION CALL NOTICE
Sealed quotation/tender in plain papers are invited from the Registered Firms/Suppliers having valid GSTIN and Income Tax Clearance Certificate for supply of different equipment and materials for different block resource centres of Sundargarh District. The quotation/tender should reach the office of the undersigned on or before 05.01.2023 by 1.00 P.M. at the latest through Speed/Regd. Post and the tenders shall be opened on the same day at 4.00 P.M. in the presence of bidders or their authorized representatives.
Detailed terms and conditions, other information are available in district website http://sundergarh.nic.in and OPEPA website http://osepa.odisha.gov.in. For any addendum, corrigendum, modification above website may be referred to.
Sd./- DEO-cum-DPC
Samagra Shiksha, Sundargarh

OFFICE OF THE
PANCHAYAT SAMITI, BHADRAK
Order No. 3906 Date: 20.12.2022
CORRIGENDUM NOTICE
No. i-275: In continuation to this office tender call notice issued vide this office Order No. 5806 Dt.12.12.2022 regarding supply of Tri Cycle for Garbage Collection, the last date of which was fixed to 19.12.2022 as no bidders filed any tender papers by the date mentioned above, further it will be extended upto 23.12.2022. Therefore all bidders are requested to see the corrigendum and download tender schedule which is uploaded.
Sd./- Block Development Officer, Bhadrak
OIPR-19211/11/0008/2223

## ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ



କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀ।

ଲହୁଣୀପଡ଼ା, ୨୧।୧୨(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଖେଳ ପଡିଆଠାରେ ବିଶ୍ୱକପ ହକି ପ୍ରତିଯୋଗିତା ଉପଲକ୍ଷେ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏହି ଦୁଇ ଦିନିଆ କ୍ରୀଡ଼ା ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ପଣ୍ଡିତ ଚରଣ ମୁଣ୍ଡା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସୁକେନ୍ଦୁ ସାହୁ,ଏବିଇଓ ଇମାକ୍ରିପା ମିଞ୍ଜ, ମାନସ ପଟେଲ, କୁଳିପୋଷ ପୂର୍ବତନ ସରପଞ୍ଚ ବୈଲୋଚନ ନାଏକ ଯୋଗ ଦେଇଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ଭଗବାନ ବାଙ୍ଗୀରା ଅଧ୍ୟକ୍ଷତା କରିଥିଲେ। ଖେଳ ଶିକ୍ଷକ ନେତ୍ରାନନ୍ଦ ମାହାନ୍ତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଉପଢୌକନ, ସ୍ୱାଗତ ସଙ୍ଗୀତ ଗାଇ ସ୍ୱାଗତ କରିଥିଲେ। ଏହି ଦୁଇ ଦିନିଆ କ୍ରୀଡ଼ା ଉତ୍ସବରେ ଅଣ୍ଡର ୧୪, ଓ ଅଣ୍ଡର ୧୭ ବାଳିକା ବାଳକ ବିଭାଗରେ ମୋଟ ୧୩ଟି ବିଭାଗରେ ଖେଳ ଅନୁଷ୍ଠିତ ହୋଇଥିଲା। ବ୍ଲକ ଅନ୍ତର୍ଗତ ୧୮୫ ବିଦ୍ୟାଳୟରୁ ୯୦୦ଛାତ୍ରୀଛାତ୍ରଅଂଶ ଗ୍ରହଣ କରିଥିଲେ। କବାଡି, ଖୋଖୋ, ହକି, ବ୍ୟାଡ଼ମିଣ୍ଟନ, ଭଲିବଲ ଖେଳର ବିଜେତା ଉପବିଜେତା ଦଳକୁ ଟ୍ରଫି ଓ ଆଥଲେଟିକ କ୍ରୀଡ଼ାରେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ଟ୍ରଫି ସହିତ ପୁରସ୍କୃତ କରିଥିଲେ। ଶେଷରେ ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁନିତା ମାହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଏହାର ପ୍ରଥମ ଦିନରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଉପାଧ୍ୟକ୍ଷ କମଲ ଲାକ୍ରା, ବଣେଇ ଉପଜିଲାପାଳ ସୁରଞ୍ଜନ ସାହୁ, ଜିଲା ପରିଷଦ ସଦସ୍ୟା ଜୁଲିଆନି କାଣ୍ଡିର, ଏବିଇଓ ନରହରି କିଷାନ ଯୋଗଦେଇ ଉଦ୍‌ଘାଟନୀ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଛନ୍ଦା ଚରଣ ସାହୁ, ଜୟଦେବ ମାହାନ୍ତ, କମଳ ମାହାନ୍ତ, ରାଜ କିଶୋର ସ୍ୱାଇଁ, କ୍ଷେତ୍ରମୋହନ ମାହାନ୍ତ, ଆଶ୍ୱିନୀ କୁମାର ବିଶ୍ୱାଳ, ଆଲୋକ କୁମାର ମାହାନ୍ତ, ଚିତ୍ରସେନ ମାହାନ୍ତ, ଦୁର୍ଯ୍ୟୋଧନ ରଣା, ଶିବ ପ୍ରସାଦ ସାହୁ ପ୍ରମୁଖଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଖେଳ ଶିକ୍ଷକ, ସିଆରସିସି, ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିବା ଜଣାପଡିଛି।

## ଧାନ ମଣ୍ଡିରେ ଅବ୍ୟବସ୍ଥାର ସମାଧାନ ଦାବି କଲା ଭାଜପା

ସୁନ୍ଦରଗଡ,୨୧।୧୨(ଡି.ଏନ.ଏ.)

ଧାନ ମଣ୍ଡିଗୁଡିକର ପରିଚାଳନାଗତ ତ୍ରୁଟି ଏବଂ ବିଳମ୍ବିତ ଧାନ କ୍ରୟ ଯୋଗୁ ସୁନ୍ଦରଗଡ ଜିଲାରେ ଚାଷୀମାନେ କ୍ଷତି ସହିବା ସହିତ ଦଲାଲମାନଙ୍କର ଶିକାର ହେଉଛନ୍ତି। ଧାନ ମଣ୍ଡି ଖୋଲି ନ ଥିବା ସ୍ଥାନଗୁଡିକରେ ଯଥାଶୀଘ୍ର ଧାନ ମଣ୍ଡି ଖୋଲାଯିବା ସହ ଧାନ ମଣ୍ଡିରେ ଚାଲିଥିବା ଅବ୍ୟବସ୍ଥାର ସମାଧାନ ଦାବିକରି ବୁଧବାର ସୁନ୍ଦରଗଡ ଭାଜପା ପକ୍ଷରୁ ସଦର ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ମଣ୍ଡିରେ କଟନି ଛଟନୀ ବନ୍ଦ କରିବା, ଚାଷୀ ମୁଣ୍ଡ ପିଛା ୬୦ କୁଇଣ୍ଟାଲ ଧାନ ବିକ୍ରି କରିବା ନିଷ୍ପତ୍ତିକୁ ରଦ୍ଦ କରି ବିକ୍ରି ସୀମାକୁ ବୃଦ୍ଧି କରିବା ଦାବି କରାଯାଇଛି। କେନ୍ଦ୍ର ସରକାର ୮ ବର୍ଷ ମଧ୍ୟରେ ସର୍ବନିମ୍ନ ସହାୟକ ମୂଲ୍ୟ ୬୦୦ ଟଙ୍କା ବୃଦ୍ଧି କରିଛନ୍ତି। ଚାଷୀଙ୍କୁ ଏମଏସ ଦରରେ ଉତ୍ପାଦରରେ ଦାମ ମିଳିବା ପାଇଁ ରାଜ୍ୟ ସରକାର ଉତ୍ତର ଦାୟିତ୍ୱ ନିଅନ୍ତୁ। ମୁଖ୍ୟମନ୍ତ୍ରୀ ୨୦୧୬ରେ ଘୋଷଣା କରିଥିବା କୁଇଣ୍ଟାଲ ପିଛା ୧୦୦ଟଙ୍କା ବୋନସ ତୁରନ୍ତ ଚଳିତ ବର୍ଷରୁ ପ୍ରଦାନ କରାଯିବା, ସେଣ୍ଟ୍ରାଲ ଟୋକନ ନାମରେ ସରକାରୀ ପ୍ରାୟୋଜିତ ଭ୍ରଷ୍ଟାଚାର ଓ ଚାଷୀ ମାରଣ ନୀତିକୁ ବନ୍ଦ କରାଯିବାକୁ ଦାବି କରାଯାଇଛି।ତଳସରା ବିଧାୟକ ତଥ ଜିଲା ଭାଜପା ସଭାପତି ଭବାନୀ ଶଙ୍କର ଭୋଇ, ସୁନ୍ଦରଗଡ ବିଧାୟିକା କୁସୁମ ଟେଟେଙ୍କ ନେତୃତ୍ୱରେ ଜିଲାରୁ ସାଧାରଣ ସମ୍ପାଦକ ଯଶୋବନ୍ତ ନାଏକ, ସୁଖଲାଲ ମୁଣ୍ଡା, ନୃସିଂହ ମିଞ୍ଜ, ବଟକିଶୋର ମିଶ୍ର ସମେତ ବହୁ ଚାଷୀ ଉପସ୍ଥିତ ଥିଲେ।

ପୂର୍ବ ତଟ ରେଳପଥ
ଆଗ୍ରହର ପରିପ୍ରକାଶ (EOI)
EOI ସୂଚନା ସଂ.- CMS/SBP/L.Purchase/2022/1712 ତା.17.12.2022ରିଖ
କାର୍ଯ୍ୟର ବିବରଣୀ : "ଦୈନିକ ଆବଶ୍ୟକତା ଅନୁଯାୟୀ ମଣ୍ଡଳ ରେଳ ଚିକିତ୍ସାଳୟ, ସମ୍ବଲପୁରର ଷ୍ଟକ୍ (Stock)ରେ ଉପଲବ୍ଧ ନଥିବା ଔଷଧଗୁଡ଼ିକର ଯୋଗାଣ ନିମନ୍ତେ ।"
ଚୁକ୍ତି ଅବଧି : କାର୍ଯ୍ୟ ଆରମ୍ଭ ହେବା ତାରିଖ ଠାରୁ 02(ଦୁଇ) ବର୍ଷ
ଆଗ୍ରହର ପରିପ୍ରକାଶ (EOI)ବନ୍ଦ ହେବା ତାରିଖ ଓ ସମୟ: ତା.28.12.2022 ରିଖ 1500 ଘଟିକାରେ ।
ଆଗ୍ରହର ପରିପ୍ରକାଶ (EOI) ପ୍ରାପ୍ତକର୍ତ୍ତାଙ୍କ ଠିକଣା : ମୁଖ୍ୟ ଚିକିତ୍ସା ଅଧୀକ୍ଷକ, ମଣ୍ଡଳ ରେଳ ଚିକିତ୍ସାଳୟ, ସମ୍ବଲପୁର, ପୋଷ୍ଟ : ଖେତରାଜପୁର, ଜିଲ୍ଲା : ସମ୍ବଲପୁର, ଓଡ଼ିଶା, ପିନ୍-768003
ବିସ୍ତୃତ ବିବରଣୀ ପାଇଁ ଦୟାକରି ଆମର ୱେବସାଇଟ୍ https://eastcoastrail.indianrailways.gov.in→Tenders→Expression of Interest (EOI) କୁ ଅବଲୋକନ କରନ୍ତୁ ।
ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧୀକ୍ଷକ (ଭଣ୍ଡାର)/ ସମ୍ବଲପୁର
PR-832/N/22-23

ପୂର୍ବ ତଟ ରେଳପଥ
ଟେଣ୍ଡର ବିଜ୍ଞପ୍ତି ସଂ.02/GSU/SBP/2022-23 ତା.16.12.2022 ରିଖ
କାର୍ଯ୍ୟର ନାମ: ପୂର୍ବ ତଟ ରେଳପଥର ମୁଖ୍ୟ ପ୍ରକଳ୍ପ ପ୍ରବନ୍ଧକ(ଗତି ଶକ୍ତି ୟୁନିଟ୍), ସମ୍ବଲପୁର ମଣ୍ଡଳ ପରିସୀମା ଅଧୀନସ୍ଥ ବିଭିନ୍ନ ନିର୍ମାଣ ସ୍ଥଳ/ସେକ୍ସନଗୁଡ଼ିକ ଠାରେ ପ୍ରକଳ୍ପ ନିରୀକ୍ଷଣ ସେବା ପ୍ରଦାନ କରିବା ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 2,18,82,000/-, ବିଡ୍ ସିକ୍ୟୁରିଟି(ଟଙ୍କାରେ):2,59,400/-, କାର୍ଯ୍ୟ ଶେଷହେବା ଅବଧି: 18 ମାସ ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.09.01.2023 ରିଖ 1500 ଘଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ । ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନାଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ଉପରୋକ୍ତ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି ।
ଉପ ମୁଖ୍ୟ ଯନ୍ତ୍ରୀ(ଗତି ଶକ୍ତି), ସମ୍ବଲପୁର
PR-149/CF/22-23

Government of Odisha, e- Procurement Notice
INVITATION FOR BIDS (IFB)
Bid Identification No. C.C.E.Dkl.(R&B) 18/2022-23
Email Id:sedklpwd@gmail.com
Letter No.3313/Dt.17.12.22
No.B-1004: The Chief Construction Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for construction of Road & Bridge work as detailed below:

| | | | |
|---|---|---|---|
| 1. | Name of the work | : | Road works |
| 2. | No. of works | : | 02 (Two) Nos. |
| 3. | Estimated Cost | : | Rs.8,02,50,439/- to Rs.9,31,52,182/- (as given in column No. 03 of table) |
| 4. | Cost of tender paper | : | Rs.10,000.00 |
| 5. | Class of contractor | : | 'A' & 'Special' Class (as given in column No. 06 of table) |
| 6. | Period of Completion of work | : | 09 (Nine) to 11(Eleven) Calendar Months (as given in column No. 07 of table) |
| 7. | Date and time of availability of bid Document in the website | : | From Dt.23.12.2022 to 5.30 PM of Dt.06.01.2023 |
| 8. | Date of opening of bid | : | Dt.07.01.2023 at 11.30 hours |

The bidders have to participate in ONLINE biding only, further details can be seen from the e- Procurement Portal www.tendersodisha.gov.in. Any addendum / corrigendum / cancellation of tender can also be seen in the said website.
Sd./- Chief Construction Engineer
OIPR-34132/11/0026/2223 Dhenkanal (R&B) Circle, Dhenkanal

## ଋତୁକାଳୀନ ଆବାସିକ ଯତ୍ନକେନ୍ଦ୍ର ଉଦ୍‌ଘାଟିତ

ଖଡ଼ିଆଲ,(ଡି.ଏନ.ଏ.): ନୂଆପଡା ଜିଲା ଖଡ଼ିଆଲ ବ୍ଲକ ଅନ୍ତର୍ଗତ ଦାବ୍ରି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଋତୁକାଳୀନ ଆବାସିକ ପ୍ରଯତ୍ନ କେନ୍ଦ୍ର ପ୍ରଧାନ ଶିକ୍ଷକ ମଣିକାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବରେ ବିଦ୍ୟାଳୟ ସଭାପତି ତୁଳସୀ ଜଗତ, ସମ୍ମାନିତ ଅତିଥି ଭାବେ ରାଜେଶ କୁମାର ରାଉତରାୟ, ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟ ସଭ୍ୟା ଉପସ୍ଥିତଥିଲେ। ଏଠାରେ ୨୧ଜଣ ଛାତ୍ର ଓ ୧୫ଜଣ ଛାତ୍ରୀ ମୋଟ ୩୬ ଛାତ୍ରଛାତ୍ରୀ ଅଧ୍ୟୟନ କରିବେ। ଶିକ୍ଷକ ଶ୍ରୀକର ଖଡିଆ ଧନ୍ୟବାଦ ଦେଇଥିଲେ।

### ସଂକ୍ଷେପରେ

## ଆମପାଣି ବୁଢ଼ାରଜା ହାଇସ୍କୁଲରେ ବାର୍ଷିକ କ୍ରୀଡା ଉଦ୍‌ଯାପିତ

କୋକସରା,୨୧।୧୨(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ପଞ୍ଚାୟତ ବୁଢ଼ାରଜା ହାଇସ୍କୁଲରେ ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ହାଇସ୍କୁଲ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାଗ୍ୟବାନ ବାଗଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଭ୍ୟ ହେମନ୍ତ ମାଝି, ମୁଖ୍ୟବକ୍ତା ଭାବେ ବରିଷ୍ଠ ଶିକ୍ଷକ ଅଶୋକ କୁମାର ଦାସ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ରୁକ୍ମଣୀ ବାଣୁଆ, ସମିତି ସଭ୍ୟା ନର୍ତ୍ତକୀ ଦଣ୍ଡସେନା, ନେଗିଗୁଡା ହାଇସ୍କୁଲ ପ୍ରଧାନ ଶିକ୍ଷକ ଯୁବରାଜ ଜାଲ, ସ୍କୁଲ ପରିଚାଳନା କମିଟି ସଭାପତି ସୁଭାଷ ନାଏକ, ଆଲୁମିନି ପରିବାର ସଭ୍ୟ ପର୍ଶୁରାମ ଦୁର୍ଗା, ପ୍ରଶାନ୍ତ ପଣ୍ଡା, କେଦାର ନାଏକ, ବିଜୟ ପଣ୍ଡା, ଶିକ୍ଷକ ନିଳାମ୍ବର ଦାସ, ଜିତେନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ମାନପତ୍ର ସହ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ସ୍କୁଲ ଖେଳ ଶିକ୍ଷକ ଲୋକନାଥ ସାହୁ ଓ ବିଶ୍ୱମ୍ବର ଧ. ମାଝିଙ୍କ ସହ ଅଶ୍ୱିନ କୁମାର ଦାସ, ସୁରଜ ତାଣ୍ଡି, ଲିଜୟା ନନ୍ଦ ସାହୁ, ଅମୁଲ୍ୟ ନାଏକ, ଦୟା ସିଂ ନାଏକ, ସୁରେନ୍ଦ୍ର ଗଣ୍ଡ, ଚିତ୍ତରଞ୍ଜନ ଠାକୁର, ସରୋଜ ପଡ଼ିହାରି, ମନ୍ଦାକିନି ନାଏକଙ୍କ ସହ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ସର୍ବଭାରତୀୟ କ୍ରିକେଟ: ଭୁବନେଶ୍ୱର ବିଜୟୀ

ଖଡ଼ିଆଲ,୨୧।୧୨(ଡି.ଏନ.ଏ.): ନୂଆପଡା ଜିଲା ଖଡ଼ିଆଲ ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଚାଲିଥିବା ୨୦ତମ ସର୍ବଭାରତୀୟ କେସିଏସଏ କ୍ରିକେଟ ସେମିଫିନଲ ଭୁବନେଶ୍ୱର ଓ ବିଲାସପୁର ମଧରେ ହୋଇଥିବା ବେଳେ ରୋମାଞ୍ଚକର ମ୍ୟାଚରେ ଭୁବନେଶ୍ୱର ୪ ରନରେ ବିଜୟୀ ହୋଇଛି। ସେମିଫାଇନାଲ ଭୁବନେଶ୍ୱର ଓବିଲାସପୁର ରେଲୱେ ମଧରେ ହୋଇଥିଲା। ପ୍ରଥମେ ବ୍ୟାଟିଂ କରି ଚାରି ଉଇକେଟ ବିନିମୟରେ ୧୬୬ ରନ କରିଥିବା ବେଳେ ବିଲାସପୁର ୧୯. ୪ ଓଭେରରେ ୧୬୨ ରନ କରି ୪ରନରେ ପରାଜିତ ହୋଇଥିଲା। ଭୁବନେଶ୍ୱର ଟାଉନ ଦଳର ଗିରିଜା ମିଶ୍ର ୫୦ ବଲରେ ୭୫ ରନ ସଂଗ୍ରହ କରି ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ଖେଳ ପରିଚାଳନା କରିଥିଲେ ଓସିଏ ପେନାଲ ଅମ୍ପାୟର ପ୍ରତାପ ପାତ୍ର ଓ ଅନୀଲ ଦାସ। ଧାରାବିବରଣୀ ପ୍ରଦାନ କରିଥିଲେ ବିଶଜିତ ପାଢ଼ୀ, ଆଶିଷ ତ୍ରିବେଦୀ, ଟୁନା ନାଏକ ଓ ସ୍କୋରର ଭାବରେ ଫେଜ ମହମ୍ମଦ କାର୍ଯ୍ୟ ସମ୍ପାଦନ କରିଥିଲେ। ମ୍ୟାଚରେ ମୁଖ୍ୟଅତିଥି ଭାବେ ଖଡ଼ିଆଲ ବସ ସଂଘ ସଭାପତି ସୁଶାନ୍ତ ତାଣ୍ଡି, ଉପସଭାପତି ମୁନା ତାଣ୍ଡି, ବଣିକ ସଂଘ ସଭାପତି ରଶ୍ମିରଞ୍ଜନ ଚଳାନ, ସମ୍ପାଦକ ରିଙ୍କୁ ସିଂ। କେସିଏସଏ ଆୟୋଜନ କମିଟି ସମ୍ପାଦକ ସନ୍ତୋଷ ପଟ୍ଟନାୟକ, ସଦସ୍ୟ ଟୁନା ନାଏକ, ଗୁଡୁ ପାଣିଗ୍ରାହୀ, ଅମିତାଭ ପଟେଲ, ନେତ୍ରାନନ୍ଦ ଶବର, ଶ୍ୟାମ ସୁନ୍ଦର ନାଗ, ଫିରୋଜ ଖାନ, ଆଦିତ୍ୟ ମହାପାତ୍ର, ସୁରେନ୍ଦ୍ର କୁମାର ସେମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ଗାଁକୁ ନାହିଁ ରାସ୍ତା, ବିଜୁଳି ସାତସପନ

### ସୁନାବେଡା, ସୋସେଙ୍ଗ ପଞ୍ଚାୟତ

- କୂଅ ପାଣି ତେଣ୍ଡାପାଟି ସାହାଯ୍ୟରେ ବାହାର କର
- ୫ ଗାଁକୁ ଜଣେ ଲେଖାଏଁ ଅଙ୍ଗନୱାଡି, ଆଶା କର୍ମୀ
- ଉଚ୍ଚ ଶିକ୍ଷା ପାଇଁ ଛତିଶଗଡ ଉପରେ ନିର୍ଭର
- ସୋଲାର ପମ୍ପ ଲଗାଯିବା ଦିନଠାରୁ ଅଚଳ
- ସରକାରୀ ଯୋଜନା ଅପହଞ୍ଚ

ନୂଆପଡ଼ା ଅଫିସ,୨୧।୧୨




ତେଣ୍ଡାପାଟି ସାହାଯ୍ୟରେ ପାଣି କଢା ଯାଉଛି, ଖରାପ ସୋଲାର ପମ୍ପ।

କେନ୍ଦ୍ର ତଥା ରାଜ୍ୟ ସରକାର ସ୍ୱାସ୍ଥ୍ୟ, ଗମନାଗମନ, ବିଜୁଳି ଓ ପାନୀୟଜଳ ଭଳି ମୌଳିକ ସୁବିଧା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଏହି ସବୁ ଯୋଜନା ନୂଆପଡ଼ା ଜିଲା କୋମନା ବ୍ଲକ ସୁନାବେଡା ଅଭୟାରଣ୍ୟ ଭିତରେ ଅବସ୍ଥିତ ଉପାନ୍ତ ଅଞ୍ଚଳ ପାଇଁ ଅପହଞ୍ଚ। ସୁନାବେଡା ପଞ୍ଚାୟତ ଶିବନାରାୟଣପୁର, ଝର୍ଲାଆମ, ଉପକାପାଣି, କୁମାରଖାନ ଓ ସୋସେଙ୍ଗ ପଞ୍ଚାୟତର ଭାଓସିଲର ରଜାକେନ୍ଦୁ ଭଳି ଗାଁକୁ ଯିବା ପାଇଁ ପକ୍କାରାସ୍ତା ନ ଥିବା ବେଳେ ବିଜୁଳି ସ୍ୱପ୍ନ। ବିଦ୍ୟାଳୟ ନ ଥିବାରୁ ସୁନାବେଡା, ଗୋଲାବନ୍ଧ ଓ ପଞ୍ଚମପୁର ସେବାଶ୍ରମକୁ ଯାଇ ପିଲାମାନେ ପାଠ ପଢୁଛନ୍ତି। ଉଚ୍ଚ ଶିକ୍ଷା ପାଇଁ ଛତିଶଗଡ ଉପରେ ନିର୍ଭର କରନ୍ତି। ଛତିଶଗଡ ପାଖ ଓ ଯିବା ପାଇଁ ସୁବିଧା ଅଛି। ଏହି ୫ଟି ଗାଁ ପାଇଁ ଜଣେ ମାତ୍ର ଅଙ୍ଗନୱାଡି କର୍ମୀ ରହିଥିବା ବେଳେ କେନ୍ଦ୍ର ହିଁ ନାହିଁ। ଗ୍ରାମକୁ ଏଏନ୍‌ଏମ୍ କିମ୍ବା ସ୍ୱାସ୍ଥ୍ୟ କର୍ମୀ ଯାଉନାହାନ୍ତି। ୫ଟି ଗାଁ ପାଇଁ ଜଣେ ଆଶାକର୍ମୀ ରହିଛନ୍ତି। କୌଣସି ରୋଗ ହେଲେ ଆଶା କର୍ମୀ ଦ୍ୱାରା ଯେତିକି ହେବା କଥା କରନ୍ତି, ନ ହେଲେ ୫୦ କି.ମି. ଦୂର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥାନ୍ତି। ଏହି ଗ୍ରାମକୁ କେନ୍ଦ୍ର ସରକାରଙ୍କ ଜାତୀୟ ସ୍ୱାସ୍ଥ୍ୟ ମିଶନ ଓ ଆୟୁଷ ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ମଧ୍ୟ ପହଞ୍ଚି ପାରୁନାହିଁ। ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ୟୁନିଟ ସୁନାବେଡାରେ ଅବସ୍ଥାନ କରୁଥିବା ବେଳେ ଯିବା ପାଇଁ ରାସ୍ତା ନ ଥିବାରୁ ଏହି ସେବା ମଧ ଏମାନଙ୍କ ପାଇଁ ଅପହଞ୍ଚ। ଅଭୟାରଣ୍ୟ ଭିତରେ ବାସ କରୁଥିବା ଆଦିମ ଜନଜାତି ଚକୋଟିଆ ଭୁଞ୍ଜିଆଙ୍କ ବିକାଶ ପାଇଁ ଗଠନ କରାଯାଇଥିବା ସ୍ୱତନ୍ତ୍ର ସଂସ୍ଥା ଚକୁଟିଆ ଭୁଞ୍ଜିଆ ଉନ୍ନୟନ ପରିଷଦ ଓ ଅଣସରକାରୀ ସଂସ୍ଥା ଓପିଲିପି ପକ୍ଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ହେଲେ ଏହି ଗ୍ରାମଗୁଡିକରେ କୌଣସି ବିକାଶ କାର୍ଯ୍ୟ ହେଉ ନ ଥିବା ଅଭିଯୋଗ ହେଉଛି। ଓପିଲିପି ସଂସ୍ଥା ପକ୍ଷରୁ ଗ୍ରାମବାସୀଙ୍କ ଜୀବନ ଜୀବିକାର ବିକାଶ ପାଇଁ ଛେଳି, ବତକ, କୁକୁଡା ଆଦି ପ୍ରଦାନ କରାଯିବ ବୋଲି କୁହାଯାଉଥିଲେ ମଧ୍ୟ ତାହା ଦେଖାମିଳୁନାହିଁ। କେବଳ ଏହି ଯୋଜନା ସୁନାବେଡା ଓ ସୋସେଙ୍ଗ ଭିତରେ ସୀମିତ ହୋଇ ରହିଯାଉଛି ବୋଲି ଅଭିଯୋଗ କରାଯାଇଛି। ପାନୀୟ ଜଳ କହିଲେ କୂଅ ପାଣି ହିଁ ଭରସା। ଗାଁରେ ଥିବା ଖୋଲା କୂଅ ପାଣି ତେଣ୍ଡାପାଟି ସାହାଯ୍ୟରେ ବାହାର କରି ବ୍ୟାବହାର କରୁଛନ୍ତି। ପୋଖରୀ, ମୁଡା କିମ୍ବା ଚହଲା ନ ଥିବାରୁ ଗୃହପାଳିତ ପଶୁଠାରୁ ଆରମ୍ଭ କରି ସମସ୍ତେ ଏହି ପାଣି ବ୍ୟାବହାର କରନ୍ତି। ସରକାର ପକ୍ଷରୁ ଉପକାପାଣି ଗାଁରେ ନଳକୂପ ଖନନ କରି ସୋଲାର ପମ୍ପ ଲଗାଯାଇଛି। କିନ୍ତୁ ତାହା ଲଗାଯିବା ଦିନଠାରୁ ଅଚଳ ହୋଇପଡିଛି। ଏ ସମ୍ପର୍କରେ କୋମନା ବିଡିଓଙ୍କୁ ପଚାରିବାରୁ ସବୁ ଗାଁର ସର୍ବେ ସରିଯାଇଛି। ଅପରିଷ୍ଟ ଅଧିକାରୀଙ୍କୁ ମଧ୍ୟ ଜଣାଇ ଦିଆଯାଇଛି। ସମସ୍ୟା ସମାଧାନ ବହୁତ ଶୀଘ୍ର ହେବ ବୋଲି କହିଛନ୍ତି।

## ୨୫୯ ଗ୍ରୁପକୁ ୪ କୋଟି ୮୦ ଲକ୍ଷ ଋଣ ପ୍ରଦାନ

ଗୋଲାମୁଣ୍ଡା,୨୧।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ କାର୍ଯ୍ୟାଳୟ ସଭାଗୃହଠାରେ ମିଶନ ଶକ୍ତି ଋଣମେଳା ଅନୁଷ୍ଠିତ ହୋଇଯାଇଛି। ଋଣ ମେଳାରେ ୨୫୯ ସ୍ୱୟଂ ସହାୟକ ଗୋଷ୍ଠୀକୁ ୪ କୋଟି ୮୦ ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯାଇଛି। ଋଣ ମେଳାରେ ବ୍ଲକ ଅଧ୍ୟକ୍ଷ ବିନ୍ଧୁ ମହାନନ୍ଦ ମୁଖ୍ୟଅତିଥି ଭାବରେ ଯୋଗଦାନ ଦେଇଥିବା ବେଳେ ବିଡିଓ ଶ୍ରୀଧର ପଣ୍ଡା, ଓଡିଶା ଜୀବନ ଜୀବିକା ମିଶନର ବିପିଏମ ସୁଧାଂଶୁ ଶେଖର ବିଶ୍ୱାଳ, ସିଡିପିଓ ପ୍ରେମା ମଞ୍ଜୁରୀ ସାହୁ, ଗୋଲାମୁଣ୍ଡା ବ୍ଲକ ସରପଞ୍ଚ ସଂଘ ସଭାପତି ପୁରୁଷୋତ୍ତମ ରାଉତ, ଗୋଲାମୁଣ୍ଡା ଷ୍ଟେଟବ୍ୟାଙ୍କ ଶାଖା ପରିଚାଳକ ବାଲ୍ମିକି ପଣ୍ଡା, ଫରଙ୍ଗ ଷ୍ଟେଟବ୍ୟାଙ୍କ ଶାଖା ପରିଚାଳକ ଜୟରାମ କୁମ୍ଭାର, ବଡଚେରଗାଁ ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଶାଖା ପରିଚାଳକ ବସନ୍ତ ପ୍ରଧାନ, ମହିଳା ପରିଦର୍ଶିକା ଅଲିଭା ପଟ୍ଟନାୟକ, ଯଶୋବନ୍ତୀ ନାଏକ, ଶାନ୍ତିଲତା ମଙ୍ଗରାଜ, ମଞ୍ଜୁଲତା ପଟ୍ଟନାୟକ, ଚନ୍ଦ୍ରିକା ଦୁର୍ଗା, ପଦ୍ମାବତୀ ସାହୁ, ବ୍ଲକର ସମସ୍ତ ଏମବିକେ ସିଆରପି ଓ ସ୍ୱୟଂ ସହାୟକ ଗୋଷ୍ଠୀର ମା'ମାନେ ଉପସ୍ଥିତ ଥିଲେ।

## ଜିଲାପାଳଙ୍କ ସହ ସାଂସ୍କୃତିକ ଉପକମିଟିର ବୈଠକ

ଭବାନୀପାଟଣା,୨୧।୧୨(ସ୍ୱ.ପ୍ର.)



ବୈଠକରେ ଘୁମୁରା ଉତ୍ସବ ନେଇ ଆଲୋଚନା କରାଯାଉଛି।

### କଳାହାଣ୍ଡି ଉତ୍ସବ ଘୁମୁରା

କଳାହାଣ୍ଡି ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧକ୍ଷତାରେ ବୁଧବାର ଭବାନୀପାଟଣା କାର୍ଯ୍ୟାଳୟରେ ଭବାନୀପାଟଣା ଓ ଧର୍ମଗଡ ମଞ୍ଚ ପରିଚାଳନା ଓ ସାଂସ୍କୃତିକ ଉପକମିଟିର ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆସନ୍ତା ୧୪ରୁ ୧୭ ତାରିଖ ଯାଏଁ ହେବାକୁ ଥିବା ଜିଲାସ୍ତରୀୟ କଳାହାଣ୍ଡି ଉତ୍ସବ ପରିପ୍ରେକ୍ଷୀରେ ଜାତୀୟ ଓ ରାଜ୍ୟସ୍ତରୀୟ ବିଭିନ୍ନ ସାଂସ୍କୃତିକ ଦଳ କିପରି ଭାବେ ଉଭୟ ମଞ୍ଚରେ ପରିବେଷଣ କରିବେ ତାଉପରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ଭବାନୀପାଟଣାକୁ ପରିବେଷଣ ପାଇଁ ଆସୁଥିବା ସାଂସ୍କୃତିକ ଦଳ ଧର୍ମଗଡ଼ ମଞ୍ଚରେ ମଧ ପରିବେଷଣ କରିବା ଉପରେ ଜିଲାପାଳ ଗୁରୁତ୍ୱ ଦେଇଥିଲେ। ଏହା ବ୍ୟତୀତ ଉତ୍ସବ ପାଳନ ପାଇଁ ଆମନ୍ତ୍ରିତ ଅତିଥି ଉଭୟ ମଞ୍ଚରେ କେଉଁ କେଉଁ ଦିନ ଉପସ୍ଥିତ ରହିବେ ତାହାର ସମୟ ସାରଣୀ ପ୍ରସ୍ତୁତ କରିବା ପାଇଁ ଜିଲା ସଂସ୍କୃତି ଅଧିକାରୀଙ୍କୁ ସେ ପରାମର୍ଶ ଦେଇଥିଲେ। ଜିଲା ସଂସ୍କୃତି ଅଧିକାରି ଅର୍ପିତା ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଉକ୍ତ ମିଳିତ ବୈଠକରେ ସିଡିଓ/ଇଓ, ଜିଲା ପରିଷଦ କଳାହାଣ୍ଡି ପାୱାର ସଚିନ ପ୍ରକାଶ, ଅତିରିକ୍ତ ଜିଲାପାଳ ସୁଶାନ୍ତ କୁମାର ପଟେଲ, ଧର୍ମଗଡ ଉପଜିଲାପାଳ ବେଦ ଭୂଷଣ, ସହ ଜିଲାପାଳ ଚିନ୍ମୟ କୁମାର ନାୟକ, ଭବାନୀପାଟଣା ସାଂସ୍କୃତିକ ଉପକମିଟିର ଅଧକ୍ଷ ଧାନାନନ୍ଦ ପଣ୍ଡା, ଆବାହକ ସଞ୍ଜୀବ କୁମାର ସିଂ ଓ ସଭ୍ୟ ପ୍ରଦୀପ କୁମାର ସିଂ ଯୋଗଦେଇଥିବା ବେଳେ ଧର୍ମଗଡ ମଞ୍ଚ ପରିଚାଳନା ଓ ସାଂସ୍କୃତିକ ଉପକମିଟିର ଅଧକ୍ଷ ଲିଙ୍ଗରାଜ ପାତ୍ର, ସଭ୍ୟ ସଞ୍ଜୀବ କୁମାର ମୁଣ୍ଡ ଓ କୋର୍ କମିଟି ସଭ୍ୟ ତଥା ପ୍ରଣାମ କଳାହାଣ୍ଡିର ଉପକମିଟି ଅଧକ୍ଷ ବିଦ୍ୟାଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ୩୦ ଦିନରେ ଅଙ୍ଗନୱାଡି, ସହାୟିକାଙ୍କ ଧାରଣା

ଖଡ଼ିଆଲ,୨୧।୧୨(ଡି.ଏନ.ଏ.)

ନୂଆପଡା ଜିଲା ଖଡ଼ିଆଲ ବ୍ଲକସ୍ତରୀୟ ଭାରତୀୟ ମଜଦୁର ସଂଘ ସଂଲଗ୍ନ ଅଲ ଓଡିଶା ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା ୮ଦଫା ଦାବିପୂରଣ ନେଇ ସ୍ଥାନୀୟ ସମନ୍ୱିତ ଶିଶୁ ବିକାଶ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୩୦ ଦିନ ହେବ ଧାରଣା ଜାରି ରହିଛି। ଅଙ୍ଗନୱାଡ଼ି କର୍ମୀମାନେ ନିଜର ସମସ୍ୟା ନେଇ ଦୀର୍ଘଦିନ ଧରି ଦାବି କରି ଆସୁଛନ୍ତି। ଦାବିଗୁଡିକ ମଧ୍ୟରେ ୨୦୧୮ରେ ଆନ୍ଦୋଳନ ସମୟରେ ବହିଷ୍କୃତ ଅଙ୍ଗନୱାଡ଼ି କର୍ମୀଙ୍କୁ ପୁନଃନିଯୁକ୍ତି, ଅଙ୍ଗନୱାଡ଼ିଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ଦେବା ଆଦି ରହିଛି। ବ୍ଲକ ସଭାପତି ରେଶମା ବାନୁଙ୍କ ନେତୃତ୍ୱରେ ସମ୍ପାଦକ ଗୀତାଞ୍ଜଳି ବିଶି, ଡ଼ଲୁ ସୁନା, କୁମୁଦିନି ଭୋଇ, ରିତା ଦାସ, ମିତା ଟେଣ୍ଡକାରୀ, ଜ୍ୟୋସ୍ନା ସୁନା, ରୂପାଳି ତାଣ୍ଡି, ମମତା ମେହେର, ସୁନିତା ପ୍ରିୟଶ୍ରୀ ବିଶି ସମେତ ସମସ୍ତ କର୍ମୀ ଓ ସହାୟିକା ସାମିଲ ହୋଇଥିଲେ।

## ଇଣ୍ଡିଆ ବୁକ୍‌ଅଫ ରେକର୍ଡ଼ରେ ଜାଗୃତି

ସିନାପାଲି,୨୧।୧୨(ଡି.ଏନ.ଏ.)




ନୂଆପଡ଼ା ଜିଲା ସିନାପାଲି ବ୍ଲକ ହାତିବନ୍ଧାର ଜାଗୃତି ମେହେର ଇଣ୍ଡିଆ ବୁକ ଅଫ ରେକର୍ଡ଼ରେ ସ୍ଥାନ ପାଇଛନ୍ତି। ହାତିବନ୍ଧା ନିବାସୀ ଉମେଶ ଚନ୍ଦ୍ର ମେହେର ଓ ଲବିସ୍ମିତା ମେହେରଙ୍କ ଝିଅ ଜାଗୃତି। ବର୍ତ୍ତମାନ ତାଙ୍କୁ ତିନିବର୍ଷ ଏକ ମାସ। ଏହି ବୟସରେ ତାଙ୍କ ବିଚକ୍ଷଣତା ଯୋଗୁ ତାଙ୍କୁ ଏହି ସ୍ଥାନ ମିଳିପାରିଛି। ସେ ଚଉଦ ପ୍ରକାର ପନିପରିବା, ଚଉଦ ପ୍ରକାର ଫୁଲ, ପନ୍ଦର ପ୍ରକାରର ପଶୁ, ବାର ପ୍ରକାର ଯାନବାହାନ, ବାର ପ୍ରକାରର ରଙ୍ଗ, ଆଠ ଗୋଟି ଦେବଦେବୀ, ଷୋହଳ ପ୍ରକାର ଫଳ, ଶରୀର ବାର ଗୋଟି ଅଙ୍ଗ ପ୍ରତ୍ୟଙ୍ଗ, ସାତ ଗୋଟି ଜାତୀୟ ପ୍ରତୀକ, ଚାରି ଦିଗ, ସପ୍ତାହକର ସାତ ବାର, ତିନି ଗୋଟି ଶ୍ଳୋକ, ଇଂଲିଶର ବର୍ଣ୍ଣ ଏରୁ ଜେଡ଼ ପର୍ଯ୍ୟନ୍ତ,୧ ରୁ ୨୦ ପର୍ଯ୍ୟନ୍ତ ଗଣନ ସଂଖ୍ୟା, ସାତ ପ୍ରକାରର ଯୋଗାସନ ପ୍ରଭୃତି ସହଜରେ କହି ପାରୁଛନ୍ତି। ଏହି ପ୍ରତିଭା ପାଇଁ ତାଙ୍କୁ ଇଣ୍ଡିଆ ବୁକ ଅଫ ରେକର୍ଡ଼ରେ ସ୍ଥାନିତ କରାଯାଇ ଥିବା ଜଣାପଡିଛି। ଜାଗୃତିଙ୍କ ବାପା ସ୍ଥାନୀୟ ରାଜସ୍ୱ ବିଭାଗରେ ନିରୀକ୍ଷକ ଭାବେ କାର୍ଯ୍ୟରତ ଥିବା ବେଳେ ମା' ଜଣେ ସୁଗୃହିଣୀ। ମା'ଙ୍କ ତତ୍ୱାବଧାନରେ ଝିଅ ଏଭଳି ସଫଳତା ପାଇଥିବା ପ୍ରକାଶ କରିଛନ୍ତି। ଏହି ସଫଳତା ପାଇଁ ଜାଗୃତିଙ୍କ ପରିବାରବର୍ଗ ବେଶ ଖୁସି ଅନୁଭବ କରୁଥିବା ବେଳେ ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଇଛନ୍ତି।

## ମମିତା, ଗୋବିନ୍ଦ ମୃତ୍ୟୁ ଘଟଣାର ସିବିଆଇ ତଦନ୍ତ ଦାବି

ଜୁନାଗଡ଼,୨୧।୧୨(ଡି.ଏନ.ଏ.)



ଥାନା ସମ୍ମୁଖରେ ଭାଜପାର ବିକ୍ଷୋଭ।

### ମୁଖ୍ୟମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କଲା ଭାଜପା

ମମିତା ମେହେର ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ମୃତ୍ୟୁ ଘଟଣାର ଶାସକ ବିଜେଡିର ସମ୍ପୃକ୍ତି ଥିବା ଭାଜପା ଅଭିଯୋଗ ଆଣିଛି। ଏହାକୁ ନେଇ ଘଟଣାର ସିବିଆଇ ତଦନ୍ତ ଦାବି ନେଇ ବୁଧବାର ସନ୍ଧ୍ୟାରେ କଳାହାଣ୍ଡି ଜିଲା ଜୁନାଗଡ଼ରେ ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ସ୍ଥାନୀୟ ଥାନା ସମ୍ମୁଖରେ ବିକ୍ଷୋଭ କରାଯାଇଛି। ଏଥିସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଜୁନାଗଡ଼ ନଗରପାଳ ମୁକେଶ ଅଗ୍ରୱାଲଙ୍କ ନେତୃତ୍ୱରେ ବିକ୍ଷୋଭରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋଜ ମେହେର, ଜିଲା ଉପସଭାପତି ଅଜୟ ପାଣିଗ୍ରାହୀ, ନଗର ସଭାପତି ଶିବରାମ ରାଉତ, ଜିଲା ସମ୍ପାଦକ ଦିବ୍ୟ ଦୀପ, ସମ୍ପାଦିକା କାଞ୍ଚନ ବାଗ, କାଳୀନ୍ଦ୍ରୀ ପାଣିଗ୍ରାହୀ, ଭବାନୀ ଠାକୁର, ଲକ୍ଷ୍ମୀ ବାଣୁଆ ପ୍ରମୁଖ ଉପସ୍ଥିତ ଥିଲେ।

## ପଞ୍ଚାୟତସ୍ତରୀୟ ବିଜେଡିର ସାଙ୍ଗଠନିକ ବୈଠକ

ଲାଞ୍ଜିଗଡ,୨୧।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଲାଖବାହାଲି ପଞ୍ଚାୟତରେ ବିଜୁ ଜନତା ଦଳର ପଞ୍ଚାୟତସ୍ତରୀୟ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହେଇଯାଇଛି। ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରିଙ୍କ ନିର୍ଦ୍ଦେଶନାକ୍ରମେ ଲାଞ୍ଜିଗଡ଼ ଜୋନ-୨ ଜିଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ମୁଖ୍ୟମନ୍ତ୍ରୀ କରିବା ପାଇଁ ତୃଣମୂଳସ୍ତରରେ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଲାଖବାହାଲି ପଞ୍ଚାୟତ ବିଜେଡି ସଭାପତି ସାନ୍ଦ୍ରା ମାଝି, ଲାଖବାହାଲି ପୂର୍ବତନ ସରପଞ୍ଚ ରାମତୁ ମାଝି, ପୂର୍ବତନ ସମିତି ସଭ୍ୟ ଶ୍ରୀରାମ ସାହୁ, ନାଏବ ସରପଞ୍ଚ ପତି ମାଝୀ, ଖଗେଶ୍ୱର ନାଏକ, ଜିରାଣା ମାଝି, ବିଷ୍ଣମାଝୀ,ରାମ ମାଝି, ହରି ସାହୁ, ଈଶ୍ୱର ବାଗ, ଦୁକୁ ନାଏକ, ମାର୍କଣ୍ଡ ନାଏକ, ଗୋବିନ୍ଦ ନାଏକ, ଲକ୍ଷ୍ମଣ ସାହୁ, ପ୍ରଦୀପ ବେନିଆଁଙ୍କ ସମେତ ଲାଖବାହଲି ଗ୍ରାମ ପଞ୍ଚାୟତର ବିଜୁ ଜନତା ଦଳର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ବିଜମରା, ହୀରାପୁର ବିଜୟୀ

କୋକସରା,୨୧।୧୨(ଡି.ଏନ.ଏ.)

### ମା' ଠାକୁରାଣୀ ଫୁଟ୍‌ବଲ କପ୍

କଳାହାଣ୍ଡି ଜିଲା କୋକସରା ବ୍ଲକ ଗମ୍ଭାରୀଗୁଡା ପଞ୍ଚାୟତ ବଙ୍ଗୋମୁଣ୍ଡା ଖେଳ ପଡ଼ିଆ ମା' ଠାକୁରାଣୀ ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ନକଆଉଟ ଫୁଟବଲ ଟୁର୍ନାମେଣ୍ଟ ଉଦଘାଟିତ ହୋଇଯାଇଛି। ଉଦଘାଟନୀରେ ମୁଖ୍ୟଅତିଥି ଭାବେ ଗମ୍ଭାରୀଗୁଡା ସରପଞ୍ଚ ଇଶରାମ ସୁନାନୀ, ସମ୍ମାନିତ ଅତିଥି ଭାବେ ନାଏବ ସରପଞ୍ଚ ପ୍ରତିନିଧି ବସନ୍ତ ନାଗ, ଜଗନ୍ନାଥ ଦଳପତି, ହର ପ୍ରସାଦ ପୂଝାରୀ, ଗଜିନ୍ଦ୍ର ନାଏକ, ଦେବରାଜ ଦଳପତି, ଦେବା ପ୍ରସାଦ ପୂଝାରୀ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଘାଟନୀରେ ୨ଟି ଖେଳ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ ଜଲଟାମୁଣ୍ଡା ଓ ବିଜମରା ଦଳ ମଧରେ ଅନୁଷ୍ଠିତ ହୋଇଥିବା ବେଳେ ୧-୦ ବିଜମରା ବିଜୟୀ ହୋଇଥିଲା। ୨ୟ ମ୍ୟାଚ ହୀରାପୁର ଓ ଚକୁକି ଦଳ ମଧରେ ଅନୁଷ୍ଠିତ ହୋଇଥିବା ବେଳେ ୪-୦ ଗୋଲରେ ହୀରାପୁର ଜିତିଥିଲେ। ପରେ ହୀରାପୁର ଓ ବିଜମରା ମଧରେ ଅନୁଷ୍ଠିତ ଖେଳରେ ପେନାଲଟିକ ସୁଟଆଉଟରେ ୪-୦ ବିଜମରା ଦଳ ବିଜୟୀ ହୋଇଛି। ରେଫରି ତାପସ ଦାସ, ଶଙ୍କର ପୋଡ଼, ବୈକୁଣ୍ଠ ଜାଲ ଓ ଗୌତମ ପୂଝାରୀ ଖେଳର ଧାରାବିବରଣୀ ପ୍ରଦାନ କରିଥିଲେ। ସମ୍ପାଦନା ମହମ୍ମଦ ଖାଁ, ଈଶ୍ୱର ମାଝି, ହୀରଣ୍ୟ ଗହୀର, ତୁଲସିରାମ ପୁଝାରି, ପ୍ରମୋଦ ମାଝି, ଦିନେଶ ପୂଝାରୀଙ୍କ ଅନ୍ୟ କର୍ମକର୍ତ୍ତା ଖେଳ ପରିଚାଳନାରେ ସହଯୋଗ କରିଥିଲେ।



ଖେଳାଳିଙ୍କ ସହ ଅତିଥିବୃନ୍ଦ।

## ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା

ନୂଆପଡ଼ା ଅଫିସ,୨୧।୧୨



ପ୍ରତିବାଦ ସଭାରେ ମଞ୍ଚାସୀନ ଅତିଥି ବୃନ୍ଦ।

### ଜିଲା ଆଦିବାସୀ କଲ୍ୟାଣ ସଂଘ

- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ନୂଆପଡା ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ବୁଧବାର ବିଭିନ୍ନ ସମସ୍ୟା ନେଇ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସ୍ଥାନୀୟ ପୋଲିସ ପଡିଆରୁ ଏକ ସୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ଧାରଣା ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ହେମକାନ୍ତ ସାଏଙ୍କ ଜରିଆରେ ୧୨ଦଫା ସମ୍ବଳିତ ଦାବିପତ୍ର ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନଙ୍କୁ ପ୍ରଦାନ କରିଛନ୍ତି। ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ପ୍ରତିବାଦ ସଭା କରିଥିଲେ। ସଭାରେ ପୂର୍ବତନ ଜିଲା ଆଦିବାସୀ କଲ୍ୟାଣ ସଂଘ ସଭାପତି ଭାନୁ ପ୍ରତାପ ସିଂ ମାଝି ସଭାପତିତ୍ୱ କରିଥିବା ବେଳେ ଆଦିବାସୀ କଲ୍ୟାଣ ସଂଘ ଜିଲା ସମ୍ପାଦକ ବାଳକୃଷ୍ଣ ଶବର, ହୋମସିଂ ମାଝି, ବିହାରୀ ଲାଲ ବିଶ୍ୱାଳ, ଖଡିଆଳ ବ୍ଲକ ସଭାପତି କାର୍ତ୍ତିକେଶ୍ୱର ମଲିକ, କୋମନା ବ୍ଲକ ସଭାପତି ଜ୍ଞାନେଶ୍ୱର ମାଝି, ସିନାପାଲି ବ୍ଲକ ସଭାପତି ଦୁର୍ବଳ ମାଝି, ସିନାପାଲି ମହିଳା ମୋର୍ଚ୍ଚା ସଭାନେତ୍ରୀ ଯାଜ୍ଞସିନୀ ମାଝି ପ୍ରମୁଖ ମଞ୍ଚାସୀନ ଥିଲେ। ନୂଆପଡା ବ୍ଲକ ସଭାପତି ଭକ୍ତବନ୍ଧୁ ଧରୁଆ ମଞ୍ଚ ପରିଚାଳନା କରିଥିଲେ। ଜିଲାରେ ଦିନକୁ ଦିନ ସମସ୍ୟାଗୁଡିକ ବୃଦ୍ଧି ପାଇବାରେ ଲାଗିଥିବା ବେଳେ ସମାଧାନ ହେଉନାହିଁ। ଦାବିଗୁଡିକ ହେଲା ୨୪ଟି ଗାଁକୁ ରାଜସ୍ୱ ଗ୍ରାମର ମାନ୍ୟତା, ବିଦ୍ୟାଳୟକୁ ଯୋଗାଇ ଦିଆଯାଉଥିବା ସାମଗ୍ରୀଗୁଡିକ ନିମ୍ନମାନର ହୋଇଥିବାରୁ ଏହାର ରଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ, ଅନ୍ୱେଷା ଓ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟରେ ହୋଇଥିବା ଦୁର୍ନୀତିର ପର୍ଦ୍ଦାଫାଶ କରାଯାଉ, ଫର୍ଜରି ଓ ଭିନ୍ନକ୍ଷମ ସାର୍ଟିଫିକେଟ ଦେଇ ଚାକିରୀ କରୁଥିବା ବ୍ୟକ୍ତିମାନଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ, କୃଷକଙ୍କୁ ମଣ୍ଡିରେ ବସ୍ତାର ପାଉଣା ଦେବା ସହ ଭିତିଭୂମିର ବ୍ୟାବସ୍ଥା କରାଯାଉ, ଅପରଜୋଙ୍କ ଜଳସେଚନ ପ୍ରକଳ୍ପ ପତୋରାର ପାଣିକୁ ସାହିପଲା, ଦର୍ଲିମୁଣ୍ଡା, କୋଟେନଚୁଆଁ, ଗୋଡଫୁଲା ପଞ୍ଚାୟତ ପର୍ଯ୍ୟନ୍ତ ଜଳସେଚନର ବ୍ୟାବସ୍ଥା କରିବା ଆଦି ରହିଛି। କପୁର୍ଚନ ମାଝି, ପର୍ଶୁ ମାଝି, ପବନ ମାଝି, ତିରତ ରାମ ମାଝି, ବାବୁଲାଲ ମାଝି, ହରି ମାଝି, ଗୋବିନ୍ଦ ମାଝି, ସୁଧାକର ମାଝି, ସୁବୁଦ୍ଧି ଶବର ସମେତ ନୂଆପଡା ଜିଲା ଆଦିବାସୀ କଲ୍ୟାଣ ସଂଘ ସମସ୍ତ କର୍ମକର୍ତ୍ତା ସାମିଲ ହୋଇଥିଲେ।

# ରବିରେ ୮୮,୭୪୦ ହେକ୍ଟର ଜମିରେ ଚାଷ ପାଇଁ ଲକ୍ଷ୍ୟ

ସୋନପୁର,୨୧।୧୨(ନି.ପ୍ର.)

୨୦୨୨-୨୩ ରବି ଋତୁରେ କୃଷିପ୍ରଧାନ ସୁବର୍ଣ୍ଣପୁର ଜିଲାରେ ୮୮,୭୪୦ ହେକ୍ଟର ଜମିରେ ବିଭିନ୍ନ ପ୍ରକାର ଫସଲ ଚାଷ କରାଯିବାର ଲକ୍ଷ୍ୟ ରଖାଯାଇଛି। ଯାହା ଗତବର୍ଷର ଲକ୍ଷ୍ୟ ହାସଲ ଠାରୁ ୨୬୬ ହେକ୍ଟର ଅଧିକ। ବୁଧବାର ଜିଲାପାଳଙ୍କ ସଭାଗୃହରେ ଅନୁଷ୍ଠିତ ଜିଲାସ୍ତରୀୟ କୃଷି କୌଶଳ ନିର୍ଦ୍ଧାରଣ କମିଟି ବୈଠକରେ ଏ ବିଷୟରେ ସୂଚନା ଦେଇଛନ୍ତି ଜିଲା ମୁଖ୍ୟ କୃଷି ଅଧିକାରୀ ଗୌରୀଶଙ୍କର ସିଂ। ଅତିରିକ୍ତ ଜିଲାପାଳ ନିଶି ପୁନମ ମିଞ୍ଜ ବୈଠକରେ ଅଧ୍ୟକ୍ଷତା କରିଥିଲେ। ମିଞ୍ଜ ଜିଲାରେ ଥିବା ଭିତ୍ତିଭୂମି ଓ ସମସ୍ତ ବୈଷୟିକ ଜ୍ଞାନ କୌଶଳ ଉପଯୋଗରେ ରବି ଚାଷ ଲକ୍ଷ୍ୟକୁ ସଫଳତାର ସହ ହାସଲ କରିବା ପାଇଁ କୃଷି ଅଧିକାରୀମାନେ ବଦ୍ଧପରିକର ହେବା ପାଇଁ ପରାମର୍ଶ ଦେଇଥିଲେ। ରବି ଋତୁରେ ତୈଳ ବୀଜ ଓ ମସଲା ଜାତୀୟ ଚାଷକୁ ଗୁରୁତ୍ୱ ଦିଆଯାଇଥିଲା । ୨୦୨୧ ରବି ଋତୁରେ ୨୮ ହଜାର ୮୮୨ ହେକ୍ଟର ଜମିରେ ଅଧିକ ଅମଳକ୍ଷମ ଧାନ ଚାଷ କରା ଯାଇଥିବା ବେଳେ ଚଳିତବର୍ଷ ୩୩ ହଜାର ୧୧୦ ହେକ୍ଟର ଜମିରେ ଧାନ ଚାଷ କରାଯିବାର ଲକ୍ଷ୍ୟ ରଖାଯାଇଛି। ସେହିପରି ଚଳିତବର୍ଷ ୧୧୦ ହେକ୍ଟର ଜମିରେ ଗହମ ଓ ୩୪୦ ହେକ୍ଟର ଜମିରେ ମକ୍କା ଚାଷ ପାଇଁ ଲକ୍ଷ୍ୟ ରହିଛି। ୨୦୨୧ ରବିରେ ୩୫,୭୫୬ ହେକ୍ଟର ଜମିରେ ଡାଲି ଫସଲ, ୭,୩୨୧ ହେକ୍ଟର ଜମିରେ ତୈଳବୀଜ, ୧୨, ୪୨୯ ହେକ୍ଟର ଜମିରେ ପନିପରିବା, ୩,୫୬୨ ହେକ୍ଟର ଜମିରେ ମସଲାଜାତୀୟ ଓ ୨୪ ହେକ୍ଟର ଜମିରେ ଆଖୁଚାଷ ହୋଇଥିଲା। ଚଳିତ ରବିରେ ୩୫ ହଜାର ୧୮୦ହେକ୍ଟର ଜମିରେ ଡାଲି ଜାତୀୟ, ୬ହଜାର ୬୨୦ହେକ୍ଟର ଜମିରେ ତୈଳବୀଜ, ୧୦,୬୭୦ ହେକ୍ଟର ଜମିରେ ପନିପରିବା, ୨,୬୮୦ହେକ୍ଟର ଜମିରେ ମସଲା ଜାତୀୟ ଓ ୩୦ ହେକ୍ଟର ଜମିରେ ଆଖୁ ଚାଷ କରାଯିବାର ଲକ୍ଷ୍ୟ ରଖାଯାଇଛି।



ଜିଲାସ୍ତରୀୟ କୃଷି କୌଶଳ ନିର୍ଦ୍ଧାରଣ କମିଟି ବୈଠକରେ ମଞ୍ଚାସୀନ ଅତିଥି ବୃନ୍ଦ।

**ସୁବର୍ଣ୍ଣପୁର ଜିଲା**

ଚଳିତ ରବିରେ ୬୦,୦୦୩ ହେକ୍ଟର ଜମିକୁ ବୃହତ୍, କ୍ଷୁଦ୍ର, ମଧ୍ୟମ, ବୃହତ୍ ଉଠା ଜଳସେଚନ, ଉଠାଜଳସେଚନ, ଡଗ୍ ୱେଲ ଓ ଅନ୍ୟାନ୍ୟ ଉତ୍ସରୁ ଜଳଯୋଗାଣ କରାଯିବ ବୋଲି ଜଳସେଚନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। ଅଣଜଳସେଚିତ ଜମିରେ ଆଦ୍ରତାରେ ମୁଗ, ବିରି ଓ କୋଳଥ ଚାଷ କରାଯିବ। ଚଳିତ ଋତୁରେ ପାକ୍ସ ଓ ପ୍ରାଇଭେଟ୍ ଡିଲରଙ୍କ ମାଧ୍ୟମରେ ୫, ୫୬୮ କୁଇଣ୍ଟାଲ ଧାନ, ୧୧୩ କୁଇଣ୍ଟାଲ ମୁଗ ଓ ୩୧୮ କୁଇଣ୍ଟାଲ ବାଦାମ ବିହନ ଯୋଗାଇ ଦିଆ ଯିବାକୁ ନିଷ୍ପତ୍ତି ହୋଇଛି। ସେହିଭଳି ରବିରେ ହେକ୍ଟର ପ୍ରତି ୫୭.୩୭ କିଲୋଗ୍ରାମ ହିସାବରେ ମୋଟ ୫୦୯୧ ମେଟ୍ରିକ୍ ଟନ୍ ଏନପିକେ ସାର ବ୍ୟବହାର କରିବାକୁ ଲକ୍ଷ୍ୟ ରହିଛି। ଜିଲାରେ ଥିବା ମୃର୍ତ୍ତିକା ପରୀକ୍ଷାଗାରରେ ମାଟି ନମୁନା ପରୀକ୍ଷା କରାଯାଇ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ଯୋଗାଇ ଦେବାକୁ ଲକ୍ଷ୍ୟ ରହିଛି। ସେହିପରି ଚାଷୀଙ୍କୁ ଟ୍ରାକ୍ଟର, ପାୱାର ଟିଲର, ରୋଟାଭେଟର, ଟ୍ରାନ୍ସପ୍ଲାଣ୍ଟର ଓ ପମ୍ପସେଟ୍ ଦିଆଯିବାକୁ ଯୋଜନା ରହିଛି। ସମବାୟ ବ୍ୟାଙ୍କ, ଷ୍ଟେଟବ୍ୟାଙ୍କ, ୟୁଜିବି ଓ ଅନ୍ୟାନ୍ୟ ବ୍ୟବସାୟିକ ବ୍ୟାଙ୍କ ଜରିଆରେ କୃଷିଋଣ ଯୋଗାଇ ଦିଆଯିବାର ଲକ୍ଷ୍ୟ ରଖାଯାଇଛି। ଏହି ଅବସରରେ ଜୈବିକ ସାର, ରୋଗପୋକ ନିୟନ୍ତ୍ରଣ, ଅଧିକ ଅମଳକ୍ଷମ ଓ ଶଙ୍କରଜାତୀୟ ବିହନ ଯୋଗାଣ ସମ୍ପର୍କରେ ଆଲୋଚନା ହୋଇଥିଲା। ଜିଲାରେ ସମ୍ପ୍ରସାରଣ ସଂସ୍କାର ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା ଓ ରାଷ୍ଟ୍ରୀୟ ଖାଦ୍ୟ ନିରାପତ୍ତା ମିଶନରେ ସମସ୍ତ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି କୃଷି ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। ବୈଠକରେ ଡିଡିଏମ ନାବାର୍ଡ ତାପସ ଶଙ୍କର ରାଉତ, ତେଲ ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ ଜିତେନ୍ଦ୍ର, ବରପାଲି କେନାଲ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ଇଂ ପ୍ରଭାସ କୁମାର ରଥ, ଉଠା ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ ପ୍ରଫୁଲ୍ଲ କୁମାର ବେହେରା, ଡେପୁଟି ପ୍ରୋଜେକ୍ଟ ଡାଇରେକ୍ଟର ଆତ୍ମା ମିତାଲି ମଧୁମିତା, ବୀରମହାରାଜପୁର କୃଷି ଅଧିକାରୀ ବିଭୁତି ଭୂଷଣ ମିଶ୍ର, ସୋନପୁରର ସହକାରୀ ନିର୍ଦ୍ଦେଶକ ଉଦ୍ୟାନ କୃଷି ହୃଷୀକେଶ ଦାସ, ମୃର୍ତ୍ତିକା ସଂରକ୍ଷଣ ବିଭାଗର ଉପନିର୍ଦ୍ଦେଶକ ରମେଶ ଚନ୍ଦ୍ର ଦେହୁରୀ, ନବୀନ କିଶୋର ଖଟୁଆ, ବୀରମହାରାଜପୁର ଏଆରସିଏସ ଗଜେନ୍ଦ୍ର ପଣ୍ଡା, ଇଂ ପ୍ରଭାକର ରଞ୍ଜନ ଲାକ୍ରା, ନିରୁପମା ଗଣିକ ଓ କୃଷି ବିଭାଗର ସମସ୍ତ ଜିଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।

# ୩୦ ପ୍ରକଳ୍ପ ପ୍ରଦର୍ଶିତ


ଗାୟତ୍ରୀ ଆବସିକ ଶିକ୍ଷା ନିକେତନରେ ଅନୁଷ୍ଠିତ ବିଜ୍ଞାନ ମେଳାରେ ଅତିଥି।

ଅମରପାଲି,୨୧।୧୨(ଡି.ଏନ.ଏ.)

**ଗାୟତ୍ରୀ ଆବାସିକ ଶିକ୍ଷା ନିକେତନରେ ବିଜ୍ଞାନ, ଗଣିତ ମେଳା**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ଭଙ୍ଗାମୁଣ୍ଡାସ୍ଥିତ ଗାୟତ୍ରୀ ଆବାସିକ ଶିକ୍ଷା ନିକେତନଠାରେ ବିଜ୍ଞାନ ଓ ଗଣିତ ମେଳା ଉଦ୍‌ଘାଟିତ ହୋଇଯାଇଛି। ଜଟେସିଙ୍ଗା ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଗୁରୁଦତ୍ତ ମିଶ୍ର ମୁଖ୍ୟଅତିଥି ଏବଂ ଆସାମ ଦକ୍ଷିଣ ପ୍ରାନ୍ତର ଅଖିଳ ଭାରତୀୟ ସହ ସେବା ପ୍ରମୁଖ ସପର୍ଣ୍ଣା ଦେ ମୁଖ୍ୟବକ୍ତା ଓ ଲତିକା ଅପା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ବିଜ୍ଞାନର ଜୟଯାତ୍ରା ସମ୍ପର୍କରେ ଆଲୋଚନା କରିଥିଲେ। ଯୁଧିଷ୍ଠିର ଖମାରୀ ସାଗତ ଭାଷଣ ଦେବା ସହ ମଞ୍ଚ ପରିଚାଳନା କରିଥିଲେ। ଗାୟତ୍ରୀ ଆବାସିକ ଶିକ୍ଷା ନିକେତନର ପ୍ରତିଷ୍ଠାତା ପଙ୍କଜ ଖମାରୀ ଛାତ୍ରୀଛାତ୍ରମାନଙ୍କୁ ବିଜ୍ଞାନ ଓ ଗଣିତ ଉପରେ ମାର୍ଗଦର୍ଶନ କରିଥିଲେ। ପିଲାମାନଙ୍କ ଦ୍ୱାରା ଶାରୀରିକ କୌଶଳ ପ୍ରଦର୍ଶନ କରାଯାଇଥିଲା। ଏହିଅବସରରେ ଛାତ୍ରୀଛାତ୍ରମାନେ ମୋଟ ୩୦ଟି ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଉମାକାନ୍ତ ପଧାନ, ଜିତେନ୍ଦ୍ର ଭୋଇ, ସଞ୍ଜୀବ କୁମାର ଜଗଦଲା, ଲକ୍ଷ୍ମୀନାରାୟଣ ଦାସ, ଜ୍ୟୋତି ରଞ୍ଜନ ଭୋଇ, କ୍ଷୀରୋଦ ପଧାନ, ରଣମୋହନ ଭୋଇ, ଅଭିଷେକ ସିଂ, ଇପ୍ସିତା ବିଶାଳ ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ବୃଦ୍ଧାଙ୍କ ମୃତଦେହ ସତ୍କାର କଲେ ମାହେଶ୍ୱରୀ ସଂଗଠନ

**ତରଭା,୨୧।୧୨(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଅନ୍ତର୍ଗତ ତରଭା ସହରାଞ୍ଚଳରେ ବୁଧବାର ଦେଖିବାକୁ ମିଳିଛି ସାମାଜିକ ବାସନ୍ଦର କରୁଣ ରୂପ। ତରଭା ତିନି ନମ୍ବର ୱାର୍ଡ ମାରୱାଡି ପଡାରେ ରହୁଥିବା ବୃଦ୍ଧା ଲକ୍ଷ୍ମୀ ମେହେର (୭୪)ଙ୍କ ମଙ୍ଗଳବାର ରାତିରେ ବାର୍ଦ୍ଧକ୍ୟଜନିତ ରୋଗରେ ମୃତ୍ୟୁ ଘଟିଥିଲା। ପଡୋଶୀ ତଥା ଜାତି ଭାଇ ଏହି ଖବର ଜାଣି ମଧ କେହି ମୃତା ମହିଳାଙ୍କ ଘରକୁ ଆସି ନ ଥିଲେ। ଖବର ନେବାରେ ଜଣାପଡିଛି ଯେ, ଲକ୍ଷ୍ମୀଙ୍କର ପୂର୍ବରୁ ତିନି ପୁଅ ମୃତ୍ୟୁବରଣ କରିଛନ୍ତି। ବଡପୁଅର ଏକମାତ୍ର ପୁଅ ସୁନୀଲ ଏସ ରାମପୁରରେ ସ୍ତ୍ରୀ ସହ ରହୁଥିଲେ। ସୁନୀଲ ଅନ୍ୟ ଜାତିର ଝିଅକୁ ବାହା ହୋଇଥିବାରୁ ଜାତି ଭାଇମାନେ ତାଙ୍କୁ ସାମାଜିକ ବାସନ୍ଦ କରିଥିଲେ। ଏଣୁ ମୃତା ଲକ୍ଷ୍ମୀଙ୍କ ମୃତଦେହ ସତ୍କାର କରିବାକୁ କେହି ଆସି ନ ଥିଲେ। ଖବର ପାଇ ସୁନୀଲ ପହଞ୍ଚି ନିଜ ଆଈର ସତ୍କାର କରିବାକୁ ପାଖପଡୋଶୀ ଓ ଜାତିଭାଇଙ୍କୁ ନେହୁରା ହୋଇ କହିଥିଲେ ମଧ କେହି ନ ଶୁଣିବାରୁ ତରଭା ଶାଖା ମାହେଶ୍ୱରୀ ସଂଗଠନର କର୍ମକର୍ତ୍ତାଙ୍କୁ ଅନୁରୋଧ କରିଥିଲେ। ପରେ ସଂଗଠନର ସଭାପତି ପ୍ରଦୀପ ମେହେରଙ୍କ ନେତୃତ୍ୱରେ ରଘୁନାଥ ବେହେରା, ସୋମ ମିଶ୍ର, ମନୋଜ ନାଏକ, ସୁମିତ ସାହୁ, ବାବୁଲାଲ ମେହେର, ମାନ ସେଠ ମାନବିକତା ଦେଖାଇ ବୁଧବାର ସକାଳେ ମୃତଦେହ ତରଭା ବ୍ରିଜ ପାଖ ମଶାଣିକୁ ନେଇ ନୀତି ନିୟମରେ ସଂସ୍କାର କରିଥିଲେ। ମାହେଶ୍ୱରୀ ସଂଗଠନର ଏପରି ମହତ୍ କାର୍ଯ୍ୟକୁ ଜନସାଧାରଣରେ ପ୍ରଶଂସା କରାଯାଇଛି।

### ନୂତନ ଭୋଟର ପଞ୍ଜୀକରଣ ନେଇ କଲେ ସମୀକ୍ଷା

**ସୋନପୁର,୨୧।୧୨(ନି.ପ୍ର.):** ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ତଥା ନିର୍ବାଚନ ପର୍ଯ୍ୟବେକ୍ଷକ ସୁରେଶ ଚନ୍ଦ୍ର ଦଳେଇ ବୁଧବାର ସୁବର୍ଣ୍ଣପୁର ଜିଲା ଗସ୍ତରେ ଆସି ୧୭ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କଙ୍କ ନୂତନ ଭୋଟର ପଞ୍ଜୀକରଣ କାର୍ଯ୍ୟକ୍ରମ ଅଗ୍ରଗତିର ସମୀକ୍ଷା କରିଛନ୍ତି। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ରାଜସ୍ୱ ଆୟୁକ୍ତ ତଥା ନିର୍ବାଚନ ପର୍ଯ୍ୟବେକ୍ଷକ ଦଳେଇ ଜିଲାରେ ନୂତନ ଭୋଟର ପଞ୍ଜୀକରଣର ସ୍ଥିତି, ଅଗ୍ରଗତି ଓ ଆଧାର ସଂଯୋଗୀକରଣ ସହ ମୃତ ଓ ସ୍ଥାନାନ୍ତର ଭୋଟରଙ୍କୁ ତାଲିକାରୁ ବାଦ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲାରେ ନୂତନ ଭୋଟର ପଞ୍ଜୀକରଣକୁ ଶତ ପ୍ରତିଶତ ସଫଳ କରିବାକୁ ପରାମର୍ଶ ଦେଇଥିଲେ। ରାଜସ୍ୱ ଆୟୁକ୍ତଙ୍କ ସମୀକ୍ଷା ବୈଠକରେ ସୁବର୍ଣ୍ଣପୁର ଜିଲାପାଳ ଅବୋଲି ସୁନୀଲ ନରୱଣେ, ଅତିରିକ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାଶ, ନିଶି ପୁନମ ମିଞ୍ଜ, ବୀରମହାରାଜପୁର ଉପଜିଲାପାଳ ଅଶୋକ ଭୋଇ, ଡେପୁଟି କଲେକ୍ଟର ଯଶସ୍ୱିନୀ ପୃଥାଲ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଜନସଂଖ୍ୟା ନିୟନ୍ତ୍ରଣ ଆଇନ ପାଇଁ ଦସ୍ତଖତ ଅଭିଯାନ



ଖବରଦାତା ସମ୍ମିଳନୀରେ ଜନସଂଖ୍ୟା ସମାଧାନ ଫାଉଣ୍ଡେଶନ ସୁବର୍ଣ୍ଣପୁର ଜିଲା ଶାଖା କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି।

ସୋନପୁର,୨୧।୧୨(ନି.ପ୍ର.)

**ସୁବର୍ଣ୍ଣପୁର ଜିଲାରୁ ୫୦ ହଜାର ଦସ୍ତଖତ ସଂଗ୍ରହ ଲକ୍ଷ୍ୟ**

ଜନସଂଖ୍ୟା ସମାଧାନ ଫାଉଣ୍ଡେଶନ ସୁବର୍ଣ୍ଣପୁର ଜିଲା ଶାଖା ତରଫରୁ ସୋନପୁର ବ୍ଲକ ଛକରେ ଏକ ଖବରଦାତା ସମ୍ମିଳନୀ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି କେଦାର ଦାସ, କେନ୍ଦ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟା ଶ୍ରଦ୍ଧାଞ୍ଜଳି ମିଶ୍ର ଓ ଫାଉଣ୍ଡେଶନର ଆଇନ ପରାମର୍ଶଦାତା ବରିଷ୍ଠ ଓକିଲ ବଳଦେବା ପ୍ରସାଦ ବେଦବାକ ପ୍ରମୁଖ ସମ୍ମିଳନୀରେ ଉପସ୍ଥିତ ଥିଲେ। ଆମ ଦେଶରେ ପ୍ରତ୍ୟେକ ଦିନ ୬୮ ହଜାର ସୁସ୍ଥ ନବଜାତ ଶିଶୁ ଜନ୍ମ ନିଅନ୍ତି। ଅର୍ଥାତ୍ ଆମେ ଗୋଟିଏ ବର୍ଷରେ ଅଷ୍ଟ୍ରେଲିଆର ଜନସଂଖ୍ୟା ସହିତ ସମାନ ଲୋକସଂଖ୍ୟା ତିଆରି କରୁଛୁ। ମାତ୍ର ଭାରତର ସୀମା ବୃଦ୍ଧି ହେଉ ନାହିଁ। ଜଙ୍ଗଲ, ଚାଷଜମି ସମେତ ସଂରକ୍ଷିତ ଜମି କମି କମି ଯାଉଛି। ଯାହା ଫଳରେ ଆମେ ପରିବେଶ, ଜଳବାୟୁ ,ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନରେ ବ୍ୟାପକ ଅସନ୍ତୁଳନକୁ ସାମ୍ନା କରୁଛୁ। ଏଭଳି ହାରରେ ବୃଦ୍ଧି ପାଉଥିବା ଜନସଂଖ୍ୟାକୁ ନିୟନ୍ତ୍ରଣ କରା ନ ଗଲେ ଆଗାମୀ ଦିନରେ ଭାରତ ଏକ ଭୟଙ୍କର ଗୃହ ଯୁଦ୍ଧର ସାମ୍ନା କରିବା ଆଶଙ୍କା ରହିଛି। ଏସବୁ ସମସ୍ୟାର ଏକମାତ୍ର ସମାଧାନ ହେଉଛି ଜନ୍ମ ନିୟନ୍ତ୍ରଣ ଆଇନକୁ ବାଧ୍ୟତାମୂଳକ କରିବା। ଏହାଛଡା ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ଶୃଙ୍ଖଳିତ ଭାବେ କାର୍ଯ୍ୟକାରୀ କରିବା ଦରକାର ବୋଲି ଫାଉଣ୍ଡେଶନର କର୍ମକର୍ତ୍ତା ସୂଚନା ଦେଇଛନ୍ତି। ଦେଶରେ ଉତ୍ତର ପ୍ରଦେଶ, କର୍ଣ୍ଣାଟକ ଓ ଆସାମ ଭଳି ରାଜ୍ୟ ହୋଇ ଆସୁଥିବା ଏହି ଦାବିକୁ କିଛିମାତ୍ରାରେ ମାନି ନେଲେଣି। ମାତ୍ର କେନ୍ଦ୍ର ଓ ରାଜ୍ୟ ସରକାର ଏକ୍ଷେତ୍ରରେ ନିଦାବିଷ୍ଟୁ ହୋଇ ନୀରବଦ୍ରଷ୍ଟା ସାଜିଛି। ଉଭୟ ସରକାରଙ୍କ ନିଦ୍ରାଭଙ୍ଗ ପାଇଁ ଜନସଂଖ୍ୟା ସମାଧାନ ଫାଉଣ୍ଡେଶନ ତରଫରୁ ୫୦ ଲକ୍ଷ ସ୍ୱାକ୍ଷର ବିଶିଷ୍ଟ ଦାବିପତ୍ରକୁ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କୁ ଦେବାର ଲକ୍ଷ୍ୟ ରଖିଛି। ଏହି ପରିପ୍ରେକ୍ଷୀରେ ସୁବର୍ଣ୍ଣପୁର ଜିଲାରୁ ୫୦ ହଜାର ସ୍ୱାକ୍ଷର ସଂଗ୍ରହ କରାଯିବାର ଲକ୍ଷ୍ୟ ରହିଛି ବୋଲି ସଂଗଠନ କର୍ମକର୍ତ୍ତା ପ୍ରକାଶ କରିଛନ୍ତି।

## ଜିଲାସ୍ତରୀୟ ଯୁବ ରେଡକ୍ରସ: ସ୍ୱେଚ୍ଛାସେବୀ ଶିକ୍ଷା ଓ ତାଲିମ ଶିବିର

ଡୁଙ୍ଗୁରିପାଲି,୨୧।୧୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲିସ୍ଥିତ ଡୁଙ୍ଗୁରିପାଲି ମହାବିଦ୍ୟାଳୟଠାରେ ବୁଧବାର ଜିଲାସ୍ତରୀୟ ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ଶିକ୍ଷା ଓ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଅକ୍ଷୟ କୁମାର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶିବିରକୁ ସୁବର୍ଣ୍ଣପୁର ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ରେଡକ୍ରସ ଜିଲା ସଂଯୋଜକ ଉମାକାନ୍ତ ନାଗ ଯୋଗଦେଇ ରେଡକ୍ରସର ଉପକାରିତା ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ସୁବର୍ଣ୍ଣପୁର ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାସ, ଜିଲା ରେଡକ୍ରସ ଯୁଗ୍ମ ସଂଯୋଜକ ଡ.ସତ୍ୟନାରାୟଣ ହୋତା, ସୁବର୍ଣ୍ଣପୁର ଯୁବ ରେଡକ୍ରସର ଆବାହକ ମାରିନେସ ଲାକ୍ରା ଯୋଗଦେଇ ସମାଜରେ ସ୍ୱେଚ୍ଛାସେବୀଙ୍କ ଭୂମିକା ଉପରେ ନିଜ ନିଜ ମତ ରଖିଥିଲେ। ମହାବିଦ୍ୟାଳୟରେ ଯୁବ ରେଡକ୍ରସ ଉପଦେଷ୍ଟା ବାଳକୃଷ୍ଣ ପୁଟେଲ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ବିନିକା ସିଦ୍ଧାର୍ଥ ଡିଗ୍ରୀ ମହାବିଦ୍ୟାଳୟର ଯୁବ ରେଡକ୍ରସ ଉପଦେଷ୍ଟା ବିଶ୍ୱନାଥ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଓଡ଼ିଆ ଭାଷା ସାହିତ୍ୟ ବିଭାଗର ଅଧାପିକା ପ୍ରିୟଙ୍କା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଗଣପତି ଆଦର୍ଶ ଶିକ୍ଷାନିକେତନର ୧୫ତମ ବାର୍ଷିକ କ୍ରୀଡ଼ା ଉତ୍ସବ

ଅମରପାଲି,୨୧।୧୨(ଡି.ଏନ.ଏ.)

**ବାଳିକାରେ ଅନିମା, ଅର୍ଚ୍ଚିତା: ବାଳକରେ ସ୍ୱାଗତ,ପ୍ରିୟବ୍ରତ ଚାମ୍ପିୟନ**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ ଗଣପତି ଆଦର୍ଶ ଶିକ୍ଷାନିକେତନର ୧୫ତମ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରଧାନଶିକ୍ଷକ ଶାନ୍ତନୁ ମହାକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ବୀରମହାରାଜପୁର ବ୍ଲକ ପୂର୍ବତନ ଅଧ୍ୟକ୍ଷ ସନ୍ତୋଷ କୁମାର ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡାଉତ୍ସବକୁ ଉଦ୍‌ଘାଟନ କରିବା ସହିତ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। କ୍ରୀଡା ପ୍ରତିଯୋଗିତାରେ କନିଷ୍ଠ ଓ ବରିଷ୍ଠ ବର୍ଗରେ ବାଳିକା ଓ ବାଳକ ବିଭାଗରେ ମୋଟ ୩୦ଟି ପ୍ରତିଯୋଗିତା ହୋଇଥିଲା। କ୍ରୀଡା ପ୍ରତିଯୋଗିତାକୁ ସ୍ଥାନୀୟ ମହାବିଦ୍ୟାଳୟର କ୍ରୀଡା ଅଧ୍ୟାପକ ନରତ୍ତୋମ ଚାନ୍ଦ ଓ ପୁରାତନ ଛାତ୍ର ଅଭିନନ୍ଦନ ପୂଝାରି ପରିଚାଳନା କରିଥିଲେ। ଉଦ୍‌ଯାପନୀ ସମାରୋହରେ ବୀରମହାରାଜପୁର ବ୍ଲକ ଅଧକ୍ଷ ଶାନ୍ତି ଲୁହା ମୁଖ୍ୟଅତିଥି ଓ ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ କ୍ରୀଡା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ୧୦୦ ମିଟର,୨ଶହ ମିଟର, ଲମ୍ଫଡିଆଁ, ଉଚ୍ଚ ଡିଆଁ, ସର୍ଟ ଫୁଟ ଥ୍ରୋ,ଡିସକସ ଥ୍ରୋ, ସାଇକେଲ ସ୍ଲୋ, ମ୍ୟୁଜିକ ଚେୟାର ଆଦି ପ୍ରତିଯୋଗିତା କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ କ୍ରୀଡା ବିଭାଗ ମୁଖ୍ୟ ଦାଶରଥି ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରଧାନଶିକ୍ଷକ ମହାକୁର ବାର୍ଷିକ କ୍ରୀଡା ବିବରଣୀ ପାଠ କରିଥିଲେ। ଅନୁଷ୍ଠାନର ସମ୍ପାଦକ ବିବସ୍ୱତି ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତିଯୋଗିତାରେ ଉଭୟ କନିଷ୍ଠ ଓ ବରିଷ୍ଠ ବାଳକ ବିଭାଗରେ ସ୍ୱାଗତ ସାହୁ ଓ ପ୍ରିୟବ୍ରତ ପଣ୍ଡା ଏବଂ ବାଳିକା ବିଭାଗରେ ଅନିମା ନାଏକ ଓ ଅର୍ଚ୍ଚିତା ପଧାନ ଚାମ୍ପିୟାନ ହୋଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ଶ୍ୱଶୁର ହତ୍ୟାକାରୀ ଅଭିଯୁକ୍ତ ଜ୍ୱାଇଁଙ୍କୁ ଆଜୀବନ କାରାଦଣ୍ଡାଦେଶ

ବୌଦ୍ଧ,୨୧।୧୨(ସ୍ୱ.ପ୍ର.)

ବୁଧବାର ବୌଦ୍ଧ ଜିଲା ଦୌରାଜଜ୍ ବିକ୍ରମ କୁମାର ପ୍ରଧାନ ଏକ ହତ୍ୟା ମାମଲାର ବିଚାର କରି ଅଭିଯୁକ୍ତ ଜ୍ୱାଇଁଙ୍କୁ ଆଜୀବନ କାରାଦଣ୍ଡ ସହ ୧୦ ହଜାର ଜରିମାନା ଆଦେଶ ଦେଇଛନ୍ତି।

ମାମଲାରୁ ପ୍ରକାଶ ଯେ, ବୌଦ୍ଧ ଥାନା ଅନ୍ତର୍ଗତ ସରସରା ଗ୍ରାମର ଘୁରୁଣ୍ଟୁ ବାରିକ(୬୫)ଙ୍କ ଘରେ ତାଙ୍କ ଜ୍ୱାଇଁ ପଙ୍କଜ ସେଠୀ (୪୫) ନିଜ ପରିବାର ଧରି ରହିଥିଲେ। ପଙ୍କଜ ଅଳସୁଆ ପକୃତିର ଥିବାରୁ ଶଶୁର ସହିତ ବହୁ ସମୟରେ ଗଣ୍ଡଗୋଳ କରି ଆସୁଥିଲେ। ଗତ ୧୬।୧୨।୧୮ ତାରିଖରେ ଶଶୁର ଘୁରୁଣ୍ଟୁ ଓ ଜ୍ୱାଇଁ ପଙ୍କଜ ମିଶି ଧାନ ବିଲକୁ ଧାନ କଳେଇ ବାନ୍ଧିବାକୁ ସକାଳୁ ସକାଳୁ ଯାଇଥିଲେ। ଏହାର କିଛି ସମୟ ପରେ ଶାଶୁ ଶ୍ରାବଣୀ ବିଲକୁ ଯାଇଥିବା ବେଳେ ସ୍ୱାମୀ ଘୁରୁଣ୍ଟୁ ରକ୍ତ ଜୁଡୁ ଜୁଡୁ ଅବସ୍ଥାରେ ପଡି ରହିଥିବା ଦେଖିବାକୁ ପାଇଥିଲେ। ପଙ୍କଜ ଏକ ଟାଙ୍ଗିଆରେ ହାଣି ଫେରାର ହୋଇଯାଇଥିବା ଜଣାପଡିଥିଲା। ଏହି ଆକ୍ରମଣରେ ଘୁରୁଣ୍ଟୁଙ୍କ ମୃତ୍ୟୁ ଘଟିବାରୁ ଏନେଇ ଶ୍ରାବଣୀ ଘଟଣା ଦିନ ବୌଦ୍ଧ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ବୌଦ୍ଧ ପୋଲିସ ଥାନା କେସ ନଂ ୨୮୦/୧୮ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତ ଜ୍ୱାଇଁକୁ ପୋଲିସ ଘଟଣାର ପରଦିନ ୧୭ ତାରିଖରେ ଗିରଫ କରି ବିଚାର ପାଇଁ କୋର୍ଟକୁ ପଠାଇଥିଲା। ପରବର୍ତ୍ତୀ ସମୟରେ ମାମଲାଟି ଜିଲା ଦୌରାଜଜ୍‌ଙ୍କ ଅଦାଲତରେ ଏସଟି କେସ ନଂ ୯/୧୯ ହୋଇ ବିଚାର ହୋଇଥିଲା। ମାମଲାରେ ସରକାରଙ୍କ ପକ୍ଷରୁ ୧୮ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ପ୍ରମାଣ ଥିବା ନେଇ ଜିଲା ଦୌରାଜଜ୍ ଅଭିଯୁକ୍ତ ପଙ୍କଜ ସେଠୀଙ୍କୁ ଆଜୀବନ କାରାଦଣ୍ଡ ଦେବା ସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ପ୍ରଦାନ କରିଛନ୍ତି। ସରକାରଙ୍କ ପକ୍ଷରୁ ମାମଲାକୁ ସରକାରୀ ଓକିଲ ସବିତା କୁମାରୀ ପଣ୍ଡା ପରିଚାଳନା କରୁଥିଲେ।

# ଶୃଙ୍ଖଳା, କଠିନ ପରିଶ୍ରମ ସଫଳତା ଆଣି ଦିଏ

ସୋନପୁର,୨୧।୧୨(ନି.ପ୍ର.)

ସୋନପୁର ବ୍ଲକ ଧୋବାମୁଣ୍ଡାସ୍ଥିତ ସୁକାନ୍ତି ଏକାଡେମୀ ଉଚ୍ଚ ମାଧ୍ୟମିକ ସ୍କୁଲ (ଯୁକ୍ତ ୨ ବିଜ୍ଞାନ)ର ଦଶମ ବାର୍ଷିକ ଉତ୍ସବ ସୃଜନ-୨୦୨୨ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। କଲେଜ ପରିସରରେ ଆୟୋଜିତ ଏହି ଉତ୍ସବରେ ସୁବର୍ଣ୍ଣପୁର ଏସ୍‌ପି ଅମରେଶ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏସ୍‌ପି ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ବର୍ତ୍ତମାନର ପ୍ରତିଯୋଗିତାମୂଳକ ସମାଜରେ ଛାତ୍ରୀଛାତ୍ର ଭଲ ପାଠ ପଢିବା ଆବଶ୍ୟକ। ବିଜ୍ଞାନ ଶିକ୍ଷା ସହିତ ଭଲ ମଣିଷ ହେବା ପାଇଁ ବିଦ୍ୟାର୍ଥୀମାନେ ସ୍ୱପ୍ନ ଦେଖିବା ଉଚିତ୍। ତେବେ ଶୃଙ୍ଖଳା ଓ କଠିନ ପରିଶ୍ରମ ହିଁ ଜୀବନରେ ସଫଳତା ଆଣିଦିଏ ବୋଲି ଏସ୍‌ପି କହିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାଶ ଯୋଗଦାନ କରି ଗୁଣାତ୍ମକ ଶିକ୍ଷା ଦ୍ୱାରା ସମାଜରେ ପରିବର୍ତ୍ତନ ସମ୍ଭବ। ଶିକ୍ଷାଦାନ ପ୍ରଭାବଶାଳୀ ଓ ଗୁଣାତ୍ମକ ହେବା ଉପରେ ଦାଶ ଗୁରୁତ୍ୱ ଦେବା ସହ ଛାତ୍ରୀଛାତ୍ରମାନେ ଭଲ ପାଠ ପଢିବା ସହିତ ସଂସ୍କାରୀ ହେବା ପାଇଁ ପରାମର୍ଶ ଦେଇଥିଲେ। ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ବିଶ୍ୱରଞ୍ଜନ ତ୍ରିପାଠୀ ସଭାରେ ଅଧ୍ୟକ୍ଷତା କରି କହିଥିଲେ ମାତ୍ର ୧୦ ବର୍ଷ ମଧ୍ୟରେ ଉଚ୍ଚ ଶିକ୍ଷା ଅନୁଷ୍ଠାନ ପଶ୍ଚିମ ଓଡିଶାରେ ବେଶ ସଫଳତା ହାସଲ କରିଛି। ଭଲ ରେଜଲ୍ଟ ସହିତ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରମାନେ ଦେଶର ବିଭିନ୍ନ ନାମୀ ସଂସ୍ଥାରେ ନିଯୁକ୍ତି ପାଇ ସମାଜରେ ପ୍ରତିଷ୍ଠିତ ହୋଇ ପାରିଛନ୍ତି। ଦେଶରେ ବିଜ୍ଞାନ ଶିକ୍ଷାର ଯଥେଷ୍ଟ ଉନ୍ନତି ଘଟିଛି। ତେଣୁ ଛାତ୍ରୀଛାତ୍ର ଏହାର ଲାଭ ଉଠାଇବା ପାଇଁ କଠିନ ପରିଶ୍ରମ କରିବାକୁ ତ୍ରିପାଠୀ ପରାମର୍ଶ ଦେଇଥିଲେ। କଲେଜର ଅଧ୍ୟକ୍ଷ ଡ. ବିଭୂତି ଭୂଷଣ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଏକାଡେମିକ ଡାଇରେକ୍ଟର ଡ. ଦେବଦତ୍ତ ଦାସ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଯୁକ୍ତ ଦୁଇ ପ୍ରଥମ ବର୍ଷ ବିଜ୍ଞାନ ଓ ଦ୍ୱିତୀୟ ବର୍ଷ ବିଜ୍ଞାନ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ଓଡିଆ ପ୍ରବନ୍ଧ, ଇଂରାଜୀ ପ୍ରବନ୍ଧ, ଇଂରାଜୀ ବକ୍ତୃତା ଏବଂ ସଙ୍ଗୀତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ଷ୍ଟୁଡେଣ୍ଟସ୍ ଅଫ ଦି ଇୟର ଭାବେ ଓଁ ବଜରଙ୍ଗ ପୁରୋହିତ, ଅଙ୍କିତ ଅଂଶୁମାନ ପୁରୋହିତ, ସ୍ୱସ୍ତିକ ସାହୁ ଓ ସିଦ୍ଧିମା ଶର୍ମାଙ୍କୁ ପୁରସ୍କୃତ କରା ଯାଇଥିଲା। ଇଂରାଜୀ ବିଭାଗର ଅଧାପିକା ଇତିଶ୍ରୀ ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରେ କଲେଜର ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଉତ୍ସବ ଆୟୋଜନରେ ରମେଶ ମିଶ୍ର, ସ୍ୱାଗତ ସୁମନ ସାହୁ ଓ କୁନା ପଣ୍ଡାଙ୍କ ସମେତ ସମସ୍ତ ଶିକ୍ଷକ ଓ ଅଣଶିକ୍ଷା କର୍ମଚାରୀ ସହଯୋଗ କରିଥିଲେ।



ଉତ୍ସବ ସୃଜନ ୨୦୨୨ରେ ମଞ୍ଚାସୀନ ଅତିଥି ବୃନ୍ଦ।

**ସୁକାନ୍ତି ଏକାଡ଼େମୀ ଉଚ୍ଚ ମାଧ୍ୟମିକ ସ୍କୁଲର ବାର୍ଷିକ ଉତ୍ସବ**

## ସଂକ୍ଷେପରେ

### ହେମଗିର ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ହେମଗିର,୨୧।୧୨(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ଅନ୍ତର୍ଗତ କନକତୁରା ହାଇସ୍କୁଲଠାରେ ବିଶ୍ୱକପ୍ ହକି ଉପଲକ୍ଷେ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ହେମଗିର ବ୍ଲକ ଶିକ୍ଷା ଅଧିକାରୀ ସଦାନନ୍ଦ ପଧାନ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବରେ ହେମଗିର ବ୍ଲକ ଅଧକ୍ଷ ପ୍ରେମାନନ୍ଦ ସା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଜିଲା ପରିଷଦ ସଦସ୍ୟ ଉଦିତ ସେଠ, ଏବିଇଓ କିଶୋର କୁମାର ଅର୍କ ଯୋଗଦେଇଥିଲେ। କ୍ରୀଡ଼ା ପ୍ରତିଯୋଗିତାରେ ହେମଗିର ବ୍ଲକର ୧୯ଟି ପଞ୍ଚାୟତର ଛାତ୍ରୀଛାତ୍ର ଯୋଗଦେଇ ଖୋଖୋ, ଭଲିବଲ, ଲମ୍ଫଡିଆଁ, ସଟଫୁଟ, କବାଡି, ଦଉଡ ଆଦି ୧୫ଟି ଖେଳରେ ଭାଗନେଇଥିଲେ। ବୁଧବାର ଖେଳର ଉଦ୍‌ଯାପନୀରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଦସ୍ୟା ମହିମା ସେଠ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ କନକତୁରା ସରପଞ୍ଚ ମଙ୍ଗଳାବତି ଓରାମ, ସମିତି ସଭ୍ୟ କିଶୋର ଭୋଇ, ହେମଗିର ସମିତି ସଭ୍ୟା ମାନସି ଦର୍ଜି, ଲଇକେରା ସରପଞ୍ଚ ଦିନେଶ ନାଏକ, ଶିକ୍ଷକ ସଂଘର ସଭାପତି ରାମଲାଲ ପଟେଲ, ସ୍କୁଲ ଅଧକ୍ଷ ରାଜେଶ ଓରାମ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସ୍କୁଲର ପ୍ରଧାନ ଶିକ୍ଷକ ମିତ୍ରଭାନୁ ନାଏକ, ତେଜରାମ ସାହୁ, ଯାଜ୍ଞସେନି ସା, ରୀତାରାଣୀ ନାଏକ, ରୋଜାଲିନ ଶତପଥି, ବିଶ୍ୱଜିତ ପଟେଲଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହି ଖେଳ ପରିଚାଳନା କରିଥିଲେ।

### ଖଜୁରି ତାଡ଼ି ଭାଟି ବନ୍ଦ ଦାବି କଲେ କୋଶଳ ସମାଜ କର୍ମକର୍ତ୍ତା

ବଡ଼ଗାଁ, ୨୧।୧୨(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ବାଇବାଇ ପ୍ରାଥମିକ ସ୍କୁଲ ନିକଟରେ ଏକ ଖଜୁରୀ ତାଡି ଭାଟି ଖୋଲିଛି। ବେଆଇନଭାବେ ଏହା ଚାଲିଥିଲେ ହେଁ ଏହାକୁ ବନ୍ଦ କରିବା ଦିଗରେ କୌଣସି ପଦକ୍ଷେପ ନିଆଯାଉନାହିଁ। ଏଥିପାଇଁ ଅଶାନ୍ତିକର ପରିବେଶ ସୃଷ୍ଟି ହେଉଛି। ଏବେ ଏହାକୁ ବନ୍ଦ କରିବା ପାଇଁ ବଡ଼ଗାଁ ବ୍ଲକ କୋଶଳ ସମାଜର କର୍ମକର୍ତ୍ତା ଅଣ୍ଟା ଭିଡିଛନ୍ତି। ଏ ନେଇ ସେମାନେ ଅବକାରୀ ସବ୍‌ଇନ୍ସପେକ୍ଟରଙ୍କୁ ଲିଖିତଭାବେ ଅଭିଯୋଗ କରିଛନ୍ତି। ଅଭିଯୋଗପତ୍ରରେ ସେମାନେ ଦର୍ଶାଇଛନ୍ତି ଯେ, ବାଇବାଇ ପ୍ରାଥମିକ ବିଦ୍ୟାଳୟ ନିକଟରେ ଖୋଲିଥିବା ଖଜୁରୀ ତାଡି ଭାଟି ଯୁବକଙ୍କୁ ବିପଥଗାମୀ କରୁଛି। ଖଜୁରୀ ତାଡି ଭାଟି ଖୋଲିବା ବେଆଇନ ହୋଇଥିବାରୁ ତୁରନ୍ତ ଏହାକୁ ବନ୍ଦ କରିବାକୁ କୋଶଳ ସମାଜର ସବିତା ଭୋଇ, ଗୀତ ଦେବରିଆ, ଦୀପ୍ତି ରାଣୀ ରାଉତରାୟ ପ୍ରମୁଖ ଦାବି କରିଛନ୍ତି।

### ଗୋଲେଇ ଛକରେ ପିଟିହୋଇ ବାଇକ୍ ଚାଳକ ଗୁରୁତର

ବଡ଼ଗାଁ, ୨୧।୧୨(ଡି.ଏନ.ଏ.): ବଡ଼ଗାଁର ଗୋଲେଇ ଛକରେ ବୁଧବାର ସାଢ଼େ ବାରଟାରେ ପିଟିହୋଇ ଜଣେ ବାଇକ୍ ଚାଳକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ସମ୍ବଲପୁର ଜିଲା ଗଡପୋଷର ଦୀପକ ଧନୁଆର(୨୫)। ସୂଚନା ଅନୁଯାୟୀ,ଦୀପକ ସୁନ୍ଦରଗଡ଼ରୁ ରାଉରକେଲା ପଟକୁ ବାଇକ୍‌ରେ ଯାଉଥିଲାବେଳେ ନିୟନ୍ତ୍ରଣ ହରାଇ ଗୋଲେଇ ଛକରେ ପିଟି ହୋଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ମେଡିକାଲରେ ଭର୍ତ୍ତି କରାଯାଇଛି।

# ଗ୍ରାମାଞ୍ଚଳ ରୋଗୀଙ୍କ ପାଇଁ ଅତ୍ୟାଧୁନିକ ଥେରାପି ସେବା

ସୁନ୍ଦରଗଡ଼, ୨୧।୧୨(ଡି.ଏନ୍.ଏ.)


ଅତ୍ୟାଧୁନିକ ଥେରାପି ସେବା ଦିଆଯାଉଛି।

ପରିବର୍ତ୍ତିତ ଜୀବନଶୈଳୀ, ବିଭିନ୍ନ ଜଟିଳ ରୋଗ ଏବଂ ଦୁର୍ଘଟଣାଜନିତ ସମସ୍ୟା ଭୋଗୁଥିବା ବ୍ୟକ୍ତିଙ୍କୁ ମାଗଣାରେ ଅତ୍ୟାଧୁନିକ ଥେରାପି ଓ ପୁନର୍ବାସ ସେବା ଯୋଗାଇଦେବା ଲାଗି ସୁନ୍ଦରଗଡ଼ ଜିଲାରେ ରହିଛି ସମନ୍ୱିତ ଭୌତିକ ଚିକିତ୍ସା ସେବା ଓ ଆରୋଗ୍ୟ କେନ୍ଦ୍ର। ବର୍ଷକ ଭିତରେ ବିଭିନ୍ନ ବର୍ଗ ଓ ବୟସର ରୋଗୀଙ୍କୁ ୧ ଲକ୍ଷରୁ ଅଧିକ ସେସନ ଚିକିତ୍ସା ସେବା ଦିଆଯାଇଛି। ଏହି ଅତ୍ୟାଧୁନିକ ଥେରାପି ସେବା ଫଳରେ ସୁନ୍ଦରଗଡ଼ ଜିଲାର ଗ୍ରାମାଞ୍ଚଳ ରୋଗୀମାନେ ବିଶେଷ ଉପକୃତ ହେଉଛନ୍ତି। ଏହି ସେବା ଯୋଗାଇଦେବା ଲାଗି ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସ୍ତରରେ ଏହା ସ୍ଥାପନ କରାଯାଉଛି। ବର୍ତ୍ତମାନ ଜିଲାରେ ୨୦ଟି ସମନ୍ୱୀତ ଭୌତିକ ଚିକିତ୍ସା ସେବା ଓ ଆରୋଗ୍ୟ କେନ୍ଦ୍ର କାର୍ଯ୍ୟକ୍ଷମ ହେଉଛି। ଏଥିପାଇଁ ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସରୋଜ କୁମାର ମିଶ୍ର କହିଛନ୍ତି, ସୁନ୍ଦରଗଡ଼ ଜିଲାରେ ସମନ୍ୱୀତ ଭୌତିକ ଚିକିତ୍ସା ସେବା ବେଶ ଲୋକପ୍ରିୟ ହୋଇପାରିଛି। ବିଶେଷକରି ଗ୍ରାମାଞ୍ଚଳର ରୋଗୀମାନେ ଏହି ଆଧୁନିକ ସେବା ପାଇପାରୁଛନ୍ତି। ଜିଲା ପ୍ରଶାସନ ଏବଂ ସ୍ୱାସ୍ଥ୍ୟ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କର ସହଯୋଗ ଯୋଗୁ ୧ ଲକ୍ଷରୁ ଅଧିକ ସେସନ କରାଯାଇ ବିଭିନ୍ନ ବର୍ଗର ରୋଗୀଙ୍କୁ ଚିକିତ୍ସା ସେବା ଯୋଗାଇ ଦିଆଯାଇପାରିଛି। ସେ ଆହୁରି କହିଛନ୍ତି ଯେ, 'ଭିନ୍ନକ୍ଷମମାନଙ୍କୁ ଆବଶ୍ୟକ ଚିକିତ୍ସା ଓ ପୁନର୍ବାସ ସେବା ଯୋଗାଇ ଦେଇ ସେମାନଙ୍କ ଭିତରେ ସକ୍ଷମତା ଭରିଦେବା ବର୍ତ୍ତମାନ ସମୟରେ ବଡ଼ ଆହ୍ୱାନ। ତେଣୁ ଏ ଦିଗରେ ସମନ୍ୱୀତ ଭୌତିକ ଚିକିତ୍ସା ସେବା ଓ ଆରୋଗ୍ୟ କେନ୍ଦ୍ର ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ସମାଜରେ ସମ୍ମାନର ସହ ବଞ୍ଚିବାର ସୁଯୋଗ ଦେବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ।

ସୁନ୍ଦରଗଡ଼ ଜିଲାରେ ୨୦୨୨ ଜାନୁଆରୀରୁ ସମନ୍ୱୀତ ଭୌତିକ ଚିକିତ୍ସା ସେବା ଆରମ୍ଭ କରାଯାଇଛି। ସୁନ୍ଦରଗଡ଼ ସରକାରୀ ମେଡିକାଲ କଲେଜ ଏବଂ ହସ୍ପିଟାଲ ପରିସରରେ ରହିଛି ଅତ୍ୟାଧୁନିକ 'ଥେରାପ୍ୟୁଟିକେ ସେଣ୍ଟର। ତା'ଛଡ଼ା ଗ୍ରାମାଞ୍ଚଳର ରୋଗୀଙ୍କ ପାଇଁ ସମନ୍ୱୀତ ଭୌତିକ ଚିକିତ୍ସା ସେବା ଓ ଆରୋଗ୍ୟ କେନ୍ଦ୍ର କରାଯାଇଛି। ସେଠାରେ ରହିଥିବା ଅତ୍ୟାଧୁନିକ ଫିଜିଓଥେରାପି ସେବାରୁ ଭିନ୍ନକ୍ଷମ, ବରିଷ୍ଠ ନାଗରିକ, କର୍ମଜୀବୀ, ମହିଳା, ଶିଶୁ ତଥା ବିଭିନ୍ନ ବର୍ଗର ଲୋକେ ଉପକୃତ ହେଉଛନ୍ତି। ଏଥିପାଇଁ ବିଭିନ୍ନ ଆଧୁନିକ ଚିକିତ୍ସା ଉପକରଣ ରହିଛି। ସେଠାରେ ତାଲିମପ୍ରାପ୍ତ ଥେରାପିଷ୍ଟମାନେ ରୋଗୀଙ୍କୁ ଦେଖି ସେମାନଙ୍କର ଆବଶ୍ୟକତା ଅନୁଯାୟୀ ଥେରାପି ଓ ପରାମର୍ଶ ଦେଉଛନ୍ତି।

## ଅସହାୟ ବୃଦ୍ଧଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତିକଲେ ପୌରାଧ୍ୟକ୍ଷା

ଦେବଗଡ଼,୨୧।୧୨(ଡି.ଏନ୍.ଏ)


ବୃଦ୍ଧଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଉଛି।

ଜଣେ ଅସହାୟ ତଥା ରୋଗଗ୍ରସ୍ତ ବୃଦ୍ଧଙ୍କୁ ଭଙ୍ଗା କୁଡିଆରୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କଲେ ୱାର୍ଡ ସଦସ୍ୟ ଏବଂ ପୌରାଧ୍ୟକ୍ଷା। ସୂଚନା ଅନୁଯାୟୀ ବାରକୋଟ ବ୍ଲକ କାଦୋପଡ଼ା ଗ୍ରାମର ଦୁର୍ଯ୍ୟୋଧନ ଶବର(୭୫)ପ୍ରାୟ ୧୦ବର୍ଷ ପୂର୍ବେ ସ୍ତ୍ରୀଙ୍କ ସହ ଦେବଗଡ଼ ପୌରାଞ୍ଚଳକୁ ଚାଲିଆସି ୫ ନମ୍ବର ୱାର୍ଡ ଅନ୍ତର୍ଗତ ଜଗତିପାଲି ସାହିରେ ଏକ କୁଡ଼ିଆ ଘରେ ରହୁଥିଲେ। ତେବେ ପ୍ରାୟ ୨ ମାସ ପୂର୍ବେ ତାଙ୍କ ସ୍ତ୍ରୀ ଆରପାରିକୁ ଚାଲିଯିବା ପରେ ଦୁର୍ଯ୍ୟୋଧନ ସମ୍ପୂର୍ଣ୍ଣ ଅସହାୟ ଏବଂ ରୋଗଗ୍ରସ୍ତ ହୋଇପଡିଥିଲେ। ସେହିପରି ଠିକ୍ ସମୟରେ ନ ଖାଇ ନ ପିଇ ଅତ୍ୟନ୍ତ ଦୁର୍ବଳ ହୋଇପଡିଥିଲେ। ଏନେଇ ବୁଧବାର କେତେକ ସାହିବାସିନ୍ଦା, ସ୍ୱେଚ୍ଛାସେବୀ ଉକ୍ତ ୱାର୍ଡର ୱାର୍ଡ ସଦସ୍ୟ ଜତିନ କୁମାର ନାୟକ ଏବଂ ଦେବଗଡ଼ ପୌରାଧ୍ୟକ୍ଷା ଶାନ୍ତିମଞ୍ଜରୀ ଦେଇଙ୍କୁ ସୂଚନା ଦେଇଥିଲେ। ସୂଚନା ପାଇ ପୌରାଧ୍ୟକ୍ଷା ନିଜେ ପୌର ପରିଷଦ କର୍ମଚାରୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରିବା ସହ ଏକ ଅଟୋରିକ୍ସା ସାହାଯ୍ୟରେ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ସେ ବର୍ତ୍ତମାନ ମଧ୍ୟ ସେଠାରେ ଚିକିତ୍ସାଧିନ ଥିବା ଜଣାପଡିଛି। ଉଦ୍ଧାର କାର୍ଯ୍ୟରେ ୱାର୍ଡ ସଦସ୍ୟ ଜତିନ କୁମାର ନାୟକ, ବିଜେଡି ଯୁବ ନେତା ଆଲୋକ କୁମାର ଅମାନ୍ତ ଓ ଦୀପନ କୁମାର ନାୟକ ପ୍ରମୁଖ ସହଯୋଗ କରିଥିଲେ। ଦୁର୍ଯ୍ୟୋଧନଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ସୁଧାର ଆସିବା ପରେ ତାଙ୍କୁ ପୌର ପରିଷଦ ଅଧିନସ୍ଥ ଆଶ୍ରୟ ଗୃହରେ ଆଶ୍ରୟ ଦିଆଯିବ ବୋଲି ପୌରାଧ୍ୟକ୍ଷା ଦେଇ କହିଛନ୍ତି।

# ଲେଫ୍ରିପଡ଼ା, ଗିରିଙ୍ଗକେଲାରେ ଧାନମଣ୍ଡି ଶୁଭାରମ୍ଭ

ଲେଫ୍ରିପଡ଼ା,୨୧।୧୨(ଡ଼ି.ଏନ୍.ଏ.)


ଲେଫ୍ରିପଡ଼ା ଧାନ କ୍ରୟକେନ୍ଦ୍ର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ଲ୍ୟାମ୍ପସ ପକ୍ଷରୁ ଗୋଦାମ ଗୃହଠାରେ ଧାନ କ୍ରୟକେନ୍ଦ୍ର ବୁଧବାର ଆରମ୍ଭ ହୋଇଛି। ଏଥିରେ ଲେଫ୍ରିପଡ଼ା ତହସିଲଦାର ସାରିକାରାଣୀ ଧାମେଲ, ବିଡ଼ିଓ ଜନ୍ମେଜୟ ବେହେରା, ଲ୍ୟାମ୍ପସ ସଭାପତି ସୁନୀଲ କୁମାର କାଲୋ ଅତିଥି ଭାବେ ଯୋଗଦାନ କରିଥିଲେ। ଲ୍ୟାମ୍ପସ ପରିଚାଳନା ନିର୍ଦ୍ଦେଶକ ଶିଶିର କୁମାର ପଟେଲ ଉପସ୍ଥିତ ଚାଷୀମାନଙ୍କୁ ସ୍ୱାଗତ ଜଣାଇ ଚଳିତ ଖରିଫଧାନ କ୍ରୟ କେନ୍ଦ୍ରରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ଦିଗରେ ସହଯୋଗ କାମନା କରିଥିଲେ। ଅତିଥିଗଣ ପ୍ରଦୀପ ପ୍ରଜ୍ୱଳନ କରି ଧାନକ୍ରୟ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ପରେ ଲେଫ୍ରିପଡ଼ା ପଞ୍ଚାୟତର ୬ଜଣ ଚାଷୀଙ୍କ ଧାନ ସଂଗ୍ରହ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଲେଫ୍ରିପଡ଼ା ଧାନ କ୍ରୟ କେନ୍ଦ୍ରରେ ଲ୍ୟାମ୍ପସ ପରିଚାଳନା ପରିଷଦ ସଦସ୍ୟ କୌତୁକ ଚୌଧୁରୀ, ବିମଳ କୁମାର ପଟେଲ, ଉଦିତ କୁମାର ନାଏକ, ମୀନକେତନ ନାଏକ, ଗୋପାଳ ପ୍ରଧାନ, ଏସ୍‌ଓଏଲପିସି ସଦସ୍ୟ ରଞ୍ଜିତ ପଟେଲ, ନାରାୟଣ ପଟେଲ ପ୍ରମୁଖଙ୍କ ସମେତ ଅଞ୍ଚଳର ଚାଷୀ ଏବଂ ଆର୍‌ଏମସି କର୍ମଚାରୀ ଉପସ୍ଥିତ ରହିଥିଲେ। ସେହିପରି ଭାବେ ଗିରିଙ୍ଗକେଲାଠାରେ ଧାନ କ୍ରୟ କେନ୍ଦ୍ର ମଧ୍ୟ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମଧ୍ୟ ଅନୁରୂପ ଭାବେ ତହସିଲଦାର ଏବଂ ଲେଫ୍ରିପଡ଼ା ଲ୍ୟାମ୍ପସର ପରିଚାଳନା ନିର୍ଦ୍ଦେଶକ, ପରିଚାଳନା ସଦସ୍ୟ ବଚନ ପ୍ରଧାନ, ଦେଶରଞ୍ଜନ ପଟେଲ ଆର୍‌ଏମ୍‌ସି କର୍ମଚାରୀ ଏବଂ ବରିଷ୍ଠ ଚାଷୀ ଜୟମଙ୍ଗଳ ପଟେଲ, ପ୍ରମୁଖ ଯୋଗଦାନ କରିଥିଲେ।

## ଦାଣ୍ଡଜମରାରେ ଧାନମଣ୍ଡିର ଶୁଭାରମ୍ଭ

ବଡ଼ଗାଁ, ୨୧।୧୨(ଡି.ଏନ.ଏ.)

ବଡ଼ଗାଁ ସମବାୟ ସମିତି ଅଧୀନ ଦାଣ୍ଡଜମରାରେ ମଙ୍ଗଳବାରଠାରୁ ଚାଷୀଙ୍କ ଧାନକିଣା ଶୁଭାରମ୍ଭ କରାଯାଇଛି। ମଣ୍ଡି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଡ଼ିଓ କ୍ଷମାନିଧି ଭୋଇ, ବ୍ଲକ ଅଧକ୍ଷା ଦୁଲାରୀ ସୋରେଙ୍ଗ, ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ, ବଡ଼ଗାଁ ସମବାୟ ସମିତିର ପରିଚାଳନା ନିର୍ଦ୍ଦେଶକ ଭୋଳାନାଥ ପଟେଲ, ସମବାୟ ସମିତିର ଅଧ୍ୟକ୍ଷ ଭୁଲକୁ ଠେମରିଆ, ଧାନ କ୍ରୟ କମିଟିର ସଦସ୍ୟ ବ୍ରହ୍ମାନନ୍ଦ ପାଣିଗ୍ରାହୀ, ସମବାୟ ସମିତିର ନିର୍ଦ୍ଦେଶକ ଚିନ୍ତାମଣି ସାହୁ, ସନାତନ କିଷାନ, ସୁନ୍ଦରଗଡ଼ ନିୟନ୍ତ୍ରିତ ବଜାର କମିଟିର କର୍ମଚାରୀ ଗୋପବନ୍ଧୁ ବରିହା, ମାଧବ ଡିଲା ଯୋଗଦେଇଥିଲେ। ଅତିଥିମାନେ ଧାନମଣ୍ଡିକୁ ଉଦ୍‌ଘାଟନ କଲାପରେ ଚାଷୀମାନଙ୍କ ଉପସ୍ଥିତିରେ ସଭା ହୋଇଥିଲା। ଏହି ସଭାରେ ବ୍ଲକ ଅଧକ୍ଷା ସୋରେଙ୍ଗ ଓ ଜିଲା ପରିଷଦ ସଭ୍ୟ ପ୍ରଧାନ ଚାଷୀମାନେ ଆଣୁଥିବା ଧାନ କଟନୀ ଛଟନୀ ନ କରିବାକୁ ଓ ଧାନ ଭର୍ତ୍ତି ପାଇଁ ଅଖାବସ୍ତା ଯୋଗାଇଦେବାକୁ କହିଥିଲେ। ଧାନ କିଣା କିପରି ସୁରୁଖୁରୁରେ ହେବ ସେଥିପ୍ରତି କର୍ମଚାରୀମାନେ ଦୃଷ୍ଟି ରଖିବାକୁ ବିଡ଼ିଓ ଭୋଇ କହିଥିଲେ। ଦାଣ୍ଡଜମରା ପଞ୍ଚାୟତ ଅଫିସ ସମ୍ମୁଖରେ ଅଗ୍ରସେନ ରାଇସ ମିଲ ଦ୍ୱାରା ଧାନ କିଣା ହେବ। ପ୍ରଥମ ଦିବସରେ ୪ଚାଷୀଙ୍କଠାରୁ ୨ଶହ ୫ କୁଇଣ୍ଟାଲ ୧୭କେଜି ଧାନ କିଣାଯାଇଛି।

## ଯୋଗମାୟା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କ୍ରୀଡ଼ାବିତମାନଙ୍କୁ ସମ୍ବର୍ଦ୍ଧନା



ଲହୁଣୀପଡ଼ା,୨୧।୧୨(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ରାଜାମୁଣ୍ଡା ପଞ୍ଚାୟତ ମିଶରପାଲିସ୍ଥିତ ଯୋଗମାୟା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ମଙ୍ଗଳବାର ବିଦ୍ୟାଳୟର କ୍ରୀଡ଼ାବିତମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ରାଜାମୁଣ୍ଡା ସରପଞ୍ଚ ମାଳତୀ କିଷାନ, ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ ଅଶୋକ ବେହେରା, ଭବନାନନ୍ଦ କିଷାନ ଯୋଗ ଦେଇଥିଲେ। ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପରିଚାଳନା କମିଟି ସଭାପତି ସୁଦାମ ଚରଣ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ଅଧ୍ୟକ୍ଷା ଝରଣା ପ୍ରଧାନ ଅତିଥି ପରିଚୟ ଓ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବଣାଇଠାରେ ଆନ୍ତଃ ମହାବିଦ୍ୟାଳୟ ସ୍ତରରେ ଅନୁଷ୍ଠିତ ହୋଇଥିବା କ୍ରୀଡ଼ା ପ୍ରତିଯୋଗିତାରେ ଯୋଗମାୟା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀମାନେ ଖୋଖୋ ଖେଳରେ ଚାମ୍ପିୟନ ହୋଇଥିଲେ। ଏହି ଚାମ୍ପିୟନ ଖେଳାଳିମାନଙ୍କ ସହିତ କ୍ରୀଡ଼ା ପ୍ରତିଯୋଗିତାର ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା କୃତୀ କ୍ରୀଡ଼ାବିତମାନଙ୍କୁ ଅତିଥିମାନେ ପୁଷ୍ପଗୁଚ୍ଛ ଓ ମିଷ୍ଟାନ୍ନ ପ୍ରଦାନ କରି ଶୁଭେଚ୍ଛା ଜ୍ଞାପନ କରିବା କ୍ରୀଡ଼ାବିତମାନଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଶେଷରେ ଖେଳ ଶିକ୍ଷକ ଆଶିଷ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅଜିତ କୁମାର ଦଳବେହେରା, କିହୁଁ ପାତ୍ର, ଅଜିତ କୁମାର ସ୍ୱାଇଁ, କବିତା ମୁଖାର୍ଜୀ, ପଦ୍ମିନୀ ନାୟକ, ଇତିଶ୍ରୀ ପଟ୍ଟନାୟକ, ଅନିତା ପ୍ରଧାନ, ବାସନ୍ତୀ କିଷାନ, ରଜତ କୁମାର ମାହାନ୍ତ ପ୍ରମୁଖଙ୍କ ସମେତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କୁତ୍ରା ବ୍ଲକସ୍ତରୀୟ ଶିଶୁ ଉତ୍ସବ


ଛାତ୍ରୀଛାତ୍ରଙ୍କୁ ପୁରସ୍କାର, ମାନପତ୍ର ପ୍ରଦାନ କରାଯାଉଛି।

କୁତ୍ରା,୨୧।୧୨(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ କଟଙ୍ଗସ୍ଥିତ ଶାନ୍ତାଦେବୀ ଉଚ୍ଚ ବିଦ୍ୟାଳୟରେ ବୁଧବାର ବ୍ଲକସ୍ତରୀୟ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ କୁତ୍ରା ବିଇଓ ଗୁରୁଚରଣ ସାହୁ ଯୋଗଦାନ କରି ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ କଟଙ୍ଗ ସରପଞ୍ଚ ପୁଷ୍ପା କେର୍କେଟା, ସ୍ଥାନୀୟ କାନାଡା ବ୍ୟାଙ୍କ ଶାଖା ପରିଚାଳକ ପ୍ରିୟା ନନ୍ଦ, କୁତ୍ରା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀ,ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଲାଲମୋହନ ନାଏକ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ହେମନ୍ତ କୁମାର ସିଂ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଥୋମାସ ବିଲୁଙ୍ଗଙ୍କ ସମେତ ଜିଲା ଓଷ୍ଟା ସଭାପତି ବିଭୀଷଣ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଦୁଇ ଶହ ଛାତ୍ରୀଛାତ୍ର ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜିଲା ଓଷ୍ଟା ସଭାପତି ବିଭୀଷଣ ବାରିକ, ସମିତି ସଭ୍ୟା ସୁମତି ଧନୁୱାର, ଜିଲା ଓଷ୍ଟା ଉପସଭାପତି ନିତ୍ୟାନନ୍ଦ ବେହେରା, ଜିଲା ଯୁଗ୍ମ ସମ୍ପାଦକ ହେମନ୍ତ କୁମାର ଦେ, ବିପିନ ସାହୁ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ବ୍ଲକ ଓଷ୍ଟା ସମ୍ପାଦକ ମହେନ୍ଦ୍ର ସିଂ ପରିଚାଳନା କରିଥିଲେ। ଉପ ସଭାପତି ରବୀନ୍ଦ୍ର କୁମାର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ପରେ ବ୍ଲକ ଓଷ୍ଟା ସଭାପତି ଲୋକନାଥ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ସଫଳ ଆୟୋଜନରେ ଗୋପାଳକୃଷ୍ଣ ଦାସ, ମମତା ସ୍ୱାଇଁ, କୁମାରୀ ଜୟପୁରୀଆ, ପ୍ୟାରେଲାଲ ସାହୁ, ଭିକାରି ଦାସ, ବିଜୟ କେର୍କେଟା, ପ୍ରିୟା ଓରାମ ସହଯୋଗ କରିଥିଲେ।

# ଜେ.ରାଏବଗା ଚାମ୍ପିୟନ


ବ୍ଲକସ୍ତରୀୟ ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଯାପନୀରେ ମଞ୍ଚାସୀନ ଅତିଥି।

ଲେଫ୍ରିପଡ଼ା, ୨୧।୧୨(ଡ଼ି.ଏନ.ଏ.)

**ବ୍ଲକସ୍ତରୀୟ ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଯାପିତ**

ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ବ୍ଲକସ୍ତରୀୟ ଫୁଟ୍‌ବଲ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଆୟୋଜିତ ପ୍ରତିଯୋଗିତାରେ ଜେ.ରାଏବଗା ପଞ୍ଚାୟତର ଫୁଟବଲ ଖେଳାଳି ଚାମ୍ପିୟନ ଏବଂ ଅଲାପକା ପଞ୍ଚାୟତର ଖେଳାଳି ରନର୍ସଅପ୍ ହୋଇଥିଲେ। ହକି ବିଶ୍ୱକପ ଉପଲକ୍ଷେ ଆୟୋଜିତ ବ୍ଲକସ୍ତରୀୟ ଫୁଟ୍‌ବଲ ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷ ନରେଶ ପ୍ରତାପ ସିଂ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥିଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜନ୍ମେଜୟ ବେହେରା, ଭାରପ୍ରାପ୍ତ ଜିପିଇଓ ଲିଟୁନ ମହାନନ୍ଦିଆ, ଜିଲା ପରିଷଦ ସଭ୍ୟ ବୈଷ୍ଣବ ମାଝୀ, ସରପଞ୍ଚ ନୀଳମଣି ମାଝୀ, ସୁରେନ୍ଦ୍ର ସା, ସମିତିସଭ୍ୟ କେତକୀ ନାଏକ, ସୁଶାନ୍ତ ସେଟ, ବିଜୟାନନ୍ଦ ସା ପ୍ରମୁଖ ଯୋଗଦାନ କରିଥିଲେ। ଏଥିରେ ବ୍ଲକ ପ୍ରଶାସନ ପକ୍ଷରୁ ଚାମ୍ପିୟନ ଦଳକୁ ୨୦ହଜାର ଏବଂ ରନର୍ସ ଅପ୍ ଦଳକୁ ୧୦ହଜାର ଟଙ୍କା ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଖେଳ ସବୁ ଲାଇସେନ୍ସପ୍ରାପ୍ତ ରେଫରୀମାନେ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ବିଭୂତି ପଟେଲ ପରିଚାଳନା କରିଥିଲେ। ଏଥିରେ ସାତଯୋରିଆ ୱାର୍ଡମେମ୍ବର ସୃଷ୍ଟି ସଂକ୍ରିୟା ବଳଦେ ମାଝୀ, ସନ୍ତୋଷ ବୈଗା ପ୍ରମୁଖଙ୍କ ସହ ବ୍ଲକ କର୍ମଚାରୀ, ପଞ୍ଚାୟତ କର୍ମଚାରୀ ପରିଚାଳନା ଦିଗରେ କାର୍ଯ୍ୟନିର୍ବାହ କରିଥିଲେ।

# 'ଉତ୍ସବ ପ୍ରଧାନପାଟ -୨୦୨୩' ଲୋଗୋ ପ୍ରତିଯୋଗିତା

ଦେବଗଡ଼, ୨୧।୧୨(ଡି.ଏନ୍.ଏ.)


ଲୋଗୋ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର।

'ଉତ୍ସବ ପ୍ରଧାନପାଟ' ନିମନ୍ତେ ଦେବଗଡ଼ ଜିଲା ସଂସ୍କୃତି ପରିଷଦ ପକ୍ଷରୁ ସ୍ଥାନୀୟ ମଡେଲ ଡିଗ୍ରୀ କଲେଜଠାରେ ବୁଧବାର ଏକ ଲୋଗୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟରୁ ମନୋନୀତ ହୋଇ ୬୦ ଛାତ୍ରୀଛାତ୍ର ଜିଲାସ୍ତରରେ ଅଂଶଗ୍ରହଣ କରିଥିଲେ। ଏଥିରୁ ଶ୍ରେଷ୍ଠ ବିବେଚିତ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ ଲୋଗୋକୁ ଆଗାମୀ ଜିଲା ମହୋତ୍ସବ 'ଉତ୍ସବ ପ୍ରଧାନପାଟ'ରେ ସ୍ଥାନ ଦିଆଯିବ ବୋଲି ଜଣାପଡିଛି। ଜିଲା ଜରୁରୀକାଳୀନ ଅଧିକାରୀ ସୁଶାନ୍ତ କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମଡେଲ ଡିଗ୍ରୀ କଲେଜର ଅଧ୍ୟକ୍ଷ ବିଜୟ କୁମାର ମହାରଣା ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ସିଆରସିସି ଚୁଡ଼ାମଣି ସାହୁଙ୍କ ସମେତ ଶିକ୍ଷା ବିଭାଗ କର୍ମଚାରୀମାନେ ସହଯୋଗ କରିଥିଲେ।



ଦେବଗଡ଼ ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟର ୧୯୮୯ ମାଟ୍ରିକ ବ୍ୟାଚର୍ ବନ୍ଧୁ ମିଳନ ସ୍ଥାନୀୟ ପ୍ରଧାନପାଟସ୍ଥିତ ବସନ୍ତନିବାସରେ ହୋଇଥିବାବେଳେ ଏଥିରେ ଜିଲା, ରାଜ୍ୟ ବାହାରୁ ଓ ବିଦେଶରେ ଥିବା ବନ୍ଧୁମାନେ ଆସି ଏକାଠି ହୋଇଥିଲେ।

# ଆଥ୍‌ଲେଟିକ ମିଟ୍, ଫୁଟବଲ ପ୍ରତିଯୋଗିତା

ବଡ଼ଗାଁ, ୨୧।୧୨ (ଡି.ଏନ୍.ଏ.)


ବ୍ଲକସ୍ତରୀୟ ଆଥଲେଟିକ ଏବଂ ଫୁଟ୍‌ବଲ ପ୍ରତିଯୋଗିତାରେ ମଞ୍ଚାସୀନ ଅତିଥି।

ବଡ଼ଗାଁ ବ୍ଲକରେ ବ୍ଲକସ୍ତରୀୟ ସାଂସ୍କୃତିକ ପ୍ରତିଯୋଗିତା ଶେଷ ହୋଇଥିଲାବେଳେ ସୋମବାର ଓ ମଙ୍ଗଳବାର ବ୍ଲକସ୍ତରୀୟ ଆଥଲେଟିକ, ଫୁଟ୍‌ବଲ ପ୍ରତିଯୋଗିତା ହୋଇଥିଲା। ବଡ଼ଗାଁ ନିକଟ ଭୋଇପାଲି ପଞ୍ଚାୟତ ଅଫିସ ପାର୍ଶ୍ୱ ଖେଳପଡିଆରେ ସ୍କୁଲ ସମୂହଙ୍କୁ ନେଇ ଆଥ୍‌ଲେଟିକ ପ୍ରତିଯୋଗିତା ହୋଇଥିଲା। ଏହାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଗଣେଶ ବାରିକ ମୁଖ୍ୟ ଅତିଥି ଓ ବିଇଓ ଶାନ୍ତି ମୁନି ସୁରେଖା ସରୋଜ, ଏବିଇଓ ମହେଶ୍ୱର ମଲ୍ଲିକ, ବଡ଼ଗାଁ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୁନୀତା ଲାକ୍ରା, ଭୋଇପାଲି ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅଶ୍ରୁ ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଲାଲମୋହନ ନାଏକ, ଆଥ୍‌ଲେଟ ଓ ସନ୍ତରଣରେ ଜାତୀୟ ସ୍ୱର୍ଣ୍ଣ ପଦକ ବିଜେତା ଇତମା ଗ୍ରାମର ସ୍ୱାଧୀନ ମାହାର ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ହକି ବାଳକ ବର୍ଗରେ ଏକମା ହାଇସ୍କୁଲ ଚାମ୍ପିୟନ ଓ ସିଙ୍ଗାରମୁଣ୍ଡା ହାଇସ୍କୁଲ ଉପ ବିଜେତା ହୋଇଥିଲେ। ବାଳିକା ବର୍ଗରେ ଡୁଡାଲଗା କନ୍ୟାଶ୍ରମ ଚାମ୍ପିୟନ ଓ ବରଙ୍ଗାକଛାର ହାଇସ୍କୁଲ ଉପ ବିଜେତା ହୋଇଥିଲେ। ଏହି ପ୍ରତିଯୋଗିତାଗୁଡିକରେ ୮୧୭ ଛାତ୍ରୀ ଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଅଶ୍ରୁ ପ୍ରଧାନ ଓ ବଡ଼ଗାଁ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସୁନୀତା ଲାକ୍ରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିବା ଏହି ପ୍ରତିଯୋଗିତାଗୁଡ଼ିକୁ ଖେଳ ଶିକ୍ଷକ ପ୍ରଭାତ ଦାରି, ରେଣୁକା ମହାରଣା, ମୂରଲୀଧର ବେହେରା, ବିଜୟ ପଟେଲ, ଅମିତ ମହାରଣା, ଚିତ୍ତରଞ୍ଜନ ଡାକୁଆ, ଉଗ୍ରସେନ ବେହେରା, କାଦମ୍ବିନୀ ପଟେଲ, ମିଳନ ମଞ୍ଜରୀ ନାଏକ ପରିଚାଳନା କରିଥିଲେ। ସେହିପରି ଡୁଡାଲଗା ଖେଳପଡିଆରେ ଆୟୋଜିତ ଫୁଟବଲ ବ୍ଲକସ୍ତରୀୟ ପ୍ରତିଯୋଗିତାରେ ପ୍ରତ୍ୟେକ ପଞ୍ଚାୟତର ଗୋଟିଏ ଲେଖାଏଁ ଟିମ୍ ଅଂଶଗ୍ରହଣ କରିଥିଲେ। ଏହାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲାପାଳ ଡକ୍ଟର ପରାଗ ହର୍ଷଦ ଗାଭାଲି ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏହି ପ୍ରତିଯୋଗିତା ଶେଷ ହେବା ପର୍ଯ୍ୟନ୍ତ ବିଡିଓ କ୍ଷମାନିଧି ଭୋଇ, ବ୍ଲକ ଅଧକ୍ଷା ଦୁଲାରୀ ସୋରେଙ୍ଗ, ଉପାଧ୍ୟକ୍ଷ ରଶ୍ମିତା ପଟେଲ, ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ, ସୋନାଲି ହେଶ, ନୋଡାଲ ଅଫିସର ଆମ୍ରିତ ଜୀବନ ଡୁଙ୍ଗଡୁଙ୍ଗ, ସାମୁଏଲ ଟପୋ, ସ୍ୱାଧୀନ ମାହାର ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ ସ୍କାଉଟ ଗାଇଡ କମିଶନର ଡ. ଅରୁଣ କୁମାର ନାୟକ ଅତିଥି ଭାବେ ଯୋଗଦେଇଥିଲେ। ଫୁଟବଲ ପ୍ରତିଯୋଗିତାର ଫାଇନାଲ ମ୍ୟାଚରେ ଦାଣ୍ଡଜମରା ପଞ୍ଚାୟତକୁ ହରାଇ ଡୁଡାଲଗା ଚାମ୍ପିୟନ ହୋଇଥିଲେ।

**ଖ୍ରୀଷ୍ଟୀୟ ଉଦ୍ଯାପନା ସଭା**

ଲୋଇସିଂହା,(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କୁଶମେଲ ପଞ୍ଚାୟତ ଅନ୍ତର୍ଗତ ବ୍ରାହ୍ମଣୀପାଲି ଇଭେନ ଜେଲିଆ ପ୍ରେୟାର ଫେଲୋସିପ ଚର୍ଚ୍ଚ ପକ୍ଷରୁ ତୃତୀୟ ବାର୍ଷିକ ଉତ୍ସବ ପାଳନ ସଭା ପାଳିତ ହୋଇଯାଇଛି। ଏଥିରେ ଯୁବନେତା ନିହାର ରଞ୍ଜନ ବେହେରା ମୁଖ୍ୟ ଅତିଥି, କିଶୋର ଚନ୍ଦ୍ର ବିଶାଲ ମୁଖ୍ୟବକ୍ତା, ସ୍ଥାନୀୟ ସରପଞ୍ଚ କସ୍ତୁର ସାହୁ, ଜିଲା ପରିଷଦ ସଭ୍ୟା ସଂଯୁକ୍ତା ବରିହା ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ବିଶାଲ ଖ୍ରୀଷ୍ଟମାସ ସମ୍ପର୍କରେ ଆଲୋକପାତ କରିଥିଲେ। ନିର୍ଦ୍ଦେଶିକା ସସ୍ମିତା ନାଗ ସଭାରେ ଅଧ୍ୟକ୍ଷତା କରିଥିଲେ।



**ସଂକ୍ଷେପରେ**

## ଦୁର୍ବଳ ପଞ୍ଚାୟତ ଅଫିସ ଗୃହ ଉପରେ ନିର୍ମାଣ ବନ୍ଦ ଦାବି

**ଗୁଡ଼ଭେଲା,୨୧।୧୨ (ଡି.ଏନ.ଏ.):** ବଲାଙ୍ଗୀର ଜିଲା ଗୁଡ଼ଭେଲା ବ୍ଲକ ଅନ୍ତର୍ଗତ ବଡଙ୍ଗୋମୁଣ୍ଡା ପଞ୍ଚାୟତରେ ଦୁର୍ବଳ ଅଫିସ ଗୃହ ଉପରେ ନୂତନ ଗୃହ ନିର୍ମାଣ କରାଯାଉଛି। ଏହାକୁ ବନ୍ଦ କରିବାକୁ ବୁଧବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓ ଗରେଶ୍ୱର ଭୋଇଙ୍କୁ ପ୍ରଦାନ କରାଯାଇଥିଲା। ନାବେଦ ସରପଞ୍ଚ ଭୋପାଳ ସିଂହ, ସୂର୍ଯ୍ୟ ଜାଲ, ସୁରୁ କୁମାର, ଲଳିତ ସାହୁ, ବ୍ରଜ ସାହୁ, ବାଢ଼ାକ ବାଗ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ରରେ ଦର୍ଶାଯାଇଛି ଯେ, ପଞ୍ଚାୟତ ଅଫିସ ଗୃହ ବିନା ପିଲରରେ ହୋଇଥିବା ସହ ବହୁ ପୁରୁଣା ହେଲାଣି କିଛି ମାସ ତଳେ ଏହି ଗୃହ ମରାମତି ପାଇଁ ୨ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲା। ଏବେ ୫ଲକ୍ଷ ଟଙ୍କା ବ୍ୟୟରେ ଉକ୍ତ ଅଫିସର ଉପର ମହଲା ନିର୍ମାଣ ଚାଲିଛି। ସ୍ଥାୟିତ୍ୱ ନ ଥିବାରୁ ତୁରନ୍ତ ଏହି ନିର୍ମାଣ ବନ୍ଦ କରିବାକୁ ଦାବିପତ୍ରରେ ଦର୍ଶାଯାଇଛି।

## ଧନୁଯାତ୍ରାର ଷଷ୍ଠ ସନ୍ଧ୍ୟାରେ ମହାରାଜ କଂସଙ୍କ ରଙ୍ଗସଭା

**ଖଡ଼ିଆଳ,୨୧।୧୨(ଡି.ଏନ.ଏ.):** ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଚିନ୍ଦାଗୁଡ଼ା-ଦମାପଲାଠାରେ ଚାଲିଥିବା ଷଷ୍ଠତମ ବିରାଟ ଧନୁଯାତ୍ରାର ଷଷ୍ଠ ରଜନୀରେ ମଞ୍ଚସ୍ଥ ମହାରାଜା କଂସ ଙ୍କ ରଙ୍ଗସଭା ଓ ଧନୁଯାତ୍ରା ପାଇଁ ପ୍ରସ୍ତୁତି ନାଟକରେ ଝୁମିଲେ ଦର୍ଶକ। ଏହି ଅବସରରେ ଆୟୋଜିତ ସାଂସ୍କୃତିକ ସଭାରେ ଅନୁଷ୍ଠାନ ସଭାପତି କ୍ଷେତ୍ରମୋହନ ଦୁରିଆ ଅଧକ୍ଷତା କରି ମଞ୍ଚ ପରିଚାଳନା କରିଥିଲେ। ସଭାରେ ରାଜଅତିଥି ଭାବେ ଜିଲା ବିଜେଡି ମହିଳା ସଭାନେତ୍ରୀ ସରସ୍ୱତୀ ବାଗ, ବଙ୍ଗୋମୁଣ୍ଡାର ବରିଷ୍ଠ ବିଜେଡି ନେତା ଉଦ୍ଧବ ବେହେରା, କଳାହାଣ୍ଡି ସରପଞ୍ଚ ସଂଘ ସଭାପତି ଗୋବିନ୍ଦ ନାଏକ ପ୍ରମୁଖ ଯୋଗଦେଇ ମଞ୍ଚର ଶୋଭା ବର୍ଦ୍ଧନ କରିଥିଲେ। ଏହି ସଭାରେ ରାଜ ଅତିଥିମାନେ ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ସହ ସାମୁହିକ ବିକାଶ କିପରି ହେବ ସେଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନ ସମ୍ପାଦକ ସୁନିଲ କୁମାର ମାଝି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ସନ୍ତୋଷ କୁମାର ବିଶି, ଭକ୍ତରାମ ଦୁରିଆ, ପିଙ୍ଗଲ ମାଝି, ମହେନ୍ଦ୍ର ମାଝି, ଦେବାନନ୍ଦ ତାଣ୍ଡି, ପବିତ୍ର ମାଝି, ହେମନ୍ତ ମାଝି, ଭୁବନେଶ୍ୱର ବିଶି, ଯୁକ୍ତ ତାଣ୍ଡି, ଉମା ଶଙ୍କର ମାଝି, ଶିଖି ମାଝି, ମୁରଲୀ ମାଝି, ନୀଳମାଧବ ସରାଫ, ପଦୁ ଚରଣ ହଂସ ପ୍ରମୁଖ ସହଯୋଗ କରିଥିଲେ।

## ଜବାହର ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**କୋକସରା,୨୧।୧୨(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକ ଜବାହର ଉଚ୍ଚ ବିଦ୍ୟାଳୟଠାରେ ଚାଲିଥିବା ବାର୍ଷିକ କ୍ରୀଡା ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୁଧୀର କୁମାର ପଣ୍ଡାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ କୋକସରା ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ, ମୁଖ୍ୟବକ୍ତା ଭାବେ ବିଆରସିସି ତୋଫାନ ମାଝି, ସମ୍ମାନିତ ଅତିଥି ଭାବେ ପୂର୍ବତନ ଭଲିବଲ ଖେଳାଳି ଧର୍ମାନନ୍ଦ ପଟ୍ଟନାୟକ, ପୂର୍ବତନ ସ୍କୁଲ ସଦସ୍ୟ ଅତୁଲ୍ୟ କୁମାର ପ୍ରଧାନୀ ଉପସ୍ଥିତ ରହିଥିଲେ। ଖେଳ ଶିକ୍ଷକ ଅମିତ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଖେଳକୁଦ ହୋଇଥିଲା। ମଙ୍ଗଳବାର ଉଦ୍‌ଯାପିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଧର୍ମଗଡ଼ ବିଧାୟକ ମୋକ୍ଷଧି ବାଗ, ମୁଖ୍ୟବକ୍ତା ଭାବେ ଏଡିଇଓ ଟେମଲାଲ ଦୁବେ, ଆଇପିଇ ମହେନ୍ଦ୍ର କୁମାର ପଣ୍ଡା, କୋକସରା ବିଇଓ ନେପାଳ ଚନ୍ଦ୍ର ବାଗ ମଞ୍ଚରେ ଉପସ୍ଥିତ ରହିଥିଲେ। ଆୟୋଜିତ ବିଭିନ୍ନ ବର୍ଗର କ୍ରୀଡାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କୋକସରା ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ, ଲଡୁଗାଁ ହାଇସ୍କୁଲ ପ୍ରଧାନ ଶିକ୍ଷକ ଅଶୋକ ଦାସ, ମାଝିଗୁଡା ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରଦୀପ୍ତ କୁମାର ଦାସ, ସିଆରସିସି ବୈକୁଣ୍ଠ ଜାଲ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ, ପୂର୍ବତନ ଛାତ୍ର ଓ ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ଉପସ୍ଥିତ ରହିଥିଲେ। ଶେଷରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିକ୍ଷକ ଦେବାଶିଷ ସାହୁ ଓ ଶିକ୍ଷୟିତ୍ରୀ ସୀମାରାଣୀ ସିଂ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ହେମନ୍ତ ମାଝି, ତୁଳସିରାମ ଚଳାନ, ଶିକ୍ଷୟିତ୍ରୀ ମଧୁସ୍ମିତା ନାୟକ ବନିତା ରାଣି ଦତ୍ତ, ରଶ୍ମିତା ଖମାରି ସହଯୋଗ କରିଥିଲେ।

# ତେଜିଲା ଆନ୍ଦୋଳନ, ସରକାରୀ ଅଫିସ ଅଚଳ

**ଲୋଇସିଂହା,୨୧।୧୨ (ଡି.ଏନ.ଏ.)**


ଭାରତୀୟ ଷ୍ଟେଟବ୍ୟାଙ୍କ ସମ୍ମୁଖରେ ଆନ୍ଦୋଳନକାରୀ ପିକେଟିଂ କରୁଛନ୍ତି।

ବଲାଙ୍ଗୀର ଜିଲା ଲୋଇସିଂହାକୁ ଏନ୍ଏସି ମାନ୍ୟତା ପ୍ରଦାନ ଦାବିରେ ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଆନ୍ଦୋଳନକୁ ଜୋରଦାର କରାଯାଇଛି। ବୁଧବାର ସକାଳ ୬ଟାରୁ ସଞ୍ଜ ୬ଟା ପର୍ଯ୍ୟନ୍ତ ପରିଷଦ ପକ୍ଷରୁ ବନ୍ଦ ପାଳନ କରାଯାଇଥିଲା। ପ୍ରସ୍ତାବିତ ଏନ୍ଏସି ଅଧୀନ ଲୋଇସିଂହା ଓ ରୁଣ୍ଡି ଅଞ୍ଚଳରେ ଥିବା ଦେଶୀ ଓ ବିଦେଶୀ ମଦ ଦୋକାନକୁ ବନ୍ଦ କରିଥିଲେ ଆନ୍ଦୋଳନକାରୀ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କାର୍ଯ୍ୟାଳୟକୁ ପିକେଟିଂ କରି ବନ୍ଦ କରିଥିଲେ ଆନ୍ଦୋଳନକାରୀ। ଆଇନଶୃଙ୍ଖଳା ପରିସ୍ଥିତିକୁ ଆଖି ଆଗରେ ରଖି ସ୍ଥାନୀୟ କୋର୍ଟ ବାହାରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଅପରପକ୍ଷେ ବନ୍ଦରୁ ଶିକ୍ଷାନୁଷ୍ଠାନ, ବ୍ୟବସାୟିକ ପ୍ରତିଷ୍ଠାନ ଓ ଯାନବାହନ ଚଳାଚଳକୁ ବାଦ୍ ଦିଆଯାଇଥିଲା। ରାସ୍ତାରେ ଗାଡିମୋଟର ଚଳାଚଳ ସ୍ୱାଭାବିକ ରହିଥିଲା। ଲୋଇସିଂହାକୁ ଏନ୍ଏସି ମାନ୍ୟତା ପ୍ରଦାନ ପାଇଁ ଆଞ୍ଚଳିକ ବିକାଶ ପରିଷଦ ଦାବି କରିଆସୁଛି। ଜିଲା ପ୍ରଶାସନ ପକ୍ଷରୁ ଏ ସଂକ୍ରାନ୍ତ ପ୍ରସ୍ତାବ ରାଜ୍ୟ ସରକାରଙ୍କୁ ଦିଆଯାଇଛି। ରାଜ୍ୟ ସରକାର ମଧ୍ୟ ବିଧାନ ସଭାରେ ଦୁଇ ଦୁଇ ଥର ଏନେଇ ଘୋଷଣା କରିଛନ୍ତି। ହେଲେ ଏନ୍ଏସି ମାନ୍ୟତା ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରାଯାଉଛି। ଗତବର୍ଷ ବ୍ଲକ କାର୍ଯ୍ୟାଳୟ ଆଗରେ ଆଞ୍ଚଳିକ ବିକାଶ ପରିଷଦ ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ୪୨ ଦିନ ଧରି ଧାରଣା ଦିଆଯାଇଥିଲା। ସେତେବେଳେ ଜିଲା ପ୍ରଶାସନର ଏକ ପ୍ରତିନିଧି ଦଳ ଧାରଣାସ୍ଥଳକୁ ଆସି ଜିଲା ପ୍ରଶାସନ ପକ୍ଷରୁ

**ଲୋଇସିଂହାକୁ ଏନ୍ଏସି ମାନ୍ୟତା ପ୍ରସଙ୍ଗ**

ରାଜ୍ୟ ସରକାରଙ୍କୁ ଦେଇଥିବା ପ୍ରସ୍ତାବ ଚିଠିର ଏକ ନକଲ ଧାରଣାକାରୀଙ୍କୁ ପ୍ରଦାନ କରିଥିଲେ। ଏହାପରେ ଧାରଣା ସ୍ଥଗିତ ରହିଥିଲା। ସମୟ ଗଡି ଯାଇଥିଲେ ବି କୌଣସି ସୁଫଳ ମିଳିନାହିଁ। ନିକଟରେ ଲୋଇସିଂହା ଷ୍ଟାଡିୟମରେ ଏକ ଜରୁରୀ ବୈଠକ ଆହୂତ ହୋଇଥିଲା। ଏଥିରେ ବିଭିନ୍ନ ରାଜନୈତିକ, ସାମାଜିକ ଅନୁଷ୍ଠାନ, ବୁଦ୍ଧିଜୀବୀ ସାମିଲ ହୋଇ ପ୍ରସ୍ତାବିତ ଏନ୍ଏସି ଅଧୀନ ଗ୍ରାମବାସୀଙ୍କୁ ନେଇ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ସ୍ଥିର ହୋଇଥିଲା। ବୁଧବାର ଆନ୍ଦୋଳନରେ ଆଞ୍ଚଳିକ ବିକାଶ ପରିଷଦ ସଦସ୍ୟ, ବୁଦ୍ଧିଜୀବୀ, ରାଜନୈତିକ ଦଳ ପ୍ରତିନିଧି ଓ ସ୍ଥାନୀୟ ବିଜେଡିର ଆଗଧାଡିର ନେତା ସାମିଲ ହୋଇଥିବା ଦେଖାଯାଇଥିଲା।

# ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କଲେ ବିଧାୟକ


ତେଲେନପାଲି ପଞ୍ଚାୟତ ଗୃହକୁ ବିଧାୟକ ସରୋଜ ମେହେର ଉଦ୍‌ଘାଟନ କରୁଛନ୍ତି।

**ଖପ୍ରାଖୋଲ ୨୧।୧୨ (ଡି.ଏନ.ଏ.)**

ପାଟଣାଗଡ ବିଧାୟକ ସରୋଜ କୁମାର ମେହେର ବୁଧବାର ଖପ୍ରାଖୋଲ ବ୍ଲକ ଅଞ୍ଚଳ ଗସ୍ତ କରି ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ତେଲେନପାଲିର ପଞ୍ଚାୟତରେ ନବ ନିର୍ମିତ ଭବନକୁ ମୁଖ୍ୟ ଅତିଥିଭାବେ ବିଧାୟକ ମେହେର ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ନିରୁପମା ପଟେଲ, ସରପଞ୍ଚ ଶକୁନ୍ତଳା ବେହେରା, ଉପାଧ୍ୟକ୍ଷ ସୁଖରାମ ସାଣ୍ଢ, ଜିଲା ପରିଷଦ ସଦସ୍ୟା ସଂଯୁକ୍ତା ମେହେର, ପ୍ରମିଳା ପାଥର, ସହକାରୀ ନିର୍ବାହୀ ଯନ୍ତ୍ରୀ ମହେଶ ଲାଲ ଅଗ୍ରୱାଲ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଇଓଙ୍କ ନୂତନ କାର୍ଯ୍ୟାଳୟ ଉଦ୍‌ଘାଟନ କରିବାସହ ୧୨ ଜଣ ନୂତନ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ ଭତ୍ତା ବଣ୍ଟନ କରିଥିଲେ। ଏହି ଅବସରରେ ଉପ ଖଣ୍ଡାଧର ବରିହା, ଦିଲୀପ କୁମାର ରାଉତ, ରାଜକିଶୋର ରାଉତ, ସୁଧାଂଶୁ ମେହେର, ପବିତ୍ର ପଟେଲ, ବଂଶୀଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସେହି ପରି ଗୁନସର ପଞ୍ଚାୟତରେ ମିଶନ ଶକ୍ତି ଗୃହ ଓ ସହାୟତା କେନ୍ଦ୍ରର ଲୋକାର୍ପଣ କରିଥିଲେ ବିଧାୟକ। ପରେ ଖପ୍ରାଖୋଲରେ ମିଶନ ଶକ୍ତି ଗୃହ, ସହାୟତା କେନ୍ଦ୍ର ଓ ନୂତନ ମିନି ଷ୍ଟାଡିୟମ ବିଧାୟକ ମେହେରଙ୍କଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଗୁନସର ସରପଞ୍ଚ ଅନୁସୂୟା ସାହୁ, ଖପ୍ରାଖୋଲ ସରପଞ୍ଚ ବେଟିଖାଇ ସେନ୍ଦ୍ରିଆ, ବିଧାୟକ ପ୍ରତିନିଧି ରମେଶ ପ୍ରଧାନ, ଇନ୍ଦ୍ରମଣି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ପଞ୍ଚାୟତସ୍ତରୀୟ ଫୁଟ୍‌ବଲ, ଖୋଖୋ ପ୍ରତିଯୋଗିତା

**ଲୋଇସିଂହା,୨୧।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ଷ୍ଟାଡିୟମଠାରେ ଲୋଇସିଂହା ପଞ୍ଚାୟତ ପକ୍ଷରୁ ପଞ୍ଚାୟତ ସ୍ତରୀୟ ଫୁଟବଲ ଓ ଖୋଖୋ ପ୍ରତିଯୋଗିତା ବୁଧବାର ଅନୁଷ୍ଠିତ ହୋଇଯାଇଛି। ୧୭ ବର୍ଷରୁ କମ୍ ବାଳିକାବାଳକଙ୍କୁ ନେଇ ଏହି ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ୪ଟି ଫୁଟବଲ ଓ ୪ଟି ଖୋଖୋ ଦଳ ଅଂଶଗ୍ରହଣ କରିଥିଲେ। ଫୁଟବଲରେ ହରେକୃଷ୍ଣ ମହତାବ ହାଇସ୍କୁଲ ଚାମ୍ପିୟନ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ରନର୍ସଅପ ହୋଇଥିଲା। ହରେକୃଷ୍ଣ ମହତାବ ହାଇସ୍କୁଲର ଛାତ୍ର ରାହୁଲ ପୁଟେଲ ମ୍ୟାନ ଅଫ ଦ ମ୍ୟାଚଭାବେ ପୁରସ୍କୃତ ହୋଇଥିଲେ। ବାଳିକା ଖୋଖୋ ପ୍ରତିଯୋଗିତାରେ ବାଳିକା ଉଚ୍ଚ ବିଦ୍ୟାଳୟ ଚାମ୍ପିୟନ ଓ ସରସ୍ୱତୀ ଶିଶୁ ମନ୍ଦିର ରନର୍ସ ଅପ ହୋଇଥିଲା । ବାଳିକା ବିଦ୍ୟାଳୟର ଛାତ୍ରୀ ମୀନା ପୃଷ୍ଟି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଜିପିଓ କିଶୋର ମାନସିଂ ଅତିଥି ଭାବେ ଯୋଗଦେଇଥିଲେ। ଚାମ୍ପିୟନ, ରନର୍ସଅପ ଓ ପ୍ରତିଭାବାନ ଖେଳାଳିଙ୍କୁ ପୁରସ୍କୃତ କରାଯାଇଥିଲା। ପିଇଓ ପ୍ରେମାନନ୍ଦ ମହାଲିଙ୍କ ତତ୍ତ୍ୱାବଧାନରେ ଆନୁଷ୍ଠିତ ପ୍ରତିଯୋଗୀତାକୁ ଯୋଗଣ ସହାୟକ ମାଧବ ଭୋଇ, ଜିଆରଏସ କୃଷ୍ଣଚନ୍ଦ୍ର ବିଶ୍ୱାଳ ଓ ବିଦ୍ୟାଳୟର କ୍ରୀଡା ଶିକ୍ଷୟିତ୍ରୀ ଶିକ୍ଷକ ପରିଚାଳନା କରିଥିଲେ । ସରପଞ୍ଚ ନବକିଶୋର ନାଏକ ମୁଖ୍ୟ ଅତିଥି, ସମିତି ସଭ୍ୟ ସୁଶୀଲ କୁମାର ପାଣ୍ଡେ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀତାକୁ ଉଦ୍‌ଘାଟନ କରିଥିଲେ। ସେହିପରି ଯୋଗୀସର୍ଡା ସରପଞ୍ଚ ବିଜୁଳି ପଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ଥାନୀୟ ହାଇସ୍କୁଲ ପଡିଆରେ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି।


ପ୍ରତିଯୋଗିତା ଉପଲକ୍ଷେ ଅନୁଷ୍ଠିତ ସଭାରେ ଅତିଥିମାନେ।

## ଶ୍ରେଣୀଗୃହ ଛାତରୁ ଖସୁଛି ସିମେଣ୍ଟ କଂକ୍ରିଟ

**ଲାଠୋର, ୨୧।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ଲାଠୋର ତଲିପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟ ଶ୍ରେଣୀ କୋଠରୀ ଛାତରୁ ସିମେଣ୍ଟ କଂକ୍ରିଟ ଖଣ୍ଡ ମାନ ଖସୁଛି। ଏଥିପ୍ରତି ବିଭାଗ ପକ୍ଷରୁ ଧ୍ୟାନ ଦିଆଯାଉ ନାହିଁ ବୋଲି ବିଦ୍ୟାଳୟ ପରିଚାଳନା ସମିତି ସଦସ୍ୟ ଏବଂ ଅଭିଭାବକ ଅଭିଯୋଗ କରିଛନ୍ତି। ଗତ ୧୯୮୬ ରେ ସ୍ଥାପିତ ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଯାଏ ୭୪ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସେମାନଙ୍କ ପାଇଁ କେବଳ ଦୁଇ ଗୋଟି ପୁରୁଣା କାଳିଆ ଶ୍ରେଣୀ କୋଠରି ରହିଛି। ଗୋଟିଏ କୋଠରୀରେ ତୃତୀୟ ଏବଂ ଚତୁର୍ଥ ଶ୍ରେଣୀର ଛାତ୍ରୀଛାତ୍ର ପାଠ ପଢୁଥିବା ବେଳେ ଆଉ ଏକ କୋଠରିରେ ଦ୍ୱିତୀୟ ଏବଂ ପଞ୍ଚମ ଶ୍ରେଣୀର ପିଲା ପାଠ ପଢୁଛନ୍ତି। ଅନ୍ୟ ଏକ ପାଖରେ ଅଫିସ କାମ ଚାଲୁଛି। ପ୍ରଥମ ଶ୍ରେଣୀର ପିଲାଙ୍କ ପାଇଁ ଶ୍ରେଣୀ କୋଠରୀ ଅଭାବ ହେତୁ ବାରଣ୍ଡାରେ ବସାଇ ପାଠ ପଢା ଯାଉଛି। ଶ୍ରେଣୀ କୋଠରୀ ଗୁଡ଼ିକ ପୁରୁଣା କାଳିଆ ହୋଇଥିବା ହେତୁ ବ୍ୟବହୃତ ଲୁହା ଛଡ଼ରେ କଳଙ୍କି ଖସୁଛି। ପ୍ରତି ମାସେ ଦୁଇ ମାସ ଅନ୍ତରରେ ହେଉଥିବା ସମୀକ୍ଷା ବୈଠକରେ ଅତିରିକ୍ତ ଶ୍ରେଣୀ କୋଠରି ନିର୍ମାଣ ପାଇଁ ଅନୁରୋଧ କରା ଯାଉଥିଲେ ମଧ ସୁଫଳ ମିଳି ନଥିବା ପ୍ରଧାନ ଶିକ୍ଷୟତ୍ରୀ ବିଭୂଷିନୀ ପାଣିଗ୍ରାହୀ କହିଛନ୍ତି। ଏନେଇ ଖପ୍ରାଖୋଲ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁରେନ୍ଦ୍ର କୁମାର ପୁରୋହିତଙ୍କୁ ପଚାରିବାରେ ମୋ ପାଖକୁ କୌଣସି ଲିଖିତ ଅଭିଯୋଗ ଆସି ନାହିଁ ବୋଲି କହିଛନ୍ତି।

# ବଣିକ ସଂଘ ନୂତନ କର୍ମକର୍ତ୍ତା

**ଲୋଇସିଂହା,୨୧।୧୨(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବଣିକ ସଂଘର ବାର୍ଷିକ ବୈଠକ ଗାଇଖାଇ ଜଳପ୍ରକଳ୍ପଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୋହିତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଂଘ ପକ୍ଷରୁ ଜନହିତକର କାର୍ଯ୍ୟ କିପରି ଅଧିକଭାବରେ କରାଯାଇ ପାରିବ ସେ ନେଇ ଆଲୋଚନା କରାଯାଇଥିଲା। ଏହି ଅବସରରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସର୍ବସମ୍ମତିକ୍ରମେ ରବୀନ୍ଦ୍ର କୁମାର ନାୟକ ସଭାପତି, ସୁଶାନ୍ତ ସାହୁ ଉପସଭାପତି, ବ୍ରଜମୋହନ ବିଶୋଇ ସମ୍ପାଦକ, ନରେଶ ମହାପାତ୍ର ସହସମ୍ପାଦକ, ସଞ୍ଜୟ ଅଗ୍ରୱାଲ କୋଷାଧ୍ୟକ୍ଷ ମନୋନୀତ ହୋଇଥିଲେ। ସୁଶୀଲ ବିଶ୍ୱାଳ, ପ୍ରକାଶ ମହାରାଣା, ଅମରେନ୍ଦ୍ର ବେହେରା, ହିମାଂଶୁ ସାହୁ, ଇନୋସ ରଞ୍ଜନ ସୁନା ପରିଚାଳନା କମିଟି ସଦସ୍ୟ ରହିଛନ୍ତି। ନରେନ୍ଦ୍ର ପଧାନ, ଶିବନାରାୟଣ ମେହେର, ଜୟନ୍ତ କୁମାର ସାହୁ, ସଚିନ୍ଦ୍ର କୁମାର ବିଶ୍ୱାଳ, ସନ୍ତୋଷ ନନ୍ଦ ଉପଦେଷ୍ଟା ରହିଛନ୍ତି।

# ଆଣ୍ଟି ରାଗିଂ ସମ୍ବନ୍ଧରେ ଆଲୋଚନାଚକ୍ର


ଆଲୋଚନାଚକ୍ରରେ ଯୋଗଦେଇଥିବା ଏସ୍‌ପି।

**ଭବାନୀପାଟଣା,୨୧।୧୨(ସ୍ୱ.ପ୍ର.)**

**ବିକାଶ ଡିଗ୍ରୀ ମହାବିଦ୍ୟାଳୟ**

ଭବାନୀପାଟଣା ବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍ ଡିଗ୍ରୀ ମହାବିଦ୍ୟାଳୟରେ ମଙ୍ଗଳବାର ସନ୍ଧ୍ୟାରେ ଆଣ୍ଟି ରାଗିଂ ସମ୍ବନ୍ଧରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଏସ୍‌ପି ଅଭିଲାଷ ଜି. ଯୋଗ ଦେଇଥିଲେ। ମୁଖ୍ୟଅତିଥି ତାଙ୍କ ବକ୍ତବ୍ୟରେ ଛାତ୍ରୀଛାତ୍ରମାନଙ୍କୁ ରାଗିଂକୁ ବିରୋଧ କରିବା ପାଇଁ ଆଇନର ବିଭିନ୍ନ ଧାରା ଓ ଦିଗ ବିଷୟରେ ଅବଗତ କରାଇ ବିଦ୍ୟାର୍ଥୀମାନେ କିପରି ଭାବେ ସଫଳତାର ସହିତ ବିଭିନ୍ନ ପ୍ରଶାସନିକ ସେବା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବେ ସେ ସମ୍ପର୍କରେ ସୁଚିନ୍ତିତ ମତବ୍ୟକ୍ତ କରିଥିଲେ। ଆରମ୍ଭରେ ଅନୁଷ୍ଠାନର ନିର୍ଦ୍ଦେଶକ ଡି. ଶ୍ୟାମ ସ୍ୱାଗତ ଭାଷଣ ଦେଇଥିଲେ। ସେହିପରି ଅନୁଷ୍ଠାନ ଅନ୍ୟତମ ନିର୍ଦ୍ଦେଶକ ଡି. ରାମ କୁମାର ମୁଖ୍ୟଅତିଥିଙ୍କୁ ଉପଢୌକନ, ପୁଷ୍ପଗୁଚ୍ଛ ଓ ମେମେଣ୍ଟୋ ଦେଇ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମ ଡି. ପଦ୍ମିନୀ ସଭ୍ୟ (ଭିଜିଆଇ)ପରିଚାଳନା କରିଥିଲେ। ଏଥିରେ ବି.ଏସ.ସି ଅଧକ୍ଷ ଡ. ଆଦିତ୍ୟ କୁମାର ପଟ୍ଟନାୟକ, ବି.ବି.ଏ ଓ ବି.ସି.ଏ ଅଧକ୍ଷ ଡ. ସୁଦିପ୍ତ କୁମାର ଜେନା, ନର୍ସିଂ ବିଭାଗ ଅଧକ୍ଷ ସୁଶ୍ରୀ କେ. ଜୟଶ୍ରୀ ଓ ସମସ୍ତ ଅଧାପିକା, ଅଧାପକ ଉପସ୍ଥିତ ରହି ବିଦ୍ୟାର୍ଥୀଙ୍କୁ ଉତ୍ସାହିତ କରିଥିଲେ।

# କ୍ରୀଡ଼ା ସମୂହ ଚୟନ ଶିବିର ଉଦ୍‌ଯାପିତ

**ମୁରିବାହାଲ,୨୧।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକସ୍ତରୀୟ କ୍ରୀଡା ସମୂହ ଚୟନ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବ୍ଲକ ଅନ୍ତର୍ଗତ ୨୨ବିଦ୍ୟାଳୟର ୭୫୦ ପ୍ରୀତିଯୋଗୀ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପାନୀ ସମାରୋହରେ ବ୍ଲକ କ୍ରୀଡା ସମ୍ପାଦକ ଦେବନନ୍ଦ ଦାସ ଅଧକ୍ଷତା କରିଥିଲେ। ଜିଲା ଓଷ୍ଟା ସଂଘ କାର୍ଯ୍ୟକରୀ ସଭାପତି ପ୍ରଦୀପ କୁମାର ପୁଟେଲ ମୁଖ୍ୟ ଅତିଥିଭାବେ ଉପସ୍ଥିତ ରହି କ୍ରୀଡ଼ାବିତମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନୀତ ଅତିଥିଭାବେ ଓଷ୍ଟା ସଂଘ ରାଜ୍ୟ ସଭାପତି ବିନୋଦ ପାଣିଗ୍ରାହୀ, ହଳଦୀ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରସାଦି କମ୍ପ ଉପସ୍ଥିତ ରହି କ୍ରୀଡ଼ାବିତମାନକୁ ଉତ୍ସାହିତ କରିଥିଲେ। ଗତ ୧୯ତାରିଖଠାରୁ ମୁରିବାହାଲ ପଞ୍ଚାୟତ ହାଇସ୍କୁଲ ଖେଳ ପଡିଆରେ ଆରମ୍ଭ ହୋଇଥିବା ବ୍ଲକସ୍ତରୀୟ ଚୟନ ଶିବିରରେ ଖୋଖୋ, କବାଡି, କ୍ରିକେଟ, ଫୁଟବଲ ପ୍ରଭୃତି ୧୪ ବର୍ଷରୁ କମ୍ ଓ ୧୭ ବର୍ଷରୁ କମ୍ ବାଳିକା ଓ ବାଳକ ବିଭାଗର ଖେଳାଳି ମନୋନୟନ କରାଯାଇଛି। ଶାରୀରିକ ଶିକ୍ଷକ ବିନୋଦ ମହାପାତ୍ରଙ୍କ ଆବାହକତ୍ୱରେ ସନ୍ତୋଷ ମେହେର, ନବୀନ ସରାଫ, କୁବେରଲାଲ ବେହେରା, ରମେଶ ଚନ୍ଦ୍ର ବିଶି, ମୋହନ ପ୍ରଧାନୀ, କୃଷ୍ଣଚନ୍ଦ୍ର ନାୟକ, ଧର୍ମୁ ବାଗ ପ୍ରମୁଖ ଖେଳ ପରିଚାଳନା କରିଥିଲେ।


ଜିଲାସ୍ତରକୁ ଚୟନ ହୋଇଥିବା କ୍ରୀଡାବିତ୍‌ମାନଙ୍କ ସହ ଶିକ୍ଷକମାନେ।

**ଭାଗନେଲେ ୨୨ ବିଦ୍ୟାଳୟର ୭୫୦ ପ୍ରତିଯୋଗୀ**

# ଶିଶୁ ମନ୍ଦିରରେ ମାତୃପିତୃ ସମ୍ମିଳନୀ

**ମୁରିବାହାଲ,୨୧।୧୨ଡି, ଏନ,ଏ)**

ବଲାଙ୍ଗୀର ଜିଲା ମୁରିବାହାଲ ସରସ୍ୱତୀ ଶିଶୁ ମନ୍ଦିରରେ ମାତୃପିତୃ ସମ୍ମିଳନୀ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଶିଶୁ ମନ୍ଦିରର ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନ ଗୁରୁଜୀ ସୁମନାନନ୍ଦ ଖମାରୀ ଅଧକ୍ଷତା କରିଥିଲେ। ସ୍ଥାନୀୟ ପଞ୍ଚାୟତ ମସିତି ଅଧକ୍ଷ ହରିବନ୍ଧୁ ମେହେର ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥଲେ। ସମ୍ମାନୀତ ଅତିଥି ଭାବେ ମୁରିବାହାଲ ସରପଞ୍ଚ ବିଶ୍ୱବିହାରୀ ଯୋଶୀ, ପରିଚାଳନା କମିଟି ସଭାପତି ଶ୍ରୀବତ୍ସ ବେହରା, ଉପସଭାପତି ରାଜୀବ କୁଅଁର, ସାଧାରଣ ନିମନ୍ତ୍ରିତ ଅତିଥି ଭାବେ ଗଙ୍ଗାଧର ହେର୍ଣ୍ଣା, ଘନଶ୍ୟାମ ଖମାରୀ ଉପସ୍ଥିତ ଥିଲେ। ମୁଖ୍ୟବକ୍ତା ସଂକୁଳ ସଂଯୋଜକ ଶ୍ୟାମସୁନ୍ଦର ମହାପାତ୍ର ଯୋଗଦେଇ ଶିଶୁର ବିକାଶରେ ମା'ବାପାଙ୍କ ଭୂମିକା ଉପରେ ମତ ରଖିଥିଲେ। ଗରୁଜି ଗୋବିନ୍ଦ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭଗବାନ ପଧାନ, ନିଳେନ୍ଦ୍ରି ନାଗ, ଜ୍ୟୋତିମୟୀ ଚାନ୍ଦ, ଯମୁନା ମହାନନ୍ଦ, ମନ୍ଦାକିନି ଆଗସ୍ତି, ସଂଯୁକ୍ତ ମହାକୁର, ଯଶୋବନ୍ତି ଖର୍ସେଲ, ଜରିତା ନାଏକ, ସୋମିଆ ଭୋଇ ପ୍ରମୁଖ ସହଯୋଗୀ କରିଥିଲେ।


ମାତୃପିତୃ ସମ୍ମିଳନୀରେ ମଞ୍ଚାସୀନ ଅତିଥି।

# କଟ୍‌ନି ଛଟ୍‌ନିକୁ ନେଇ ବିକ୍ଷୋଭ

**ଟିଟିଲାଗଡ,୨୧।୧୨ (ଡି.ଏନ.ଏ)**



ଭାଜପା ପକ୍ଷରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।

ମଣ୍ଡିରେ ଧାନର କଟ୍‌ନି ଛଟ୍‌ନିକୁ ବିରୋଧ କରିଛି ଭାଜପା। ବୁଧବର ଟିଟିଲାଗଡ ଉପଖଣ୍ଡ ଭାଜପା ପକ୍ଷରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦଳର ରାଜ୍ୟ କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ ଲକ୍ଷ୍ମଣ ବାଗ, ଜିଲା ସାଧାରଣ ସମ୍ପାଦକ ମୁକେଶ ଜୈନ, ଜିଲା କାର୍ଯ୍ୟକାରିଣୀ ସଭ୍ୟ ନବୀନ ଜୈନ, ନଗର ସଭାପତି ପ୍ରଶାନ୍ତ ଷଡଙ୍ଗୀ, ଉପସଭାପତି ଲିଙ୍ଗରାଜ ନାୟକ, ବରିଷ୍ଠ ନେତା ମହେନ୍ଦ୍ର ଠାକୁର, ନରସିଂ ସିଂ, ଜିଲା ଯୁବମୋର୍ଚ୍ଚା ସମ୍ପାଦକ ପବିତ୍ର ସାହୁ ପ୍ରମୁଖ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳା ନିକଟରୁ ଏକ ଶୋଭାଯାତ୍ରାରେ ଯାଇ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନାରାବାଜି କରିଥିଲେ। ପରେ ଦଳ ପକ୍ଷରୁ ଉପଜିଲାପାଳଙ୍କ ଅନୁପସ୍ଥିତିରେ ସହାୟକ ଜିଲାପାଳ ଡ. ଲଳିତ ବାଗଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ମଣ୍ଡିରେ ବିଶୃଙ୍ଖଳା ନେଇ ଚାଷୀ ହତାଶ ହୋଇପଡିଛି। ପଞ୍ଜୀକରଣରେ ଅନିୟମିତତା ହେଉଛି। ରାଜଧାନୀରୁ ଟୋକନ ଜାରି ହେଉଥିବା ନେଇ ଚାଷୀ ହନ୍ତସନ୍ତ ହେଉଛନ୍ତି। ତେଣୁ ଚାଷୀଙ୍କ ମୁଣ୍ଡ ପିଛା ଧାନ ବିକ୍ରି ସୀମା ବୃଦ୍ଧି, କଟ୍‌ନି ଛଟ୍‌ନିକୁ ବେଆଇନ ଘୋଷଣା, ସର୍ବନିମ୍ନ ସହାୟକ ମୂଲ୍ୟରେ ଧାନକ୍ରୟ, ଅଣଜଳସେଚିତ ଅଞ୍ଚଳରେ ଏକର ପିଛା ୨୨ କୁଇଣ୍ଟାଲ ଏବଂ ଜଳସେଚିତ ଅଞ୍ଚଳରେ ଏକର ପିଛା ୨୭ କୁଇଣ୍ଟାଲ ଧାନକ୍ରୟ, ମୁଖ୍ୟମନ୍ତ୍ରୀ ୨୦୧୬ରେ ଘୋଷଣା କରିଥିବା କୁଇଣ୍ଟାଲ ପିଛା ଶହେ ଟଙ୍କା ବୋନସ ଚାଷୀଙ୍କୁ ତୁରନ୍ତ ପ୍ରଦାନ କରିବାକୁ ଦଳ ଦାବି କରିଛି। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜୁ ରାଓ, ବିପିନ ଠାକୁର, ରଶ୍ମିରଞ୍ଜନ ଖମାରୀ, ପି. ଶ୍ରୀନିବାସ ରାଓ, ଦିଲୀପ ବେହେରା, ସୁନ୍ଦରଲାଲ ଶର୍ମା, ଚିନ୍ତାମଣୀ ସାହୁ, ନୀଳାମ୍ବର ଛୁରା ପ୍ରମୁଖ ଉପସ୍ଥିତ ଥିଲେ। ଗୁରୁବାରଠାରୁ ଦଳୀୟ ନେତା ବିଭିନ୍ନ ମଣ୍ଡି ଗସ୍ତରେ ଯାଇ ଅବ୍ୟବସ୍ଥାର ତଦାରଖ କରିବେ ବୋଲି କହିଛନ୍ତି।

## ସଂକ୍ଷେପରେ

### ସିଲ୍‌ଭର ଜୁବଲି ତୋରଣ ପାଇଁ ଶିଳାନ୍ୟାସ

ଜାମଟିକ୍ରା, ୨୧।୧୨(ଡି.ଏନ.ଏ.): ଅତାବିରା ବ୍ଲକ ଅନ୍ତର୍ଗତ ଗୋଡଭଗା ଡିଗ୍ରୀ କଲେଜର ସିଲଭର ଜୁବଲି ତୋରଣ ପାଇଁ ବୁଧବାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଗୋଡଭଗା କଲେଜର ଯୁକ୍ତ ୨ଅଧକ୍ଷ ପ୍ରମୋଦ ପ୍ରଧାନ, ଯୁକ୍ତ ୩ ଅଧକ୍ଷା ପ୍ରତିମା ପାଳ, ଅଧ୍ୟାପକ କୁଶଳେଶ୍ୱର ବସ୍ତିଆ, ଅଧାପିକା ବୈଜୟନ୍ତି ପଶାୟତ, ସୁଧାରାଣୀ ପଟେଲ, ମମତାମୟୀ ପଧାନ, ଆଲମୁନି କମିଟି ସମ୍ପାଦକ ସତୀଶ କୁମାର ଦାଶ, ସିଲଭର ଜୁବଲି କମିଟି ସଭାପତି ପ୍ରସନ୍ନ ନାଏକ, ସମ୍ପାଦକ ଆଶିଶ ବାଙ୍କା ଏବଂ ପରିଚାଳନା କମିଟ ସଦସ୍ୟ ପ୍ରମୁଖ ଯୋଗ ଦେଇଥିଲେ ।

### ଗୋଡ଼ଭଗା କ୍ରିକେଟ ଲିଗ୍ ଉଦ୍‌ଘାଟିତ

ଜାମଟିକ୍ରା,୨୧।୧୨(ଡି.ଏନ.ଏ.): ବରଗଡ ଜିଲା ଅତାବିରା ବ୍ଲକ ଗୋଡଭଗା ହାଇସ୍କୁଲ ଖେଳ ପଡ଼ିଆରେ ତ୍ରିଦେବ ଇଣ୍ଟରନ୍ୟାଶନାଲ ଗୋଡ଼ଭଗା କ୍ରିକେଟ ଲିଗ୍ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥିଭାବେ କୈଳାସ ଅଗ୍ରୱାଲ, ସମ୍ମାନୀତ ଅତିଥି ଅଜୟ କୁମାର ଜେନା, ଜନତା ହାଇସ୍କୁଲ ପ୍ରଧାନଶିକ୍ଷକ ଅଦନ ସୁନା, ସୁନୀଲ ମିଶ୍ର, ବିଜୟ କୁମାର କର୍ଣ୍ଣ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ ଆଲିଆ ଷ୍ଟାର ଇଲେଭେନ ଓ ଗୋଡ଼ଭଗା ଏଭେଞ୍ଜର ମଧରେ ହୋଇଥିଲା। ୨୦ଓଭର ବିଶିଷ୍ଟ ମ୍ୟାଚ୍‌ରେ ଟସ୍ ଜିତି ଏଭେଞ୍ଜର ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲେ। ଆଲିଆ ଷ୍ଟାର ଦଳ ନିର୍ଦ୍ଧାରିତ ୨୦ ଓଭରରେ ୧୯୪ ରନ କରିଥିଲା। ଜବାବରେ ଏଭେଞ୍ଜର ନିର୍ଦ୍ଧାରିତ ଓଭରରେ ୬ଉଇକେଟ ହରାଇ ୧୭୬ ରନ କରି ପରାଜିତ ହୋଇଥିଲା।

### ସିଡବ୍ଲ୍ୟୁସିର ନୂତନ କମିଟି ଗଠନ



ବରଗଡ଼ ଅଫିସ୍,୨୧।୧୨: ବରଗଡ଼ ଶିଶୁ ମଙ୍ଗଳ ସମିତି(ସିଡବ୍ଲ୍ୟୁସି)ର ନୂତନ କମିଟି ଗଠିତ ହୋଇଛି। ଏଥିରେ ଦିନେଶ ଅଗ୍ରୱାଲ ଚେୟାରପର୍ସନଭାବେ ରହିଛନ୍ତି। ସେହିପରି ରାଧା ଅଗ୍ରୱାଲ, ମମତା ମେହେର, ସନ୍ତୋଷିନୀ କର, ନିରଞ୍ଜନ ବିଶ୍ୱାଳ ପ୍ରମୁଖ ସଦସ୍ୟାସଦସ୍ୟ ମନୋନୀତ ହୋଇଛନ୍ତି। ଶିଶୁମାନଙ୍କର ମଙ୍ଗଳ ସକାଶେ ସୂଚାରୁଭାବେ ସେମାନେ କାର୍ଯ୍ୟ କରିବେ ବୋଲି ଜିଲାବାସୀ ଆଶାପୋଷଣ କରିଛନ୍ତି।

### ଯମୁନା କନ୍ଧୁଣୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା

ପାଇକମାଳ, ୨୧।୧୨(ଡି.ଏନ.ଏ.): ବରଗଡ ଜିଲା ପାଇକମାଳ ବ୍ଲକ ଯମୁନା କନ୍ଧୁଣୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ବୁଧବାର ସମ୍ପନ୍ନ ହୋଇଛି। ସକାଳେ ପାଇକମାଳ ଶିବ ମନ୍ଦିରରୁ ଏକ ମଶାଲ ଶୋଭାଯାତ୍ରା ବିଦ୍ୟାଳୟରେ ପହଞ୍ଚ ଥିଲା। କ୍ରୀଡୀ ଉଦଘାଟନ ଉତ୍ସବରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଉପେନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧରେ ସାମାଜିକ କର୍ମୀ ଡିଗ୍ରୀଧର ସାହୁ ଯୋଗ ଦେଇ ଥିଲେ । କ୍ରୀଡା ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀମାନଙ୍କୁ ଅବସରପ୍ରାପ୍ତ ଖେଳ ଶିକ୍ଷକ ସୁଧାଂଶୁ ମାଝି, ପାଇକମାଳ ସିଆରସିସି ପୁରସ୍କାର ବଣ୍ଟନ କରିଥିଲେ।

# ମଣ୍ଡିରୁ ଉଠୁନି ଧାନ

ବରଗଡ଼ ଅଫିସ, ୨୧।୧୨

ବରଗଡ଼ ଜିଲା ପାଇକମାଳ ବ୍ଲକ ଅନ୍ତର୍ଗତ ବୁକ୍ରାମୁଣ୍ଡା ମଣ୍ଡିରେ ଚାଷୀମାନଙ୍କ ଧାନ ଉଠୁନାହିଁ। ଏ ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏହିକ୍ରମରେ ଟେମିରୀ ଓ ବୁକ୍ରାମୁଣ୍ଡା ଗ୍ରାମର ଏକ ଚାଷୀ ପ୍ରତିନିଧି ଦଳ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଭେଟି ଆଲୋଚନା କରିଛନ୍ତି। ଏହି ଦୁଇ ଗ୍ରାମ ପଞ୍ଚାୟତକୁ ନେଇ ବୁକ୍ରାମୁଣ୍ଡା ମଣ୍ଡି ରହିଛି। ଏହି ମଣ୍ଡିରେ ୧୦୩୬ ଜଣ ପଞ୍ଜିକୃତ ଚାଷୀଙ୍କ ମଧ୍ୟରୁ ୨୨୧ ଚାଷୀଙ୍କ ୧୨୩୭୫ କୁଇଣ୍ଟାଲ ଧାନ ଉଠିଥିବା ବେଳେ ୩୫୦ ଚାଷୀଙ୍କ ୩୬,୫୩୦ ବସ୍ତା ଧାନ ପଡ଼ିରହିଛି। ଏପାଖେ ୪୬୫ ଜଣଙ୍କ ଚାଷୀଙ୍କ ଧାନ ଆସିବାକୁ ବାକି ରହିଛି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୧୫ ହଜାର ୧ଶହ କୁଇଣ୍ଟାଲ ଟ୍ୟାଗ ଆସିଥିଲା ବେଳେ ୧୨ ହଜାର ୩୭୫ କୁଇଣ୍ଟାଲ ଧାନ ଉଠାଯାଇଛି। ଏପରି ସ୍ଥଳେ ମଣ୍ଡିରୁ ଧାନ ଉଠିବା ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଆନ୍ଦୋଳନର ଦାନା ବାନ୍ଧୁଛି। ଟେମରୀ ସରପଞ୍ଚ ଦିଲ୍ଲୀପ ବେହେରା ଓ ବୁକ୍ରମୁଣ୍ଡା ସରପଞ୍ଚ ଅନିତା ଭୋଇ ଜିଲାପାଳ ବାନାର୍ଜୀଙ୍କଠାରେ ଏନେଇ ଅଭିଯୋଗ କରିବା ସହ ଆଲୋଚନା କରିଥିଲେ। ଜିଲାପାଳ ବାନାର୍ଜୀ ଏଥିପ୍ରତି ଦୃଷ୍ଟି ଦେବାପାଇଁ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି। ଆହୁରି ମଧ୍ୟ ଉଭୟେ ଟେମିରୀ ଓ ବୁକ୍ରାମୁଣ୍ଡା ପଞ୍ଚାୟତର ବିକାଶ ପାଇଁ ମଧ୍ୟ ଆଲୋଚନା କରିଥିଲେ। ଟେମରୀ ଗ୍ରାମ ପଞ୍ଚାୟତର ପଲସଦା ରାସ୍ତାରେ ଥିବା କୁହୁଡ଼ିଲେ ନାଳରେ ଚେକଡେମ ନିର୍ମାଣ ସହ ଲିଫ୍ଟ ଏରିଗେସନ ଜରିଆରେ ପ୍ରାୟ ୩୦୦ ଏକର ଜମିକୁ ଚାଷ ପାଇଁ ପାଣି ଯୋଗାଇବା ବ୍ୟବସ୍ଥା କରିବାକୁ ପ୍ରସ୍ତାବ ଦେଇଥିଲେ । ଏହା ସହ ଟେମରୀ ଗ୍ରାମରେ ସାଧୀନତା ସଂଗ୍ରାମୀଙ୍କ ସ୍ମୃତି ନିମନ୍ତେ ଏକ ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ପୀଠ ନିର୍ମାଣ କରାଯିବା ପ୍ରସ୍ତାବକୁ ନେଇ ଆଲୋଚନା କରିଥିଲେ। ସେହିପରି ପାଇକମାଳ ନୃସିଂହନାଥ ସ୍ଥିତ ପାର୍ବତୀ ଗିରୀଙ୍କ ଦ୍ୱାରା ପ୍ରତିଷ୍ଠିତ ଅନଥା ଆଶ୍ରମ କସ୍ତୁରବା ଗାନ୍ଧୀ ମାତୃନିକେତନରେ ଦେଖାଦେଇଥିବା ସମସ୍ୟା ସମେତ ଯମୁନା କନ୍ଧୁଣି ବାଳିକା ଉଚ୍ଚ ବିଦ୍ୟାଳୟ ସମସ୍ୟା ନେଇ ଆଲୋଚନା କରିଥିଲେ। ଏହି ଆଲୋଚନାରେ ସରପଞ୍ଚ ବେହେରା ଓ ଭୋଇ, ପ୍ରକୃତିବନ୍ଧୁ ଧିରେନ ମହାନ୍ତି, ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ଆବାହକ ଦୁର୍ଯ୍ୟୋଧନ ପୁଟା, ପରମା ଭୋଇ ପ୍ରମୁଖ ଯୋଗ ଦେଇଥିଲେ।



ଧାନବିକ୍ରି ସମସ୍ୟା ନେଇ ଜିଲାପାଳଙ୍କ ସହିତ ଆଲୋଚନା କରାଯାଉଛି।

**ଜିଲାପାଳଙ୍କୁ ଭେଟିଲେ ଚାଷୀ**

# ଆଞ୍ଚଳିକ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ବରଗଡ଼ ଅଫିସ,୨୧।୧୨

ବରଗଡ଼ ଜିଲା ଆଞ୍ଚଳିକ ସରକାରୀ ଉଚ୍ଚ ବିଦ୍ୟାଳୟ ଶ୍ରୀହରିନଗରଠାରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୁଶୀଲ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ବରଗଡ ଟାଟା ମୋଟର୍ସ ଲକ୍ଷ୍ମୀ ସେଲସ ମ୍ୟାନେଜର ଗୁଲସନ କୁମାର ପଣ୍ଡା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଢ଼ୋଲାମଣୀ ସାହୁ ଏବଂ ସ୍ଥାନୀୟ ସରପଞ୍ଚ ପ୍ରେମଲତା ସାହୁ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ବିଦ୍ୟାଳୟର ଖେଳ ଶିକ୍ଷକ ଗିରିଜା ପ୍ରସାଦ ନାଥଙ୍କ ଦ୍ୱାରା ସମସ୍ତ କ୍ରୀଡା ପରିଚାଳିତ ହୋଇଥିଲା। ଏଥିରେ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମକର୍ତ୍ତା ତଥା ପରିଚାଳନା କମିଟିର ସଦସ୍ୟା, ସଦସ୍ୟମାନେ ସହଯୋଗ କରିଥିଲେ।




କ୍ରୀଡା ପ୍ରତିଯୋଗିତାରେ ମଞ୍ଚାସୀନ ଅତିଥିବୃନ୍ଦ।

# ସଂସ୍କାର, ସଂସ୍କୃତି ଶିଖାଏ ସଂସ୍କୃତ

ବରଗଡ଼ ଅଫିସ, ୨୧।୧୨

ବରଗଡ଼ ଜିଲା ଭଟଲି ଦଧିବାମନ ମହାବିଦ୍ୟାଳୟଠାରେ ସଂସ୍କୃତ ଭାରତୀ ଆନୁକୂଲ୍ୟରେ ସଂସ୍କୃତ ପ୍ରେମୀ ଗିରଧାରୀ ବାରିକଙ୍କ ଅଧ୍ୟକ୍ଷତାରେ ବୁଧବାର ତାଲୁକ ସଂସ୍କୃତ ସମ୍ମିଳନୀ ପାଳନ କରାଯାଇଛି। ଦଧିବାମନ କଲେଜ ଅଧକ୍ଷ ପ୍ରେମାନନ୍ଦ ସାହୁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଗୀତା ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥିଭାବେ ପ୍ରଧାନଶିକ୍ଷକ ଗଜେନ୍ଦ୍ର ଦାସ, ସମ୍ମାନିତ ଅତିଥିଭାବେ ଅଧାପକ ଚୁଡାମଣି ରଥ, ପଣ୍ଡିତ ଯଜ୍ଞବ୍ରତ କର ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟବକ୍ତାଭାବେ ପଣ୍ଡିତ ଗୋପବନ୍ଧୁ ପୁରୋହିତ ଯୋଗଦେଇ ଗୀତାର ମୂଳଉତ୍ସ ସଂସ୍କୃତ ଭାଷା। ଏହା ସମାଜକୁ ସଂସ୍କୃତି ଓ ସଂସ୍କାର ଶିଖାଏ ବୋଲି ସେ ମତ ପ୍ରକାଶ କରିଥିଲେ। ସଂସ୍କୃତ ଭାରତୀ ପ୍ରାନ୍ତୀୟ ଅଧ୍ୟକ୍ଷ ଆୟୁଷ୍ମାନ୍ତ ଷଡଙ୍ଗୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗୀତା ଆବୃତ୍ତି, ସଂସ୍କୃତ ଭାଷାରେ ଗୀତାର ମହତ୍ୱ ବକ୍ତୃତା, ଏକକ ଅଭିନୟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ରାଜୀବ ସାହୁ ଓ ଅଧ୍ୟାପକ ଆଦିତ୍ୟ ସିଂହ ସଭା ସଂଯୋଜନା କରିଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଅଗସ୍ତି ପ୍ରଧାନ, ଝସକେତନ ବଗର୍ତ୍ତୀ, ଅନିମା ବାରିକ, ରାଜେନ୍ଦ୍ର ଦଣ୍ଡସେନା, ରାମେଶ୍ୱର ଷଡଙ୍ଗୀ, ଦୟାନିଧି ପ୍ରଧାନ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିବା ବେଳେ ପ୍ରାନ୍ତୀୟ ଅଧକ୍ଷ ଆୟୁଷ୍ମନ୍ତ ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ ।




ସଂସ୍କୃତ ସମ୍ମିଳନୀରେ ମଞ୍ଚାସୀନ ଅତିଥିବୃନ୍ଦ ।

# ବରଗଡ଼ ଧନୁଯାତ୍ରାକୁ ୟୁନେସ୍କୋ ତାଲିକାରେ ସାମିଲ କର

ବରଗଡ଼ ଅଫିସ, ୨୧।୧୨

**ଦାବି କଲା ଭାରତୀୟ ଯୁବ ସଂସଦ**

ବରଗଡ ଧନୁଯାତ୍ରାକୁ ୟୁନେସ୍କୋ ଇନଟାଙ୍ଗିବୁଲ କଲଚରାଲ ହେରିଟେଜ ତାଲିକାରେ ସାମିଲ କରିବାକୁ ଭାରତୀୟ ଯୁବ ସଂସଦ ଦାବି କରିଛି। ବୁଧବାର ସଂସଦ ପକ୍ଷରୁ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ବରଗଡ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଚଳିତବର୍ଷ ଧନୁଯାତ୍ରାର ହୀରକ ଜୟନ୍ତୀ ହୋଇଥିବାରୁ ଏହି ଦାବିକୁ ସରକାର ଗୁରୁତ୍ୱ ଦେବେ ବୋଲି ଯୁବ ସଂସଦ ଆଶା ପୋଷଣ କରିଛି। ସେହିପରି ସ୍ଥାନୀୟ ବିଧାୟକ ଏବଂ ଏମ୍‌ପି ଏହି ପ୍ରସଙ୍ଗକୁ ବିଧାନସଭା ଏବଂ ଲୋକ ସଭାରେ ଉପସ୍ଥାପନ ଯୁବ ସଂସଦ ଅନୁରୋଧ କରିଛି। ଏହି ପ୍ରସଙ୍ଗରେ ଯୁବ ସଂସଦ ପକ୍ଷରୁ ବରଗଡ଼ ସାମ୍ବାଦିକ ଭବନରେ ଏକ ଖବରଦାତା ସମ୍ମିଳନୀ କରାଯାଇଥିଲା। ଅବିନାଶ ବାଗଙ୍କ ଅଧ୍ୟକ୍ଷତାରେ ଯୁବ ସଂସଦ ଆବାହକ ସଞ୍ଜୀବ କୁମାର ସୁନା ଏ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଛାତ୍ର କଂଗ୍ରେସରୁ ଆଜାଦ ପତି ଓ ଟିଙ୍କୁ ମାଝି, ଆମ ଆଦମୀ ପାର୍ଟିର ଜୟକ୍ରିଷ୍ଣା ଛୁରିଆ, ଏବିଭିପିରୁ ଆକାଂକ୍ଷା ସାହୁ ଏବଂ ସଂଗଠନର ଅନ୍ୟ ସଦସ୍ୟ ଉପସ୍ଥିଥିଲେ । ଏହି ମାନ୍ୟତା ମିଳିଲେ ବରଗଡ ଧନୁଯାତ୍ରା ପ୍ରତି ବିଦେଶୀ ପର୍ଯ୍ୟଟକଙ୍କ ଆହୁରି ଆଗ୍ରହ ବଢିବାର ସମ୍ଭାବନା ରହିଛି ବୋଲି ସଂସଦ ପକ୍ଷରୁ ସୂଚନା ଦିଆଯାଇଛି।




ଭାରତୀୟ ଯୁବ ସଂସଦ ପକ୍ଷରୁ ଖବରଦାତା ସମ୍ମିଳନୀ କରାଯାଉଛି।

### ଉଚ୍ଚକ୍ଷମତା ସମ୍ପନ୍ନ ବିଦ୍ୟୁତ୍ ଟାୱାର ହଟାଅ ଦାବିରେ ବିନିକା ବନ୍ଦ ସଫଳ

ବିନିକା,୨୧।୧୨ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ସହରାଞ୍ଚଳ ମଝିରେ ନିର୍ମାଣ ହେବାକୁ ଯାଉଥିବା ପ୍ରସ୍ତାବିତ ଓପିଟିସିଏଲର ୨୨୦ ଉଚ୍ଚକ୍ଷମତା ସମ୍ପନ୍ନ ବିଦ୍ୟୁତ୍ ଟାୱାରକୁ ବିରୋଧ କରି ବୁଧବାର ବିନିକା ସ୍ୱାଭିମାନ ମଞ୍ଚ ତରଫରୁ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଥିଲା। ବନ୍ଦ ପାଳନକୁ ସହରବାସୀ ସମର୍ଥନ କରିଥିବା ବେଳେ ଦୋକାନ ବଜାର , ସରକାରୀ ବେସରକାରୀ ଅଫିସ ବନ୍ଦ ଥିଲା । ଜରୁରୀକାଳୀନ ସେବା ଯାନବାହନ ଚାଲୁ ରହିଥିଲା । ଅପରାହ୍ନରେ ଦଳମତ ନିର୍ବିଶେଷରେ ବିନିକା ସ୍ୱାର୍ଥ ପାଇଁ ଇଞ୍ଚେ ମାଟି ଛାଡ଼ିବାକୁ ଦିଆଯିବ ନାହିଁ କହି ପୁନର୍ବାର ବିନିକା ସ୍ୱାଭିମାନ ମଞ୍ଚ ତରଫରୁ ସ୍ଥାନୀୟ ତହସିଲଦାରଙ୍କ ଜରିଆରେ ସୁବର୍ଣ୍ଣପୁର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବିଦ୍ୟୁତ ଟାୱାର ସହରାଞ୍ଚଳ ବାହାରେ ନେବା ପାଇଁ ଲିଖିତ ପ୍ରତିଶ୍ରୁତି ନ ଦେଲେ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ଚେତାବନୀ ଦିଆଯାଇଛି ।

### ବିନିକା ଭବିଷ୍ୟ ଇଂଲିଶ ମିଡ଼ିୟମ ସ୍କୁଲର ବାର୍ଷିକୋତ୍ସବ

ବିନିକା,୨୧।୧୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅନ୍ତର୍ଗତ ଚୌଉକି ଛକ ପାଖରେ ଥିବା ଭବିଷ୍ୟ ଇଂଲିଶ ମିଡ଼ିୟମ ସ୍କୁଲରେ ବାର୍ଷିକ ଉତ୍ସବ ମଙ୍ଗଳବାର ସ୍କୁଲର ସଭାପତି ଭବାନୀ ଶଙ୍କର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାସ, ସମ୍ମାନିତ ଅତିଥି ଭାବେ ସ୍କୁଲର ଚେୟାରମ୍ୟାନ ସଂଜୀବ କୁମାର ସୁବୁଦ୍ଧି, ମ୍ୟାନେଜିଂ ଡାଇରେକ୍ଟର ସୁଧାଂଶୁ ଶେଖର ଦାସ, ମୁଖ୍ୟବକ୍ତା ଭାବେ ବରଗଡ ବିକାଶ ସ୍କୁଲର ଅଧକ୍ଷ ସମ୍ପଦ ଚାନ୍ଦ ଯୋଗ ଦେଇଥିଲେ । ଏହି ଅବସରରେ ସ୍କୁଲ ତରଫରୁ ବିଭିନ୍ନ ପ୍ରତିଯୋଗିତାରେ ଉନ୍ନୀତ ହୋଇଥିବା ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା । ପ୍ରାରମ୍ଭରେ ସ୍କୁଲର ଆସିଷ୍ଟାଣ୍ଟ ମ୍ୟାନେଜିଂ ଡାଇରେକ୍ଟର ସୁନିଲ କୁମାର ମେହେର ବାର୍ଷିକ ବିବରଣୀ ପାଠ କରିଥିଲେ । ଉପାଧ୍ୟକ୍ଷା ସ୍ମିତାରାଣୀ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ପାଇକମାଳ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ଉଦ୍‌ଯାପିତ

ପାଇକମାଳ, ୨୧।୧୨(ଡି.ଏନ.ଏ.)

ବରଗଡ ଜିଲା ପାଇକମାଳ ସରକାରୀ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ସମାରୋହ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ହୀରକ ଜୟନ୍ତୀ କମିଟି ସଭାପତି ଅନିଲ କାଳିଆ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଯୋଜନା ଓ ସମନ୍ୱୟ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ, ସମ୍ମାନିତ ଅତିଥି ଭାବେ ଭଟଲି ବିଧାୟକ ସୁଶାନ୍ତ ସିଂ, ପଦ୍ମପୁର ବିଧାୟକ ବର୍ଷା ସିଂ ବରିହା, ଜିଲା ଶିକ୍ଷା ଅଧିକାରୀ ମିତ୍ରଭାନୁ କଶ୍ୟପ, ପାଇକମାଳ ବ୍ଲକ ଅଧକ୍ଷା ଭାବନା ସିଂ, ଆଲୁମିନ କମିଟି ସମ୍ପାଦକ ପ୍ରଫୁଲ୍ଲ କୁମାର ପାଣିଗ୍ରାହୀ ଯୋଗ ଦେଇଥିଲେ। ତ୍ରିଲୋଚନ ନାୟକ, ମହାଦେବ ବେହେରା, ଡୋଲାମଣୀ ମହାର ସମସ୍ତ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ପୁରାତନ ଛାତ୍ର ବିନୋଦ କୁମାର କାଳିଆ, କୁସୁମ ରାଓ, ନିମାଇଁ ଚରଣ ସୱାଇଁ, ଅଶୋକ ସାହୁ, ସନ୍ତୋଷ ପାଣିଗ୍ରାହୀ, ସୁଶୀଲ ଅଗ୍ରୱାଲ, ଅଶ୍ୱିନୀ ଦାସ, ରାଜ କିଶୋର ସାହୁ, ନରେଶ ଅଗ୍ରୱାଲ, ବିକି ଅଗ୍ରୱାଲ, ଶର୍ମା ତାଣ୍ଡି, ସୁରେଶ କାଳିଅ, କମଲ ପଟେଲ ଓ ସୁବାସ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରଧାନ ଶିକ୍ଷକ ଦ୍ୱାଦଶ ପ୍ରଧାନ ଧନ୍ୟବାଦ ଦେଇଥିଲେ। ପୂର୍ବାହ୍ନରେ ଜାତୀୟ ଶିକ୍ଷାନୀତି-୨୦ ଉପରେ ଆଲୋଚନଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷକ ପ୍ରଧାନ, ବିନ୍ଧ୍ୟବାସିନୀ ଜୁନିୟର କଲେଜ ଅଧକ୍ଷ ଶ୍ୟାମଲାଲ ପ୍ରଧାନ, ପାଇକମାଳ ବିଇଓ ଚୁଡାମଣୀ ବାରିକ, ବରଗଡ ଡାଏଟର ସସ୍ମିତା ସାହୁ ଯୋଗଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ପୂର୍ବତନ ଶିକ୍ଷକମାନଙ୍କୁ ସମ୍ମାନିତ କରାଯାଇଥିଲା। ବିଭିନ୍ନ ବ୍ୟାଚର ପୁରାତନ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ ହୋଇଥିଲା ।




ଉଦ୍‌ଯାପନୀ ସଭାରେ ମଞ୍ଚାସୀନ ଅତିଥି।

# ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ଅମ୍ବାଭୋନା,୨୧।୧୨(ଡି.ଏନ.ଏ.)

ଓଡ଼ିଶାରେ ହକି ବିଶ୍ୱକପ ଆୟୋଜନ ଅବସରରେ ଅମ୍ବାଭୋନା ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧକ୍ଷ କିର୍ତ୍ତିଚନ୍ଦ୍ର ଦୁଆନ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥିଭାବେ ଏପିଡ଼ି ସୁନୀଲ କେର୍କେଟ୍ଟା, ଡ଼ିଏସଏ ଆନନ୍ଦ ପଧାନ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଟିକେଶ୍ୱର ପଟେଲ, ସମାଜ ମଙ୍ଗଳ ଅଧିକାରୀ ଭୋଳାନାଥ ମହାପାତ୍ର, ଭୁକ୍ତା ସରପଞ୍ଚ ବଳରାମ ବିସର୍, ଦୁଆରୀ ସରପଞ୍ଚ ଜ୍ଞାନ ରଞ୍ଜନ ଭୋଇ, କପାସିରା ସରପଞ୍ଚ ପ୍ରତିନିଧି ସୁଧାଂଶୁ ଶେଖର ପଧାନ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲାଲମୋହନ ସିଂ, ମେଘନାଦ ପଟେଲ, ଗୌରୀଶଙ୍କର ଅଗ୍ରୱାଲ, ଠାକୁରରାମ ପଟେଲ, ପୂର୍ଣାନନ୍ଦ ବଢ଼େଇ ଯୋଗଦେଇଥିଲେ। ଭୁକ୍ତା ବସ୍‌ଷ୍ଟାଣ୍ଡଠାରେ ଆୟୋଜିତ ଭଲିବଲ ପ୍ରତିଯୋଗିତାରେ ଖୋଲା ଓ ବାଞ୍ଜିପାଲି ଦଳ ଏବଂ ଅମ୍ବାଭୋନା ଓ ଗୁଚିଦା ଦଳ ସେମିଫାଇନାଲକୁ ଉନ୍ନିତ ହୋଇଛନ୍ତି। ସେହିପରି ବଡ଼ ଦର୍ଲିପାଲିସ୍ଥିତ ମହାଲିମ୍ବ ପଡ଼ିଆରେ ଆୟୋଜିତ କ୍ରିକେଟ ପ୍ରତିଯୋଗିତାରେ ଉତ୍ତମ ଓ ଭୁକ୍ତା ଏବଂ ଭୈନାତୋରା ଓ ଖୋଲା ପଞ୍ଚାୟତ ସେମିଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛନ୍ତି।

# ବୁଣାକାର କର୍ମଶାଳା ଉଦ୍‌ଯାପିତ

ବରଗଡ଼ ଅଫିସ,୨୧।୧୨

ରାଜ୍ୟ ବୟନ, ହସ୍ତତନ୍ତ, ହସ୍ତଶିଳ୍ପ ଏବଂ ପର୍ଯ୍ୟଟନ ବିଭାଗ ପକ୍ଷରୁ ବରଗଡ଼ ହସ୍ତତନ୍ତ ଅଞ୍ଚଳ(ଜୋନ)ର ବୁଣାକାରଙ୍କ ପାଇଁ ଚାଲିଥିବା ପ୍ରଶିକ୍ଷଣ କର୍ମଶାଳା ଉଦଯାପିତ ହୋଇଛି। ଦୀର୍ଘ ୮ଦିନ ଧରି ଏହି କର୍ମଶାଳା ଚାଲିଥିଲା। ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ ଟୁରିଜିମ୍ ଆଣ୍ଡ ଟ୍ରାଭେଲ୍ସ ମ୍ୟାନେଜମେଣ୍ଟ(ଆଇଆଇଟିଟିଏମ), ଭୁବନେଶ୍ୱର ଦ୍ୱାରା ପରିଚାଳିତ ତଥା ରାଜ୍ୟ ହସ୍ତତନ୍ତ ପୁଞ୍ଜି ବିକାଶ ଅନୁଷ୍ଠାନ (ଏସଏଡିଏଚଏସି) ଏବଂ ଉପନିର୍ଦ୍ଦେଶକ, ବୟନ ଶିଳ୍ପ, ବରଗଡ଼ଙ୍କ ଦ୍ୱାରା କର୍ମଶାଳା ପରିଚାଳିତ ହୋଇଥିଲା। ବରଗଡ଼ ବୟନଶିଳ୍ପ ଉପନିର୍ଦ୍ଦେଶକ ଶିଶିର କୁମାର ନାଗଙ୍କ ତତ୍ତ୍ୱାବଧାନରେ କର୍ମଶାଳା ଚାଲିଥିଲା। ଆଇଆଇଟିଟିଏମ, ଭୁବନେଶ୍ୱରର ଡଃ ବି. ସ୍ୱଜନ, ସହକାରୀ ପ୍ରଫେସର ଦେବବ୍ରତ ଘଡ଼େଇ ୭ଟି ବ୍ୟାଚରେ ବରଗଡ଼ ବୟନ ମଣ୍ଡଳ ଏବଂ ସୁନ୍ଦରଗଡ଼ ଟସର ଶିଳ୍ପ ପାର୍କର ୨୨୦ଜଣ ବୁଣାକାରଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଏହି କର୍ମଶାଳା ବୁଣାକାରଙ୍କ ଦକ୍ଷତା ବିକାଶରେ ସହାୟକ ହୋଇ ପାରିବ ବୋଲି ସୂଚନା ଦିଆଯାଇଛି।



କର୍ମଶାଳାର ଉଦ୍‌ଯାପନୀରେ ଅତିଥିଙ୍କ ଗହଣରେ ପ୍ରଶିକ୍ଷାର୍ଥୀମାନେ ।

# ଅନ୍ଧତ୍ୱ ଦୂରୀକରଣ କ୍ଷେତ୍ରରେ ମହାନଦୀ ନେତ୍ର ଚିକିତ୍ସାଳୟ ଏକ ଆଦର୍ଶ

ସୋନପୁର,୨୧।୧୨(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ପଣ୍ଡାପାଲିସ୍ଥିତ ମହାନଦୀ ନେତ୍ର ଚିକିତ୍ସାଳୟର ୧୮ତମ ବାର୍ଷିକୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଡାକ୍ତରଖାନା ଅଧୀକ୍ଷକ ଡା. ଦେବେନ୍ଦ୍ର କୁମାର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସାଧାରଣ ସଭାରେ ସୁବର୍ଣ୍ଣପୁର ଜିଲାପାଳ ଅବୋଲି ସୁନିଲ ନରୱଣେ ମୁଖ୍ୟ ଅତିଥି ଭାବରେ ଯୋଗଦାନକରିଥିଲେ । ଅନ୍ଧତ୍ୱ ଦୂରୀକରଣ କ୍ଷେତ୍ରରେ ମହାନଦୀ ନେତ୍ର ଚିକିତ୍ସାଳୟ ଏକ ଆଦର୍ଶ ପାଲଟିଥିବା ଜିଲାପାଳ ତାଙ୍କ ବକ୍ତବ୍ୟରେ କହିଥିଲେ। ଏହି ଚିକିତ୍ସାଳୟ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ମାଧ୍ୟମରେ ଚକ୍ଷୁ ସେବା ଯୋଗାଇ ଦେବାରେ ସାରା ରାଜ୍ୟରେ ଅଗ୍ରଣୀ ଭୂମିକା ନିର୍ବାହ କରୁଥିବାରୁ ଜିଲାପାଳ ନରୱଣେ ଉଚ୍ଚ ପ୍ରଶଂସା କରିଥିଲେ । ସମ୍ମାନିତ ଅତିଥି ତଥା ଉତ୍କଳ ଚେମ୍ବର ଅଫ କମର୍ସ ଏଣ୍ଡ ଇଣ୍ଡଷ୍ଟ୍ରିର ସଭାପତି ବ୍ରହ୍ମାନନ୍ଦ ମିଶ୍ର, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଶ୍ୱରଞ୍ଜନ ପତି ଓ ଲେପ୍ରା ଭାରତ ମୁଖ୍ୟ ପ୍ରଶାନ୍ତ ନାଏକ ଯୋଗଦାନ କରି ଅନ୍ଧତ୍ୱ ଦୂରୀକରଣ ଦିଗରେ ଚିକିତ୍ସାଳୟ ସେବା ଜାରି ରଖିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଜିଲାପାଳ ନରୱଣେ ଆଭାଲୋକ ବାର୍ଷିକ ବିବରଣୀ ପୁସ୍ତିକା ୨୦୨୨କୁ ଉନ୍ମୋଚନ କରିଥିଲେ। ଡା.ଦେବେନ୍ଦ୍ର କୁମାର ସାହୁ ତାଙ୍କ ବକ୍ତବ୍ୟରେ ଚିକିତ୍ସାଳୟ ପକ୍ଷରୁ ଏ ପର୍ଯ୍ୟନ୍ତ ୧ଲକ୍ଷ ୮୬ହଜାର ୭୭୫ଜଣଙ୍କ ଚକ୍ଷୁର ପ୍ରାଥମିକ ସ୍କ୍ରିନିଂ କରାଯାଇଥିବା ଓ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଚକ୍ଷୁ ସେବା ପାଇଁ କାର୍ଯ୍ୟରତ ସ୍ଥାନୀୟ ଅଞ୍ଚଳର ଅଗ୍ରଣୀ ସଂଗଠନ ନିଷ୍ଠା ପରିବାର, ହେଲପିଙ୍ଗ ହାର୍ଟ, ମାହେଶ୍ୱରୀ ସେନା, ଯୁବ ରେଡକ୍ରସ, ପଶ୍ଚିମ ଓଡିଶା ଯୁବା ମଞ୍ଚ, ସିୟା ପରିବାର, ସେବା ଫାଉଣ୍ଡେଶନ, ବୁଢାରାଜା ଯୁବ ସଂଗଠନ ଓ ବୁଢାରାଜା ସେବା ସଂଗଠନକୁ ମୁଖ୍ୟଅତିଥି ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳକ ବିଭୁ ପ୍ରସାଦ ବଳିୟାର ସିଂ ମହାନଦୀ ନେତ୍ର ଚିକିତ୍ସାଳୟ ଦ୍ୱାରା ଆରମ୍ଭ ହେବାକୁ ଥିବା ତିନୋଟି ନୂତନ କାର୍ଯ୍ୟକ୍ରମ ଦୃଷ୍ଟି ସାଥୀ, ପେସେ କେୟାର ଆସିଷ୍ଟା ଓ ପରିବାର ମେମ୍ବର ସିପ କାର୍ଡ ସମ୍ବନ୍ଧରେ ସୂଚନା ଦେବା ସହ ଧନ୍ୟବାଦ ଅର୍ପଣ କରିଥିଲେ । ଡା. ମାନସୀ ନାଏକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ନିଜ ଆଖିକୁ ଭଲପାଅ ଶୀର୍ଷକ ବିଷୟ ବସ୍ତୁକୁ ନେଇ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟା ଅଧିବେଶନରେ ଡାକ୍ତରଖାନା କର୍ମଚାରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।



ବାର୍ଷିକ ଉତ୍ସବରେ ଜିଲାପାଳ ବକ୍ତବ୍ୟ ପ୍ରଦାନ କରୁଛନ୍ତି ।

## ସଂକ୍ଷେପରେ

### ରେଳ ଧାରଣାରୁ ଯୁବକଙ୍କ ମୃତଦେହ ଜବତ

**ଝାରସୁଗୁଡ଼ା ଅଫିସ/ବେଲପାହାଡ, ୨୧।୧୨:** ବିଳାସପୁର ରେଳଡିଭିଜନ ଅ'ର୍ଗତ ହାଓଡା-ଦିଲ୍ଲୀ ରେଳପଥର ବେଲପାହାଡ ଷ୍ଟେଶନ ନିକଟ ରେଳ ଧାରଣାରୁ ବୁଧବାର ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ସେ ହେଲେ ବେଲପାହାଡ ମିର୍ଦ୍ଧାଡେରାର ହରି ମୁଣ୍ଡା (୨୮)। ସକାଳେ କ୍ଷତବିକ୍ଷତ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ଯୁବକଙ୍କ ପରିବାର ଓ ବ୍ରଜରାଜନଗର ଜିଆର୍‌ପିକୁ ଖବର ଦେଇଥିଲେ। ରେଳବାଇ ପୋଲିସ ଏଏସ୍‌ଆଇ ଏସ୍.ବି. ରାଓ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ବ୍ରଜରାଜନଗର ଜିଆର୍‌ପି ଥାନା କେସ୍ ନଂ୬୨/୨୨ରେ ମାମଲା ରୁଜୁ କରି ରେଳବାଇ ପୋଲିସ ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ ହରି ୮ମାସ ତଳେ ବିବାହ କରିଥିବା ବେଳେ ଏକ କିରାନା ଦୋକାନ କରି ପରିବାର ପ୍ରତିପୋଷଣ କରୁଥିଲେ।

### ବସ୍ ଯାତ୍ରୀଙ୍କ ମୃତ୍ୟୁ

**କୁଚିଣ୍ଡା,୨୧।୧୨(ଡି.ଏନ.ଏ.):** ମହୁଲପାଲି ଥାନା ଗୋଛରା ଗ୍ରାମର ଇଗ୍ନେଶ ଖଡିଆ(୪୦) ବସ୍‌ରେ ଆସୁଥିବା ବେଳେ ହୃଦ୍‌ଘାତରେ ମୃତ୍ୟୁ ହୋଇଛି। ଇଗ୍ନେଶ ଝାରସୁଗୁଡ଼ାର କୌଣସି ଏକ କାରଖାନାରେ କାମ କରନ୍ତି। ସେ ବୁଧବାର ସକାଳୁ ମା' ସମଲେଶ୍ୱରୀ ନାମକ ଏକ ଘରୋଇ ବସ୍‌ଯୋଗେ କୁଚିଣ୍ଡା ଆସୁଥିଲେ। ବସ୍‌ଟି କୁଚିଣ୍ଡା ବସଷ୍ଟାଣ୍ଡରେ ଯାତ୍ରୀ ଓହ୍ଲାଇ ପୁଣି ଝାରସୁଗୁଡା ଯିବାକୁ ବାହାରିଥିଲା। ହେଲେ ଇଗ୍ନେଶ ବସିଥିବା ସିଟରୁ ଓହ୍ଲାଇ ନ ଥିଲେ। ବସ୍ କଣ୍ଡକ୍ଟର ତାଙ୍କୁ ଓହ୍ଲାଇବାକୁ କହିଥିଲେ ହେଁ ସେ କୌଣସି ଉତ୍ତର ନ ଦେଇ ସଂଜ୍ଞାହୀନ ଅବସ୍ଥାରେ ଥିଲେ। ପରେ କଣ୍ଡକ୍ଟର କୁଚିଣ୍ଡା ଥାନାରେ ରିପୋର୍ଟ କରି ଇଗ୍ନେଶଙ୍କୁ କୁଚିଣ୍ଡା ମେଡିକାଲକୁ ନେଇଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ କୁଚିଣ୍ଡା ଥାନାରେ ଏକ ମାମଲା ରୁଜୁ କରି ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇଛି।

### ଲୋକ ମହୋତ୍ସବରେ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯିବ

**ସମ୍ବଲପୁର,୨୧।୧୨(ବ୍ୟୁରୋ):** ଲୋକ ମହୋତ୍ସବ -୨୦୨୩ର ସମ୍ବର୍ଦ୍ଧନା ଉପସମିତି ବୈଠକ ଡିଆର୍‌ଡିଏ ହଲରେ ଆବାହକ ସୂର୍ଯ୍ୟ ପାଣିଗ୍ରାହୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବରେ ଉପସମିତି ନୋଡାଲ ଅଧିକାରୀ ଡ଼. ପୁଷ୍ପାଶ୍ରୀ ନାୟକ ଯୋଗଦେଇଥିଲେ। ବିଗତ ବର୍ଷ ଭଳି ଏବର୍ଷ ମଧ ଲୋକ ସାହିତ୍ୟ, ପାରମ୍ପରିକ ଲୋକକଳା, ଲୋକବାଦ୍ୟ, ଲୋକଗୀତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତିତ୍ୱଙ୍କୁ ସମ୍ମାନିତ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଡ. ରାଜାରାମ ଷଡ଼ଙ୍ଗୀ, ପିଙ୍କି ପ୍ରଧାନ, ମାନସ ରଞ୍ଜନ ବାନାର୍ଜୀ, ସବ୍ୟସାଚୀ ମିଶ୍ର, ସରୋଜ ସାହୁ, ଡ. ପ୍ରଭାସ ଦେବତା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ଆଇଜିଙ୍କ ନିକଟରେ ଓକିଲଙ୍କ ଆତ୍ମସମର୍ପଣ

**ସମ୍ବଲପୁର,୨୧।୧୨(ବ୍ୟୁରୋ):** ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ଆନ୍ଦୋଳନ ସମୟରେ ସମ୍ବଲପୁର କୋର୍ଟରେ ଭଙ୍ଗାରୁଜା ସହ ବିଚାରପତିଙ୍କୁ କୋର୍ଟରୁ ବାହାର କରିଦେବା ଭଳି ଘଟଣା ଘଟିଥିଲା। ଏହି ଘଟଣାରେ ଆଉ ଜଣେ ଓକିଲ ସତ୍ୟନାରାୟଣ ପଣ୍ଡା ବୁଧବାର ଉତ୍ତରାଞ୍ଚଳ ଆଇଜି ଡ଼. ଦୀପକ କୁମାରଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ପରେ ତାଙ୍କୁ ଟାଉନ ଥାନାକୁ ନିଆଯାଇଥିଲା।

# ଧାନକିଣା ଅବ୍ୟବସ୍ଥା: ଭାଜପାର ବିକ୍ଷୋଭ

## ଉପଜିଲାପାଳଙ୍କୁ ଦାବିପତ୍ର

**ଝାରସୁଗୁଡ଼ା ଅଫିସ,୨୧।୧୨**



ଉପଜିଲାପାଳଙ୍କ ଅଫିସ ଆଗରେ ଭାଜପା ନେତୃବୃନ୍ଦଙ୍କ ବିକ୍ଷୋଭ।

ଚଳିତ ଖରିଫ ଋତୁରେ ଚାଷୀଙ୍କ ଧାନକିଣାକୁ ନେଇ କେତେକ ଅବ୍ୟବସ୍ଥା ଦେଖାଦେଇଛି। ଏହି ଅବସରରେ ରାଜ୍ୟ ଭାଜପା ଆହ୍ୱାନକ୍ରମେ ବୁଧବାର ଜିଲା ଭାଜପା ସଭାପତି ମଙ୍ଗଳ ସାହୁଙ୍କ ଅଧ୍ୟକ୍ଷତାରେ ଶତାଧିକ ଚାଷୀ ଶୋଭାଯାତ୍ରାରେ ବାହାରି ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ସରକାରଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହି ସମୟରେ ସଭାପତି ସାହୁ, ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡା, ଭାଜପା ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ, ଜିଲା ଏସ୍‌ସି ସେଲ୍ ସଭାପତି ତ୍ରିନାଥ ଗୁଆଲ, ସୁନିଲ ପଣ୍ଡା, ଜିଲା ସାଧାରଣ ସମ୍ପାଦକ ବିମଳେନ୍ଦୁ ଭୋଳ, ମୁରାରୀ ପାଣିଗ୍ରାହୀ, ସୋନୁ ଥିରାନୀ, ପ୍ରେମସେନ ରୟ, ପଙ୍କଜ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଦାବିପତ୍ରରେ ଉଲ୍ଲେଖ ରହିଛି ଉପକୂଳ ଓଡିଶାରେ ଧାନ ଅମଳ ପାଖାପାଖି ୮୦ପ୍ରତିଶତ ଶେଷ ହୋଇଯାଇଛି । ହେଲେ ଧାନମଣ୍ଡି ଅଦ୍ୟାବଧି ଖୋଲା ଯାଇନାହିଁ। ପଶ୍ଚିମ ଓଡ଼ିଶାର ମଣ୍ଡିଗୁଡିକ ଅବ୍ୟବସ୍ଥା ମଧ୍ୟରେ ଚାଲିଛି। ଫଳରେ ଚାଷୀମାନେ ନିଜର ଉପାର୍ଜିତ ଫସଲ ବିକ୍ରି କରି ନ ପାରି ଦଲାଲଙ୍କ ଶୋଷଣର ଶିକାର ହେଉଛନ୍ତି। ତୁରନ୍ତ ମଣ୍ଡି ଖୋଲିବା ସହ ସୁବ୍ୟବସ୍ଥିତ ଭାବେ ପରିଚାଳନା କରିବାକୁ ଦାବି କରିଥିଲେ।

# ଓପିଏମ୍ କାରଖାନାରୁ ଡକାୟତି ଘଟଣା: ୬ ଗିରଫ

**ଝାରସୁଗୁଡ଼ା ଅଫିସ,୨୧।୧୨**

ଓରିଏଣ୍ଟ ପେପର ମିଲରୁ ମଙ୍ଗଳବାର ରାତିରେ ଡକାୟତି ହୋଇଥିବା ନେଇ ସୁରକ୍ଷା ଅଧିକାରୀ ଗୌତମ ତ୍ରିପାଠୀ ବ୍ରଜରାଜନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। କାରଖାନାରୁ ତମ୍ବା କଏଲ, ତମ୍ବା କେବୁଲ, ଲୁହା ପାଇପ, ପିତଳ ଭାଲ୍‌ଭ ଇତ୍ୟାଦି ଚୋରି ହୋଇଥିବା ନେଇ ସୁରକ୍ଷା ଅଧିକାରୀ ଅଭିଯୋଗରେ ଉଲ୍ଲେଖ କରିଥିଲେ। ଏହି ଘଟଣାରେ ପୋଲିସ ୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଗଙ୍ଗା ନଗର ଅଞ୍ଚଳର ଅକ୍ଷୟ ତିୱାର, କମଲ ଯାଦବ, ରାହୁଲ ସିଂହ, ମହମ୍ମଦ ଆଜାରୁଦ୍ଦିନ, ଆଫତା ହୁସେନ ଓ ରାମପୁର କୋଲିଆରୀ ଅଞ୍ଚଳର ଓମ୍ ପ୍ରସାଦ ଠାକୁର। ପୋଲିସ ଏମାନଙ୍କ ନିକଟରୁ ଚୋରି ସାମଗ୍ରୀ ଓ ଡକାୟତିରେ ବ୍ୟବହୃତ ବାଇକ୍ (ଓଡି୨୩ଡି–୪୩୮୯) ଜବତ କରିଛି। ବ୍ରଜରାଜନଗର ଥାନାଧିକାରୀ ପ୍ରଦ୍ୟୁମ୍ନ ସ୍ୱାଇଁଙ୍କ ନେତୃତ୍ୱରେ ଗଠିତ ଟିମ୍ ଚଢାଉରେ ସାମିଲ ଥିଲେ।

# ସମ୍ବଲପୁର ରେଳମଣ୍ଡଳ ପକ୍ଷରୁ ନାଟକ ପ୍ରତିଯୋଗିତା

**ସମ୍ବଲପୁର,୨୧।୧୨(ବ୍ୟୁରୋ)**

ପୂର୍ବତଟ ରେଳପଥ ସମ୍ବଲପୁର ରେଳମଣ୍ଡଳ ପକ୍ଷରୁ ଆନ୍ତଃ ମଣ୍ଡଳୀୟ ନାଟକ ପ୍ରତିଯୋଗିତା ୨୦୨୨ ରେଳବାଇ କମିଟି ସେଣ୍ଟରରେ ଆୟୋଜିତ ହୋଇଯାଇଛି। ଏଥିରେ ପୂର୍ବତଟ ରେଳପଥ ମୁଖ୍ୟାଳୟ ପ୍ରଥମ, ଭୁବନେଶ୍ୱର ମଞ୍ଚେଶ୍ୱର ୱାର୍କସପ ଦ୍ୱିତୀୟ ଓ ଖୋର୍ଦ୍ଧା ରେଳମଣ୍ଡଳ ତୃତୀୟ ସ୍ଥାନ ଅଧିକାର କରିଛି। ସମ୍ବଲପୁର ରେଳମଣ୍ଡଳ ଅତିରିକ୍ତ ପ୍ରବନ୍ଧକ ଆନନ୍ଦ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ କଳାକାରମାନଙ୍କୁ ପୁରସ୍କୃତ କରିଥିଲେ। ବରିଷ୍ଠ କାର୍ମିକ ଅଧିକାରୀ ୟୁସୁଫ କବିର ଅନସାରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# କୁଚିଣ୍ଡାକୁ ଜିଲା ଘୋଷଣା ଦାବିରେ ଭାଜପାର ଦାବିପତ୍ର

**କୁଚିଣ୍ଡା,୨୧।୧୨(ଡି.ଏନ.ଏ.)**



ବିକ୍ଷୋଭରେ ସାମିଲ ହୋଇଥିବା ଦଳୀୟ ନେତା, କର୍ମୀ।

କୁଚିଣ୍ଡାକୁ ଜିଲା ଘୋଷଣା ଦାବି ନେଇ ବୁଧବାର ଭାଜପା ରାସ୍ତାକୁ ଓହ୍ଲାଇଛି। ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଧାୟକ ରବି ନାରାୟଣ ନାଏକଙ୍କ ନେତୃତ୍ୱରେ ଶତାଧିକ କାର୍ଯ୍ୟକର୍ତ୍ତା ଓ ୩ ବ୍ଲକର ୨ଶହରୁ ଊର୍ଦ୍ଧ୍ୱ ଜନସାଧାରଣ ସହର ପରିକ୍ରମା କରି ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ରାଜ୍ୟପାଳଙ୍କ ଉଦ୍ଦଶ୍ୟରେ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ଜିଲା ସାଧାରଣ ସମ୍ପାଦକ ସୁଶିଲ କରଙ୍କ ସଭାପତିତ୍ୱରେ ହୋଇଥିବା ସଭାରେ ପୂର୍ବତନ ବିଧାୟକ ବୃନ୍ଦାବନ ମାଝି, ଜିଲାପରିଷଦ ସଭ୍ୟ ଦିବ୍ୟରାଜ କିଷାନ, ବାମରା ପଞ୍ଚାୟତ ସମିତି ଅଧକ୍ଷା ପିଙ୍କି ଧୁରୁଆ, ଉପାଧ୍ୟକ୍ଷ ସଞ୍ଜୟ ଦାସ, ମଣ୍ଡଳ ସଭାପତି ସୁନୀଲ ଦାସ, ନରେଶ ସିଂହ ଠାକୁର, ପୂର୍ଣ୍ଣଚନ୍ଦ୍ର ପଟେଲ, ପୂର୍ବତନ ଜିଲାପରିଷଦ ସଭ୍ୟା ମମତା ପଟେଲ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। କୁଚିଣ୍ଡା ଉପଖଣ୍ଡ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ଅଧିକାଂଶ ଲୋକ କୃଷି ଉପରେ ନିର୍ଭରଶୀଳ। ଜିଲା ମୁଖ୍ୟାଳୟଠାରୁ ୮୫ କି.ମି. ଦୂରରେ କୁଚିଣ୍ଡା ଉପଖଣ୍ଡ ସଦରମହକୁମା ରହିଥିବାରୁ କୌଣସି କାମ ପାଇଁ ଲୋକେ ଯିବାକୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ବାମରା ବ୍ଲକ ସଦର ମହକୁମାଠାରୁ ଜିଲା ମୁଖ୍ୟାଳୟ ୧୦୦ କି.ମି.ରୁ ଅଧିକ ଦୂର ହେବ। ତେଣୁ ସରକାର ତୁରନ୍ତ କୁଚିଣ୍ଡା ଉପଖଣ୍ଡକୁ ଜିଲା ଘୋଷଣା କରିବାକୁ ଦାବି କରିଛନ୍ତି। ଉପଜିଲାପାଳଙ୍କ ଅନୁପସ୍ଥିତିରେ ସହକାରୀ ଜିଲାପାଳ ଲୋଚନ ଶବର ଦାବିପତ୍ର ଗ୍ରହଣ କରିଥଲେ। ଏହାର ନକଲ ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀଙ୍କୁ ପ୍ରେରଣ କରିଛନ୍ତି।

# ତମାଖୁ ନିୟନ୍ତ୍ରଣ ସଚେତନତା କାର୍ଯ୍ୟକ୍ରମ

**ଝାରସୁଗୁଡ଼ା ଅଫିସ,୨୧।୧୨**

ଝାରସୁଗୁଡ଼ା ପିକେଏସ୍‌ଏସ୍ ଉଚ୍ଚ ମାଧମିକ ବିଦ୍ୟାଳୟରେ ଭାରପ୍ରାପ୍ତ ଅଧକ୍ଷ ବୃନ୍ଦାବନ ମେହେରଙ୍କ ଅଧକ୍ଷତାରେ ଜାତୀୟ ତମାଖୁ ନିୟନ୍ତ୍ରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧାପିକା ମନ୍ଦାକିନୀ ଶତପଥୀ ପ୍ରାରମ୍ଭିକ ସୂଚନା ଦେଇଥିଲେ। ବ୍ରଜରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ରିଦ୍ଧି କେଡିଆ ତମାଖୁ ସେବନର ଅପକାରିତା ଓ ସମାଜରେ ଏହାର କୁପ୍ରଭାବ ସମ୍ପର୍କରେ ସୂଚନା ଦେଇ ପ୍ରୋଜେକ୍ଟର ମାଧମରେ ବୁଝାଇଥିଲେ। ଏହି ଅବସରରେ ଅନୁଷ୍ଠାନକୁ ତମାଖୁମୁକ୍ତ ଅଞ୍ଚଳ ଘୋଷଣା କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା କରାଯାଇ ଉତ୍ତମ ପ୍ରଦର୍ଶନ କରିଥିବା ଦଳକୁ ପୁରସ୍କୃତ କରାଯାଇଥିଲା। ଏଥିରେ ଝାରସୁଗୁଡ଼ା କଟାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଦୀପାଳି ପଟେଲ, ସ୍ୱାସ୍ଥ୍ୟ ପରିଦର୍ଶକ ଅଖିଳ ପଟେଲ, ସ୍ୱାସ୍ଥ୍ୟକର୍ମୀ ଦୀପକ କୁମାର ପଣ୍ଡା ଯୋଗଦେଇ ସହଯୋଗ କରିଥିଲେ।



ସଚେତନତା କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ସହ ଅଧିକାରୀମାନେ।

# ଆନ୍ତଃ ସ୍କୁଲ କବାଡ଼ି ଟୁର୍ନାମେଣ୍ଟ

**ସମ୍ବଲପୁର,୨୧।୧୨(ବ୍ୟୁରୋ)**

ସମ୍ବଲପୁର ଆନ୍ତଃ ସ୍କୁଲ କବାଡି ଟୁର୍ନାମେଣ୍ଟ ଗୁରୁନାନକ ସ୍କୁଲ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୧ ସ୍କୁଲ ଯୋଗ ଦେଇଥିଲେ। ଫାଇନାଲ ମ୍ୟାଚ ସେଭେନହିଲ ଓ ବିକାଶ କନସେପ୍ଟ ସ୍କୁଲ ମଧ୍ୟରେ ହୋଇଥିଲା। ସେଭେନ ହିଲ୍ସ ଦଳ ଚାମ୍ପିୟନ ହୋଇଥିଲା। ସମ୍ବଲପୁର କବାଡି ସଂଗଠନର ସଭାପତି ସିଦ୍ଧାର୍ଥ ସାହ ମୁଖ୍ୟଅତିଥି ଓ ଗୁରୁନାନକ ସ୍କୁଲ ପରିଚାଳନା କମିଟି ସମ୍ପାଦକ ରଞ୍ଜିତ ସିଂ ସାଲୁଜା, ପ୍ରଣବ ଶତ୍ରୁଶଲ୍ୟ, ଜିଲା କ୍ରୀଡା ସଂଘ କୋଷାଧକ୍ଷ ଉମାପତି ତ୍ରିପାଠୀ ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଜେନିଟ ପାଲେମିଞ୍ଜ ଶ୍ରେଷ୍ଠ କ୍ୟାଚର, ପିୟୁଷ ପରିଷୋତ ଛତ୍ରିଆ ଶ୍ରେଷ୍ଠ ଆକ୍ରମଣକାରୀ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ। ଶ୍ରୀତମ ସିଂ, ଗୁରୁଦିପ ସିଂ, ରାଜବିନ୍ଦର ସିଂ ଡିଂଗ୍ରା, ପ୍ରଶାନ୍ତ ସେଠ, ସୁମନ୍ତ ବାଗ, ରଣଜିତ ବାଗ ପ୍ରମୁଖ ମ୍ୟାଚଗୁଡିକ ପରିଚାଳନା କରିଥିଲେ। ସ୍କୁଲ ଅଧକ୍ଷ ରବୀନ୍ଦ୍ର ନାଥ ଦାସଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତା ହୋଇଥିଲା।

# କ୍ରିକେଟ ଟୁର୍ନାମେଣ୍ଟ: ଉପରମୁଣ୍ଡା ଚାମ୍ପିୟନ



ଉଭୟ ଦଳର ଖେଳାଳିଙ୍କ ସହ ଅତିଥିମାନେ।

**ନାକଟିଦେଉଳ,୨୧।୧୨(ଡି.ଏନ.ଏ.)**

ନାକଟିଦେଉଳ ବ୍ଲକ ଗିରିଶ୍ଚନ୍ଦ୍ରପୁର ଗ୍ରା.ପ.ର ବୁରୁବୁଡ଼ା ଗ୍ରାମର ସନ୍‌ରାଇଜ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ସନରାଇଜ କପ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଛି। ଏଥିରେ ୧୬ଟି ଦଳ ଭାଗ ନେଇଥିବାବେଳେ ଫାଇନାଲ ମ୍ୟାଚ ବାଟଗାଁ ଓ ଉପରମୁଣ୍ଡା ଦଳ ମଧ୍ୟରେ ହୋଇଥିଲା। ବାଟଗାଁ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ଓଭରରେ ୫ଉଇକେଟ ହରାଇ ୧୨୫ରନ କରିଥିଲା। ଜବାବରେ ଉପରମୁଣ୍ଡା ଦଳ ୧୩.୩ଓଭରରେ ୫ଉଇକେଟ ହରାଇ ୧୨୭ରନ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ଉପରମୁଣ୍ଡାର ବବୁଲୁ ପ୍ରଧାନ ମ୍ୟାନ ଅଫ ଦି ମ୍ୟାଚ ଓ ବାଟଗାଁର ଲିଟୁ ଦାସ ମ୍ୟାନ ଅଫ ଦ ସିରିଜ ବିବେଚିତ ହୋଇଥିଲେ। ଗିରିଶ୍ଚନ୍ଦ୍ରପୁର ସରପଞ୍ଚ ଶୁଭେନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣୀ ସଭାରେ ବ୍ଲକର ପୂର୍ବତନ ଅଧକ୍ଷ ସୁଦର୍ଶନ ସାହୁ ମୁଖ୍ୟଅତିଥି ଓ ଆଦିବାସୀ ନେତା ମହେନ୍ଦ୍ର କୁଅଁର, ସାମାଜିକ କର୍ମୀ ଶଙ୍କର୍ଷଣ ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ନାରାୟଣ ସାହୁ ଓ ଈଶ୍ୱରଚନ୍ଦ୍ର ପ୍ରଧାନ ମ୍ୟାଚ ପରିଚାଳନା କରିଥିଲେ।

# କେନ୍ଦ୍ରୀୟ ବିଦ୍ୟାଳୟ–୧ର ବାର୍ଷିକ ଉତ୍ସବ

**ସମ୍ବଲପୁର,୨୧।୧୨(ବ୍ୟୁରୋ)**

ସମ୍ବଲପୁରର ପାଞ୍ଚଗଛିଆସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ–୧ର ୫୬ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି।ଅତିରିକ୍ତ ଜିଲାପାଳ (ସାଧାରଣ) ଅଜାମ୍ବର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଜଣେ ଉତ୍ତମ ମନୁଷ୍ୟ ହେଲେ ଯାଇ ପାଠର ପ୍ରକୃତ ଲକ୍ଷ୍ୟ ସାଧିତ ହୋଇଥାଏ ବୋଲି ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ଅଧକ୍ଷ ଡ. ପ୍ରଶାନ୍ତ କୁମାର ଷଡଙ୍ଗୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ମେଧାବୀ ଛାତ୍ରୀଛାତ୍ରଙ୍କୁ ଟ୍ରଫି, ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଇଂରାଜୀ ଅଧାପକ ଅରୁଣ କୁମାର ଯୋଶୀ, ହିନ୍ଦୀ ଶିକ୍ଷୟିତ୍ରୀ ଡ. ଉମା କୁମାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଭି. ଅନୀତା କୁମାରୀ ଶେଷରେ ଧନ୍ୟବାଦ ଦେଇଥିଲେ।


ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

# ଯୁବ ବୈଜ୍ଞାନିକଙ୍କ କୃତିତ୍ୱ ହାସଲ

**ଝାରସୁଗୁଡ଼ା ଅଫିସ,୨୧।୧୨**



ଝାରସୁଗୁଡ଼ା ଜଲା ସୀମାନ୍ତ ୧୯ଖଣ୍ଡ ମୌଜା କଣ୍ଢେଇକେଲାର ଯୁବ ବୈଜ୍ଞାନିକ ସୁଦର୍ଶନ ବେହେରା। ପ୍ରସିଦ୍ଧ ବିଜ୍ଞାନ ଗବେଷଣା ଅନୁଷ୍ଠାନ ଜର୍ମାନୀର ମାକ୍ସ ପ୍ଲାଙ୍କ ଅନୁଷ୍ଠାନରେ ପୋଷ୍ଟ ଡକ କରିବା ସହିତ ରସାୟନ ବିଜ୍ଞାନରେ ଅଧିକ ଗବେଷଣା ପାଇଁ ମନୋନୀତ ହୋଇଛନ୍ତି। ଅଧବସାୟ ବଳରେ ଜିଲା ପାଇଁ ସେ ସୁନାମ ଅର୍ଜନ କରିଛନ୍ତି। ପ୍ରକାଶଥାଉ କି ସୁଦର୍ଶନ ପଣ୍ଡିଚେରୀ ବିଶ୍ୱବିଦ୍ୟାଳୟରୁ ରସାୟନ ବିଜ୍ଞାନରେ ଉପାଧି ପ୍ରାପ୍ତ ପରେ ଭାରତର ସର୍ବଶ୍ରେଷ୍ଠ ବିଜ୍ଞାନ ଗବେଷଣା ପ୍ରତିଷ୍ଠାନ ବାଙ୍ଗାଲୋରଠାରେ ପିଏଚ୍‌ଡି ସମାପ୍ତ କରି ଏକ ବିରଳ ପ୍ରତିଭାର ପରିଚୟ ଦେଇଛନ୍ତି। ତାଙ୍କର ବାପା ସୁବାସ ବେହେରା ଜଣେ ନାମମାତ୍ର ଚାଷୀ ଓ କୃଷି ଶ୍ରମିକ।

# କିର୍ମିରା କୃଷି କାର୍ଯ୍ୟାଳୟରେ ପୁଷ୍ଟିଶସ୍ୟ ଖାଦ୍ୟମେଳା

**ଝାରସୁଗୁଡ଼ା ଅଫିସ,୨୧।୧୨**

କିର୍ମିରା ବ୍ଲକ କୃଷି କାର୍ଯ୍ୟାଳୟ ପରିସରରେ ସେବକ ମିଶନ ତରଫରୁ ବୁଧବାର ପୁଷ୍ଟିଶସ୍ୟ ଖାଦ୍ୟ ମେଳା (ମିଲେଟ ଫୁଡ୍ ଫେଷ୍ଟିଭାଲ) ମିଶନ ବ୍ଲକ ସଂଯୋଜକ ଦିବ୍ୟା ସୋରେଙ୍ଗଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ୮ ପଞ୍ଚାୟତର ସମସ୍ତ ସରପଞ୍ଚ ଓ ଚାଷୀମାନେ ଉପସ୍ଥିତ ଥିଲେ। କିର୍ମିରା ଏବିଡିଓ କ୍ଷିରେଶ୍ୱରୀ କାଲୋ ମୁଖ୍ୟଅତିଥି, ଜିଲାପରିଷଦ ସଭ୍ୟା ରୀତା ବାଗ, ସିଡିପିଓ ସନ୍ଧ୍ୟାରାଣୀ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମାଣ୍ଡିଆର ଉପକାରିତା ସମ୍ବନ୍ଧରେ ଆଲୋକପାତ କରିଥିଲେ। କିର୍ମିରା ବ୍ଲକ ସୁଲାହି ପଞ୍ଚାୟତ ଦେଓପାଏନ ଅଞ୍ଚଳର ଚାଷୀ ଘନଶ୍ୟାମ ମାଝି ଶ୍ରୀପଦ୍ଧତିରେ ମାଣ୍ଡିଆ ଚାଷ କରି ବିଶେଷ ଲାଭବାନ ହୋଇଥିବା ସୂଚନା ଦିଆଯାଇଥିଲା। ସ୍ୱେଚ୍ଛାସେବୀ ସଂଗଠନର ୧୫ ଚାଷୀ ମାଣ୍ଡିଆକୁ ବିଭିନ୍ନ ପ୍ରକାର ଖାଦ୍ୟରେ ମିଶ୍ରଣ କରି ବରା, ମାଲପୁଆ, ଆରିଷା, ନିମ୍କି, ମୁଡ୍ରୁକି, କେକ୍ ଇତ୍ୟାଦି ତିଆରି କରି ମେଳାରେ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ସହ ସଂଯୋଜକ ବବିତା ମହାନନ୍ଦ, କୋଷାଧକ୍ଷ ଅରୁଣ ପଧାନ ସହଯୋଗ କରିଥିଲେ।

# ବଣିକ ସଂଘ ନୂତନ କର୍ମକର୍ତ୍ତା

**ଲୋଇସିଂହା,୨୧।୧୨(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବଣିକ ସଂଘର ବାର୍ଷିକ ବୈଠକ ଗାଇଖାଇ ଜଳପ୍ରକଳ୍ପଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୋହିତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଂଘ ପକ୍ଷରୁ ଜନହିତକର କାର୍ଯ୍ୟ କିପରି ଅଧିକଭାବରେ କରାଯାଇ ପାରିବ ସେ ନେଇ ଆଲୋଚନା କରାଯାଇଥିଲା।

# ଜିଏମ୍‌ୟୁରେ ଆଲୋଚନାଚକ୍ର

**ସମ୍ବଲପୁର,୨୧।୧୨(ବ୍ୟୁରୋ)**

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ଅମୃତବିହାରସ୍ଥିତ ଅଧାପନା ପ୍ରକୋଷ୍ଠରେ କାର୍ଯ୍ୟନିର୍ବାହର ପନ୍ଥା ଓ ଅନୁସନ୍ଧାନ ଆବଶ୍ୟକତା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଏନ୍ ନାଗାରାଜୁ ଅଧକ୍ଷତା କରିଥିଲେ। ପଦାର୍ଥ ବିଜ୍ଞାନ ବିଭାଗୀୟ ମୁଖ୍ୟ ତଥା ସ୍ନାତକୋତ୍ତର ପରିଷଦ ଅଧକ୍ଷ ପ୍ରଫେସର ସୁଶାନ୍ତ କୁମାର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆମେରିକାର ନୂଆ ଜର୍ସି ବେଲ ଲ୍ୟାବ୍‌ର ବରିଷ୍ଠ ଅନୁସନ୍ଧାନକାରୀ ବୈଜ୍ଞାନିକ ଡ. ଅକ୍ଷୟ ଜାଜୁ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ବେଲ ଲ୍ୟାବ ଓ ସମାଜ ପାଇଁ ଏହାର ମହତ୍ତ୍ୱପୂର୍ଣ୍ଣ ଅବଦାନ, ଅନୁସନ୍ଧାନ କ୍ଷେତ୍ର, ସାଧାରଣ ବିଶ୍ୱବିଦ୍ୟାଳୟର ଜଣେ ଛାତ୍ର କିପରି ଆର୍ଥିକ ସହାୟତା ସହିତ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାଇପାରିବେ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ବିଶ୍ୱବିଦ୍ୟାଳୟ କୁଳସଚିବ ଯୁଗଳେଶ୍ୱରୀ ଦାସ, ଉପକୁଳସଚିବ ଡ. ଉମାଚରଣ ପତି, ପଦାର୍ଥ ବିଜ୍ଞାନ ବିଭାଗର ସହକାରୀ ଅଧାପକ ଡ. ଅନନ୍ତ ଚକ୍ରବର୍ତ୍ତୀ, ରସାୟନ ବିଜ୍ଞାନ ବିଭାଗର ସହକାରୀ ଅଧାପିକା ଡ. ମୋନାଲିସା ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ଏଥିରେ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗରୁ ୧୫୦ରୁ ଊର୍ଦ୍ଧ୍ୱ ସ୍ନାତକ, ସ୍ନାତକୋତ୍ତର ଓ ଗବେଷକ ଛାତ୍ରୀଛାତ୍ରୀ ଉପସ୍ଥିତ ଥିଲେ।


ଆଲୋଚନାଚକ୍ରରେ ଛାତ୍ରୀଛାତ୍ର ଓ ଅତିଥିମାନେ।

# ୨୭ରୁ ରୋଟାରି କ୍ଲବର ରୈଲା

**ସମ୍ବଲପୁର,୨୧।୧୨(ବ୍ୟୁରୋ)**

ରୋଟାରି କ୍ଲବ ଅଫ ସମ୍ବଲପୁର ସମେତ ବୁର୍ଲାର ସମସ୍ତ ୬ ରୋଟାରି କ୍ଲବକୁ ନେଇ ରୈଲା–୨୦୨୨ (ରୋଟାରି ୟୁଥ୍ ଲିଡରଶିପ୍ ଆୱାର୍ଡ) ଆୟୋଜନ ହେବ। ଏହା ଡିସେମ୍ବର ୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ ହେବ ବୋଲି ଖବରଦାତା ସମ୍ମିଳନୀରେ ଆୟୋକମାନେ ସୂଚନା ଦେଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ନେତୃତ୍ୱ ଓ ଦକ୍ଷତାର ବିକାଶ ନିମନ୍ତେ ଏହି କାର୍ଯ୍ୟକ୍ରମ କରାଯାଉଛି। ରୋଟାରି କ୍ଲବର ୩୨୬୧ ଡିଷ୍ଟ୍ରିକ୍ଟ ଅଧୀନସ୍ଥ ଓଡିଶା, ଛତିଶଗଡ ଓ ମଧପ୍ରଦେଶର ବିଭିନ୍ନ ବିଦ୍ୟାଳୟରୁ ୨ ଶହରୁ ଅଧିକ ଛାତ୍ରୀଛାତ୍ର ସ୍ଥାନୀୟ ଶାସନସ୍ଥିତ ବୈଦିକ ଇଣ୍ଟରନ୍ୟାଶନାଲ ସ୍କୁଲଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେବେ। ୨୭ ତାରିଖ ଉଦ୍‌ଘାଟନୀ ଉତ୍ସବରେ ରୋଟାରି ଇଣ୍ଟରନ୍ୟାଶନାଲର ନିର୍ଦ୍ଦେଶକ ଅନିରୁଦ୍ଧ ରାୟଚୌଧୁରୀ, ଡିଷ୍ଟ୍ରିକ୍ଟ ଗଭର୍ନର ଶଶାଙ୍କ ରସ୍ତୋଗିଙ୍କ ସମେତ ଅନ୍ୟ ଅତିଥିମାନେ ସାମିଲ ହେବେ।

# ଉନ୍ନୟନମୂଳକ କାର୍ଯ୍ୟ ଦେଖିଲେ ଜିଲାପାଳ

**ନାକଟିଦେଉଳ,୨୧।୧୨(ଡି.ଏନ.ଏ.)**

ସମ୍ବଲପୁର ଜିଲାପାଳ ଅନନ୍ୟା ଦାସ ବୁଧବାର ନାକଟିଦେଉଳ ବ୍ଲକ ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବୁଲି ଦେଖିଥିଲେ। ଜିଲାପାଳ ଦାସ କିସିଣ୍ଡା ପଞ୍ଚାୟତର ମାଛୁଡ଼ିହ କେନାଲ କାର୍ଯ୍ୟ, ଗିରିଶ୍ଚନ୍ଦ୍ରପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ଅଭାବ ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଗିରିଶ୍ଚନ୍ଦ୍ରପୁର ସେବାଶ୍ରମ ଉଚ୍ଚବିଦ୍ୟାଳୟକୁ ଯାଇ ଛାତ୍ରୀ ନିବାସ ଓ ଅତିରିକ୍ତ ଶ୍ରେଣୀଗୃହ ବୁଲି ଦେଖିଥିଲେ। ଏଠାରେ ପାନୀୟ ଜଳ ସମସ୍ୟା ସମାଧାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ସେ ବଳମ ପଞ୍ଚାୟତ ମହୁକୁଦର ଗୋଗୁଆ କଟା କାର୍ଯ୍ୟ ଓ ସରାପାଲିସ୍ଥିତ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟକୁ ଯାଇ ଛାତ୍ରୀନିବାସ ପରିଦର୍ଶନ କରିଥିଲେ। ପରେ ଜିଲାପାଳ ବଳମ ପଞ୍ଚାୟତର ମିଶନଶକ୍ତି ଗୃହକୁ ଯାଇ ବିଭିନ୍ନ ମହିଳା ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟାଙ୍କୁ ଭେଟି ଆଲୋଚନା କରିବା ସହ ଏସ୍‌ଏଚ୍‌ଜି ଗୋଷ୍ଠୀ ଦ୍ୱାରା ପରିଚାଳିତ କୁକୁଡ଼ା ଫାର୍ମ ପରିଦର୍ଶନ କରିଥିଲେ। ଜିଲାପାଳଙ୍କ ସହିତ ଅତିରିକ୍ତ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ, ନାକଟିଦେଉଳ ବିଡିଓ ବିବେକାନନ୍ଦ ସାହୁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।


ପ୍ରକଳ୍ପ ବୁଲିଦେଖିବା ଅବସରରେ ଜିଲାପାଳ ଓ ଅନ୍ୟ ଅଧିକାରୀ।

**କଶ୍ମୀରରେ ଅପହରଣ, ପୁଣେରୁ ଉଦ୍ଧାର**

କଶ୍ମୀରରୁ ଅପହୃତ ଜଣେ ନାବାଳିକାଙ୍କୁ ବୁଧବାର ପୁଣେରୁ ଉଦ୍ଧାର କରାଯାଇଛି। ନଭେମ୍ବର ୧୬ରୁ ତାଙ୍କୁ ଅପହରଣ କରାଯାଇଥିଲା। ଛତିଶଗଡ଼ ବାସିନ୍ଦା ଅଭିଯୁକ୍ତ ମହେନ୍ଦ୍ର ନିଶାଦଙ୍କୁ ପୋଲିସ ଗିରଫ କରିଛି। ନାବାଳିକାଙ୍କୁ ତାଙ୍କ ମାବାପାଙ୍କୁ ହସ୍ତାନ୍ତର କରାଯାଇଥିବାବେଳେ ପୋଲିସ ଘଟଣାର ତଦନ୍ତ ଚଳାଇଛି।



ଚାଇନାରେ କୋଭିଡ୍-୧୯ ସଂକ୍ରମଣ ବଢ଼ିବାରେ ଲାଗିଥିବାବେଳେ ଦେଶବ୍ୟାପୀ ଔଷଧ ସଙ୍କଟ ସୃଷ୍ଟି ହେଲାଣି। ଫ୍ଲୁ ଭଳି ଲକ୍ଷଣ ଦେଖାଦେଲେ ମଧ୍ୟ ଲୋକେ ଜ୍ୱର ଔଷଧ ଓ ପେନ୍‌କିଲର କିଣିବାକୁ ଭିଡ଼ ଜମାଉଛନ୍ତି। ହସ୍ପିଟାଲଗୁଡ଼ିକରେ ସ୍ଥାନାଭାବ ହେତୁ ବେଜିଂର ଏକ ସ୍ପୋର୍ଟ୍ସ କମ୍ପ୍ଲେକ୍ସକୁ କ୍ଲିନିକରେ ପରିବର୍ତ୍ତିତ କରାଯାଇଛି।




ଭାରତ-ଚାଇନା ସୀମା ବିବାଦ ଏବଂ ଜାତୀୟ ସୁରକ୍ଷା ଉପରେ ବିତର୍କ ଦାବିକରି କଂଗ୍ରେସ ପାର୍ଲାମେଣ୍ଟରେ ହୋହଲ୍ଲା ଜାରି ରଖିଛି। ସଂସଦ ପରିସରରେ ଥିବା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ସାମ୍ନାରେ ବୁଧବାର କଂଗ୍ରେସ ଏମ୍‌ପି ସୋନିଆ ଗାନ୍ଧୀଙ୍କ ସହ ପି. ଚିଦାମ୍ବରମ୍ ଓ ଅନ୍ୟ ସଦସ୍ୟମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

## ସଂକ୍ଷେପରେ

### କଶ୍ମୀରରେ -୬.୨ ଡିଗ୍ରୀକୁ ଖସିଲା ପାରଦ

**ଶ୍ରୀନଗର, ୨୧।୧୨:** କଶ୍ମୀରର ଚିଲ୍ଲାଇ କାଲନରେ ବୁଧବାର ସର୍ବନିମ୍ନ ତାପମାତ୍ରା -୬.୨ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଛି। ଶ୍ରୀନଗର ସମେତ ଦକ୍ଷିଣ କଶ୍ମୀରର ପର୍ଯ୍ୟଟନସ୍ଥଳ ଫାହାଲଗାମରେ ମଧ୍ୟ ସମାନ ତାପମାତ୍ରା ରେକର୍ଡ କରାଯାଇଥିବା ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସ୍ଥାନୀୟ ଲୋକେ ଶୀତଦାଉରୁ ରକ୍ଷା ପାଇବା ଲାଗି ଅଗ୍ନିକୁଣ୍ଡ ବ୍ୟବହାର କରୁଛନ୍ତି। ଅନ୍ୟପକ୍ଷେ ନିୟମିତ ବିଦ୍ୟୁତ୍ କାଟ୍ ଯୋଗୁ ଅଞ୍ଚଳବାସୀଙ୍କୁ ବହୁ ଅସୁବିଧା ଦେଇ ଗତି କରିବାକୁ ପଡୁଛି।

### ଅଙ୍କିତା ହତ୍ୟା ମାମଲା
### ସିବିଆଇ ତଦନ୍ତ ଆବେଦନ ଖାରଜ



**ଡେରାଡୁନ୍, ୨୧।୧୨:** ଉତ୍ତରାଖଣ୍ଡର ବହୁଚର୍ଚ୍ଚିତ ରିସେପ୍ସନାଲିଷ୍ଟ ଅଙ୍କିତା ଭଣ୍ଡାରି ହତ୍ୟା ମାମଲାର ସିବିଆଇ ତଦନ୍ତ ନେଇ ହାଇକୋର୍ଟରେ କରାଯାଇଥିବା ଆବେଦନକୁ ଖଣ୍ଡପୀଠ ଖାରଜ କରିଛନ୍ତି। ବରିଷ୍ଠ ବିଚାରପତି ସଞ୍ଜୟ୍ କୁମାର ସିଂଙ୍କ ଏକକ ଖଣ୍ଡପୀଠ ବୁଧବାର ଏହାର ଶୁଣାଣି କରିଥିଲେ। ହତ୍ୟା ମାମଲାର ତଦନ୍ତ ଏସ୍‌ଆଇଟି (ସ୍ୱତନ୍ତ୍ର ଯାଞ୍ଚ ଏଜେନ୍ସି) ଠିକ୍ ଭାବେ କରୁଥିବା ବିଚାରପତି କହିଥିଲେ। ଗତ ନଭେମ୍ବର ୪ରେ ଅଙ୍କିତାଙ୍କ ମା' ସୋନା ଦେବୀ ଏବଂ ବାପା ବିରେନ୍ଦର ସିଂ ସିବିଆଇ ଯାଞ୍ଚ ନେଇ ଆବେଦନ କରିଥିଲେ। ଭାଜପା ନେତା ବିନୋଦ ଆର୍ଯ୍ୟଙ୍କ ପୁଅ ପୁଲକିତଙ୍କ ରିସୋର୍ଟରେ ଅଙ୍କିତା (୧୯) ରିସେପ୍ସନାଲିଷ୍ଟ ଭାବେ କାର୍ଯ୍ୟ କରୁଥିଲେ। ଅନ୍ୟପକ୍ଷେ ହତ୍ୟାକାଣ୍ଡରେ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କ ବିରୋଧରେ ପୋଲିସ ଚାର୍ଜଶିଟ୍ ଦାଖଲ କରିଛି। ସେପ୍ଟେମ୍ବର ୨୪ରେ ଚିଲା କେନାଲରୁ ଅଙ୍କିତାଙ୍କ ମୃତଦେହ ପୋଲିସ ଜବତ କରିଥିଲା।

### ସ୍କୁଲ ବସ୍ ଦୁର୍ଘଟଣା: ୭ ମୃତ



**ଗୁଆହାଟି, ୨୧।୧୨:** ମଣିପୁର ନୋନି ଜିଲା ଖୋଉପମ୍‌ରେ ବୁଧବାର ସ୍କୁଲ ବସ୍ ଦୁର୍ଘଟଣାରେ ୭ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରୁ ୬ ଜଣ ଶିକ୍ଷାର୍ଥୀ ଓ ଜଣେ ଶିକ୍ଷକ ଥିବା ଜଣାପଡ଼ିଛି। ବସ୍‌ଟି ଏକ ପାହାଡ଼ିଆ ଇଲାକା ଦେଇ ଯାଉଥିବାବେଳେ ନିୟନ୍ତ୍ରଣ ହରାଇବା ଦ୍ୱାରା ଏହି ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି। ଥାମ୍ବାଲନୁର ସ୍କୁଲ ବସ୍ ପିଲାଙ୍କୁ ନେଇ ଷ୍ଟଡିଟୁରରୁ ଫେରୁଥିବାବେଳେ ଏହି ଦୁର୍ଘଟଣା ଘଟିଥିବା ପୋଲିସ କହିଛି। ଘଟଣାସ୍ଥଳରେ ୫ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଦୁର୍ଘଟଣାରେ ୨୦ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି।

# ମୁକୁଳିବେ ବିକିନି କିଲର୍

## ଚାର୍ଲ୍ସ ଶୋଭରାଜଙ୍କୁ ଜେଲରୁ ମୁକ୍ତ କରିବାକୁ ନେପାଳ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ



**କାଠମାଣ୍ଡୁ, ୨୧।୧୨**

'ଦି ସର୍ପେଣ୍ଟ' ନାମରେ କୁଖ୍ୟାତ ଫ୍ରାନ୍ସର ସିରିଏଲ୍ କିଲର ଚାର୍ଲ୍ସ ଶୋଭରାଜ ଏବେ ପୁଣି ଚର୍ଚ୍ଚାରେ। ଏଥର କୌଣସି ଅପରାଧ ପାଇଁ ନୁହେଁ, ବରଂ ନେପାଳ ଜେଲରୁ ଦୀର୍ଘ ୧୯ ବର୍ଷ ପରେ ମୁକ୍ତିକୁ ନେଇ ଚାର୍ଲ୍ସ ଚର୍ଚ୍ଚିତ ହୋଇଛନ୍ତି। ନେପାଳର ସୁପ୍ରିମକୋର୍ଟ ଚାର୍ଲ୍ସଙ୍କୁ ମୁକ୍ତ କରିବା ପାଇଁ ବୁଧବାର ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ମୁକ୍ତ ହେବାର ୧୫ ଦିନ ମଧ୍ୟରେ ତାଙ୍କୁ ପ୍ରତ୍ୟର୍ପଣ କରିବାକୁ ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶ ରହିଛି।

ଚୋରିରୁ ନେଇ ସଶସ୍ତ୍ର ଡକାୟତି ଭଳି ଅପରାଧ ଯୋଗୁ ଶୋଭରାଜ ଅନେକ ଥର ଗିରଫ ହୋଇ ଜେଲ ଯାଇଛନ୍ତି। କିନ୍ତୁ ସେ ସବୁବେଳେ ମୁକୁଳିଯାଆନ୍ତି କିମ୍ବା ଖସିଯିବାରେ ସମର୍ଥ ହୁଅନ୍ତି। ଯେମିତି କି ଥରେ ସେ ଅସୁସ୍ଥ ଥିବା ବାହାନା କରି ହସ୍ପିଟାଲର ଜଣେ ଗାର୍ଡଙ୍କୁ ଡ୍ରଗ୍ସ ଦେଇଥିଲେ ଏବଂ ଫେରାର ହୋଇଯାଇଥିଲେ। କିନ୍ତୁ ୧୯୭୬ରେ ଶୋଭରାଜଙ୍କ ଅପରାଧ ତାଙ୍କ ସହ ଧରାପଡ଼ିବା ଆରମ୍ଭ ହୋଇଥିଲା। ନୂଆଦିଲ୍ଲୀର ଏକ ହୋଟେଲ ଲବିରେ ୩୦ ଇଞ୍ଜିନିୟରିଂ ଛାତ୍ରୀଛାତ୍ରଙ୍କୁ ବିଷ ଦେବା ଅଭିଯୋଗରେ ଚାର୍ଲ୍ସ ଶୋଭରାଜଙ୍କ ସହ ତାଙ୍କର ଦୁଇ ସହଯୋଗୀ ଲେକ୍ଲର୍କ, ସ୍ମିଥ୍ ଓ ଏଥର୍ ଧରାପଡ଼ିଥିଲେ। ପୋଲିସ ଜେରାବେଳେ ଏହା ମଧ୍ୟ ସାମ୍ନାକୁ ଆସିଥିଲା ଯେ ଫ୍ରାନ୍ସର ଟୁରିଷ୍ଟ ଜିନ୍‌ଲୁକ୍ ସୋଲୋମୋନ ଶୋଭରାଜଙ୍କ ବିଷରେ ପ୍ରାଣ ହରାଇଥିଲେ। ଶୋଭରାଜଙ୍କୁ ତିହାର ଜେଲରେ ୧୧ରୁ ୧୨ ବର୍ଷ ପାଇଁ ଜେଲ ଦଣ୍ଡାଦେଶ ହୋଇଥିଲା। ସେ ବ୍ଲାକ୍‌ମେଲ, ଲାଞ୍ଚ ଆଦିର ସହାୟତା ନେଇ ଜେଲ ଭିତରେ ଅନେକ ସୁବିଧା ହାସଲ କରିଥିଲେ। ଟିଭି, ଭଲ ଖାଦ୍ୟ, ଟାଇପ୍ ରାଇଟର ଏବଂ ଏପରି କି ଡ୍ରଗ୍ସ ମଧ୍ୟ ପାଇପାରିଥିଲେ। ଚାର୍ଲ୍ସ ଦୁଇଜଣ ଆମେରିକୀୟ ପର୍ଯ୍ୟଟକଙ୍କୁ ହତ୍ୟା ଅଭିଯୋଗରେ ୨୦୦୩ରୁ ନେପାଳର ଜେଲରେ ବନ୍ଦୀ ଅଛନ୍ତି। ବୟସ ଓ ସ୍ୱାସ୍ଥ୍ୟଗତ କାରଣରୁ ତାଙ୍କୁ ମୁକ୍ତ କରିବା ପାଇଁ ନେପାଳ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜେଲରୁ ତାଙ୍କୁ ଅପ୍ରବାସନ ଅଫିସକୁ ପଠାଇଦିଆଯିବ। ଯଥାଶୀଘ୍ର ସମ୍ଭବ ତାଙ୍କ ପ୍ରତ୍ୟର୍ପଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ଚାର୍ଲ୍ସଙ୍କ ଓକିଲ ଲୋକ ଭକ୍ତ ରାଣା ସୂଚନା ଦେଇଛନ୍ତି।

୭୮ ବର୍ଷୀୟ ଚାର୍ଲ୍ସ ଶୋଭରାଜଙ୍କ ବାପା ଜଣେ ଭାରତୀୟ ଓ ମା' ଭିଏତ୍‌ନାମ ନାଗରିକ ଥିଲେ। ବିକିନି କିଲର୍ ନାମରେ ପରିଚିତ ଏହି ଚାଲାକ ଚତୁର ଅପରାଧୀ ୧୯୭୫ରେ ଫେକ୍ ପାସ୍‌ପୋର୍ଟ ବ୍ୟବହାର କରି ନେପାଳକୁ ପ୍ରବେଶ କରିଥିଲେ। ସେଠାରେ ସେ ଦୁଇଜଣଙ୍କୁ ହତ୍ୟା କରିଥିଲେ। ହତ୍ୟାର ଶିକାର ହୋଇଥିଲେ ଆମେରିକୀୟ କୋନ୍ନିଏ ବୋରୋଞ୍ଜିକ୍(୨୯) ଏବଂ ତାଙ୍କ କାନାଡୀୟ ଗର୍ଲଫ୍ରେଣ୍ଡ୍ ଲରେଣ୍ଟ କେରି(୨୬)। ୨୦୦୩ ସେପ୍ଟେମ୍ବର ୧ରେ ଚାର୍ଲ୍ସଙ୍କୁ ନେପାଳର ଏକ କ୍ୟାସିନୋ ବାହାରେ ଦେଖିବାକୁ ମିଳିଥିଲା। ଏକ ଖବରକାଗଜରେ ଚାର୍ଲ୍ସଙ୍କ ଫଟୋ ପ୍ରକାଶ ପାଇବା ପରେ ପୋଲିସ ତାଙ୍କୁ ଗିରଫ କରି ଜେଲକୁ ପଠାଇଦେଇଥିଲା। କାଣ୍ଡମାଣ୍ଡୁ ଜେଲରେ ଚାର୍ଲ୍ସ ୨୧ ବର୍ଷ ଦଣ୍ଡାଦେଶ ଭୋଗିସାରିଲେଣି।

### ଫିଲ୍ମ ପରଦାରେ ଶୋଭରାଜ

ଚାର୍ଲ୍ସ ଶୋଭରାଜ ଯୌବନ ସମୟରେ ଭିଆଇଥିବା କାରନାମାକୁ ନେଇ ଗତବର୍ଷ ନେଟ୍‌ଫ୍ଲିକ୍ସରେ 'ଦି ସର୍ପେଣ୍ଟ' ଆସିଥିଲା। ଏଥିରେ ଫ୍ରାନ୍ସ ବଂଶୋଦ୍ଭବ ଆଲଜେରିଆ ଅଭିନେତା ତହର ରହିମ୍ ଶୋଭରାଜଙ୍କ ଭୂମିକା ନିଭାଇଥିଲେ। ୮ ଏପିସୋଡ୍ ବିଶିଷ୍ଟ ଏହି ସିରିଜରେ ଶୋଭରାଜଙ୍କୁ ଜଣେ ନିର୍ଦ୍ଦୟ ହତ୍ୟାକାରୀ ରୂପେ ଦର୍ଶାଯାଇଛି। ୧୯୭୦ ଦଶକରେ ପ୍ୟାରିସର ସବୁଠୁ ଘୃଣ୍ୟ ଅପରାଧକୁ ପରଦାକୁ ଏଥିରେ ପ୍ରଦର୍ଶିତ କରାଯାଇଥିଲା। ପାର୍ଟନର ମେରି ଆଣ୍ଡ୍ରି ଲେକ୍ଲର୍କଙ୍କ ସହ ମିଶି ସେ ଅନେକ ଲୋକଙ୍କୁ ଡ୍ରଗ୍ସ ଦେଇ ଲୁଟିଛନ୍ତି। କେତେକ ମାମଲାରେ ସେ ଆହୁରି ଆଗକୁ ବଢ଼ି ହତ୍ୟା ମଧ୍ୟ କରିଛନ୍ତି। ତାଙ୍କର ଏଭଳି ଅପରାଧ କାରଣରୁ ଶୋଭରାଜଙ୍କୁ ତିନୋଟି ନିକ୍‌ନେମ ମିଳିଛି: ଦି ବିକିନି କିଲର, ଦି ସ୍ପ୍ଲିଟିଂ କିଲର ଓ ଦି ସର୍ପେଣ୍ଟ। ଏହା ପୂର୍ବରୁ ୨୦୧୫ରେ ଶୋଭରାଜଙ୍କ ଜୀବନୀ ଆଧାରିତ 'ମୈ ଔର ଚାର୍ଲ୍ସ' ଶୀର୍ଷକ ସିନେମା ଆସିଥିଲା। ଏଥିରେ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ରଣଦୀପ ହୁଡା।



ନେଟ୍‌ଫ୍ଲିକ୍ସରେ ପ୍ରସାରିତ 'ଦି ସର୍ପେଣ୍ଟ'ରେ ଚାର୍ଲ୍ସ ଶୋଭରାଜଙ୍କ ଭୂମିକାରେ ଅଭିନେତା ତହର ରହିମ୍। ତାଙ୍କ ସହ ଗର୍ଲଫ୍ରେଣ୍ଡ୍ ମେରି ଆଣ୍ଡ୍ରି ଲେକ୍ଲର୍କ ଭୂମିକାରେ ନଜର ଆସିଥିବା ଅଭିନେତ୍ରୀ ଜେନା କୋଲ୍‌ମ୍ୟାନ୍।

## ଇମ୍ରାନ୍‌ଙ୍କ ଆପତ୍ତିଜନକ ଅଡିଓ ଭାଇରାଲ୍



**ଇସ୍‌ଲାମାବାଦ୍, ୨୧।୧୨**

ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ 'ସେକ୍ସ କଲ୍' ରେକର୍ଡ ସୋସିଆଲ ମିଡିଆରେ ଭାଇରାଲ୍ ହୋଇଛି। ଇମ୍ରାନ୍ ଦୁଇଜଣ ମହିଳାଙ୍କ ସହ ଫୋନ୍‌ରେ ଆପତ୍ତିଜନକ ବାର୍ତ୍ତାଳାପ କରୁଥିବାର ଭାଇରାଲ ହୋଇଥିବା ଅଡିଓରେ ଶୁଣିବାକୁ ମିଳିଛି। ତେବେ ଏହି ଅଡିଓ ମିଛ ବୋଲି ଇମ୍ରାନ୍‌ଙ୍କ ଦଳ ପାକିସ୍ତାନ ତେହରିକ-ଇ-ଇନ୍‌ସାଫ୍ କହିଛି। ଏହି ଅଡିଓ କ୍ଲିପ୍‌କୁ ପାକିସ୍ତାନ ଖବରଦାତା ସୟେଦ ଅଲି ହେଦର ନିଜ ୟୁଟ୍ୟୁବ୍ ଚ୍ୟାନେଲରେ ପ୍ରଥମେ ଅପ୍‌ଲୋଡ୍ କରିଥିବାବେଳେ ବର୍ତ୍ତମାନ ଏହା ସ୍ଥାନୀୟ ଗଣମାଧ୍ୟମ ଚ୍ୟାନେଲଗୁଡ଼ିକରେ ଉପଲବ୍ଧ ଅଛି। ଭାଇରାଲ ହୋଇଥିବା ଦୁଇଟିଯାକ ଅଡିଓ ଭିତରୁ ଗୋଟିଏ ୨୦୦୮-୦୯ର ହୋଇଥିବା କୁହାଯାଉଛି। ତେବେ ଏହାର ଫରେନ୍ସିକ୍ ଯାଞ୍ଚ କରାଯାଉ ବୋଲି ସୟେଦ କହିଛନ୍ତି। ଇମ୍ରାନ୍‌ଙ୍କୁ ପାକିସ୍ତାନ ପ୍ରଧାନମନ୍ତ୍ରୀ ପଦରୁ ହଟାଯିବା ପରେ ଏକାଧିକ ସଙ୍ଗିନ ଅଭିଯୋଗ ତାଙ୍କ ବିରୋଧରେ ଆସିବାରେ ଲାଗିଛି। ଅଡିଓ କ୍ଲିପ୍ ଭାଇରାଲ ନେଇ ଇମ୍ରାନ୍‌ଙ୍କ କୌଣସି ପ୍ରତିକ୍ରିୟା ମିଳିନାହିଁ। ଗତ ନଭେମ୍ବରରେ ଇମ୍ରାନ୍ ଖାନ୍ ଦେଶବ୍ୟାପୀ ସରକାର ବିରୋଧୀ ଆନ୍ଦୋଳନ ଚଳାଇଥିବାବେଳେ ତାଙ୍କ ଉପରକୁ ଗୁଳିମାଡ କରାଯାଇଥିଲା।

## ୟୁନିଭର୍ସିଟି ଫାଟକରେ ଛିଡ଼ା ହେଲେ ଶତାଧିକ ଛାତ୍ରୀ

**କାବୁଲ୍, ୨୧।୧୨:** ବୁଧବାର ଶତାଧିକ ଛାତ୍ରୀ ଆଫଗାନ ୟୁନିଭର୍ସିଟି ଫାଟକ ଆଗରେ ଛିଡ଼ା ହୋଇଥିବା ଦେଖିବାକୁ ମିଳିଥିଲା। ସେମାନଙ୍କୁ ୟୁନିଭର୍ସିଟି ସୁରକ୍ଷା ଗାର୍ଡ ପରିସର ଭିତରକୁ ପ୍ରବେଶ କରିବାକୁ ଦେଇ ନ ଥିଲେ। ମଙ୍ଗଳବାର ତାଲିବାନୀ ସରକାର ଝିଅମାନଙ୍କ ଉଚ୍ଚଶିକ୍ଷାକୁ ନିଷିଦ୍ଧ ଘୋଷଣା କରିବା ପରେ ୟୁନିଭର୍ସିଟି କର୍ତ୍ତୃପକ୍ଷ ଏହାକୁ କଡ଼ାକଡ଼ି ପାଳନ କରିଥିବା ଦେଖିବାକୁ ମିଳିଛି। ହିଜାବ ପରିଧାନ କରିଥିବା ଛାତ୍ରୀ କାବୁଲସ୍ଥିତ ୟୁନିଭର୍ସିଟି ଗେଟ୍ ସମ୍ମୁଖରେ ବହୁ ଘଣ୍ଟା ଧରି ଛିଡ଼ା ହୋଇଥିବାବେଳେ ତାଙ୍କୁ ନିରାଶ ହୋଇ ଫେରିବାକୁ ପଡ଼ିଥିଲା। ତେବେ କଠୋରପନ୍ଥୀ ତାଲିବାନୀ ଶାସକଙ୍କ ଏହି ନିଷ୍ପତ୍ତି ଝିଅମାନଙ୍କ ଜୀବନ ବରବାଦ କରିଦେବ ବୋଲି ଛାତ୍ରୀମାନେ କହିଛନ୍ତି।



## ରେକ୍ଟମରୁ ବାହାରିଲା ପ୍ରଥମ ବିଶ୍ୱଯୁଦ୍ଧ ବେଳର ବୋମା



### ଅସ୍ତ୍ରୋପଚାର ଲାଗି ହସ୍ପିଟାଲ କରାଗଲା ଖାଲି

**ପ୍ୟାରିସ୍ ୨୧।୧୨**

ଫ୍ରାନ୍ସର ଟୋଉଲନରେ ଥିବା ସେଣ୍ଟେ ମୁସେ ହସ୍ପିଟାଲରେ ଜଣେ ୮୮ବର୍ଷୀୟ ବୃଦ୍ଧଙ୍କ ରେକ୍ଟମ (ମଳଦ୍ୱାର)ରୁ ପ୍ରଥମ ବିଶ୍ୱଯୁଦ୍ଧ ବେଳର ବୋମା ସଫଳତାର ସହ ବାହାର କରାଯାଇଛି। ତେବେ ଏହି ଅସ୍ତ୍ରୋପଚାର ଲାଗି ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ହସ୍ପିଟାଲର କିଛି ଭାଗକୁ ଖାଲି କରିବାକୁ ପଡ଼ିଥିଲା। ମୋବା ଡିସ୍‌ପୋଜାଲ୍ ଟିମ୍ ଉପସ୍ଥିତିରେ ଗତ ଶନିବାର ରାତି ପ୍ରାୟ ସାଢ଼େ ୧୧ଟାବେଳେ ଏହି ଅସ୍ତ୍ରୋପଚାର କରାଯାଇଥିଲା। ଡାକ୍ତରୀ ଦଳର ସହଯୋଗ ଓ ବହୁ ସତର୍କତା ଅବଲମ୍ବନ ପରେ ବୃଦ୍ଧାଙ୍କ ମଳଦ୍ୱାରରୁ ବୋମାଟିକୁ ବାହାର କରାଯାଇଥିଲା, ଯାହାର ଲମ୍ବ ୨୦ ସେଣ୍ଟିମିଟର ହୋଇଥିବାବେଳେ ଚଉଡ଼ା ୫ ସେଣ୍ଟିମିଟର । ବୃଦ୍ଧାଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ଠିକ୍ ଥିବା ଡାକ୍ତର କହିଛନ୍ତି।

## ଗର୍ଲଫ୍ରେଣ୍ଡଙ୍କୁ ସରପ୍ରାଇଜ୍ ପାର୍ଟି ଦେଲେ ବେଜୋସ୍



**ୱାଶିଂଟନ୍, ୨୧।୧୨**

ଇ-କମର୍ସ କମ୍ପାନୀ ଆମାଜନ ମାଲିକ ଜେଫ୍ ବେଜୋସ୍ ଗର୍ଲଫ୍ରେଣ୍ଡ୍ ଲଉରେନ୍ ସାନ୍‌ଚେଜ୍‌ଙ୍କ ଜନ୍ମଦିନରେ ସରପ୍ରାଇଜ୍ ପାର୍ଟି ଦେଇଛନ୍ତି। ଏହାର ଫଟୋ ଲଉରେନ୍ ନିଜ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। ପାର୍ଟିରେ ଆମେରିକୀୟ ବ୍ୟବସାୟୀ କିମ୍ କାରଡାଶିଆନ୍‌ଙ୍କ ସମେତ ୫୩ ବର୍ଷୀୟା ଲଉରେନ୍‌ଙ୍କ ବହୁ ଘନିଷ୍ଠ ବନ୍ଧୁ ସାମିଲ ହୋଇଥିଲେ।

## ସରପଞ୍ଚ ହେବା ପାଇଁ ଡାକ୍ତରୀ ପାଠ ଛାଡ଼ିଲେ

**ପୁଣେ, ୨୧।୧୨**

ଜର୍ଜିଆରେ ଡାକ୍ତରୀ ପାଠ ପଢୁଥିବା ଯଶୋଧରା ଶିନ୍ଦେ (୨୧) ଗାଁରେ ସରପଞ୍ଚ ନିର୍ବାଚନ ଲଢ଼ିବା ପାଇଁ ଅଧାରୁ ପାଠପଢ଼ା ଛାଡ଼ି ଚାଲିଆସିଛନ୍ତି। ମହାରାଷ୍ଟ୍ର ସାଙ୍ଗଲି ଜିଲା ମିରାଜ ତହସିଲ ଅନ୍ତର୍ଗତ ଭାଡ୍ଡି ଗ୍ରାମରେ ଯଶୋଧରାଙ୍କ ଘର। ଚଳିତ ମାସ ୧୮ ତାରିଖରେ ଏଠାରେ ସରପଞ୍ଚ ନିର୍ବାଚନ ହୋଇଥିଲା। ଗ୍ରାମବାସୀ ଜଣେ ଏମିତି ପ୍ରାର୍ଥୀଙ୍କୁ ଇଲେକ୍ସନରେ ଛିଡ଼ା କରିବାକୁ ଚାହୁଁଥିଲେଯେ, ଏହି ଦାୟିତ୍ୱକୁ ଭଲଭାବେ ତୁଲାଇ ପାରୁଥିବ। ଗାଁ ଲୋକେ ଏହି ଗୁରୁତ୍ୱପୂର୍ଣ୍ଣ ପଦ ଲାଗି ଯଶୋଧରାଙ୍କୁ ବାଛିଲେ। ନିଷ୍ପତ୍ତି ପରେ ତାଙ୍କ ଘରଲୋକ ଯଶୋଧରାଙ୍କୁ ସବୁକଥା ଜଣାଇଥିଲେ। ସରପଞ୍ଚ ନିର୍ବାଚନ ଲଢ଼ିବା ଲାଗି ରାଜି ହୋଇ ସେ ଅଧାରୁ ପଢ଼ା ଛାଡ଼ି ଜର୍ଜିଆରୁ ମହାରାଷ୍ଟ୍ର ଚାଲିଆସିଥିଲେ।

ଫଳାଫଳ ଯଶୋଧରାଙ୍କ ସପକ୍ଷରେ ଯିବାପରେ ଭିଡ୍ଡାର ବିକାଶ ଦିଗରେ ସେ କାମ କରିବେ ବୋଲି କହିଛନ୍ତି। ମହିଳା ସଶକ୍ତୀକରଣ, ଶିଶୁ ବିକାଶ ଓ ପିଲାମାନଙ୍କୁ ମଡର୍ନ ଶିକ୍ଷା ପଦ୍ଧତି ଯୋଗାଇ ଦେବା ଦିଗରେ ସେ କାର୍ଯ୍ୟ କରିବେ ବୋଲ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ଗାଁର ୭୦ରୁ ୮୦% ଲୋକ କୃଷି ଉପରେ ନିର୍ଭର କରୁଥିବାବେଳେ ଏହାର ବିକାଶ ଦିଗରେ କାର୍ଯ୍ୟ କରିବେ। ମେଡିକାଲ ପାଠ୍ୟକ୍ରମ ଅଧାରୁ ଛାଡ଼ି ଆସିଥିବା ଯଶୋଧରା ଅନ୍‌ଲାଇନ୍‌ରେ କ୍ଲାସ କରୁଛନ୍ତି। ପଢ଼ା ଶେଷ ହେବା ଲାଗି ଆଉ ଦେଢ଼ବର୍ଷ ବାକି ରହିଛି। ଏ ନେଇ ତାଙ୍କ ବନ୍ଧୁମାନେ ସହଯୋଗ କରୁଛନ୍ତି।



ଯଶୋଧରା ଶିନ୍ଦେ

## 'ଜଣେ ବୋକା ମିଳିଗଲେ ଇସ୍ତଫା ଦେବି'

### ପୋଲ୍ ରେଜଲ୍ଟର ୨ ଦିନ ପରେ ପ୍ରତିକ୍ରିୟା ରଖିଲେ ମସ୍କ

**ୱାଶିଂଟନ୍, ୨୧।୧୨**

ଜଣେ ବୋକା ମିଳିଲା ପରେ ସିଇଓ ପଦରୁ ଇସ୍ତଫା ଦେବେ ବୋଲି ମାଇକ୍ରୋବ୍ଲଗିଙ୍ଗ୍ ଆପ୍ ଟୁଇଟର ମାଲିକ ଏଲନ ମସ୍କ କହିଛନ୍ତି। ମସ୍କଙ୍କ ଏପରି ପ୍ରତିକ୍ରିୟା ଆସିବାର କାରଣ ହେଉଛି, ଗତ ରବିବାର ସେ ଟୁଇଟରର ସିଇଓ ପଦରୁ ଓହରିଯିବା ଉଚିତ୍ ବୋଲି କି? ପ୍ରଶ୍ନ କରି ଏକ ଅନ୍‌ଲାଇନ୍ ପୋଲ୍ ଭୋଟିଂ କରିଥିଲେ। ପୋଲ୍‌ର ରେଜଲ୍ଟ ଅନୁସାରେ ମସ୍କ ନିଜ ଆଗାମୀ ନିଷ୍ପତ୍ତି ନେବେ ବୋଲି ଏକ ପୋଷ୍ଟ ଜରିଆରେ କହିଥିଲେ। ଏହାର ଗୋଟିଏ ଦିନ ପରେ ପୋଲ୍ ରେଜଲ୍ଟ ପ୍ରକାଶ ପାଇଥିଲା, ଯେଉଁଥିରେ ମସ୍କ ସିଇଓ ପଦରୁ ଓହରିଯିବା ଦରକାର ବୋଲି ୫୭.୫% ୟୁଜର୍ସ ମତ ଦେଇଥିବାବେଳେ ମାତ୍ର ୪୨% ଟୁଇଟର ୟୁଜର୍ସ ଏହାକୁ ବିରୋଧ କରିଥିଲେ। ୟୁଜର୍ସଙ୍କ ବହୁମତ ଅନୁସାରେ ମସ୍କ ସିଇଓ ପଦରୁ ଓହରିଯିବା କଥା। କିନ୍ତୁ ପୋଲ ରେଜଲ୍ଟ ପ୍ରକାଶ ପାଇବାପରେ ସେ ତୁରନ୍ତ କୌଣସି ପ୍ରତିକ୍ରିୟା ଦେଇ ନ ଥିବାବେଳେ ଏହାର ଦୁଇଦିନ ପରେ ସେ ଏ କଥା କହିଛନ୍ତି। ପାଖାପାଖି ୧୭ ନିୟୁତ ୟୁଜର୍ସ ଏହି ପୋଲ୍‌ରେ ଅଂଶଗ୍ରହଣ କରିଥିଲେ।

ଏହାପୂର୍ବରୁ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟୁଇଟର ଆକାଉଣ୍ଟରୁ ବ୍ୟାନ୍ ହଟାଇବା ଲାଗି ମସ୍କ ୟୁଜର୍ସଙ୍କ ମତ ଲୋଡ଼ିଥିଲେ, ଯାହାପାଇଁ ସେ ଏହି ପ୍ରକାରେ ଏକ ପୋଲ ବ୍ୟବସ୍ଥା କରିଥିଲେ। ଏବେ ନିଜ କ୍ଷେତ୍ରରେ ଉକ୍ତ ପନ୍ଥା ଆପଣାଇଛନ୍ତି। ଟୁଇଟରର ମାଲିକାନା ଏଲନ ମସ୍କଙ୍କ ହାତକୁ ଯିବାପରେ ରୀତିମତ ସେ ଚର୍ଚ୍ଚାରେ ରହିଆସୁଛନ୍ତି। ପ୍ରଥମେ କାର୍ଯ୍ୟାଳୟରୁ ଶତାଧିକ କର୍ମଚାରୀଙ୍କୁ ଛଟେଇ କରି ସେ ବିବାଦ ଭିତରକୁ ଠେଲି ହୋଇଯାଇଥିଲେ। ଆଉ ଏବେ କମ୍ପାନୀ ନିୟମରେ ଗୋଟିଏ ପରେ ଗୋଟିଏ ପରିବର୍ତ୍ତନ କରି ଚର୍ଚ୍ଚା ପରିସରରେ ରହିଛନ୍ତି। ୟୁଜର୍ସଙ୍କ ଉପରେ ଟୁଇଟର ପକ୍ଷରୁ କଟକଣା ଲଗାଯିବା ଯୋଗୁ ବହୁ ଲୋକ ଏବେ ମାଷ୍ଟୋଡୋମ୍ ଭଳି ଅନ୍ୟ ନେଟ୍‌ୱର୍କିଂ ସାଇଟ୍ ଆଡକୁ ମୁହାଁଇଛନ୍ତି। ନିକଟରେ ୟୁରୋପର କେତେଜଣ ପ୍ରତିଷ୍ଠିତ ଖବରଦାତା ମସ୍କଙ୍କ ବିରୋଧରେ ମିଥ୍ୟା ଖବର ପ୍ରସାର କରୁଥିବା ଅଭିଯୋଗ ଆଣି ସେମାନଙ୍କ ଆକାଉଣ୍ଟକୁ ଟୁଇଟରରୁ ହଟାଇ ଦିଆଯାଇଥିଲା। ଟେସ୍‌ଲା ବୈଦ୍ୟୁତିକ କାର୍ ମାଲିକଙ୍କ ଏହି ନିଷ୍ପତ୍ତିକୁ ୟୁରୋପୀୟ ସଂଘ (ଇୟୁ) ନିନ୍ଦା କରିବା ସହ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଲାଗି ଚେତାବନୀ ଦେଇଥିଲେ। ଏହାପରେ ମସ୍କ ପୁଣିଥରେ ସମ୍ପୃକ୍ତ ଖବରଦାତାଙ୍କ ଆକାଉଣ୍ଟଗୁଡ଼ିକୁ ଆକ୍ଟିଭ୍ କରିଥିଲେ।





ଭାରତ ଯୋଡ଼ୋ ଯାତ୍ରା ଅବସରରେ ହରିୟାଣାର ନୁହରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପିନ୍ଦର ସିଂ ହୁଡା(ବାମ)ଙ୍କ ସହ କଂଗ୍ରେସ ନେତା ରାହୁଲ ଗାନ୍ଧୀ।

# ପ୍ରୋଟୋକଲ ନ ମାନିଲେ ଯାତ୍ରା ବନ୍ଦ କର

## ରାହୁଲଙ୍କୁ କେନ୍ଦ୍ରର କୋଭିଡ୍ ଚିଠି

ନୂଆଦିଲ୍ଲୀ,୨୧।୧୨

'ଭାରତ ଯୋଡ଼ୋ ଯାତ୍ରା'ରେ ଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ପାଖକୁ ଆସିଛି କେନ୍ଦ୍ରର କୋଭିଡ୍-୧୯ ଚିଠି। ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ପ୍ରେରଣ କରିଥିବା ଏହି ପତ୍ରରେ ପଦଯାତ୍ରା ବେଳେ କୋଭିଡ୍ ପ୍ରୋଟୋକଲକୁ କଡ଼ାକଡ଼ି ଅନୁସରଣ କରିବାକୁ ପରାମର୍ଶ ଦେଇଛନ୍ତି। ସମ୍ଭବତଃ ଗୋଟିଏ ପରିବାର ନିଜକୁ ଆଇନର ଊର୍ଦ୍ଧ୍ୱରେ ଥିବା ମନେକରୁଥିବାରୁ ସଂକ୍ରମଣ ରୋକିବା କ୍ଷେତ୍ରରେ ମୁଁ ନିଜ ଦାୟିତ୍ୱ ନିର୍ବାହ ବନ୍ଦ କରିପାରିବି ନାହିଁ। କେହି ବି ସ୍ୱତନ୍ତ୍ର ବ୍ୟବହାର ପାଇବାକୁ ହକ୍‌ଦାର ନୁହନ୍ତି ବୋଲି ମାଣ୍ଡବ୍ୟ କହିଛନ୍ତି।

ଚାଇନାରେ କୋଭିଡ୍ ସଂକ୍ରମଣ ବଢ଼ିବାରେ ଲାଗିଥିବାରୁ ଭାରତରେ ମହାମାରୀ ଚିନ୍ତା ବଢ଼ିଯାଇଛି। ଏହି ଅବସରରେ ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବ୍ୟ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ନିକଟକୁ ପତ୍ର ଲେଖି 'ଭାରତ ଯୋଡ଼ୋ ଯାତ୍ରା' ବାତିଲ କରିବାକୁ ପରାମର୍ଶ ଦେଇଛନ୍ତି। ମାଣ୍ଡବ୍ୟ କହିଛନ୍ତି, ଜାତୀୟ ସ୍ୱାର୍ଥରେ ଯଦି ପ୍ରୋଟୋକଲ ପାଳନ କରିହେଉ ନାହିଁ, ତେବେ ଏହି ଯାତ୍ରାକୁ ବନ୍ଦ କରନ୍ତୁ। ଏହି ଅବସରରେ ସ୍ୱାସ୍ଥ୍ୟମନ୍ତ୍ରୀ ହିମାଚଳ ପ୍ରଦେଶର ଉଦାହରଣ ଦେଇଛନ୍ତି। ସେ ଲେଖିଛନ୍ତି, ହିମାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ସୁଖୁଙ୍କ ସହ ଭାରତ ଯୋଡ଼ୋ ଯାତ୍ରାରେ ସାମିଲ ହୋଇଥିବା ଲୋକଙ୍କ ମଧ୍ୟରୁ ଅନେକେ ସଂକ୍ରମିତ ହୋଇଥିବା ସାମ୍ନାକୁ ଆସିଛି। ଭାଜପା ଛଳନା କରୁଥିବା ନେଇ କଂଗ୍ରେସର ଅଭିଯୋଗ ଉପରେ ମାଣ୍ଡବ୍ୟ କହିଛନ୍ତି, ଯାହା ବି ପ୍ରୋଟୋକଲ ଥିବ ଆମକୁ ଅନୁସରଣ କରିବାକୁ ପଡ଼ିବ। ମାସ୍କ ଓ ସାନିଟାଇଜର ବ୍ୟବହାର ସମେତ ଅନ୍ୟ ନିୟମଗୁଡ଼ିକୁ ମାନି ଚଳନ୍ତୁ। ସାଙ୍ଗରେ ପଦଯାତ୍ରା କରୁଥିବା ବ୍ୟକ୍ତିମାନେ ଟିକା ନେଇଥିବା ଜରୁରୀ ବୋଲି ଉଲ୍ଲେଖ କରିଛନ୍ତି। ଡିସେମ୍ବର ୨୦ରେ ସ୍ୱାକ୍ଷରିତ ଏହି ଚିଠି ବୁଧବାର ରାହୁଲଙ୍କ ହସ୍ତଗତ ହେବା ବେଳକୁ ଭାରତ ଯୋଡ଼ୋ ଯାତ୍ରା ରାଜସ୍ଥାନରୁ ହରିୟାଣାରେ ପ୍ରବେଶ କରିଛି।

ଅନ୍ୟପକ୍ଷେ କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି, କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ମାଣ୍ଡବ୍ୟ ରାଜସ୍ଥାନର ୩ ଭାଜପା ଏମ୍‌ପିଙ୍କ ଅଭିଯୋଗ ଆଧାରରେ ରାହୁଲଙ୍କ ନିକଟକୁ ପତ୍ର ଲେଖିଛନ୍ତି। ଭାରତ ଯୋଡ଼ୋ ଯାତ୍ରାର ସଫଳତା ଦେଖି ଭାଜପା ବିଚଳିତ। ଜନସ୍ୱାସ୍ଥ୍ୟ ଏକ ଗମ୍ଭୀର ପ୍ରସଙ୍ଗ ହୋଇଥିବାରୁ ଏହାକୁ ନେଇ ଦଳୀୟ ରାଜନୀତି କରାଯିବା ଅନୁଚିତ। ସେହିପରି ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର କହିଛନ୍ତି, କଂଗ୍ରେସ ସମର୍ଥକମାନେ ପଦଯାତ୍ରାରେ ବାହାରିଥିବାବେଳେ ଭାଜପା କାହିଁକି ଏହାକୁ ବନ୍ଦ କରିବାକୁ ଚାହୁଁଛି ତାହା ସମସ୍ତେ ଜାଣିବା ଉଚିତ।

# ସୁର, ମୋକିମ୍ କହିଲେ ଭୁଲ୍ କରିନାହାନ୍ତି ଆଜିଠୁ ଭାଜପାର ମଣ୍ଡି ଚାଲ ଅଭିଯାନ

## ପିସିସି ଶୃଙ୍ଖଳା କମିଟିର କାରଣ ଦର୍ଶାଅ ନୋଟିସ୍

ଭୁବନେଶ୍ୱର,୨୧।୧୨(ବ୍ୟୁରୋ)



ମହମ୍ମଦ ମୋକିମ୍



ସୁରେଶ କୁମାର ରାଉତରାୟ

କଂଗ୍ରେସ ପକ୍ଷରୁ ୨ ବିଧାୟକ ସୁରେଶ କୁମାର ରାଉତରାୟ(ସୁର) ଏବଂ ମହମ୍ମଦ ମୋକିମ୍‌ଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ହେଲେ ଉଭୟ ନେତା ସେମିତି କିଛି ଭୁଲ୍ କରି ନ ଥିବା କହିଛନ୍ତି। ନିକଟରେ ପଦ୍ମପୁର ଉପନିର୍ବାଚନରେ କଂଗ୍ରେସ ଅତ୍ୟନ୍ତ ଖରାପ ପ୍ରଦର୍ଶନ କରିବାପରେ ଏହି ଦୁଇ ବିଧାୟକ ଦଳ ବିରୋଧରେ ମତ ରଖିଥିଲେ ବୋଲି ଅଭିଯୋଗ ଆସିଛି। ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର କଂଗ୍ରେସ ଭୋଟ୍ ସମ୍ପୂର୍ଣ୍ଣ ବିଜେଡିକୁ ବିକ୍ରି ହୋଇଥିବା ନେଇ ଅଭିଯୋଗ କରାଯିବା ପରେ ଏହି କଥାକୁ ସତ୍ୟ ବୋଲି କହି ସୁର ଆହୁରି ଅଡୁଆ ପରିସ୍ଥିତି ସୃଷ୍ଟି କରିଥିଲେ। ଏହାପରେ ମହମ୍ମଦ ମୋକିମ୍ ମଧ୍ୟ ଦଳର ପ୍ରଦର୍ଶନ ନେଇ ଗଣମାଧ୍ୟମ ଆଗରେ ବିଭିନ୍ନ ତଥ୍ୟ ରଖିଥିଲେ ଯାହାକୁ ନେଇ ଏହି ୨ ନେତାଙ୍କ ବିରୋଧରେ ଦଳ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବାକୁ କାର୍ଯ୍ୟ ଆରମ୍ଭ କରିଛି। ଦଳର ଶୃଙ୍ଖଳା କମିଟି ଅଧ୍ୟକ୍ଷ କିଶୋର ପଟେଲ ଉଭୟ ନେତାଙ୍କୁ ନୋଟିସ ଦେବା ସହିତ ୭ ଦିନ ମଧ୍ୟରେ ରିପୋର୍ଟ ଦେବାକୁ କହିଛି। କିଶୋର ପଟେଲ କହିଛନ୍ତି, ପଦ୍ମପୁର ଉପନିର୍ବାଚନ ପରେ ଏହି ଦୁଇ ନେତା ଗଣମାଧ୍ୟମ ଆଗରେ ଦଳ ଏବଂ ନେତୃତ୍ୱ ବିରୋଧରେ ମତ ଦେଇଥିବା ଯୋଗୁ ବହୁ ନେତା ଉଦ୍‌ବେଗ ପ୍ରକାଶ କରିଥିଲେ। ଯେଉଁ କଥା ସେମାନେ କହିଛନ୍ତି ତା'ର କିଛି ତଥ୍ୟ ପ୍ରମାଣ ନ ଥାଇ ଅସତ୍ୟ ଭାବେ ଉକ୍ତ କଥା ସେମାନେ କହିଛନ୍ତି। ତେଣୁ ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କିଶୋର କହିଛନ୍ତି। ତେବେ ନୋଟିସ ପାଇବା ପ୍ରସଙ୍ଗରେ ସୁର କହିଛନ୍ତି, ଅପ୍ରିୟ ସତ୍ୟ କହିଛି, ନୋଟିସ ପାଇଲା ପରେ ଉତ୍ତର ଦେବେ। ଯାହା ଦଣ୍ଡ ମିଳିବ ହସି ହସି ମାନିବି କାରଣ ସେ ଶୃଙ୍ଖଳିତ କର୍ମୀ। କଂଗ୍ରେସର କ୍ଷତି ହେବା ଭଳି ମତ ରଖି ନ ଥିବା ସୁର କହିଛନ୍ତି। ତେବେ ମୋକିମ୍ କହିଛନ୍ତି, ଦଳକୁ ସଙ୍ଗଠିତ କରିବା ପାଇଁ ଆଲୋଚନା ନ କରି ଚିରାଚରିତ ଢଙ୍ଗରେ କଂଗ୍ରେସକୁ ଆଗକୁ ନେବା ଠିକ୍ ନୁହେଁ। ଦଳ ଯଦି ଆଲୋଚନା ନ କରି କେବଳ କାରଣ ଦର୍ଶାଅ ନୋଟିସ ଦେଇ ଚାଲିବ ତେବେ କ'ଣ କରାଯିବ। ଦଳକୁ ଯଦି ଭାଗ ଭାଗ କରିବାକୁ ଚାହିଁବେ କିମ୍ବା ତାଙ୍କର ଯଦି ଦଳରେ ଆବଶ୍ୟକତା ନାହିଁ ବୋଲି ଅନୁଭବ ହେବ ତା'ପରେ ଯାହା ନିଷ୍ପତ୍ତି ନେବେ ବୋଲି ମୋକିମ୍ କହିଛନ୍ତି।





ଭୁବନେଶ୍ୱର ଉପଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଯାଉଥିବା ଭାଜପା ନେତା ଓ କର୍ମୀ।

## ସବୁ ଉପଜିଲାପାଳଙ୍କୁ ଦାବିପତ୍ର ଦେଲା ଦଳ

ଭୁବନେଶ୍ୱର,୨୧।୧୨(ବ୍ୟୁରୋ)

ଚାଷୀଙ୍କୁ ନ୍ୟାୟ ଦେବା ଦାବି ନେଇ ରାଜ୍ୟର ସମସ୍ତ ସବ୍‌ଡିଭିଜନରେ ଭାଜପା ପକ୍ଷରୁ ପ୍ରତିବାଦ କରାଯାଇଛି। ଏହାସହ ଉପଜିଲାପାଳମାନଙ୍କୁ ୧୦ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ରାଜ୍ୟ ସରକାର ଧାନମଣ୍ଡି ଖୋଲିଛନ୍ତି ବୋଲି ମିଥ୍ୟା ଚିତ୍କାର କରୁଛନ୍ତି କିନ୍ତୁ ବାସ୍ତବରେ ଓଡ଼ିଶାର ଉପକୂଳ ଓ ଦକ୍ଷିଣାଞ୍ଚଳରେ ଧାନ ଅମଳ ପାଖାପାଖି ୮୦% ଶେଷ ହୋଇଯାଇଥିଲେ ବି ମଣ୍ଡି ଖୋଲିନାହିଁ। ଚାଷୀଙ୍କ ଲାଗି ପଶ୍ଚିମ ଓଡ଼ିଶାରେ ଖୋଲାଯାଇଥିବା ଧାନମଣ୍ଡିର କୁପରିଚାଳନା ଓ ବିଶୃଙ୍ଖଳା ଯୋଗୁ ଚାଷୀମାନେ ହନ୍ତସନ୍ତ ହେଉଛନ୍ତି ବୋଲି ଭାଜପା ଅଭିଯୋଗ କରିଛି। ଯଦି ଆସନ୍ତା ୭ ଦିନ ମଧ୍ୟରେ ଏହିସବୁ ସମସ୍ୟାର ସମାଧାନ ନ ହୁଏ ତେବେ ରାଜ୍ୟରେ ଚାଷୀ ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ଦଳ ତରଫରୁ ଚେତାବନୀ ଦିଆଯାଇଛି। ସେହିପରି ଗୁରୁବାର ଠାରୁ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ୭ ଦିନ ଧରି ମଣ୍ଡିଚାଲ ଅଭିଯାନ କାର୍ଯ୍ୟକ୍ରମରେ ଧାନମଣ୍ଡିକୁ ଯାଇ ଚାଷୀଙ୍କ ସହ ଆଲୋଚନା କରାଯିବ ବୋଲି ଭାଜପା ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଭାଜପା କିଷାନ ମୋର୍ଚ୍ଚାର ରାଷ୍ଟ୍ରୀୟ ସଭାପତି ରାଜକୁମାର ଚହର୍ ଆସନ୍ତା ୨୪ ଓ ୨୫ ତାରିଖରେ ୨ ଦିନିଆ ଓଡ଼ିଶାଗସ୍ତରେ ଆସୁଛନ୍ତି। ସେ ବିଭିନ୍ନ ଅଞ୍ଚଳ ଗସ୍ତ କରିବା ସହ ରାଜ୍ୟ ଭାଜପା କାର୍ଯ୍ୟାଳୟରେ କିଷାନ ମୋର୍ଚ୍ଚାର ପରିବର୍ଦ୍ଧିତ ବୈଠକରେ ଯୋଗଦେବେ।

## କଂଗ୍ରେସର ମଣ୍ଡି ଚାଲ ୨୭ରୁ ୩୦

ସରକାର ବିଭିନ୍ନ ସ୍ଥାନରେ ମଣ୍ଡି ଖୋଲିବାରେ ଅହେତୁକ ବିଳମ୍ବ ଏବଂ ଓଜନ ସମୟରେ ୫ରୁ ୭ କେଜି ପର୍ଯ୍ୟନ୍ତ କଟ୍‌ନି ଛଟ୍‌ନି କରୁଛନ୍ତି। ମିଲରଙ୍କ ମନମାନିରେ ମଣ୍ଡିରୁ ଧାନ ଉଠାଣ, ଟୋକନ ସମସ୍ୟା ଓ ଧାନ ବିକ୍ରିକରି ପ୍ରାପ୍ୟ ଦେବାରେ ବିଳମ୍ବ ହେଉଛି। ମଣ୍ଡି ଅବ୍ୟବସ୍ଥା ଯୋଗୁ ଚାଷୀମାନେ ଧାନ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ଫଳରେ କମ୍ ଦାମ୍‌ରେ ଫସଲ ବିକ୍ରି ଲାଗି ବାଧ୍ୟ ହେଉଛନ୍ତି। ଏଥିପ୍ରତି ସରକାରଙ୍କ ତିଳେମାତ୍ର ନିଘା ନାହିଁ। ସରକାରୀ ଉଦାସୀନତା ଓ ତ୍ରୁଟିପୂର୍ଣ୍ଣ ଧାନ କ୍ରୟ ନୀତି ଯୋଗୁ ଏହି ସମସ୍ୟା କ୍ରମାଗତ ଭାବେ ବଢ଼ିଚାଲିଛି ବୋଲି ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ କହିଛନ୍ତି। ବ୍ୟବସ୍ଥିତ ଢଙ୍ଗରେ ମଣ୍ଡିରେ ଧାନ କ୍ରୟ ଏବଂ ଚାଷୀଙ୍କୁ ଉଚିତ ମୂଲ୍ୟ ଦେବା ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ପିସିସି କିଷାନ କଂଗ୍ରେସ ଆହ୍ୱାନରେ ମଣ୍ଡି ଚାଲ ଅଭିଯାନ ଆସନ୍ତା ୨୭ରୁ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଜିଲା ଓ ବ୍ଲକ କିଷାନ କଂଗ୍ରେସ କର୍ମକର୍ତ୍ତାମାନେ ମଣ୍ଡିର ବାସ୍ତବ ସ୍ଥିତି ଏବଂ ଚାଷୀଙ୍କ ସମସ୍ୟାକୁ ଅନୁଧ୍ୟାନ କରିବା ପରେ ଚଳିତ ମାସ ୩୧ରେ ରାଜ୍ୟର ସବୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି।

# ଜମି ହଡ଼ପ ଘଟଣାର ଅନୁଧ୍ୟାନ ପାଇଁ କଂଗ୍ରେସର ଟିମ୍

ଭୁବନେଶ୍ୱର, ୨୧।୧୨(ବ୍ୟୁରୋ): ରାଜ୍ୟରେ ନିରୀହ ଅନୁସୂଚିତ ଜାତି ଓ ଜନଜାତି ମାନଙ୍କର

## ସହଯୋଗ କରିବାକୁ ଜିଲା ସଭାପତିଙ୍କୁ ପିସିସି ସଭାପତିଙ୍କ ନିର୍ଦ୍ଦେଶ

ଜମି ଜବରଦଖଲ ସହ ହଡ଼ପ ଘଟଣାର ଅନୁଧ୍ୟାନ କରିବା ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ ଏକ ତଥ୍ୟ ଅନୁଧ୍ୟାନ କମିଟି ଗଠନ କରିଛନ୍ତି। ଏହି କମିଟିରେ ବିଧାୟକ ସନ୍ତୋଷ ସିଂ ସାଲୁଜା ଅଧ୍ୟକ୍ଷ ଥିବାବେଳେ ଏମ୍‌ପି ସପ୍ତଗିରି ଉଲାକା, ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ଡ. ସି.ଏସ୍. ରାଜନ ଏକ୍କା, ଦାଶରଥି ଗମାଙ୍ଗ ଏବଂ ପୂର୍ବତନ ବିଧାୟକ ତଥା ପିସିସି ଅନୁସୂଚିତ ଜନଜାତି ବିଭାଗ ଅଧ୍ୟକ୍ଷ ଭୁଜବଳ ମାଝି ପ୍ରମୁଖ ସଭ୍ୟ ଭାବେ ରହିଛନ୍ତି। ଏହି କମିଟି ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଅଭିଯୋଗଗୁଡ଼ିକର ତଦନ୍ତ କରି ଉଭୟ ସମ୍ପ୍ରଦାୟର ଜମି ସୁରକ୍ଷା ନିମନ୍ତେ ନିର୍ଦ୍ଦିଷ୍ଟ ସୁପାରିସ ପିସିସି କାର୍ଯ୍ୟାଳୟରେ ପ୍ରଦାନ କରିବେ। ଉକ୍ତ କମିଟି ବିଭିନ୍ନ ଜିଲା ଗସ୍ତ ସମୟରେ ସମ୍ପୃକ୍ତ ଜିଲା କଂଗ୍ରେସ ସଭାପତିମାନେ ସେମାନଙ୍କୁ ସହଯୋଗ କରିବା ପାଇଁ ପିସିସି ସଭାପତି ନିର୍ଦ୍ଦେଶ ଦେଇଛନ୍ତି ବୋଲି କଂଗ୍ରେସ କାର୍ଯ୍ୟାଳୟ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି।


**SHREE JAGANNATH TEMPLE OFFICE**
**GRAND ROAD,PURI-752001,ODISHA**

**NOTICE INVITING TENDER**

**Bid Identification No.17/22, E.2175, Dt.20.12.2022**

**"For percentage rate bid in Double cover system for different conservation work of SJTA"**

Visit website: www.shreejagannatha.in

**Last date: 09.01.2023 by 5.00 P.M.**

**Sd./- Administrator**
**Shri Jagannath Temple, Puri**

GOVERNMENT OF ODISHA No. B-1010

**OFFICE OF THE SUPERINTENDING ENGINEER, PHULBANI (R&B) DIVISION, PHULBANI**

e-mail- eeplbrb@gmail.com

**INVITATIONS FOR BIDS (IFB)**
**'e' Procurement Notice**
**Bid Identification No. SE-R&B-PLB-33-2022-23**

1. (a) Name of the Work : Building Work - 2 (Two) Nos.
   (b) Estimated Cost : Rs.94.93 lakhs - Rs.52.53 Lakhs
2. Period of Completion : As notified in Tender Call Notice
3. Date & Time of availability of: Bid documents in the portal : From 23.12.2022, 10.00 A.M. to 02.01.2023, 5.00 P.M.
4. Last date/time for receipt of bids in the portal : Upto 5.00 P.M. of Dated 02.01.2023
5. Name and address of the O.I.T. : Superintending Engineer, Phulbani (R&B) Division

Further details can be seen from the website **www.tendersodisha.gov.in**.
Corrigendum if any shall be published only in the above website.

**Sd./- Superintending Engineer**
**Phulbani (R&B) Division**
OIPR-34066/11/0010/2223

No.CAD-4206: idco Your power to grow ISO 9001 & 14001 Corporation | ODISHA NEW OPPORTUNITIES

**OFFICE OF THE CHIEF GENERAL MANAGER (P&C), IDCO, IDCO TOWER, BHUBANESWAR**

Tender Call Notice No. H.O./P&C/EST/E-1993/03/2022/ 33190 Dt.:20.12.2022

**NOTICE INVITING TENDER THROUGH e-Procurement -2nd**

Name of the work : Construction of Proposed (New) SFRC/RCC Pre-cast compound wall at MSME Park, Dombasara, Rayagada
Estimated Cost : Rs.386.04 Lakhs. (Approx.)
Period of Completion : 04 (Four) Calendar months.

| Procurement Officer | Bid Identification No. | Availability of Tender Online for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Tower, Bhubaneswar | Bid Id No.PC/ EST/E-126/ 2022-23 | 16.00 Hours of 27.12.2022 | 17.00 Hours of 12.01.2023 |

**Further details can be seen from the e-Procurement Portal: www.tendersorissa.gov.in** and Corrigendum if any will not be published in newspapers and can only be seen in the e-Procurement portal **www.tendersorissa.gov.in and IDCO website www.idco.in.**

**Sd./- Chief General Manager (P&C)**
**IDCO, Bhubaneswar**
OIPR-14003/11/0232/2223

NATIONAL HEALTH MISSION

**ZILLA SWASTHYA SAMITI, JAGATSINGHPUR**
**DPMU, NHM, JAGATSINGHPUR**

**Advt. No. 5035** **Date: 20.12.2022**

No. E-747: Applications are invited from the eligible candidates for filling of the following contractual posts under National Urban Health Mission (NUHM) of Jagatsingpur District. The post is purely temporary and also co-terminus with the continuity of the scheme. The selection process and HR principles is applicable as per the rules of NHM, Odisha. Lower age limit for all the positions is 21 years as on Dtd. 15.12.2022.

| Sl. No. | Name of the Post | Vacancy | Age Limit | Monthly Remuneration (In Rupees) | Mode of Selection |
|---|---|---|---|---|---|
| 1 | Medical Officer, UPHC, Paradeep | 1 | Upto 67 Years | 59,511/- with PI | Walk in Interview Date: 30.12.2022 |
| 2 | Data Assistant cum Accountant | 1 | Upto 40 Years | 12,990/- with PI | Applications Invited (On or before 05.01.2023) |

**Sl. 1.** The eligible candidates are requested to attend the Walk-in-Interview on dated 30.12.2022 with filled up applications form, self attested Xerox copy of all testimonials and all original certificates & mark sheet for verification. The registration of candidates for the above post will be held in the above mentioned date between 10.30 A.M. to 12.30 P.M. at Conference Hall, DPMU, DHH, Jagatsinghpur. The late comers will not be entertained for registration.

**Sl. 2.** Candidates fulfilling the eligibility criteria are to apply CDM & PHO-cum-District Mission Director, Jagatsinghpur on or before **05.01.2023 (5 P.M.)** in the prescribed application form along with self attested copies of all supportive documents through Regd. Post/Speed Post/Courier only and the envelope containing the application should be super scribed clearly name of the post applied for.

Interested candidates can download the prescribed Application Form, Selection Procedure & details of said advertisement from the district website **www.Jagatsinghpur.nic.in**. The undersigned has reserved the right to select/cancel/modification of the selection process without assigning any reason thereof. No personal query will be entertained in the recruitment/selection process.

**OIPR-10043/11/0015/2223** **Sd./- CDM & PHO-cum-DMD, Jagatsinghpur**

**GOVERNMENT OF ODISHA**
**OFFICE OF THE DIVISIONAL FOREST OFFICER**
**DEOGARH FOREST DIVISION, DEOGARH**

E-mail ID: dfo.deogarh@odisha.gov.in

**e-Procurement Notice**

**Bid Identification No. DFO(DGH)-FE & CC-04/2022-23**

**NOTICE**

**No.MM-357:**1.The Divisional Forest Officer, Deogarh Forest Division, Deogarh on behalf of the Governor of Odisha invites Percentage Rate bids in Single cover system (Composite) online mode for the construction of civil works as detailed in the table, from the class of eligible contractors as mentioned in column-5 (five) registered with the State Governments and Contractors of equivalent Grade / Class Registered with Central Government / MES / Railways for execution of Civil, E.I & G.P.H and Sanitary Works. The proof of registration from the appropriate authority shall be enclosed along with the Bid. If successful, the bidder who has not registered under state Government, Odisha has to register under the state PWD in appropriate class of eligibility before award of the work.

2.The Divisional Forest Officer, Deogarh Forest Division on behalf of Governor of Odisha, invites **percentage rate in ONLINE MODE** only, for the following works.

| SI No. | Name of the Work | Approximate value of the work (Post GST) (Rs. in Lakhs) | Period of Completion | Class of Contractor | Bid Security amount (In Rs.) | Cost of Bid Document (in Rs.) | Last date & time of on-line receipt of Bids |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of 1 No. of Watch Tower in Laimura Deogarh Range of Deogarh Forest Division during the year 2022- 23 | Civil. EI & GPH- 16.95/- | 3 Calendar Months | "D" & "C" Class | Bid Security Declaration | Rs.6,000/- | 22.12.2022 to 17.00 Hrs. of 02.01.2023 |
| 2 | Construction of 1 No. of Seizure Yard in Deogarh Range of Deogarh Forest Division during the year 2022-23 | Civil. EI & GPH- 10.17 | 2 Calendar Months | "D" & "C" Class | Bid Security Declaration | Rs.6,000/- | 22.12.2022 to 17.00 Hrs. of 02.01.2023 |

3.The Bid documents such as DTCN / BOQ etc. can be seen / downloaded from the Govt. Website www.tendersodisha.gov.in /www.odishaforest.in / www.deogarh.nic.in from 22.12.2022 to 17:00 Hours of 02.1.2023 for online bidding. 4. The technical bids will be opened at 11:30 Hours of dt. 3.1.2023 in the Office of the Divisional Forest Officer, Deogarh. 5.The Bidder must possess Compatible Digital Signature Certificate (DSC) of Class II or Class III. 6. Bids shall be received only in "On-line" mode on or before 17:00 Hours of 2.1.2023. 7. Bids received through "on-line" mode shall be opened at 11:30 Hours on 3.1.2023 in the Office of the Divisional Forest Officer, Deogarh Forest Division, Deogarh in the presence of bidders or their authorized representatives who wish to attend. Bidders who will participate in the bid can witness the opening of bids after logging into the site through their DSC. If the office happens to be closed.

OIPR-08041/11/0005/2223 **Sd/-Divisional Forest Officer,Deogarh Forest Division**

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, SOUTHERN (R&B) CIRCLE, BERHAMPUR**

**Phone : 0680-2281582, e-mail: ccescbam@gmail.com**

**INVITATIONS FOR BIDS (IFB) [e-Procurement]**

**Bid Identification No. CCE, S.C (R&B)-BAM-15/2022-23**
**No.4891//Dated:13.12.2022**

**No.B-1014:**1)The Chief Construction Engineer, Southern (R&B) Circle, Berhampur on behalf of Governor of Odisha invites percentage rate bid in double cover system in ONLINE MODE from eligible contractors for construction of Building / Road Works as detailed in the table below.

2) Nature of work : Building/Road Works
3) No. of work : 05 Nos.
4) Tender Cost : Rs.10,000/- (Online)
5) Class of Contractor : "B" Class, "A" Class & Special Class
6) Availability of Bid document in the website : From 27.12.2022, 10.00 AM to 11.01.2023, 4.00 P.M.
7) Date of Opening of Bid : 12.01.2023 at 11.30 A.M.
8) The Bidders have to participate in ONLINE bidding only. Further details can be seen from the website https://tendersodisha.gov.in.
9) Any addendum / corrigendum / cancellation of tender can also be seen in the said website only.

**Sd./- (D.C.Behera)**
**Chief Construction Engineer**
**Southern (R&B) Circle, Berhampur**
OIPR-34103/11/0018/2223

**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଗଞ୍ଜାମ, ଛତ୍ରପୁର**
**(ଭୂ ଅର୍ଜନ, ଜାତୀୟ ରାଜପଥ ବିଭାଗ)**
ଇ-ମେଲ: laoganjam@gmail.com

**OFFICE OF THE COLLECTOR & DISTRICT MAGISTRATE**
**(LAND ACQUISITION, NH CELL)**
**E-Mail: laoganjam@gmail.com**

**PR No. 45** **Dated: 13.12.2022**

**ସର୍ବସାଧାରଣ ନୋଟିସ୍**

**No. XII-16:-** ଜାତୀୟ ରାଜପଥ ଆଇନ ୧୯୫୬ (୧୯୫୬ର ୪୮ ନମ୍ବର ଆଇନ) ମୁତାବକ ଯେହେତୁ, ଭାରତ ସରକାରଙ୍କ ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ ଦ୍ୱାରା ଜାତୀୟ ରାଜପଥ ନମ୍ବର-୫୯ ପ୍ରକଳ୍ପ ଓଡ଼ିଶା ରାଜ୍ୟର ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ନିକଟସ୍ଥ ରତନପୁରଠାରୁ ରଘୁନାଥପୁର ପର୍ଯ୍ୟନ୍ତ ମୌଜା ରତନପୁର, ରଘୁନାଥପୁର, ଜଗଦଳପୁର, କୃପାସିନ୍ଧୁପୁର, ନିମଖଣ୍ଡି, ବୋରିଗାଁ, ଝାଡ଼ଙ୍କୁଲି, ବଡ଼ଗୁମୁଳା, ବଡ଼କୁଶସ୍ଥଳୀ, ନରେନ୍ଦ୍ରପୁର, ଲକ୍ଷ୍ମୀପୁର ମଧ ଦେଇ ନୂତନ ଭାବେ ବାଇପାସ ରାସ୍ତା ନିର୍ମାଣ ନିମନ୍ତେ କେନ୍ଦ୍ର ସରକାରଙ୍କ ବ୍ୟୟରେ, ନିମ୍ନ ତଫସିଲଭୁକ୍ତ ଜମିକୁ ସାର୍ବଜନୀନ ଉଦ୍ଦେଶ୍ୟରେ ଅତିରିକ୍ତ ଜମି ଅଧିଗ୍ରହଣ କରିବା ଆବଶ୍ୟକ ହେଉଅଛି । ଯେହେତୁ, ଜାତୀୟ ରାଜପଥ ଆଇନ ୧୯୫୬ (୧୯୫୬ର ୪୮ ନମ୍ବର ଆଇନ) ଅନୁଯାୟୀ କେନ୍ଦ୍ର ସରକାର ତାଙ୍କର ଅଧିସୂଚନା ସଂଖ୍ୟା ୫୩୪୬ ତା୦୧.୧୨.୨୦୨୨ରିଖ ଓ ଭାରତ ସରକାରଙ୍କ ରାଜପତ୍ର ଅସାଧାରଣ ସଂଖ୍ୟା S.O. 5578(E) ତା୦୧.୧୨.୨୦୨୨ରିଖ ପ୍ରୋକ୍ତ ଆଇନର ଧାରା 3Dର ଉପଧାରା ୧ ମୁତାବକ ନିମ୍ନ ତଫସିଲଭୁକ୍ତ ଭୂମି ଅଧିସୂଚୀମାନ ଅଧିଗ୍ରହଣ କରିବାକୁ ସ୍ଥିରୀକୃତ କରି ଘୋଷଣାନାମା ଜାରି କରିଛନ୍ତି ।

ଯେହେତୁ ପ୍ରୋକ୍ତ ଆଇନର ଧାରା 3(G)ର ଉପଧାରା ୧ ଅନୁସାରେ ଅଧିଗ୍ରହଣ ନିମିତ୍ତ ସ୍ଥିରୀକୃତ ହୋଇଥିବା ତଫସିଲଭୁକ୍ତ ଭୂମି ଅନୁସୂଚୀ ଜମି ଏବଂ ଜମିରେ ଥିବା ଗୃହ, କୂପ, ବୃକ୍ଷ ଇତ୍ୟାଦିର ମୂଲ୍ୟ ନିର୍ଦ୍ଧାରଣ କ୍ଷମତାପନ୍ନ ପ୍ରାଧିକାରୀଙ୍କ ଦ୍ୱାରା କରାଯିବା ଆବଶ୍ୟକ ।

ଯେହେତୁ ଭାରତ ସରକାରଙ୍କ ଉପରୋକ୍ତ ଅଧିସୂଚନା ଅନୁସାରେ ନିମ୍ନ ତଫସିଲଭୁକ୍ତ ଜମି ଜାତୀୟ ରାଜପଥ ଆଇନ ୧୯୫୬ ଧାରା 3(D) ଅନୁଯାୟୀ କେନ୍ଦ୍ର ସରକାରଙ୍କଠାରେ ସମ୍ପୂର୍ଣ୍ଣ ଦେୟମୁକ୍ତ ଭାବରେ ନ୍ୟସ୍ତ ହୋଇଅଛି, ଏଥି ସହିତ ସଂଲଗ୍ନ ଭୂମି ଅନୁସୂଚୀରେ ସ୍ୱାର୍ଥ ଥିବା ବ୍ୟକ୍ତି, ଭୂମି ମାଲିକ ବା ସ୍ୱତ୍ୱବାନ ବ୍ୟକ୍ତିମାନଙ୍କୁ ଜଣାଇଦିଆଯାଉଅଛି ଯେ, ସେମାନେ ଆବଶ୍ୟକୀୟ କାଗଜାତ ସହ ନିଜେ କିମ୍ବା ନିଜର ବିଧିପୂର୍ବକ କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ଦ୍ୱାରା ଉପସ୍ଥିତ ରହି ଦାବି ଉପସ୍ଥାପିତ କରିପାରିବେ, ନଚେତ୍ ଆଇନାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ଆମ୍ଭର ଦସ୍ତଖତ ଓ ସହି ମୋହର ଦ୍ୱାରା ପ୍ରମାଣିତ ।

ସ୍ୱା./- କ୍ଷମତାପନ୍ନ ପ୍ରାଧିକାରୀ ତଥା
ଭୂ-ଅର୍ଜନ ଅଧିକାରୀ (ଜାତୀୟ ରାଜପଥ)
ଛତ୍ରପୁର, ଗଞ୍ଜାମ
OIPR-24252/14/0004/2223

**ସ୍ୱାସ୍ଥ୍ୟ ବୀମା କ୍ରୟରେ ବ୍ୟାପକ ବୃଦ୍ଧି**

ନୂଆଦିଲ୍ଲୀ: କୋଭିଡ୍ ମହାମାରୀ ପରେ ସ୍ୱାସ୍ଥ୍ୟ ବୀମା ସମ୍ପର୍କିତ ସଚେତନତା ଏବଂ ଏହାର କ୍ରୟ ବ୍ୟାପକ ଭାବେ ବୃଦ୍ଧି ପାଇଛି। ଏପରିକି ଚିକିତ୍ସା ଖର୍ଚ୍ଚ ବଢୁଥିବାରୁ ବ୍ୟକ୍ତି ଏବଂ ସେମାନଙ୍କ ପରିବାରଙ୍କ ପାଇଁ ବ୍ୟାପକ ଏବଂ ପର୍ଯ୍ୟାପ୍ତ ସ୍ୱାସ୍ଥ୍ୟବୀମା ଆବଶ୍ୟକ କରୁଛନ୍ତି। ବିଶେଷ କରି ପରବର୍ତ୍ତୀ ସମୟରେ ଲୋକଙ୍କୁ ସେମାନଙ୍କର ସଞ୍ଚୟରୁ ଖର୍ଚ୍ଚ କରିବାକୁ ବାଧ କରିଥାଏ। ଯଦି ବୀମାଧାରୀଙ୍କର ଏକ ବିଦ୍ୟମାନ ପଲିସି ଅଛି ଏବଂ ସେ ତା'ର କ୍ୟାପ୍ ବିସ୍ତାର କରିବାକୁ ଚାହୁଁଛନ୍ତି। ତେବେ ଏକ ଟପ୍-ଅପ୍ ସ୍ୱାସ୍ଥ୍ୟ ବୀମା ଯୋଜନା ଚୟନକରି ଏଭଳି ସ୍ଥିତିକୁ ଏଡାଇ ଦିଆଯାଇପାରେ ବୋଲି ଏସ୍‌ବିଆଇ ଜେନେରାଲ ଇନ୍ସ୍ୟୁରାନ୍ସର ହେଲ୍‌ଥ ବିଜ୍‌ନେସ୍‌ର ମୁଖ୍ୟ ଶ୍ରୀରାଜ ଦେଶପାଣ୍ଡେ କହିଛନ୍ତି।

# କ୍ରିପ୍ଟୋରୁ ଆସିବ ପରବର୍ତ୍ତୀ ଆର୍ଥିକ ସଙ୍କଟ

**ନୂଆଦିଲ୍ଲୀ,୨୧।୧୨**

ଜାତୀୟ ଓ ଅନ୍ତର୍ଜାତୀୟ ବଜାରରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିବା ଅଣସାମ୍ବାଧାନିକ ଡିଜିଟାଲ ମୁଦ୍ରା 'କ୍ରିପ୍ଟୋକରେନ୍ସି'ର ଅବସ୍ଥା ଓ ବ୍ୟବସ୍ଥା ଆଗାମୀ ଦିନରେ ବଡ଼ ବିପଦ ଆଣିପାରେ ବୋଲି ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ)ର ଗଭର୍ନର ଶକ୍ତିକାନ୍ତ ଦାସ ମତପ୍ରକାଶ କରିଛନ୍ତି। ଏପରିକି ବୁଧବାର ଏକ ଜାତୀୟ ଗଣମାଧ୍ୟମର ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ସେ କହିଛନ୍ତି, ପରବର୍ତ୍ତୀ ଆର୍ଥିକ ସଙ୍କଟ ଘରୋଇ କ୍ରିପ୍ଟୋକରେନ୍ସିରୁ ଆସିବ। ବିଶେଷକରି ଚାଇନାରେ ବର୍ତ୍ତମାନ କୋଭିଡ୍ ସଂକ୍ରମଣ ବ୍ୟାପକ ଭାବେ ବୃଦ୍ଧି ପାଉଥିବା ବେଳେ ଅନ୍ତଃରାଷ୍ଟ୍ରୀୟ ସମସ୍ୟା ସାଙ୍ଗକୁ ବିଭିନ୍ନ


ଶକ୍ତିକାନ୍ତ ଦାସ

ଜାତୀୟ ସମସ୍ୟାର ଦେଶ ସମ୍ମୁଖୀନ ହେଉଛି। ଏଭଳି ପରିସ୍ଥିତିରେ ଯଦି ଦେଶର ଆର୍ଥିକ ସଙ୍କଟ ସୃଷ୍ଟି ହୁଏ ତେବେ ଉଭୟ ସରକାର ଓ ସାଧାରଣ ଜନତାଙ୍କ ପାଇଁ ଏକ ବଡ଼ ସଙ୍କଟମୟ ପରିସ୍ଥିତ ସୃଷ୍ଟି କରିବ ବୋଲି ଚର୍ଚ୍ଚା ଲାଗିରହିଛି। ହେଲେ ଏହାରି ମଧ୍ୟରେ ଦାସ ସମଗ୍ର ବିଶ୍ୱକୁ ଚେତାବନୀ ଦେଇ କହିଛନ୍ତି, ଆଗାମୀ ଆର୍ଥିକ ସଙ୍କଟ ଘରୋଇ କ୍ରିପ୍ଟୋକରେନ୍ସି କାରଣରୁ ହେବ ବୋଲି ଯଥେଷ୍ଟ ସମ୍ଭାବନା ରହିଛି। ସେହିଭଳି ଶକ୍ତିକାନ୍ତ ଦାସ ଦାବି କରିଛନ୍ତି , ଏଭଳି ଏକ ଘରୋଇ କ୍ରିପ୍ଟୋକରେନ୍ସିର କୌଣସି ମୂଲ୍ୟ ନାହିଁ, ଏହା ସୂକ୍ଷ୍ମ ଅର୍ଥନୀତି ଏବଂ ଆର୍ଥିକ ସ୍ଥିରତା ପାଇଁ ଘୋର ବିପଦ ସୃଷ୍ଟି କରିବ। ଏପରିକି କୌଣସି ଅନ୍ୟ ସମ୍ପତ୍ତି କିମ୍ବା ଅନ୍ୟ ଉତ୍ପାଦ ଅପେକ୍ଷା କ୍ରିପ୍ଟୋକରେନ୍ସି ଆମ ପାଇଁ ବଡ଼ ଚିନ୍ତାର କାରଣ ବୋଲି ସେ ମତବ୍ୟକ୍ତ କରିଛନ୍ତି। ସେହିପରି କ୍ରିପ୍ଟୋକରେନ୍ସି ଉପରେ କୌଣସି ପ୍ରକାର ନିୟନ୍ତ୍ରଣ ନାହିଁ। ଫଳରେ ଏହାକୁ ନିଷିଦ୍ଧ କରିବା ଜରୁରୀ ହୋଇପଡ଼ିଛି।

## ଖସିଲା ଶେୟାର ବଜାର କାରବାର

**ନୂଆଦିଲ୍ଲୀ,୨୧।୧୨**

କ୍ରମାଗତ ୨ଦିନ ଲାଗି ଷ୍ଟକ୍ ବଜାର କାରବାରରେ ପ୍ରାୟ ୧% ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ୩ୟ କାର୍ଯ୍ୟଦିବସ (ଷ୍ଟକ୍ ବଜାର)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ବୁଧବାର ଶେୟାର ବଜାର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୬୩୫(୬୩୫.୦୫) ପଏଣ୍ଟ ଖସି ୬୧,୦୬୭ (୬୧,୦୬୭.୨୪) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୧୮୬ (୧୮୬.୨୦) ପଏଣ୍ଟ ହ୍ରାସ ଘଟି ୧୮,୧୯୯ (୧୮,୧୯୯.୧୦) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସମସ୍ୟା ଓ ନିଷ୍ପତ୍ତି କାରଣରୁ ଭାରତୀୟ ଶେୟାର ବଜାରର କାରବାର ପ୍ରଭାବିତ ହେଉଥିବା ବଜାର ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି।

## ପିଜିଆଇ ଇଣ୍ଡିଆ ପକ୍ଷରୁ ନୂତନ ଉତ୍ପାଦ ଉନ୍ମୋଚିତ

**ନୂଆଦିଲ୍ଲୀ,୨୧।୧୨**

ଅନ୍ତଃରାଷ୍ଟ୍ରୀୟ ଅଳଙ୍କାର ବ୍ରାଣ୍ଡ୍ ପ୍ଲାଟିନମ ଗିଲ୍ଡି ଇଣ୍ଟରନ୍ୟାଶନାଲ ବା ପିଜିଆଇ ଇଣ୍ଡିଆ ପକ୍ଷରୁ ନୂତନ ଉତ୍ପାଦ ଉନ୍ମୋଚନ କରାଯାଇଛି। ବିଶେଷକରି ପ୍ଲାଟିନମ୍ ଡେଜ୍ ଅଫ୍ ଲଭ୍ ଭାବେ ସୂକ୍ଷ୍ମ ରୂପେ ନିର୍ମିତ ପ୍ଲାଟିନମ୍ ଲଭ୍ ବ୍ୟାଣ୍ଡ୍‌ଗୁଡିକର ଏକ କ୍ୟୁରେଟେଡ୍ ସିଲେକ୍ସନ ପ୍ରଦାନ କରାଯାଉଛି। ଏପରିକି ପ୍ଲାଟିନମ୍ ଲଭ୍ ବ୍ୟାଣ୍ଡଗୁଡିକର କିଛି ଆକର୍ଷଣୀୟ ଡିଜାଇନ୍ ଯଥା ହେକ୍ସାଗନ-ସେପ୍‌ର ମୋଟିଫ୍ ସହ ନିର୍ମିତ ଲଭ୍ ବ୍ୟାଣ୍ଡ୍, ସୁନ୍ଦର ଇଣ୍ଡେଣ୍ଟ୍ ସହ ଡିଜାଇନ୍ ହୋଇଥିବା ଲଭ୍ ବ୍ୟାଣ୍ଡ ଏବଂ ରିପିଟିଂ ଗ୍ରୁଭ୍ ଲଭ୍ ବ୍ୟାଣ୍ଡ ଆଦି ସାମିଲ ରହିଛି। ସେହିଭଳି ପ୍ଲାଟିନମ୍ ଲଭ୍ ବ୍ୟାଣ୍ଡ୍‌ଗୁଡିକର ଉପରୋକ୍ତ କ୍ୟୁରେଟେଡ୍ କଲେକ୍ସନ ଭାରତରେ ଅଗ୍ରଣୀ ଜ୍ୱେଲେରି ରିଟେଲ୍ ଷ୍ଟୋରଗୁଡିକରେ ଉପଲବ୍ଧ ରହିଛି। ସେହିପରି ୯୫% ଶୁଦ୍ଧ ପ୍ଲାଟିନମ୍‌ରେ



ନିର୍ମିତ ପ୍ଲାଟିନମ୍ ଲଭ୍ ବ୍ୟାଣ୍ଡଗୁଡିକ ବିରଳ ପ୍ରେମ ପାଇଁ ଆଦର୍ଶ ପ୍ରତୀକ । ପ୍ଲାଟିନମ୍ ସମୟର ପରୀକ୍ଷାରେ ନିଜର ଆକାର ଓ ଚମକକୁ ହରାଇ ନ ଥାଏ। ଅପରପକ୍ଷରେ ସୁନା ତୁଳନାରେ ୩୦ ଗୁଣ ବିରଳ ଏବଂ ପ୍ରକୃତିରେ ଅତ୍ୟଧିକ ମଜଭୁତ ପ୍ଲାଟିନମ୍ ଏହାର ଅନ୍ତର୍ନିହିତ ସାନ୍ଦ୍ରତା ଓ ଶକ୍ତି ସହିତ ଜେମ୍‌ଷ୍ଟୋନ୍ ଉପରେ ଏକ ଅତ୍ୟଧିକ ସୁରକ୍ଷିତ ହୋଲ୍ଡ ପ୍ରଦାନ କରିଥାଏ, ଯାହା ଦମ୍ପତିଙ୍କ ମଧ୍ୟରେ ଥିବା ସୁରକ୍ଷିତ ସହଭାଗିତା ପରି ହୋଇଥାଏ।

## ଆକ୍ସିସ୍ ଗ୍ରୁପ୍‌ର 'ଅବସରକାଳୀନ ବ୍ୟବସାୟ'

**ନୂଆଦିଲ୍ଲୀ,୨୧।୧୨**

ଜାତୀୟ ପେନ୍‌ସନ ସ୍କିମ୍ (ଏନ୍‌ପିଏସ୍) ଅଧୀନରେ ପାଣ୍ଠି ପରିଚାଳନା କରିବା ଲାଗି ପେନ୍‌ସନ ପାଣ୍ଠି ନିୟାମକ ଓ ବିକାଶ କର୍ତ୍ତୃପକ୍ଷ (ପିଏଫ୍‌ଆର୍‌ଡିଏ)ଙ୍କ ପକ୍ଷରୁ ପେନ୍‌ସନ ଫଣ୍ଡ୍ ମ୍ୟାନେଜର ଭାବେ ଆକ୍ସିସ୍ ପେନ୍‌ସନ ଫଣ୍ଡ୍ ମ୍ୟାନେଜମେଣ୍ଟ ଲିମିଟେଡ୍ (ଆକ୍ସିସ୍ ପିଏଫ୍‌ଏମ୍)କୁ ନିଯୁକ୍ତ କରାଯାଇଛି। ଏହା ହେଉଛି ଆକ୍ସିସ୍ ଆସେଟ୍ ମ୍ୟାନେଜମେଣ୍ଟ କମ୍ପାନୀର ଏକ ସହାୟକ ଏବଂ ଆକ୍ସିସ୍ ବ୍ୟାଙ୍କ୍ ଲିମିଟେଡ୍‌ର ସହଯୋଗୀ ସଂସ୍ଥା। ଆକ୍ସିସ୍ ପିଏଫ୍‌ଏମ୍ ପକ୍ଷରୁ ୨୦୨୨ ସେପ୍ଟେମ୍ବର ୨୦ରେ ବ୍ୟବସାୟ ଶୁଭାରମ୍ଭ କରିବା ଲାଗି ପିଏଫ୍‌ଆର୍‌ଡିଏରୁ ସାର୍ଟିଫିକେଟ୍ ଗ୍ରହଣ କରାଯାଇଥିଲା ଏବଂ ୨୦୨୨ ଅକ୍ଟୋବର ୨୧ ପରଠାରୁ କମ୍ପାନୀ ଏହାର କାରବାର ଆରମ୍ଭ କରିଛି। ଏହାର ଶୁଭାରମ୍ଭ ସହ ଆକ୍ସିସ୍ ଗ୍ରୁପ୍ ନାଗରିକମାନଙ୍କୁ ଏକ ସମ୍ପୂର୍ଣ୍ଣ ଅବସରକାଳୀନ ସମାଧାନ ପ୍ରଦାନ କରିବ। ସମସ୍ତ ନାଗରିକ, କର୍ପୋରେଟ୍ କ୍ଷେତ୍ର ଏବଂ ସରକାରୀ କ୍ଷେତ୍ର ଲାଗି ଏହା ପେନ୍‌ସନ ପାଣ୍ଠିର ପରିଚାଳନା କରିବ। ଏନ୍‌ପିଏସ୍ ଜରିଆରେ ଅବସରକାଳୀନ ପାଣ୍ଠି ଗଠନ କରିବା ଲାଗି ପ୍ରତି ବ୍ୟକ୍ତିଙ୍କୁ ସହଯୋଗ ପ୍ରଦାନ କରିବାକୁ କମ୍ପାନୀ ଲକ୍ଷ୍ୟ ରଖିଛି। ନିବେଶକମାନଙ୍କ ଲାଗି ବିପଦ ପରିଚାଳନା ହୋଇପାରୁଥିବା ଏବଂ ଦୀର୍ଘମିଆଦୀ ଭିତ୍ତିରେ ସର୍ବାଧିକ ରିଟର୍ନ ଆଣିବା ଉପରେ କମ୍ପାନୀ ଗୁରୁତ୍ୱ ପ୍ରଦାନ କରିବ। ଏ ସମ୍ପର୍କରେ ଆକ୍ସିସ୍ ବ୍ୟାଙ୍କର ଏମ୍‌ଡି ଓ ସିଇଓ ଅମିତାଭ ଚୌଧୁରୀ କହିଛନ୍ତି, ଆକ୍ସିସ୍ ପେନ୍‌ସନ ଫଣ୍ଡ୍‌ର ଶୁଭାରମ୍ଭ ସହ ଆମେ ଅବସରକାଳୀନ ସମାଧାନ କ୍ଷେତ୍ରରେ ଆମ ଉପସ୍ଥିତିକୁ ଆହୁରି ସୁଦୃଢ଼ କରିପାରିଛୁ। ସେହିଭଳି ଆକ୍ସିସ୍ ପେନ୍‌ସନ ଫଣ୍ଡ୍‌ର ଏମ୍‌ଡି ଓ ସିଇଓ ସୁମିତ ଶୁକ୍ଳା କହିଛନ୍ତି, ଆମ ଲକ୍ଷ୍ୟ ଅନ୍ତର୍ଦୃଷ୍ଟି,ସଶକ୍ତ କର୍ମଚାରୀ ଏବଂ ପ୍ରଯୁକ୍ତିର ବ୍ୟବହାର ଜରିଆରେ ଗ୍ରାହକଙ୍କୁ ସେବା ପ୍ରଦାନ କରିବା ଏବଂ ସବୁଠୁ ପସନ୍ଦର ଅବସରକାଳୀନ ସମାଧାନ ପ୍ରଦାନକାରୀ ହେବା।

# ଯୁବବର୍ଗଙ୍କୁ ଗୁଣାତ୍ମକ ତାଲିମ



**ଭୁବନେଶ୍ୱର୨୧।୧୨**

ଡାଲମିଆ ସିମେଣ୍ଟ ଭାରତ ଲିମିଟେଡ୍ (ଡିସିବିଏଲ୍)ର ସହଯୋଗୀ ସଂସ୍ଥା ଡାଲମିଆ ଭାରତ ଫାଉଣ୍ଡେଶନ (ଡିବିଏଫ୍) ଦ୍ୱାରା ଦୀକ୍ଷା ଶିକ୍ଷାନବିସଙ୍କ ପାଇଁ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ନିକଟରେ ଅନୁଷ୍ଠିତ ହୋଇଯାଇଛି। ବିଶେଷକରି ଡିବିଏଫ୍ ଓ ନ୍ୟାଶନାଲ ବ୍ୟାଙ୍କ ଫର୍ ଏଗ୍ରିକଲଚର ଆଣ୍ଡ ରୁରାଲ ଡେଭଲପମେଣ୍ଟ (ନାବାର୍ଡ)ର ମିଳିତ ସଯୋଗରେ ଦୀକ୍ଷା ଶିକ୍ଷାନବିସଙ୍କ ପାଇଁ ଏକ ବିଦାୟୀ ଉତ୍ସବର ଆୟୋଜନ କରାଯାଇଥିଲା। ଏପରିକି ସଫଳତାର ସହ ତାଲିମ ଶେଷ କରିଥିବା ପ୍ରାୟ ୧୯୦ ଜଣ ଶିକ୍ଷାନବିସ(ଛାତ୍ର)ଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ନାବାର୍ଡର ଡିଡିଏମ୍ ତାପସ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ରାଜଗାଙ୍ଗପୁର ୟୁକୋ ବ୍ୟାଙ୍କର ଶାଖା ପରିଚାଳକ ବିକାଶ ପଟ୍ଟନାୟକଙ୍କ ସମେତ ଡାଲମିଆ ଭାରତ ଫାଉଣ୍ଡେଶନର ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ଡିସିବିଏଲ୍‌ର କାର୍ଯ୍ୟନିର୍ବାହୀ ନର୍ଦ୍ଦେଶକ ତଥା ରାଜଗାଙ୍ଗପୁର ୟୁନିଟ୍ ହେଡ୍ ଚେତନ ଶ୍ରୀବାସ୍ତବ କହିଛନ୍ତି, ଯୁବବର୍ଗ ସଶକ୍ତ ହେବା ଏବଂ ଭବିଷ୍ୟତରେ ଆଗକୁ ବଢ଼ିବାକୁ ଉଦ୍ୟମ କରୁଥିବା ଦେଖି ଅତ୍ୟନ୍ତ ଆନନ୍ଦିତ ଲାଗୁଛି। ଅବହେଳିତ ଯୁବବର୍ଗଙ୍କୁ ଗୁଣାତ୍ମକ ତାଲିମ ଯୋଗାଇଦେବାର ପ୍ରତିବଦ୍ଧତା ନେଇ ଆମେ ଭାରତକୁ କୁଶଳୀ ରାଷ୍ଟ୍ରରେ ପରିଣତ କରିବା ଦିଗରେ ଅବଦାନ ରଖିବା ଏବଂ ଏକ ଆତ୍ମନିର୍ଭର ଭାରତ ଗଠନ କରିବାକୁ ଚାହୁଁଛୁ।

## ବିଏସ୍‌ଏନ୍‌ଏଲ୍‌କୁ ଟପି ଜିଓ ୧ ନମ୍ବର

**ନୂଆଦିଲ୍ଲୀ,୨୧।୧୨**

ଦେଶର ପ୍ରମୁଖ ଟେଲିକମ୍ କମ୍ପାନୀ ରିଲାଏନ୍ସ ଜିଓ ଚଳିତ ବର୍ଷ ଅକ୍ଟୋବରରେ ବିଏସ୍‌ଏନ୍‌ଏଲ୍‌କୁ ଅତିକ୍ରମକରି ଓଡ଼ିଶାର ଓ୍ୟାରଲାଇନ୍ ସେବା କ୍ଷେତ୍ରରେ ଏକ ନମ୍ବର ହୋଇପାରିଛି। ଅପରପକ୍ଷରେ ଭାରତୀୟ ଟେଲିକମ୍ ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ପକ୍ଷରୁ ନିକଟରେ ପ୍ରକାଶ ପାଇଥିବା ସଦ୍ୟତମ ଟେଲିକମ୍ ଉପଭୋକ୍ତା ତଥ୍ୟ ଅନୁଯାୟୀ ଚଳିତ ବର୍ଷ ଅକ୍ଟୋବର ୩୧ ସୁଦ୍ଧା ଓଡ଼ିଶାରେ ସର୍ବାଧିକ ୧.୭୭ ଲକ୍ଷ ଓ୍ୟାରଲାଇନ ଗ୍ରାହକ ହାସଲ ସହ ଜିଓ ୧ ନମ୍ବର ସ୍ଥାନରେ ରହିଛି। ଏପରିକି ୨୦୨୨ ଅକ୍ଟୋବର ୩୧ ସୁଦ୍ଧା ଜିଓର ଓ୍ୟାରଲାଇନ୍ସ ଗ୍ରାହକ ସଂଖ୍ୟା ସର୍ବାଧିକ ୧.୭୭ ଲକ୍ଷ ରହିଥିବା ବେଳେ ଦ୍ୱିତୀୟ ସ୍ଥାନରେ ଥିବା ବିଏସ୍‌ଏନ୍‌ଏଲ୍‌ର ଓ୍ୟାରଲାଇନ୍ ଗ୍ରାହକ ସଂଖ୍ୟା ୧.୭୨ ଲକ୍ଷ ରହିଛି। ବିଶେଷକରି ଟ୍ରାଇ ତଥ୍ୟରୁ ଜଣାପଡ଼ିଛି ଯେ ଜିଓ ଫାଇବର ଅଧୀନରେ ଓ୍ୟାରଲାଇନ୍ ସେବା ପ୍ରଦାନ କରୁଥିବା ରିଲାଏନ୍ସ ଜିଓ ଏକମାତ୍ର କମ୍ପାନୀ ଭାବେ ୨୦୨୨ ଅକ୍ଟୋବରରେ ନୂଆ ଓ୍ୟାରଲାଇନ୍ସ ଗ୍ରାହକ ଯୋଡ଼ିବାରେ ସଫଳ ହୋଇଥିବା ବେଳେ ଅନ୍ୟ ସମସ୍ତ ସେବା ପ୍ରଦାନକାରୀ ରାଜ୍ୟରେ ଓ୍ୟାରଲାଇନ୍ ଗ୍ରାହକ ହରାଇଛନ୍ତି। ସେହିଭଳି ଜାତୀୟସ୍ତରରେ ମଧ୍ୟ ୨୦୨୨ ଅକ୍ଟୋବରରେ ଉଭୟ ଓ୍ୟାରଲେସ୍ ଏବଂ ଓ୍ୟାରଲାଇନ୍ କ୍ଷେତ୍ରରେ ଜିଓ ସର୍ବାଧିକ ସଂଖ୍ୟକ ଗ୍ରାହକ ଯୋଡ଼ି ଉଭୟ କ୍ଷେତ୍ରରେ ନିଜର ୧ ନମ୍ବର ସ୍ଥିତିକୁ ଆହୁରି ସୁଦୃଢ଼ କରିଛି। ଓଡ଼ିଶାର ସବୁଠୁ ପସନ୍ଦଯୋଗ୍ୟ ମୋବାଇଲ ସେବା ପ୍ରଦାନକାରୀ ଜିଓ ପାଖରେ ଉଭୟ ଗ୍ରାହକ ଓ ରାଜସ୍ୱ କ୍ଷେତ୍ରରେ ସର୍ବାଧିକ ବଜାର ଅଂଶ ରହିଛି। ୨୦୨୨ ଅକ୍ଟୋବର ସୁଦ୍ଧା ୧.୩୮ କୋଟି ଗ୍ରାହକଙ୍କୁ ନେଇ ଜିଓ ରାଜ୍ୟର ଅଗ୍ରଣୀ ମୋବାଇଲ ସେବା ପ୍ରଦାନକାରୀ ହୋଇରହିଥିବା ବେଳେ ଏୟାରଟେଲ୍‌ର ୧.୧୩ କୋଟି ଗ୍ରାହକ, ବିଏସ୍‌ଏନ୍‌ଏଲ ୬୩.୨୦ ଲକ୍ଷ ଗ୍ରାହକ ଏବଂ ଭିଁର ୧୬.୪୫ ଲକ୍ଷ ଗ୍ରାହକ ରହିଛନ୍ତି। ଦେଶର ସବୁଠୁ ଲୋକପ୍ରିୟ ହାଇସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡ୍ ସେବା ଜିଓ ଫାଇବରର ଉପସ୍ଥିତିକୁ ଜିଓ ପକ୍ଷରୁ ଦ୍ରୁତଗତିରେ ସମ୍ପ୍ରସାରଣ କରାଯାଉଛି।

**ଫୁରସତ୍**


**ମଲାଇକା ଅରୋରା**

## ମା'ଙ୍କୁ ଉପହାସ କଲେ ପୁଅ

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ମଲାଇକା ଅରୋରାଙ୍କ କପଡ଼ାକୁ ନେଇ ପୁଅ ଅରହାନ ଖାନ୍ ମଜା ଉଡ଼ାଇଥିବା ନଜରକୁ ଆସିଛନ୍ତି। ତାଙ୍କ ଶୋ' 'ମୁଭିଂ ଇନ୍ ଉଇଥ୍ ମଲାଇକା'ରେ ସେ ତାଙ୍କ ବ୍ୟକ୍ତିଗତ ଜୀବନର ଅନେକ କଥା ସମସ୍ତଙ୍କ ସହ ଶେୟାର କରିଥାନ୍ତି। ଶୋ'ର ଏକ ଏପିସୋଡ୍‌ରେ ଅର୍‌ହାନଙ୍କୁ ଦେଖିବାକୁ ମିଳିଥିଲା। ଦୁହିଁଙ୍କ କଥାବାର୍ତ୍ତାକୁ ସମସ୍ତ ଦର୍ଶକ ପସନ୍ଦ କରିଥିଲେ। ପରେ ଅର୍‌ହାନ ମଲାଇକାଙ୍କ ମଜା ଉଡାଇଥିଲେ। ଶୋ'ରେ ମଲାଇକା ଏକ ଗ୍ଲାମରସ୍ ଟପ୍ ସହ ପ୍ୟାଣ୍ଟ ପିନ୍ଧିଥିବା ନଜରକୁ ଆସିଥିଲେ। ଏଥିରେ ମଲାଇକାଙ୍କୁ ଅର୍‌ହାନ୍ ତାଙ୍କର ଏପରି ଫ୍ୟାଶନକୁ ଟେବୁଲ ନାପକିନ୍ ସହ ତୁଳନା କରିଥିଲେ। ଏଥିସହ ସେ ଜେଲ୍‌ର ଏକ କଏଦୀ ଭଳି ଦେଖାଯାଉଥିବା କହିଥିଲେ। ଏଥିରେ ମଲାଇକା କେବଳ ହସି ଦେଇଥିଲେ।

# କାର୍‌ରେ ହେଲିକପ୍ଟର ମଜା

**ଲକ୍ଷ୍ନୌ**

ଜଣେ ବ୍ୟକ୍ତି ତାଙ୍କ କାର୍‌କୁ ଏମିତି ଏକ ରୂପ ଦେଇଛନ୍ତି, ଯାହା ସମ୍ପୂର୍ଣ୍ଣ ହେଲିକପ୍ଟର ଭଳି ଦେଖାଯାଉଛି। ଏହା ଉଡ଼ିପାରିବନି ସତ, ହେଲେ ଏଥିରେ ହେଲିକପ୍ଟରର ମଜା ଉଠାଇହେବ। ଉତ୍ତରପ୍ରଦେଶ ଆଜମଗଡ଼ର ଜଣେ କାର୍ପେଣ୍ଟର ସଲ୍‌ମାନ ତାଙ୍କ ନାନୋ କାର୍‌କୁ ହେଲିକପ୍ଟର ଭଳି ଲୁକ୍ ଦେଇଛନ୍ତି। ସେହି କାର୍‌ଟି ଅନ୍ୟ ସମସ୍ତ ଗାଡ଼ି ଭଳି ରାସ୍ତାରେ ଚାଲିପାରିବ। କିନ୍ତୁ ସେଥିରେ ବସିବା ଲୋକ ହେଲିକପ୍ଟରର ମଜା ଉଠାଇପାରିବେ। କାର୍‌କୁ ହେଲିକପ୍ଟରରେ ପରିଣତ କରିବା ପାଇଁ ସଲ୍‌ମାନଙ୍କୁ ୩ ଲକ୍ଷ ଟଙ୍କା ବ୍ୟୟ କରିବାକୁ ପଡ଼ିଥିଲା। ଏଥିପାଇଁ ତାଙ୍କୁ ୪ ମାସ ସମୟ ମଧ୍ୟ ଲାଗିଥିଲା। ତାଙ୍କର ଏହି ହେଲିକପ୍ଟର କାର୍‌କୁ ଦେଖିବା ପାଇଁ ବହୁ ସଂଖ୍ୟକ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ତାଙ୍କର ଏହି ଉଦ୍ଭାବନ ନେଇ ସଲ୍‌ମାନ କହିଛନ୍ତି, ଲୋକେ ଏହି ହେଲିକପ୍ଟର ଯୁକ୍ତ କାର୍ ମାଧ୍ୟମରେ ବସି ହେଲିକପ୍ଟର ଅଭିଜ୍ଞତା



ଅନୁଭବ କରିପାରିବେ। ଏଥିସହ ସେ ଆହୁରି ଅନେକ ଉଦ୍ଭାବନ କରିପାରିବେ ବୋଲି କହିଛନ୍ତି। ଯଦି ସରକାର ଏବଂ କମ୍ପାନୀ ତାଙ୍କୁ ଏଥିରେ କିଛି ସାହାଯ୍ୟ କରନ୍ତି, ତେବେ ସେ ଏମିତି ଏକ ହେଲିକପ୍ଟର କରିବେ, ଯାହାକି ପାଣି ଏବଂ ବାୟୁରେ ଚାଲିପାରିବ।

## ଗଣିତଜ୍ଞ ରାମାନୁଜନ

୨୦୧୨ରେ ଭାରତୀୟ ଗଣିତଜ୍ଞ ଶ୍ରୀନିବାସ ରାମାନୁଜନଙ୍କ ୧୨୫ତମ ଜନ୍ମବାର୍ଷିକୀ ପାଳନ ଅବସରରେ ଏକ ଡାକ ଟିକେଟ ଉନ୍ମୋଚନ କରାଯାଇଥିଲା। ଏହା ସହ ଭାରତ ସରକାର ୨୨ ଡିସେମ୍ବରକୁ ଜାତୀୟ ଗଣିତ ଦିବସ ଭାବେ ପାଳନ କରିବାକୁ ଘୋଷଣା କରିଥିଲେ। ରାମାନୁଜନଙ୍କ ୧୨୫ତମ ଜନ୍ମବାର୍ଷିକୀ ପାଳନ ପାଇଁ ୨୬ ଡିସେମ୍ବର ୨୦୧୧ରେ ମାଡ୍ରାସ ବିଶ୍ୱବିଦ୍ୟାଳୟରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ଏହା ଘୋଷଣା କରିଥିଲେ। ଏହି ଅବସରରେ ମନମୋହନ ସିଂ ମଧ୍ୟ ଘୋଷଣା କରିଥିଲେ ଯେ ୨୦୧୨କୁ ଜାତୀୟ ଗଣିତ ବର୍ଷ ଭାବରେ ପାଳନ କରାଯିବ। ସେହିଦିନଠାରୁ ଭାରତର ଜାତୀୟ ଗଣିତ ଦିବସ ପ୍ରତିବର୍ଷ ୨୨ ଡିସେମ୍ବରରେ ଦେଶର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଆୟୋଜିତ ହୋଇଥାଏ। ରାମାନୁଜନ ୧୮୮୭ ଡିସେମ୍ବର ୨୨ରେ ତାମିଲନାଡୁର ଇରୋଡ୍‌ରେ ଜନ୍ମଗ୍ରହଣ କରିଥିଲେ। ୧୯୨୦ ଏପ୍ରିଲ ୨୬ରେ କୁମ୍ଭକୋନମରେ ତାଙ୍କର ପରଲୋକ ଘଟିଥିଲା।



## ପେଟରୁ ବାହାରିଲା ୫୨ଟି ଚୁମ୍ବକ ବଲ୍

**ନୂଆଦିଲ୍ଲୀ**

ଏକ ୫ ବର୍ଷୀୟ ପିଲାର ପେଟରୁ ୫୨ଟି ଚୁମ୍ବକ ବଲ୍ ବାହାରିଥିବା ଜଣାପଡିଛି। ଏପରି ଘଟଣା ଦେଖିବାକୁ ମିଳିଛି ବ୍ରିଟେନ୍‌ର ୱାଲେସ୍ ସହରରେ। ଗତ ଅଗଷ୍ଟରେ ୫ ବର୍ଷୀୟ ବାଳକ ଜୁଡ଼ ଫୋଲେଙ୍କ ପେଟ କାଟିବାରୁ ପରିବାର ସଦସ୍ୟ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେତେବେଳେ ଡାକ୍ତର ତାଙ୍କୁ ଦେଖି କିଛି ହୋଇ ନ ଥିବା କହି ଫେରାଇ ଦେଇ ଥିଲେ। ଏହାର କିଛି ଦିନ ପରେ ତାଙ୍କ ପେଟରେ ଅଧିକ କଷ୍ଟ ଅନୁଭୂତ ହୋଇଥିଲା। ସେଥିପାଇଁ ମା' ତାଙ୍କୁ ଅନ୍ୟ ଏକ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରଥମେ ଡାକ୍ତରଙ୍କୁ କିଛି ଜଣାପଡି ନ ଥିଲା। ପରେ ଏକ୍ସରେ କରିବାରୁ ଫୋଲେଙ୍କ ପେଟରେ ଗୋଲାକୃତିର କିଛି ଜିନିଷ ଦେଖିବାକୁ ମିଳିଥିଲା। ପରେ ଏହା ଚୁମ୍ବକ ବଲ୍ ବୋଲି ଜଣାପଡିଥିଲା। ଏହାପରେ ଫୋଲେଙ୍କୁ ସେଠାକାର ଏକ ଚିଲ୍‌ଡ୍ରେନ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଗଲା। ସେଠାରେ ଅପରେଶନ ମାଧ୍ୟମରେ ତାଙ୍କ ପେଟରୁ ୫୨ଟି ଚୁମ୍ବକ ବଲ୍ ବାହାର କରାଯାଇଥିଲା। ସୂଚନା ଯେ, ପିଲାଟି ଖେଳିବା ସମୟରେ ସେହି ୫୨ଟି ଚୁମ୍ବକ ବଲ୍‌କୁ ଗିଳି ଦେଇଥିଲେ।



# ଚଳଚ୍ଚିତ୍ର ନିର୍ଦ୍ଦେଶକ ସଚ୍ଚି ଦାସଙ୍କ ସ୍ତ୍ରୀଙ୍କ ପରଲୋକ



ଯାମିନୀ ଦାସ

**ବରୀ,୨୧।୧୨(ଡି.ଏନ.ଏ.):** ଓଡ଼ିଆ ଚଳଚ୍ଚିତ୍ର ନିର୍ଦ୍ଦେଶକ ତଥା ଲେଖକ ସଚ୍ଚି ଦାସଙ୍କ ସ୍ତ୍ରୀ ଯାମିନୀ ଦାସଙ୍କ ପରଲୋକ ହୋଇଯାଇଛି। ତାଙ୍କୁ ୮୮ ବର୍ଷ ବୟସ ହୋଇଥିଲା। ସେ ବୁଧବାର ଭୁବନେଶ୍ୱରସ୍ଥିତ ତାଙ୍କ ବଡ଼ ପୁଅଙ୍କ ବାସଭବନ ପଟିଆଠାରେ ଥିବାବେଳେ ହଠାତ୍ ଅସୁସ୍ଥ ହୋଇ ପଡ଼ିଥିଲେ। ତାଙ୍କୁ ପରିବାର ଲୋକେ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମରଶରୀର ଅପରାହ୍ନରେ ଯାଜପୁର ଜିଲା ବରୀ ବ୍ଲକ୍ ଅଧୀନ ରମ୍ପାସ୍ଥିତ ବାସଭବନରେ ପହଞ୍ଚିବାରେ ସ୍ଥାନୀୟ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ୍ ଓ ସାମାଜିକ କର୍ମୀ ଶେଷ ଦର୍ଶନ କରିଥିଲେ। ତାଙ୍କ ଅକାଳ ବିୟୋଗରେ ବରୀ ବିଧାୟିକା ସୁନନ୍ଦା ଦାସ ଗଭୀର ଶୋକ ପ୍ରକାଶ କରିଛନ୍ତି। ମୋ ପରିବାରର ଜଣେ ମା'କୁ ହରାଇ ମୁଁ ଅତ୍ୟନ୍ତ ମର୍ମାହତ ବୋଲି ସେ କହିଛନ୍ତି। ମରଶରୀର ନିକଟରେ ବଡ଼ ପୁଅ ନୀହାର ରଞ୍ଜନ, ମାନସ ରଞ୍ଜନଙ୍କ ସହ ପରିବାର ଲୋକେ ଉପସ୍ଥିତ ଥିଲେ। ଯାଜପୁରସ୍ଥିତ ବାରିଣୀ ପୀଠରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ସାନ ପୁଅ ତୁଷାର ରଞ୍ଜନ ଦାସ ମୁଖାଗ୍ନି ଦେଇଥିଲେ।

# ଗାଡ଼ି ଯାଞ୍ଚ ବେଳେ ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ହୋମ୍‌ଗାର୍ଡ ମୃତ

- ଉତ୍ତେଜନା, ୩ ଘଣ୍ଟା ଜାତୀୟ ରାଜପଥ ଅବରୋଧ
- ଯାନବାହନ ଚଳାଚଳ ବନ୍ଦ
- ପିକ୍‌ଅପ୍ ଭ୍ୟାନ୍ ଜବତ, ଚାଳକ ଫେରାର

**ଡେରାବିଶ,୨୧।୧୨(ସ୍ୱ.ପ୍ର.)**

କେନ୍ଦ୍ରାପଡ଼ା ଜିଲା ଡେରାବିଶ ଥାନା ଅଧୀନ ୫୩ ନଂ.(କ) ଜାତୀୟ ରାଜପଥରେ ଗାଡ଼ି ଯାଞ୍ଚ ସମୟରେ ଏକ ଅଭାବନୀୟ ଘଟଣା ଘଟିଛି। ଏହି ଯାଞ୍ଚରେ ନିୟୋଜିତ ଜଣେ ହୋମ୍‌ଗାର୍ଡଙ୍କ ଉପରକୁ ଏକ ପିକ୍‌ଅପ୍ ଭ୍ୟାନ୍ ମାଡ଼ି ଯିବାରୁ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ ଜାତୀୟ ରାଜପଥକୁ ପ୍ରାୟ ୩ ଘଣ୍ଟା ଅବରୋଧ କରିବାରୁ ରାସ୍ତାର ଦୁଇପାର୍ଶ୍ୱରେ ଶତାଧିକ ଗାଡ଼ି ଅଟକି ରହିଥିଲା। ଶେଷରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିଥିଲା।

ସୂଚନା ଅନୁଯାୟୀ, ନୂଆହାଟଠାରେ ବୁଧବାର ଭୋରୁ କେନ୍ଦ୍ରାପଡ଼ା ଆଞ୍ଚଳିକ ପରିବହନ ଅଧିକାରୀଙ୍କ ଦ୍ୱାରା ଓଭର ଲୋଡ଼ିଂ ଟ୍ରକ ସମେତ ଅନ୍ୟ ଯାନବାହନ ଯାଞ୍ଚ ଚାଲିଥିଲା। ବୁଧବାର ପୂର୍ବାହ୍ନ ପ୍ରାୟ ୯ଟା ସମୟରେ କେନ୍ଦ୍ରାପଡ଼ା ପଟୁ ଦ୍ରୁତଗତିରେ ଆସୁଥିବା ଏକ ପିକ୍‌ଅପ୍ ଭ୍ୟାନ ଯାଞ୍ଚ କାର୍ଯ୍ୟରେ ନିୟୋଜିତ ହୋମଗାର୍ଡ଼ ପ୍ରବୀର କୁମାର ମହାପାତ୍ର(୨୮)ଙ୍କୁ ଧକ୍କା ଦେଇ ଚଣ୍ଡିଖୋଲ ଆଡ଼କୁ ଚାଲିଯାଇଥିଲା। ପ୍ରବୀର ରାସ୍ତା ଉପରେ ଛିଟିକି ପଡିବା ସହିତ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପ୍ରବୀରଙ୍କ ଘର କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଇଚ୍ଛାପୁର ଗ୍ରାମରେ। ସେ ହୋମଗାର୍ଡ଼ ଭାବେ ପରିବହନ ବିଭାଗରେ କାମ କରୁଥିଲେ। ଏହି ଯାଞ୍ଚରେ ପରିବହନ ବିଭାଗର ଜଣେ ଇନ୍ସପେକ୍ଟର ଓ ଅନ୍ୟାନ୍ୟ କର୍ମଚାରୀ ନିୟୋଜିତ ଥିଲେ। ଏହି ଖବର ପ୍ରଚାରିତ ହେବା ପରେ ଶତାଧିକ ଲୋକ ସେଠାରେ ପହଞ୍ଚି ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ଫଳରେ ୩ ଘଣ୍ଟା ଧରି ସମସ୍ତ ଯାନବାହନ ଚଳାଚଳ ବନ୍ଦ ହୋଇଯାଇଥିଲା। ଖବର ପାଇ କେନ୍ଦ୍ରାପଡ଼ା ଅତିରିକ୍ତ ଏସ୍‌ପି ହରିଶ୍ଚନ୍ଦ୍ର ପାଣ୍ଡେ, ଡିଏସ୍‌ପି କାର୍ତ୍ତିକ ଚନ୍ଦ୍ର ମଲିକ, ଏସ୍‌ଡିପିଓ ଜୟନ୍ତ ମହାପାତ୍ରଙ୍କ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ସୁଜିତ କୁମାର ସ୍ୱାଇଁ ଏବଂ ଡେରାବିଶ ଥାନା ଅଧିକାରୀ ଜ୍ୟୋତିର୍ମୟୀ ସେଠୀ, ସଦର ଥାନା ଅଧିକାରୀ ପବିତ୍ର ମହାରଣା ଓ ନିକିରେଇ ଥାନା ଅଧିକାରୀ ଜ୍ୟୋତିପ୍ରକାଶ ସ୍ୱାଇଁ ପ୍ରମୁଖ ପହଞ୍ଚି ରାସ୍ତା ଅବରୋଧକାରୀଙ୍କୁ ବୁଝାଶୁଝା କରିଥିଲେ। ମଧ୍ୟାହ୍ନରେ ଆଞ୍ଚଳିକ ପରିବହନ ଅଧିକାରୀ ଧୀରେନ୍ କୁମାର ନାୟକ ପହଞ୍ଚି ମୃତକଙ୍କ ପରିବାରକୁ ସରକାରୀ ବ୍ୟବସ୍ଥା ମଧ୍ୟରେ ସହାୟତା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ପରେ ବ୍ୟବଚ୍ଛେଦ ପାଇଁ ପ୍ରବୀରଙ୍କ ମୃତଦେହକୁ ଡେରାବିଶ ପୋଲିସ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଏ ସଂକ୍ରାନ୍ତରେ ଡେରାବିଶ ଥାନାରେ ଏକ ମାମଲା(ନଂ.୨୧୦/୨୨) ରୁଜୁ ହୋଇଛି। ଦୁର୍ଘଟଣା ଘଟାଇଥିବା ପିକ୍‌ଅପ୍ ଭ୍ୟାନ (ନଂ.ଓଡ଼ି୦୫ଏଆର ୭୧୮୯) କୁ ପଞ୍ଚୁପାଣ୍ଡବ ଛକ ନିକଟରେ ଜବତ କରାଯାଇଛି, ହେଲେ ଗାଡ଼ି ଚାଳକ ଫେରାର ଅଛନ୍ତି।

ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ, ଦୁର୍ଘଟଣା ଘଟିବା ପରେ ଉପସ୍ଥିତ ଇନ୍ସପେକ୍ଟର ଓ ଅନ୍ୟ କର୍ମଚାରୀମାନେ ପ୍ରବୀରଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନ ନେଇ ବୋଲେରୋ ଧରି ସେଠାରୁ ଚାଲିଯାଇଥିଲେ। ଏଣେ ରାସ୍ତା ଉପରେ ପ୍ରବୀର ଏକାକୀ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଛଟପଟ ହେଉଥିଲେ ମଧ୍ୟ ତାଙ୍କୁ କେହି ଉଦ୍ଧାର କରିବାକୁ ଆସି ନ ଥିଲେ। ଏହାର କିଛି ସମୟ ପରେ ତାଙ୍କର ମୃତ୍ୟୁ ଘଟିଥିଲା।



ଦୁର୍ଘଟଣା ପରେ ଉତ୍ତେଜିତ ଲୋକମାନେ ରାସ୍ତା ଅବରୋଧ କରିଛନ୍ତି।

# ଲାଞ୍ଚ ନେଇ ଧରାପଡ଼ିଲେ କନିଷ୍ଠ ଯନ୍ତ୍ରୀ

**ପାରଳାଖେମୁଣ୍ଡି(ଡି.ଏନ୍.ଏ)/କାଶୀନଗର,୨୧।୧୨**

ବିଲ୍ କରାଇଦେବା ପାଇଁ ଜଣେ ଠିକାଦାରଙ୍କଠାରୁ ୩୦ ହଜାର ଲାଞ୍ଚ ନେବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଗଜପତି ଜିଲା କାଶୀନଗର ଏନ୍‌ଏସିର କନିଷ୍ଠ ଯନ୍ତ୍ରୀ ନରେନ୍ଦ୍ର କୁମାର ସାହୁ। ଭିଜିଲାନ୍ସ ବିଭାଗ ପକ୍ଷରୁ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଓ ତାଙ୍କ ବାସଭବନ ସମେତ ୩ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଛି। ସୂଚନା ଅନୁଯାୟୀ, କାଶୀନଗର ଗ୍ରାମର ଠିକାଦାର କେ. ତେଜେଶ୍ୱର ରାଓ କାଶୀନଗର ପିଡବ୍ଲ୍ୟୁଡି ରୋଡ୍‌ଠାରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏବଂ ବିଜୁ କଲ୍ୟାଣ ମଣ୍ଡପଠାରୁ ମେଡିକାଲ ୱେରହାଉସ ପର୍ଯ୍ୟନ୍ତ ୨୦ ଲକ୍ଷ ଲେଖାଏ ମୋଟ ୪୦ ଲକ୍ଷ ବ୍ୟୟ ଅଟକଳରେ ରାସ୍ତା ସହ କେନାଲ ନିର୍ମାଣ କାର୍ଯ୍ୟର ଦାୟିତ୍ୱ ନେଇଥିଲେ। ଉଭୟ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ଥିବାବେଳେ ବିଲ୍ କରାଇଦେବା ବାବଦକୁ ଲାଞ୍ଚ ମାଗିଥିଲେ ଯନ୍ତ୍ରୀ ସାହୁ। ଲାଞ୍ଚ ନ ଦେଲେ ଫାଇନାଲ ବିଲ୍ କରିବେ ନାହିଁ ବୋଲି କହିଥିଲେ। ଏ ନେଇ ଠିକାଦାର ରାଓ ଭିଜିଲାନ୍ସ ବିଭାଗ ଦ୍ୱାରସ୍ଥ ହୋଇଥିଲେ। ବୁଧବାର ଏନ୍‌ଏସି କାର୍ଯ୍ୟାଳୟରେ ଯନ୍ତ୍ରୀ ସାହୁ ଠିକାଦାର ରାଓଙ୍କଠାରୁ ୩୦ ହଜାର ଟଙ୍କା ନେଉଥିଲା ବେଳେ ବ୍ରହ୍ମପୁର ଭିଜିଲାନ୍ସ ଟିମ୍ ହାତରେ ଧରାପଡ଼ିଥିଲେ। ଭିଜିଲାନ୍ସ ବିଭାଗ ପକ୍ଷରୁ ଏ ନେଇ ମାମଲା ରୁଜୁ ହୋଇଛି। ଭିଜିଲାନ୍ସ ଡିଏସ୍‌ପି ଶରତ ଚନ୍ଦ୍ର ସାହୁ, ଇନ୍ସପେକ୍ଟର ଭି.ଆର. ରାଓ, ମହିଳା ଇନ୍ସପେକ୍ଟର ସନ୍ତୋଷୀ ବାରିକ ପ୍ରମୁଖ ଚଢ଼ାଉ କରିଥିଲେ। କନିଷ୍ଠ ଯନ୍ତ୍ରୀ ସାହୁଙ୍କ ଘର କେନ୍ଦୁଝର ଜିଲା ଆନନ୍ଦପୁର ବୋଲି ଜଣାପଡିଛି।


## ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଲିମେଳା
## OFFICE OF THE NOTIFIED AREA COUNCIL, BALIMELA

Odisha, Pin-764051, Ph: 06861-230244 e-Mail: eonacbalimela@gmail.com
Lr. No.4954/2022/NAC Dtd. 17.12.2022

### QUOTATION CANCELLATION NOTICE

**No.C-1998:-** The Quotation Call Notice No.4857/22/NAC, dated 08.12.2022 floated for supply of Bicycle of branded company having ISI brand for ladies engaged through Mission Shakti Group in this NAC is hereby cancelled due to quoted items to be purchase from authorized GeM portal.

Sd./- Executive Officer
NAC, Balimela
OIPR-13140/11/0014/2223



## OFFICE OF THE ROURKELA MUNICIPAL CORPORATION, ROURKELA
### INVITATION FOR BID

No. 16685 Dated: 19.12.2022
**Bid Identification No. MC/RMC/101/2022**

No. C-2015: The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in Double Cover on online mode. Bid Identification No. MC/RMC/101/2022 for 01 No. Civil work with value of Rs.56.70 lakh.

1. Bid documents will be available in website **www.tendersorissa.gov.in** from 19.12.2022.
2. Bids must be submitted on "Online" on or before 26.12.2022 by 17.00 hours.
3. Bids shall be opened at 11.00 hours on 27.12.2022 in the office of the undersigned in the presence of the bidders or their authorized agents.
4. Other details will be available in the website **tendersorissa.gov.in**.

Sd./- Municipal Commissioner
Rourkela Municipal Corporation
OIPR-13131/11/0155/2223



## Bhubaneswar Municipal Corporation
*Progress through Partnership for better Bhubaneswar*

XXXXIII (E.N.V.) - 33/2022
RFP No. 59012 Dated: 19.12.2022

### RFP for "Selection of an Agency for Supply of "Vehicle Mounted Hydraulic Ladder" to Bhubaneswar Municipal Corporation (BMC)"

No. C-2008: Bhubaneswar Municipal Corporation (BMC) invites sealed proposals from intending agencies having the requisite qualification as per terms stipulated in the detailed RFP document for undertaking the work of supplying vehicle Mounted Hydraulic Ladder to Bhubaneswar Municipal Corporation (BMC). The detailed RFP document shall be made available on the website **bmc.gov.in** from 19.12.2022 at 12.00 Noon onwards. The pre-bid meeting is scheduled to be held on Dt.26.12.2022 at 4.00 P.M. in the Mini Conference Hall of Bhubaneswar Municipal Corporation. The last date of receipt of proposals is till 5.00 P.M. on 03.01.2023. For any clarification, an e-mail may be sent on **bmcprnu@bmc.gov.in**.

By Order
Sd./- Environment Officer
Bhubaneswar Municipal Corporation
OIPR-13002/11/0187/2223



GOVERNMENT OF ODISHA No.A-901
DEPARTMENT OF WATER RESOURCES
## OFFICE OF THE SUPERINTENDING ENGINEER ADDITIONAL SPILLWAY DIVISION, BURLA

PHONE NO.0663 - 2430080, E-mail id:eeasdhirakud@gmail.com
'e' Procurement Notice No. ASD- 03 (01-04)/2022-23 (Online)
Bid identification No. ASD- 03 (01)/2022-23 to ASD - 03(04)/2022-23

| | | |
|---|---|---|
| 1. | Nature of Works | Construction of Temple, culvert and drain as per DTCN. |
| 2. | Nos. of works | 04 (Four) Nos. |
| 3. | Amount Put to Tender | Rs. 8.53 Lakhs to Rs. 64.30 Lakhs Approximately. |
| 4. | Period of Completion | As per D.T.C.N. 60 Days |
| 5. | Date and Time of availability of Bid Document in the Portal | Dt: 23.12.2022 at 11.00 AM to Dt: 03.01.2023 up to 5.00 PM. |
| 6. | Last Date / Time for receipt of Bids in the Portal | Dt: 03.01.2023 up to 5.00PM. |
| 7. | Date of opening of Bid | Dt: 05.01.2023 at 1 1.00 AM. |
| 8. | Last date & time of seeking tender clarification | Dt: 31.12.2022 upto 04.00 PM. |
| 9. | Name and Address of the Officer Inviting Bid | Superintending Engineer, Additional Spillway Division, Burla At/Po-Burla- 768017 Dist-Sambalpur Email Id: eeasdhirakud@gmail.com |

Further detail can be seen from the e-procurement portal www.tendersodisha.gov.in.

Sd./- Superintending Engineer
Additional Spillway Division, Burla
OIPR-32414/11/0007/2223



OFFICE OF THE
## NOTIFIED AREA COUNCIL, KHANDAPADA

E-Mail Id: nackpg89@gmail.com
Letter No. 2314 Date: 17.12.2022

### EXPRESSION OF INTEREST

No. C-2012: Sealed Expression of Interest are invited from Consultancy/Architecture/Firms for preparation of detail Plan, Estimate & Structural Design of proposed **"Vegetable Market, Slaughter House and other Infrastructural Development Work like Park, Smart Library, Town Hall, Landscaping, Beautification Works"**. The interested parties should quoted their rates for the above purpose. The agency should submit the GST and IT Clearance Certificate along with experience certificate if any. The EOI should reach to the undersigned on or before Dtd.30.12.2022 upto 4.00 P.M. through Speed Post or Registered Post only. The EOI will be opened on Dtd.30.12.2022 at 5.00 P.M. The EOI received after due date will not be entertained. The undersigned reserves the right to accept or reject any or all quotations without assigning any reason thereof. The bidders can download the details from the website i.e. **http://www.khandapadanac.in** and **nayagarh.nic.in**.

Sd./- Executive Officer
Khandapada NAC
OIPR-13147/11/0016/2223



## OFFICE OF THE CHIEF EXECUTIVE OFFICER
WATCO, Ground Floor, Unnati Bhawan, H.B. Colony, Satyanagar, Bhubaneswar-751007, Odisha, India, Telefax: -+91-674-2391444
E-mail - mail@watcoodisha.in. md@watcoodisha.in

### INVITATION FOR BID (IFB)

**Bid Identification No. WATCO (W) -34/2022-23**
**Dtd.17.12.2022 WATCO No.5909 Date: 17.12.2022**

**No.C-1995:**1.Name of the work :- 1. Implementation of Drink from Tap with 24x7 water supply to Zone No- 17 (1500 KL) at Sishubhawan in Ward No-11(P), 13(P), 14(P), 19(P) & 20(P) (Network Improvement with Installation of Valves, Pipe laying, House connection, Construction of PLC room & Site development), Cuttack under SUJAL.
2. Implementation of Drink from Tap with 24 x 7 water supply to Zone No-27 (Ranihat) (700 KL) at Ranihat Ward No.31 & 32 (Network Improvement with Installation of Valves, Pipe laying, House connection & Site development), Cuttack under SUJAL.
3. Implementation of Drink from Tap with 24 x 7water supply to Zone No-30 (Jobra) (900 KL) at Jobra Ward No.40(P) & 41(P) (Network Improvement with Installation of Valves, Pipe laying, House connection, Construction of PLC room & Site development),Cuttack under SUJAL.
4. Implementation of Drink from Tap with 24 x 7 water supply to Zone No-31 (Pareswar Sahi) (700 KL) at Jobra & College Square Ward No.40(P), 41 (P), 38 & 39 (Network Improvement with Installation of Valves, Pipe laying, House connection & Site development), Cuttack under SUJAL.
5. Implementation of Drink from Tap with 24 x 7 water supply to Zone No-47 (500 KL ESR) at Kahneipur in Ward No-55 (Network Improvement with Installation of Valves, Pipe laying, House connection & Site development), Cuttack under SUJAL.
6. Implementation of Drink from Tap with 24 x 7 water supply to Zone No-33 (Kaliaboda) (700KL) at Sikharpur Ward No. 46 (Network Improvement with Installation of Valves, Pipe laying, House connection, Construction of PLC room & Site development),Cuttack under SUJAL.
7. Implementation of Drink from Tap with 24 x 7 water supply to Zone-No-13 (1200 KL) at Kafla in Ward No-10(P), 11(P), 12(P) of CMC, (Network Improvement with Installation of Valves, Pipe laying, House connection & Site development),Cuttack under SUJAL.

2. Estimated cost :-(1) Rs.219.86 lakh, (2) Rs.147.81 lakh, (3) Rs.174.12 lakh, (4) Rs. 172.73 lakh, (5) Rs.104.15 lakh, (6) Rs. 95.64 lakh, (7) Rs.255.40 lakh
3. Period of completion :- 6 (Six) Months.
4. Date & time of availability of bid document in the portal: - From 11.00 AM of Dt.21.12.2022 to 5.00PM of Dt. 04.01.2023
5. Last date / time of receipt of bids in the portal: - 5.00 PM of 04.01.2023.
6. Date & time of opening of technical bids :- 12.30 PM of 05.01.2023.
7. Name and address of the Officer Inviting Bid: CEO, WATCO, Telefax: 0674-2391444, E-mail:mail@watcoodisha.in, md@watcoodisha.in mail to: eephibbsr@ori.nic.in.
8. The bidders have to participate in ONLINE bidding only. Further details can be seen from the website www.tendersodisha.gov.in.

Sd./- CEO, WATCO
OIPR-13194/11/0062/2223



## ବନଖଣ୍ଡ ଅଧିକାରୀ ତଥା ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ କାର୍ଯ୍ୟାଳୟ,ରାଉରକେଲା
## OFFICE OF THE DIVISIONAL FOREST OFFICER CUM WILDLIFE WARDEN ROURKELA FOREST DIVISION, ROURKELA, SUNDARGARH, ODISHA

Phone No.0661-2664637,Fax No.0661-2664638,e-mail:dforourkela.od@gov.in
Order No.519/Dtd.20.12.2022
No.MM-354: **INVITATION FOR BIDS (IFB)**
E-Procurement Bid Identification No.RKL-F.E.&C.C./2022-23,Dtd...

| | | |
|---|---|---|
| 1. | Name of work | : Construction of Anti-Poaching Barrack at K-Bolang of Banki Range, Rourkela Forest Division |
| 2. | No. of works | : 01 No. |
| 3. | No. of covers | : Single Cover |
| 4. | Estimated Cost | : Rs.16,78,366.00 |
| 5. | Period of Completion | : 03 (Three) Calendar Months |
| 6. | Date & Time of availability of bid documents in portal | : From 01.00 P.M. of dated 22.12.2022 to 06.00 P.M. of dated 26.12.2022 |
| 7. | Last date/ time for receipt of bids in the portal | : Upto 06.00 P.M. of dated 26.12.2022 |
| 8. | Date of opening of bid documents | : At 04.00 P.M. on dated 27.12.2022 |
| 9. | Class of Contractor | : "C" & above Class Contractor |
| 10. | Name and address of Officer Inviting Bid | : Divisional Forest Officer Rourkela Forest Division |

Further, details can be seen from the e-Procurement portal www.tenderodisha.gov.in. The Addendum / Corrigendum if any will be hosted in the website only.

Sd./- Divisional Forest Officer
Rourkela Forest Division
OIPR-08044/11/0012/2223



## COUNCIL OF HIGHER SECONDARY EDUCATION ODISHA, C/2, PRAJNAPITHA, SAMANTAPUR, BHUBANESWAR-751013

No-EC-I/156/2022/_3939_/CHSE (O), Dt. 19.12.2022/

### REQUEST FOR PROPOSAL (RFP)

**No.N-73:**The Council of Higher Secondary Education, Odisha intends to undertake e-valuation of Answer Books of the Annual Higher Secondary Examination, 2023 which would include Scanning/ Imaging and on-screen e-valuation of Answer Books, Re-addition/ Rechecking of Answer Books, and also feeding, uploading & transmission of off-line marks. Therefore, Request for Proposal (RFP) is invited for experienced and registered companies/ firms as per following schedule.

| Sl. No. | Item | Date & Time |
|---|---|---|
| (a) | Last date and time for submission of tender as per RFP (Only by registered post/speed post/courier) | 17/01/2023 (05.30 P.M.) |
| (b) | Submission of pre-bid queries | 26/12/2022 in the E-mail ID -secy.chse@odisha.gov.in |
| (c) | Pre-Bid Meeting | 28/12/2022 at 11.00 A.M. |
| (d) | Corrigendum, if any, to be published in website : [www.chseodisha.nic.in] | 29/12/2022 |
| (e) | Opening of Technical Bid | 19/01/2023 at 11.00 A.M. |
| (f) | Technical Presentation | 20/01/2023 at 11.00 A.M. |
| (g) | Opening of Financial Bid | 21/01/2023 at 11.00 A.M. |

RFP document is available in the website www.chseodisha.nic.in. Bidders are requested to go through the RFP thoroughly.

Order of the Chairman
Sd./- Financial Officer
C.H.S.E., Odisha, Bhubaneswar
OIPR-11003/11/0011/2223



## BHUBANESWAR MUNICIPAL CORPORATION

No.59055, Dt.19.12.2022
COMPETITIVE BIDDING THROUGH e-Procurement

### NOTICE INVITING TENDER

**Bid Reference No. BMC-DD-CE-03/2022-23 Dt.**

**No.C-2019:**On behalf of the Commissioner, Bhubaneswar Municipal Corporation, **City Engineer,** Bhubaneswar Municipal Corporation invites **Percentage Rate Bids for the work mentioned in the DTCN** through e-Procurement in conformity with the terms and conditions of this Advertisement and the Detailed Tender Call Notice (DTCN) in Two Bid system (Part-I: General & Technical Bid and Part-II: Financial Bid/Price Bid/ BOQ) from intending bidders fulfilling the eligibility criteria mentioned in this Notice and other qualifying requirements mentioned in this DTCN. **Bidders are also required to be registered with Odisha State Government in the class specified in the DTCN or else the successful bidder shall get themselves registered with Govt. of Odisha (If not registered) in appropriate class in line with the requirement of DTCN before signing of agreement.** Agreement is to be drawn up by BMC with the successful/selected bidder in the prescribed contract form of BMC (attached to the DTCN). Each bid should be submitted on-line through the website www.tendersodisha.gov.in by eligible bidders. The bidders should have necessary Portal Enrolment (Digital Signature Certificate) under e-procurement process of Govt. of Odisha in required class/category. For queries, if any on this DTCN, intending bidders may contact Superintending Engineer, Drainage Division, Bhubaneswar Municipal Corporation.

1. Total No. of works for which Tenders invited: 1 No.
2. Place of Execution: Different locations in Bhubaneswar Municipal Corporation area.
3. Estimated Cost of Individual Work: Rs.2,45,82,196 /- and Class of Contractor- 'B' & 'A' as indicated against each work mentioned in the tender call. The contractors having appropriate class or one higher up class can participate.
4. Intending bidders have to participate through **"On-Line"** bidding only. The website for online bidding is **https://www.tendersodisha.gov.in.**
5. The bid documents will be available in the above website from 10.30 AM on Dt.21.12.2022 to 5 PM on Dt.04.01.2023 for online bidding.
6. Last date & time of bidding on-line: **Dt. 04.01.2023 at 5 PM.**
7. The Technical bid received online will be opened at 11.00 A.M. on Dt.05.01.2023.
8. The bidder must possess valid and compatible **Digital Signature Certificate (DSC).**
9. The successful bidder has to furnish Additional Performance Security (APS) as detailed in the DTCN failing which the bid shall not be considered.
10. The DTCN of works shall be available in the e-procurement portal https://www.tendersodisha.gov.in for on-line bidding.
11. Subsequent reserves corrigendum, if required, shall appear in these websites.
12. Authority reserves the right to reject any or all the tenders without assigning any reason thereof subject to the limitations prescribed by Central Vigilance Commission

By Order of Commissioner, BMC
Sd./- City Engineer
Bhubaneswar Municipal Corporation
OIPR-13002/11/0188/2223



### ବିଜ୍ଞାପନ
No.D-255

## ଦୁର୍ଗପତିଙ୍କ କାର୍ଯ୍ୟାଳୟ, ପଞ୍ଚମ ସ୍ୱତନ୍ତ୍ର ସଶସ୍ତ୍ର ଆରକ୍ଷୀ ବାହିନୀ, ବାରିପଦା

ହାବିଲଦାର ଆକାଶ କୁମାର ଦାସ
ପିତା – ପ୍ରଶାନ୍ତ ଦାସ
ଗ୍ରାମ – ବଡ଼ କ୍ଷୁରୁଣି
ପୋଷ୍ଟ – ବଡ଼ କ୍ଷୁରୁଣି
ଥାନା – ବୈଶିଙ୍ଗା
ଜିଲ୍ଲା – ମୟୂରଭଞ୍ଜ

ଏତଦ୍ଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି କି, ଆପଣ ଓ.ଏସ୍.ଏ.ଏଫ୍. ପ୍ଲାଟୁନ, ସିମୁଳିଆ ଥାନାରେ ଡ୍ୟୁଟିରେ ଥିବା ସମୟରେ ତା୦୬.୦୬.୨୦୨୨ରିଖ ସକାଳ ଗଣତିରେ ବିନା ଛୁଟି ଏବଂ ବିନାନୁମତିରେ କାହାରିକୁ କିଛି ନ ଜଣାଇ ସରକାରୀ କାର୍ଯ୍ୟରୁ ଗୈରହାଜିର ଅଛନ୍ତି । ଆପଣଙ୍କୁ ବାରମ୍ବାର ତଲବ ଦେବା ସତ୍ତ୍ୱେ ନିଜ କାର୍ଯ୍ୟରେ ଯୋଗ ଦେଉନାହାନ୍ତି । ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହେଉଅଛି କି ଆପଣ ଉଦ୍ଦେଶ୍ୟମୂଳକ ଭାବେ ଜାଣିଶୁଣି ନିଜ କାର୍ଯ୍ୟରେ ଯୋଗ ଦେଉନାହାନ୍ତି, ଏବଂ ଆପଣଙ୍କର ଏତାଦୃଶ ଗୈରହାଜିର ଯୋଗୁଁ ଆପଣଙ୍କୁ ଯେଉଁ କାର୍ଯ୍ୟ ନିମନ୍ତେ ପୁଲିସ୍ ବିଭାଗରେ ନିଯୁକ୍ତି କରାଯାଇଛି ତାହାର ଉଦ୍ଦେଶ୍ୟ ସାଧିତ ହୋଇପାରୁନାହିଁ । ଉକ୍ତ ଗୈରହାଜିର ଯୋଗୁଁ ଆପଣଙ୍କ ଦରମା ମଧ ବନ୍ଦ କରାଯାଇଅଛି ।

ଏଣୁ ଉକ୍ତ ବିଜ୍ଞାପନ ଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି କି, ଏହି ସମ୍ବାଦ ପ୍ରକାଶନର ୭ ଦିନ ମଧ୍ୟରେ ଯଦି ଆପଣ ନିଜ କାର୍ଯ୍ୟରେ ଯୋଗଦାନ ନ କରିବେ, ତେବେ ଧରି ନିଆଯିବ ଯେ ଆପଣଙ୍କର ଏହି ବିଭାଗରେ ଚାକିରି କରିବାର କୌଣସି ଉଦ୍ଦେଶ୍ୟ ନାହିଁ ଏବଂ ଆପଣଙ୍କର ଉକ୍ତ ଗୈରହାଜିର ନିମନ୍ତେ ଆପଣଙ୍କ ବିରୁଦ୍ଧରେ ଏକତରଫା ଭାବେ ବିହିତ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ନିମ୍ନ ସ୍ୱାକ୍ଷରକାରୀ ବାଧ ହେବେ ।

ସ୍ୱା./- ଦୁର୍ଗପତି,
ଓଡ଼ିଶା ପଞ୍ଚମ ସ୍ୱତନ୍ତ୍ର ସଶସ୍ତ୍ର ଆରକ୍ଷୀ ବାହିନୀ, ବାରିପଦା

### ବିଜ୍ଞାପନ

## ଦୁର୍ଗପତିଙ୍କ କାର୍ଯ୍ୟାଳୟ, ପଞ୍ଚମ ସ୍ୱତନ୍ତ୍ର ସଶସ୍ତ୍ର ଆରକ୍ଷୀ ବାହିନୀ, ବାରିପଦା

ସିପାହୀ/୬୪୯ ଜୁଗୁରାମ ହେମ୍ବରମ
ପିତା – ଫାଗୁରାମ ହେମ୍ବରମ
ଗ୍ରାମ – ପଳାସ ବଣି
ପୋଷ୍ଟ – ସାନପଖଣା
ଥାନା – ରାୟରଙ୍ଗପୁର
ଜିଲ୍ଲା – ମୟୂରଭଞ୍ଜ

ଏତଦ୍ଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି କି, ଆପଣଙ୍କର ଛୁଟି ଦରଖାସ୍ତ ଅନୁଯାୟୀ ଆପଣଙ୍କୁ ୦୩ ଦିନ ସାମୟିକ ଛୁଟି ତା୨୫.୦୫.୨୦୨୨ରିଖ ଅପରାହ୍ନଠାରୁ ତା୨୮.୦୫.୨୦୨୨ରିଖ ଅପରାହ୍ନ ପର୍ଯ୍ୟନ୍ତ ଛୁଟି ପ୍ରଦାନ କରାଯାଇଥିଲା । ତଦନୁଯାୟୀ ଆପଣ ନିଜ କାର୍ଯ୍ୟରେ ତା୨୯.୦୫.୨୦୨୨ରିଖ ପୂର୍ବାହ୍ନରେ ଯୋଗଦେବା କଥା, କିନ୍ତୁ ଆପଣ ଅଦ୍ୟାବଧି ଆପଣଙ୍କ କାର୍ଯ୍ୟରେ ଯୋଗ ଦେଇନାହାନ୍ତି କିମ୍ବା ଆପଣଙ୍କଠାରୁ କୌଣସି ପ୍ରକାରର ସୂଚନା ଏହି କାର୍ଯ୍ୟାଳୟକୁ ହସ୍ତଗତ ହୋଇନାହିଁ । ଆପଣ ବିନା ଅନୁମତି ତଥା ବିନା ଛୁଟିରେ କାହାରିକୁ କିଛି ନ ଜଣାଇ କିମ୍ବା କୌଣସି ସୂଚନା ନ ଦେଇ ଉକ୍ତ ଦିନଠାରୁ ଆଜି ପର୍ଯ୍ୟନ୍ତ ସରକାରୀ କାର୍ଯ୍ୟରୁ ଗୈରହାଜିର ହୋଇଛନ୍ତି । ଆପଣଙ୍କୁ ବାରମ୍ବାର ତଲବ ଦେବା ସତ୍ତ୍ୱେ ନିଜ କାର୍ଯ୍ୟରେ ଯୋଗ ଦେଉନାହାନ୍ତି । ଏଥିରୁ ପ୍ରତୀୟମାନ ହେଉଅଛି କି ଆପଣ ଉଦ୍ଦେଶ୍ୟମୂଳକ ଭାବେ ଜାଣିଶୁଣି ନିଜ କାର୍ଯ୍ୟରେ ଯୋଗ ଦେଉନାହାନ୍ତି ଏବଂ ଏତାଦୃଶ ଗୈରହାଜିର ଯୋଗୁଁ ଆପଣଙ୍କ ଦରମା ବନ୍ଦ କରାଯାଇଅଛି ।

ଏଣୁ ଉକ୍ତ ବିଜ୍ଞାପନ ଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି କି, ଏହି ସମ୍ବାଦ ପ୍ରକାଶନର ୭ ଦିନ ମଧ୍ୟରେ ଯଦି ଆପଣ ନିଜ କାର୍ଯ୍ୟରେ ଯୋଗଦାନ ନ କରିବେ, ତେବେ ଧରି ନିଆଯିବ ଯେ ଆପଣଙ୍କର ଏହି ବିଭାଗରେ ଚାକିରି କରିବାର କୌଣସି ଉଦ୍ଦେଶ୍ୟ ନାହିଁ ଏବଂ ଆପଣଙ୍କର ଉକ୍ତ ଗୈରହାଜିର ନିମନ୍ତେ ଆପଣଙ୍କ ବିରୁଦ୍ଧରେ ଏକତରଫା ଭାବେ ବିହିତ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ନିମ୍ନ ସ୍ୱାକ୍ଷରକାରୀ ବାଧ ହେବେ ।

ସ୍ୱା./- ଦୁର୍ଗପତି,
ଓଡ଼ିଶା ପଞ୍ଚମ ସ୍ୱତନ୍ତ୍ର ସଶସ୍ତ୍ର ଆରକ୍ଷୀ ବାହିନୀ, ବାରିପଦା
OIPR-12029/11/0045/2223

## ଜନ୍ମଦିନର ଶୁଭେଚ୍ଛା

ନାମ: ...............................
ବୟସ:...............................
ଜନ୍ମ ତାରିଖ: ...............................


ଆଶୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




ଭୁବନେଶ୍ୱର ଓ ରାଉରକେଲାରେ ହକି ବିଶ୍ୱକପ ୨୦୨୩ ଜାନୁୟାରୀ ୧୩ରୁ ୨୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ରାଜ୍ୟ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ବୁଧବାର ନୂଆଦିଲ୍ଲୀରେ କେନ୍ଦ୍ର କ୍ରୀଡ଼ା ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁରଙ୍କୁ ଭେଟି ନିମନ୍ତ୍ରଣ କରୁଛନ୍ତି।

## ସେମିରେ ଏକେ କ୍ଲବ୍

**ଭୁବନେଶ୍ୱର,୨୧।୧୨(ସ୍ପୋର୍ଟ୍ସ ବ୍ୟୁରୋ):** ଶିବଶକ୍ତି କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ତମାଣ୍ଡୋ କପ୍ ଫୁଟବଲ୍ ସେମିଫାଇନାଲରେ ପ୍ରବେଶ କରିଛି ଏକେ କ୍ଲବ୍। ବୁଧବାର ଅନୁଷ୍ଠିତ ଅନ୍ତିମ କ୍ୱାର୍ଟର ଫାଇନାଲରେ ଏକେ କ୍ଲବ ଅନୁଗୁଳ ଟାଇବ୍ରେକରରେ ୩-୨ ଗୋଲରେ ଆର.ଏନ୍ କ୍ଲବ ଫୁଲବାଣୀକୁ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟରେ ମ୍ୟାଚଟି ୧-୧ରେ ଅମୀମାଂସିତ ରହିବା ପରେ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଏକେ କ୍ଲବ୍ ପକ୍ଷରୁ ମ୍ୟାଚର ଷଷ୍ଠ ମିନିଟରେ ମିଥୁନ ସାହ ସ୍କୋର କରିଥିବା ବେଳେ ୮୫ ତମ ମିନିଟରେ ଆର.ଏନ୍ କ୍ଲବର ମିଟୁ ପ୍ରଧାନ ଗୋଲ ପରିଶୋଧ କରିଥିଲେ। ଟାଇବ୍ରେକରରେ ଅନୁଗୁଳ ପକ୍ଷରୁ ପପୁ ବେହେରା, ଅଜିତ ଲାକ୍ରା ଓ ବିଜୟ ନାୟକ ସ୍କୋର କରିଥିବା ବେଳେ ଫୁଲବାଣୀ ଦଳର ଅଜିତ ଭୋଇ ଓ ରଞ୍ଜିତ ଜେନା ଗୋଲ ଦେଇଥିଲେ। ଅନୁଗୁଳ ଦଳର ସୁନୀଲ ବାଗଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା। ଜିଲ୍ଲା ପରିଷଦ ସଭ୍ୟ ସୁବାସ ସୁନ୍ଦରାୟ, ମହେନ୍ଦ୍ର କୁମାର ବଳ, ଭଗବାନ ବେହେରା ଅତିଥି ଭାବରେ ଯୋଗ ଦେଇଥିଲେ।

# ମରକ୍କୋ ଦଳକୁ ଭବ୍ୟ ସ୍ୱାଗତ

**ରାବାଟ,୨୧।୧୨(ପି.ଟି)**



ସୁରକ୍ଷା ବଳୟ ମଧ୍ୟରେ ମରକ୍କୋ ଫୁଟବଲ ଦଳକୁ ରାବାଟ ସହର ପରିକ୍ରମା କରାଯାଉଛି।

କାତାର ଫିଫା ବିଶ୍ୱକପ୍-୨୦୨୨ରେ ୪ର୍ଥ ସ୍ଥାନ ହାସଲ ସହ ଇତିହାସ ସୃଷ୍ଟି କରି ଫେରିଥିବା ମରକ୍କୋ ଦଳକୁ ମିଳିଛି ଭବ୍ୟ ସ୍ୱାଗତ। ବିଶ୍ୱକପ୍‌ର ହିରୋମାନେ ରାଜଧାନୀ ରାବାଟରେ ବିମାନରୁ ଅବତରଣ କରିବା ପରେ ଫ୍ୟାନମାନଙ୍କ ମଧ୍ୟରେ ଦେଖିବାକୁ ମିଳିଥିଲା ଅଫୁରନ୍ତ ଉଦ୍ଦୀପନା। ବିଭିନ୍ନ ସଡକ ଓ ଗଳିରେ ଜାତୀୟ ପତାକା ଓ ପାରମ୍ପରିକ ବାଦ୍ୟ ସହିତ ଫ୍ୟାନମାନେ ଜାତୀୟ ଦଳର ଖେଳାଳିଙ୍କୁ ସ୍ୱାଗତ କରିଥିଲେ। ଏକ ଖୋଲାଛାତର ବସ୍‌ରେ ଖେଳାଳିମାନେ କଡ଼ା ସୁରକ୍ଷା ମଧ୍ୟରେ ରାବାଟ ସହର ପରିକ୍ରମା କରିଥିଲେ। ସମସ୍ତ ଖେଳାଳି ଓ କୋଚ୍ ୱାଲିଦ୍ ରେଗରାଗୁଇ ଫ୍ୟାନ୍‌ମାନଙ୍କୁ ହାତ ହଲାଇବା ସହିତ ଫ୍ଲାଇଂ କିସ୍ ଦେଇଥିଲେ। ୪ ଲେନ୍ ବିଶିଷ୍ଟ ରାସ୍ତାକୁ ଖାଲି କରାଯାଇ ବସ୍ ଅତ୍ୟନ୍ତ ଧୀମା ଗତିରେ ଯାତ୍ରା କରିଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ଜନସମୁଦ୍ର ରହିଥିବା ବେଳେ ଖେଳାଳିଙ୍କ ବସ୍ ରାଜା ମହମ୍ମଦ-୬ଙ୍କୁ ଭେଟିବାକୁ ରାଜପ୍ରାସାଦରେ ପହଞ୍ଚିଥିଲେ। ରାଜପ୍ରାସାଦରେ ପହଞ୍ଚିବା ପରେ ରାଜାଙ୍କ ସହିତ ଏହି ଐତିହାସିକ ସଫଳତାକୁ ସେଲିବ୍ରେଟ୍ କରିଥିଲେ ଖେଳାଳି। ପ୍ରଥମ ଆଫ୍ରିକୀୟ ତଥା ଆରବ ଦେଶ ଭାବରେ ମରକ୍କୋ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ହାସଲ କରିଥିଲା। ପୂର୍ବରୁ ଦେଶ ଉପରେ କରିଥିବା ୟୁରୋପୀୟ ଉପନିବେଶବାଦ ଶକ୍ତି ବେଲଜିୟମ, ସ୍ପେନ ଓ ପର୍ତ୍ତୁଗାଲକୁ ଦଳ ପରାସ୍ତ କରିଥିଲା। ଏହି ସଫଳତା ପରେ ମରକ୍କୋ ଜାତୀୟ ଦଳକୁ ଦେଶରେ ହିରୋର ସମ୍ମାନ ପ୍ରଦାନ କରାଯାଇଥିଲା। ମରକ୍କୋର ଏହି ସଫଳତା ସର୍ବଦା ଇତିହାସରେ ସ୍ୱର୍ଣ୍ଣିମ ଅକ୍ଷରରେ ଲିପିବଦ୍ଧ ହୋଇ ରହିବ। ମରକ୍କୋବାସୀ ଫୁଟବଲକୁ ଭଲ ପାଉଥିବା ବେଳେ ଏହି ସଫଳତା ଆମକୁ ମନ୍ତ୍ରମୁଗ୍ଧ କରିଛି ବୋଲି ରେଦା ଘାଜି ନାମକ ଜଣେ ଫ୍ୟାନ୍ ପ୍ରକାଶ କରିଛନ୍ତି। ଦଳ ବର୍ତ୍ତମାନ ଏହାର ସ୍ତର ଏତେ ଉଚ୍ଚ ରଖିଛି ଯେ ଆମକୁ ଆଫ୍ରିକାନ୍ କପ୍ ଅଫ୍ ନେସନ୍ସ ନିହାତି ବିଜୟୀ ହେବାକୁ ପଡିବ ବୋଲି କହିଛନ୍ତି ଆଉ ଜଣେ ଫ୍ୟାନ। ମରକ୍କୋ ଦଳ ଏହି ବିଜୟ ପରେ ପାଲେଷ୍ଟାଇନ୍ ପତାକା ଧରି ସେଲିବ୍ରେସନ କରିବା ସହିତ ଏକ ବାର୍ତ୍ତା ଦେବାକୁ ପ୍ରୟାସ କରିଥିଲା ବୋଲି ରାବାଟ ବାସିନ୍ଦା ଓମାର ଜୋର୍ଗେନ୍ ପ୍ରକାଶ କରିଛନ୍ତି। ଆଫ୍ରିକୀୟ ରାଷ୍ଟ୍ର ଭାବରେ ଆମେ ଅନେକ ରେକର୍ଡ ଭାଙ୍ଗିଛୁ। ତେବେ ଆମକୁ ଆହୁରି ଅନେକ ପଥ ଅତିକ୍ରମ କରିବାକୁ ଅଛି। ଉଲ୍ଲେଖଯୋଗ୍ୟ ଯେ ୨୦୧୦ରେ ଘାନା ଏକମାତ୍ର ଆଫ୍ରିକୀୟ ରାଷ୍ଟ୍ର ଭାବରେ କ୍ୱାର୍ଟର ଯାଏ ପହଞ୍ଚିଥିଲା। ବିଶ୍ୱର ଏହି ସର୍ବବୃହତ୍ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଆମର ପ୍ରଦର୍ଶନ ଆମ ପାଇଁ ଏକ ନୂତନ ସମ୍ଭାବନା ସୃଷ୍ଟି କରିଛି। ଆଗାମୀ ଦିନରେ ବିଶ୍ୱ ଫୁଟବଲ ବକ୍ଷରେ ଆମକୁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବାକୁ ହେବ ବୋଲି ଜଣେ ଫ୍ୟାନ୍ ପ୍ରକାଶ କରିଛନ୍ତି।

# ଡବ୍ଲ୍ୟୁଟିସି ଯୋଗ୍ୟତା ଲକ୍ଷ୍ୟରେ ଭାରତ

**ମୀରପୁର,୨୧।୧୨(ପି.ଟି)**

ଗୁରୁବାର ବାଂଲାଦେଶ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ଆଉ ଏକ ଦୃଢ ପ୍ରଦର୍ଶନ ଦେବା ଲକ୍ଷ୍ୟରେ ରହିବ ଭାରତ। ଭାରତୀୟ ଦଳର ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍(ଡବ୍ଲ୍ୟୁଟିସି) ଯୋଗ୍ୟତା ହାସଲର ସମ୍ଭାବନା ବଜାୟ ରଖିବାକୁ ହେଲେ ବିଜୟ ନିହାତି ଆବଶ୍ୟକ ଥିବା ବେଳେ ଭାରତ ଏହାର ସମସ୍ତ ଶକ୍ତିର ଉପଯୋଗ କରିବ। ବାଂଲାଦେଶ ସିରିଜ ପରେ ଘରୋଇ ମାଟିରେ ଅଷ୍ଟ୍ରେଲିଆ ବିପକ୍ଷରେ ୪ ମ୍ୟାଚର ଟେଷ୍ଟ ସିରିଜ ଖେଳିବ ଭାରତ। ଉକ୍ତ ସିରିଜ ପୂର୍ବରୁ କ୍ଲିନ୍ ସୁଇପ୍ ଭାରତୀୟ ଦଳର ମନୋବଳ ବୃଦ୍ଧିରେ ସହାୟକ ହେବ। ବର୍ତ୍ତମାନ ଭାରତ ୫୫.୭୭ ପଏଣ୍ଟ ସହିତ ଦ୍ୱିତୀୟ ସ୍ଥାନରେ ରହିଛି। ତେଣୁ ଭାରତ ସିରିଜ୍ କ୍ଲିନ୍ ସୁଇପ କରିବା ସହିତ ଡବ୍ଲ୍ୟୁଟିସି ଫାଇନାଲ ସମ୍ଭାବନାକୁ ଆହୁରି ଦୃଢ କରିବାକୁ ପ୍ରୟାସ କରିବ। ରୋହିତ ଶର୍ମା ଦ୍ୱିତୀୟ ଟେଷ୍ଟରୁ ବାଦ ପଡିଥିବା ବେଳେ ଭାରତୀୟ ଏକାଦଶରେ ପରିବର୍ତ୍ତନର ସମ୍ଭାବନା କମ୍। ଚଟ୍ଟୋଗ୍ରାମ ଟେଷ୍ଟରେ ପ୍ରଥମ ଶତକ ହାସଲ କରିଥିବା ଶୁବମନ ଗିଲଙ୍କଠାରୁ ଦଳ ଆଉ ଏକ ଭଲ ଇନିଂସ ଆଶା କରିବ। ଅଷ୍ଟ୍ରେଲିଆ ସିରିଜ୍ ପୂର୍ବରୁ ରାହୁଲଙ୍କ ବ୍ୟାଟରୁ ମଧ୍ୟ ଏକ ଭଲ ଇନିଂସ ଆଶା କରିବ ମ୍ୟାନେଜମେଣ୍ଟ। ତେବେ ଷ୍ଟାଣ୍ଡଇନ୍ ଅଧିନାୟକ ଲୋକେଶ ରାହୁଲଙ୍କ କଟିରେ ଅଭ୍ୟାସ ସମୟରେ ସାମାନ୍ୟ ଆଘାତ ଲାଗିଥିବା ବେଳେ ତାଙ୍କୁ ନେଇ ଆଶଙ୍କା ଜାରି ରହିଛି। ଯଦି ରାହୁଲ ଅନୁପସ୍ଥିତ ରୁହନ୍ତି ତେବେ ପୂଜାରା ଭାରତୀୟ ଦଳ ପକ୍ଷରୁ ଇନିଂସ ଓପନ କରିପାରନ୍ତି। ଏହା ସହିତ ଦଳରେ ଥିବା ଅଭିମନ୍ୟୁ ଇଶ୍ୱରନଙ୍କୁ ମଧ୍ୟ ମ୍ୟାନେଜମେଣ୍ଟ ପକ୍ଷରୁ ଏକ ସୁଯୋଗ ମିଳିବାର ସମ୍ଭାବନା ରହିଛି। ଚେତେଶ୍ୱର ପୂଜାରା ପ୍ରଥମ ଟେଷ୍ଟର ଉଭୟ ଇନିଂସରେ ଭଲ ବ୍ୟାଟିଂ କରିଥିଲେ। ପୂର୍ବତନ ଭାରତୀୟ ଅଧିନାୟକ ବିରାଟ କୋହଲି ଟି୨୦ ଓ ଦିନିକିଆରେ ଚଳିତ ବର୍ଷ ଶତକ ହାସଲ କରି ସାରିଥିବା ବେଳେ ଟେଷ୍ଟରେ ମଧ୍ୟ ସେ ଏକ ଶତକ ହାସଲ ନେଇ ମ୍ୟାନେଜମେଣ୍ଟ ଆଶା କରିବ। ନଭେମ୍ବର ୨୦୧୯ରେ ସେ ଶେଷ ଥର ପାଇଁ ଟେଷ୍ଟ ଅର୍ଦ୍ଧଶତକ ହାସଲ କରିଥିଲେ। ଚଟ୍ଟୋଗ୍ରାମର ପିଚ୍ ପରି ଏଠାରେ ମଧ୍ୟ ସ୍ପିନରଙ୍କ ପାଇଁ ସାମାନ୍ୟ ସହାୟତା ରହିବ। ପିଚ୍ ସ୍ଲୋ ରହିବାକୁ ଥିବା ବେଳେ ବ୍ୟାଟରଙ୍କୁ ମଧ୍ୟ ସାମାନ୍ୟ ସହାୟତା ମିଳିବା ନେଇ ଆଶା କରାଯାଉଛି। ଭାରତୀୟ ବୋଲରଙ୍କ ମଧ୍ୟରେ କୁଳଦୀପ ଯାଦବ ଓ ଅକ୍ଷର ପଟେଲ ପ୍ରଥମ ଟେଷ୍ଟରେ ଘାତକ ବୋଲିଂ କରିଥିବା ବେଳେ ମହମ୍ମଦ ସିରାଜ ମଧ୍ୟ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ଅଶ୍ୱିନ ବ୍ୟାଟ ଜରିଆରେ ଭଲ ପ୍ରଦର୍ଶନ କରିଥିବା ବେଳେ ବୋଲିଂରେ ନିଷ୍ପ୍ରଭ ରହିଥିଲେ। ମାତ୍ର ଦ୍ୱିତୀୟ ଟେଷ୍ଟରେ ସେ ଏହାର ଭରଣା କରିବାକୁ ପ୍ରୟାସ କରିବେ। ଘରୋଇ ବାଂଲାଦେଶ ସମାନ ଏକାଦଶ ସହିତ ପଡିଆକୁ ଓହ୍ଲାଇବା ନେଇ କୋଚ ଆଲାନ ଡୋନାଲ୍ଡ ସ୍ପଷ୍ଟ କରିଥିବା ବେଳେ ସାକିବ ଅଲ ହସନ ବୋଲିଂ ପାଇଁ ଉପଲବ୍ଧ ହେବେ ବୋଲି ସେ ସୂଚନା ଦେଇଛନ୍ତି।

**ଆଜିଠୁ ଦ୍ୱିତୀୟ ଟେଷ୍ଟ**

**ମ୍ୟାଚ୍ ସ୍ଥାନ: ମୀରପୁର,**
**ସମୟ : ସକାଳ-୯.୦୦**
**ପ୍ରସାରଣ: ସୋନୀ ସ୍ପୋର୍ଟ୍ସ**

# ନୀରଜଙ୍କ ବିଶ୍ୱବିଦ୍ୟାଳୟ ରେକର୍ଡ ଭାଙ୍ଗିଲେ ବିକ୍ରାନ୍ତ



ବିକ୍ରାନ୍ତ ମଲିକ

**ଭୁବନେଶ୍ୱର, ୨୧।୧୨ (କ୍ରୀଡ଼ା ପ୍ରତିନିଧି)**

କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଥିବା ଉତ୍ତର ପୂର୍ବାଞ୍ଚଳ ଜୋନ୍ ଆନ୍ତଃ ବିଶ୍ୱବିଦ୍ୟାଳୟ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ଆୟୋଜକ ଦଳର ପ୍ରଭାବୀ ପ୍ରଦର୍ଶନ ଜାରି ରହିଛି। ବୁଧବାର ଦ୍ୱିତୀୟ ଦିବସରେ କିଟ୍ ପ୍ରତିଯୋଗୀଙ୍କୁ ୩ ସ୍ୱର୍ଣ୍ଣ ଏବଂ ୨ଟି ରୌପ୍ୟ ପଦକ ମିଳିଛି। ବିକ୍ରାନ୍ତ ମଲିକ ୮୧.୮୨ ମିଟର ଜାଭେଲିନ ଥ୍ରୋ କରି ମିଟ୍ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏଥିସହ ସେ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜେତା ନୀରଜ ଚୋପ୍ରାଙ୍କ ବିଶ୍ୱବିଦ୍ୟାଳୟ ରେକର୍ଡକୁ ଭାଙ୍ଗିଛନ୍ତି। ନୀରଜ ୨୦୧୫ରେ ପଞ୍ଜାବ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରି ୮୧.୦୪ ମିଟର ଜାଭେଲିନ ଥ୍ରୋ କରି ରେକର୍ଡର ଅଧିକାରୀ ଥିଲେ। ମହିଳା ୨୦ କିଲୋମିଟର ଚାଲିରେ ପ୍ରିୟଙ୍କା ଏବଂ ୧୦୦ ମିଟର ହର୍ଡଲ୍ସରେ ପ୍ରଜ୍ଞା ପ୍ରଶାନ୍ତି ସାହୁ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ଅଲିମ୍ପିଆନ ଦୂତୀ ଚାନ୍ଦ ମହିଳା ୧୦୦ ମିଟର ରେସ୍ ଏବଂ ଲାଲୁ ପ୍ରସାଦ ଭୋଇ ପୁରୁଷ ୧୦୦ ମିଟର ରେସ୍‌ରେ ରୌପ୍ୟ ପଦକ ହାସଲ କରିଛନ୍ତି। ପଦକ ବିଜେତାଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି। କିସ୍ ବିଶ୍ୱବିଦ୍ୟାଳୟର ଭାଇସ ଚାନ୍ସେଲର ଦୀପକ କୁମାର ବେହେରା ଓ ଦୂତୀ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ପ୍ରତିଯୋଗିତାରେ ୨୫୦ରୁ ଊର୍ଦ୍ଧ୍ୱ ବିଶ୍ୱବିଦ୍ୟାଳୟରୁ ୨୫୦୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍ (ଏଆଇୟୁ) ଅନୁମୋଦନକ୍ରମେ ଏହି ପ୍ରତିଯୋଗିତା କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେଉଛି।

**ଉତ୍ତର ପୂର୍ବାଞ୍ଚଳ ଜୋନ୍ ଆନ୍ତଃ ବିଶ୍ୱବିଦ୍ୟାଳୟ ଆଥଲେଟିକ୍ସ**


## Classified Everyday
0674-2580101, 2549949




SALE

New Cancer Hospital ନାଇଜର ଜଟଣୀରେ ବର୍ଗଫୁଟ ୩୦୦-୫୦୦ ଜାଗା ବିକ୍ରି ହେଉଛି। 9437621753. D-73669

ଭୁବନେଶ୍ୱର ନଖରା ଘରବାରି SC plot sqft.-150/-, general-350/-. 9439660381. D-74165

**Yellowzone gharabari plot for sale, 2000sqft. (13Nos) at Mouza-Sankarpur, Ghatikia, Khandagiri in front of Tata Ariana, Vipul Garden backside, Bhubaneswar. Govt. road connected Internal Road- 30ft. & road side Plantation. Immediately possession then registration. Water & Electricity available. NH-5 to 1KM. sqft.-2000/-. Ph- 8114744495, 8328943165.** D-2273

ଭୁବନେଶ୍ୱର ବାଲିଅନ୍ତା ବେଣ୍ଟପୁରରେ 60ft. ପିଚୁ ରୋଡ୍‌କୁ ଲାଗି ଘରବାରି ପ୍ଲଟ୍ ବିକ୍ରିହେବ। 8093465134, 9668194157. D-74167

ମାତ୍ର ଟ. **11,40,000/-ରେ** ଫୁଲନଖରା ଓ ମହୀଧରପଡ଼ା ପାଖରେ ଘରବାରି ବାଉଣ୍ଡରୀ ସହିତ ପ୍ଲଟ୍ ମିଳୁଅଛି। "ସୁବର୍ଣ୍ଣ ସୁଯୋଗ ନିଜର ସ୍ୱପ୍ନର ଘର"। **9348152874.** D-74169

ଭୁବନେଶ୍ୱର ଜଟଣୀଗେଟ୍ **NH-5** ପାଖରେ ଘରବାରି ପ୍ଲଟ୍ **30'** ରାସ୍ତାଥାଇ **sqft.-400/-, 630/-. 9437607388, 8926073614.** D-74166




Newly open SPA positively health benefits expert therapist, Jagamara. 7849011931. D-73668

Newly open full body massage ladies and gents. 8327740003, 8093860513. D-74616

Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-74612

**Relax, Refresh your Body, Mind at Saikrupa Spa with best therapies. 8984068077.** D-2230

### AFFIDAVIT

By virtue of an affidavit sworn before the Notary Public, Bhubaneswar, I, Minushree Manjula Sahoo hereby solemnly state that my actual name is stated above but in Aadhaar and PAN card has been wrongly mentioned as Heena Farooque. That's hereby declaring Minushree Manjula Sahoo and Heena Farooque is one and same person and hence will be known as Minushree Manjula Sahoo for all officially and non officially purposes.
Deponent
D-2311

By virtue of an affidavit before Notary Public, Bhubaneswar, I Chittaranjan Mohanty hereby state that, my name is wrongly mentioned as Chitta Ranjan Mohanty in some documents. Chittaranjan Mohanty & Chitta Ranjan Mohanty is one and same person. D-2312

### ଜନ୍ମଦିନ ଶୁଭେଚ୍ଛା



**ଆଶୁ (ସିଦ୍ଧାର୍ଥ)**
Unit-IX, Road-3, Bhubaneswar
ଆଜି ତା୨୨।୧୨।୨୨ରିଖ ତୋର ଜନ୍ମଦିନରେ ମାଆ ମଙ୍ଗଳାଙ୍କ ଚରଣ ତଳେ ଆମର ଏତିକି ଗୁହାରି, ମାଆ ତୋତେ ତା'ର ପଣତକାନି ତଳେ ଘଣ୍ଟ ଘୋଡ଼େଇ ରଖନ୍ତୁ, ନୀରୋଗ ରଖନ୍ତୁ, ବିଦ୍ୟା, ବୁଦ୍ଧି ଦିଅନ୍ତୁ। ଭଲ ମଣିଷଟିଏ କରନ୍ତୁ। ତୋର ଚଲାପଥରେ ସର୍ବଦା ସାହା ଭରସା ହୁଅନ୍ତୁ।
ଆଶୀର୍ବାଦ ସହ ତୋର- ହେ ଅଜା (ଧନ୍ତୁ), ଆଇ (ଅର୍ଚ୍ଚନା), ମାଆ (ରୀତା), ବାପା, ବାବା ମାମା, ମାଉସୀ (କୁନି), ଗୁଡ଼ୁଲୁ ଦିଦି, ସାନଭଉଣୀ (ସାନୁ)।
ଧ-୨୨୯୯

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**ପାଠକଙ୍କ ପାଇଁ ସୂଚନା-** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## CLASSIFIED DISPLAY

ALL EDITION - B/W (Everyday)
for Booking Contact: 0674-2580385, 8637280816, 7894447167, 9338226625

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ମୁଦ୍ରା ଫାଇନାନ୍ସ**
**PM ମୁଦ୍ରା ଯୋଜନା**
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି।
ଅନ୍‌ଲାଇନ୍ ସୁବିଧା।
ମୁଦ୍ରା ଫାଇନାନ୍ସ
Mob. 8985384630

**ମୋବାଇଲ ଟାୱାର**
ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ କମ୍ପାନୀ ଦ୍ୱାରା ନିଜ ଖାଲି ଜମି, ଛାତ, ଫ୍ଲାଟ୍‌ରେ 4G/5G ମୋବାଇଲ ଟାୱାର ଲଗାନ୍ତୁ।
* ଅଗ୍ରିମ 70 ଲକ୍ଷ
* ଭଡ଼ା- 50,000/-
* 01 ଚାକିରି
24 ଘଣ୍ଟାରେ ସର୍ଭେ କରାନ୍ତୁ।
ରେଜିଷ୍ଟ୍ରେଶନ୍ ଫିସ୍- 2850/-
ଏଜେଣ୍ଟ ଆମନ୍ତ୍ରିତ
Helpline:- 08901421291

**LOAN**
ବିଜୟ ଫାଇନାନ୍ସ ସମସ୍ତ ପ୍ରକାର LOAN 10 ଦିନ ମଧ୍ୟରେ ଯୋଗାଇ ଦେଉଛି। ବ୍ୟବସାୟ, ପର୍ସନାଲ, କୃଷି, ଶିକ୍ଷା, କୁକୁଡା ପାଳନ, ଗାଈ ପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ।
M:8895873378
:7656825209

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକ ଶ୍ରଦ୍ଧାଞ୍ଜଳି**



**୰ବିଷ୍ଣୁପ୍ରିୟା ସାହୁ**
ପାଣ୍ଡିଆଝୋଲି, କୁକୁଡ଼ାଖଣ୍ଡି
ଆବିର୍ଭାବ- ୨୩।୦୮।୧୯୫୬
ତିରୋଧାନ- ୦୧।୦୧।୨୦୨୨
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି ସହ- ମମତା, ମନୋଜ, ମହେନ୍ଦ୍ର, ମଳୟ ଓ ପରିବାରବର୍ଗ।
ଧ-୨୩୦୮

**ଏକାଦଶାହ ଉପଲକ୍ଷେ**



**୰ନରେନ୍ଦ୍ର ନାଥ ସାହୁ**
ଆବିର୍ଭାବ: ୧୩।୦୨।୧୯୬୫
ତିରୋଧାନ: ୧୨।୧୨।୨୦୨୨
ଠିକଣା- ତ୍ରିଶୂଳିଆ, ବାରଙ୍ଗ, କଟକ
ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା, ତ୍ୟାଗ, ଦକ୍ଷତା ଏବଂ ଆଶୀର୍ବାଦ ଆମ୍ଭମାନଙ୍କର ସ୍ମୃତିରେ ଚିର ଲିପିବଦ୍ଧ ହୋଇରହିଥାଉ। ତୁମର ଅନୁପସ୍ଥିତି ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ : ସ୍ତ୍ରୀ- ନମିତା ସାହୁ, ପୁଅ- ବୁଲୁ (ପିଙ୍କୁନ୍), ଝିଅ- ମେଘନା, ପୁତୁରା- ନିଲୁ, ସିଲୁ, ଦିଲୁ, ଟୁଲୁ, ଝିଅଜ୍ୱାଇଁ, ନାତିନାତୁଣୀ, ବୋହୂ, ଭଣଜାଭାଣିଜୀ ଏବଂ ବନ୍ଧୁ ଓ ସାହୁ ପରିବାରବର୍ଗ।
ଧ-୨୩୦୭

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ସତ୍ୟଭାମା ଦାଶ**
ଭୁବନେଶ୍ୱର
ଆବିର୍ଭାବ: ୦୨।୧୦।୧୯୩୯
ତିରୋଧାନ: ୧୨।୧୨।୨୦୨୨
ଆପଣଙ୍କ ନିଷ୍ଠା, ସରଳ ଆଦର୍ଶ, ସେବା, ଧର୍ମ ପରାୟଣତା ଓ ପରୋପକାରିତା ଆମ୍ଭମାନଙ୍କ ନିମନ୍ତେ ସର୍ବାପେକ୍ଷା ମୂଲ୍ୟବାନ୍ ସ୍ମୃତି, ଏହା ହିଁ ଆମ ଜୀବନର ଚଲାପଥ ହେଉ। ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶ୍ରଦ୍ଧାଞ୍ଜଳି ସହ ଶୋକସନ୍ତପ୍ତ, ବନ୍ଧୁ ଓ ପରିବାରବର୍ଗ।
ଧ-୨୩୧୦

# ଧୋ ରେ ବାଇଆ ଧୋ



'ଧୋ ରେ ବାଇଆ ଧୋ' ଫିଲ୍ମରେ ହରି

ରିଲିଜ ଅପେକ୍ଷାରେ ଥିବା ଓଡ଼ିଆ ସିନେମା 'ଧୋ ରେ ବାଇଆ ଧୋ'ରେ ହରିହର ମହାପାତ୍ର ଓରଫ ହରି ଭାଇଙ୍କୁ ପୁଣି ଥରେ ଏକ ଭିନ୍ନ ଭୂମିକାରେ ଦର୍ଶକ ଦେଖିବାକୁ ପାଇବେ। ଖାସ୍ କଥା ହେଲା ଏହି ଫିଲ୍ମଟି ହେଉଛି ତାଙ୍କ ଅଭିନୀତ ୧୦୦ତମ ଚଳଚ୍ଚିତ୍ର। ଏହା ପୂର୍ବରୁ ତାପସ ସରଘରିଆଙ୍କ ନିର୍ଦ୍ଦେଶିତ ହିଟ୍ ଓଡ଼ିଆ ସିନେମା 'ଝୁମ୍‌କୁ ଝୁମାନା'ରେ ନିଜକୁ ଅଲ୍‌ରାଉଣ୍ଡର ଭାବରେ ସାବ୍ୟସ୍ତ କରିଥିଲେ ସେ। ଏ ସମ୍ପର୍କରେ ହରି କହନ୍ତି, 'ଏହି ଫିଲ୍ମର କାହାଣୀ ନିଜେ ଲେଖିଛି। ଯେତେବେଳେ ଏ ବିଷୟରେ ପ୍ରଯୋଜକ ସୀତାରାମ ଅଗ୍ରୱାଲଙ୍କ ସହ ଆଲୋଚନା କଲି ସେ ଏହାକୁ ନେଇ ସିନେମା କରିବାକୁ ସଙ୍କେତ ଦେଇଥିଲେ। ଏହାର କାହାଣୀରେ କ'ଣ ଭିନ୍ନତା ରହିଛି ତାହା ଫିଲ୍ମଟି ଦେଖିଲେ ଦର୍ଶକ ଜାଣିପାରିବେ।' 'ଧୋ ରେ ବାଇଆ ଧୋ'ର ନିର୍ଦ୍ଦେଶନା ଦେଇଛନ୍ତି ହିମାଂଶୁ ପରିଜା (ଚଣ୍ଡୀ)। ହରି ଏହାର କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପ ରଚନା କରିବା ସହ ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି। ତାଙ୍କ ସହ ନାୟିକା ଭାବରେ ଦିବ୍ୟା ଦେଖାଦେବେ। ବବି ମିଶ୍ର, ପିଙ୍କି ପ୍ରଧାନ, ସାତ୍ୟକି ମିଶ୍ର, ହାଡ୍ଡୁ ଏବଂ ଲୀନା ମଧ୍ୟ ଏହି ଚିତ୍ରରେ ଅଭିନୟ କରୁଛନ୍ତି।

### ଅପେରା ହାଲ୍‌ଚାଲ୍

## ସାବଧାନ, ମାଇକେଲ ଆସୁଛି



ଗୋବିନ୍ଦ

ଥରେ ମନେପକାନ୍ତୁ ନା ଅପେରା ସ୍ୱର୍ଣ୍ଣମନ୍ଦିରର ଚଳିତ ବର୍ଷର ଚର୍ଚ୍ଚିତ ନାଟକ 'ଘୋଡ଼ା ହାତୀ ଗଣ୍ଡାକୁ ଗଣ୍ଡା, ଏକା ଲଢ଼ିବ ରାଣୀ ପଣ୍ଡା' ନାଟକକୁ। ଏହି ନାଟକରେ ମାଇକେଲ ଚରିତ୍ର ତାଙ୍କୁ ଦେଇଛି ବେଶ୍ ମାଇଲେଜ। ଜଣେ ଦୁର୍ନୀତିଗ୍ରସ୍ତ ପୋଲିସ ଅଫିସର ଭୂମିକାରେ ଏଥିରେ ଅବତୀର୍ଣ୍ଣ ହୋଇଛନ୍ତି ସେ। ହଁ, ସେ ହେଉଛନ୍ତି ଖଳନାୟକ ଭୂମିକା ପାଇଁ ଆଲୋଚନାର କେନ୍ଦ୍ରବିନ୍ଦୁ ସାଜିଥିବା ଗୋବିନ୍ଦ ଚନ୍ଦ୍ର ଦାସ ଓରଫ ଗୋବିନ୍ଦ। ପିଲାଟି ଦିନରୁ ଡ୍ରାମା ଏବଂ ଏକକ ଅଭିନୟରେ ନେଗେଟିଭ ଭୂମିକାରେ ନିଜ ଦକ୍ଷତା ଦେଖାଇଥିଲେ ସେ। ତା'ପରେ ସେ ଚିତ୍ରେଶ୍ୱର ଗଣନାଟ୍ୟରୁ ପାଦ ଦିଅନ୍ତି ଜଲିଉଡ୍‌ରେ। ପରବର୍ତ୍ତୀ ସମୟରେ ବାଘାଯତୀନ ଲୋକନାଟ୍ୟ ପରିବେଷିତ 'ପାକିସ୍ତାନୀ ଝିଅ ଭାରତ କେ ଲିୟେ ଶହୀଦ', 'କାହାଣୀ କାନ୍ଦୁଛି ଆଖି ଲୁଚେଇ', 'କି ରଙ୍ଗେ ନାଚୁଛି କନକ ଗୋରୀ' ଏବଂ 'ମୃତ୍ୟୁଦଣ୍ଡ'ରେ ତାଙ୍କର ଖଳନାୟକୀ ସାଉଁଟିଛି ବେଶ୍ ପ୍ରଶଂସା। ସ୍ୱର୍ଣ୍ଣମନ୍ଦିରର ଚଳିତବର୍ଷର ଅନ୍ୟତମ ନାଟକ 'ତୁ ହସୁଥିବୁ ମୁଁ କାନ୍ଦୁଥିବି' ନାଟକରେ ସେ ମଧ୍ୟ ଖଳନାୟକ ଭାବରେ ଅବତୀର୍ଣ୍ଣ ହୋଇଛନ୍ତି। ''ଦର୍ଶକ ମୋ' ପାଇଁ ସବୁକିଛି। ସେମାନଙ୍କ ଭଲ ପାଇବା ମୋତେ ଆଜି ଏଠାରେ ପହଞ୍ଚାଇଛି ବୋଲି କହନ୍ତି ଗୋବିନ୍ଦ।''

## କଫି ଶପ୍

ଏକ କଫି ଶପ୍‌ରେ ଯୁବତୀ-ଯୁବକଙ୍କର ଦେଖା। ଆଉ ସେହି ପ୍ରଥମ ଦେଖାରୁ ହିଁ ଆରମ୍ଭ ହୁଏ ପ୍ରେମ। ଆଉ ତା'ପରେ ଏହି ଲଭ୍ ଷ୍ଟୋରି କିପରି ଆଗଉଛି ତାହାକୁ ଆଧାର କରି କାହାଣୀ ଗତି କରିଛି। ହଁ, ଏଭଳି ଏକ ଭିନ୍ନ ଧରଣର ପ୍ରେମ କାହାଣୀକୁ ଆଧାର କରି ନିର୍ମିତ ହେଉଛି ନୂଆ ଓଡ଼ିଆ ସିନେମା 'କଫି ଶପ୍'। ଆଶିଷ କୁମାର ସିହ୍ନାଙ୍କ ପ୍ରଯୋଜିତ ଏହି ଫିଲ୍ମର ନିର୍ଦ୍ଦେଶନା ଦେଉଛନ୍ତି ସୁଧାଂଶୁ ସାହୁ। ଡା. ନିର୍ମଳ ନାୟକଙ୍କ ଗୀତଗୁଡ଼ିକୁ ସ୍ୱରରେ ସଜାଇଛନ୍ତି ଅଭିଜିତ ମଜୁମଦାର। ଚିତ୍ରର କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପ ରଚନା କରିଛନ୍ତି ପ୍ରିୟବ୍ରତ ପଣ୍ଡା। ବିଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି ଅଭିଷେକ ଗିରି, ପ୍ରକୃତି ମିଶ୍ର, ଚୌଧୁରୀ ଜୟପ୍ରକାଶ ଦାସ, ଧରିତ୍ରୀ ଖଣ୍ଡୁଆଳ ଏବଂ ରାଜେଶ ପ୍ରମୁଖ କଳାକାର। ଏହା ପୂର୍ବରୁ ଆଶିଷ ପ୍ରଯୋଜନା କରିଥିବା 'ଆଇନା କେବେ ମିଛ କହେନା' ରିଲିଜ ଅପେକ୍ଷାରେ ରହିଛି।



ଅଭିଷେକ-ପ୍ରକୃତି

# ତା'ଙ୍କୁ ଆରମ୍ଭ ହୁଏ ଦିନ

ଶ୍ରଦ୍ଧା କପୁରଙ୍କର ଦିନଚର୍ଯ୍ୟା କିପରି ଆରମ୍ଭ ହୁଏ ଜାଣନ୍ତି? ନିତ୍ୟକର୍ମ ଶେଷ କରିବା ପରେ ତାଙ୍କର ଲୋଡ଼ା ହୁଏ ଗୋଟିଏ ଜିନିଷ। ଆଉ ସେଥିରୁ ଆରମ୍ଭ ହୁଏ ତାଙ୍କର ଡେଲି ରୁଟିନ୍। ସକାଳୁ ସେ ଉଠିବା ପରେ ପ୍ରଥମେ ଚା ପିଅନ୍ତି। ତା'ପରେ ଅନ୍ୟ କାମ କରିବାକୁ ବାହାରନ୍ତି। ଏ ନେଇ ଶ୍ରଦ୍ଧା କହନ୍ତି, 'ସକାଳୁ ବିଛଣା ଛାଡିବା ପରେ ମୋର ଯେମିତି ହେଲେ ଟିକେ ଚା ଦରକାର। ନ ହେଲେ ମନଟା କେମିତି କେମିତି ଲାଗିଥାଏ। ସକାଳୁ ଯଦି ମୁଁ କୌଣସି କାରଣରୁ ଚା ପିଇନି, ତେବେ ଦିନତମାମ ମୋତେ ଏମିତି ଲାଗେ ଯେ ଯେମିତି ମୁଁ କ'ଣ ଗୋଟିଏ ହଜେଇ ଦେଇଛି।' ଶୁଟିଂ ନ ଥିଲେ ଶ୍ରଦ୍ଧା ପ୍ରାୟ ଘରେ ହିଁ ରହିବାକୁ ପସନ୍ଦ କରନ୍ତି। ଆଉ ଏହି ଲିଜର ଟାଇମ୍‌ରେ ସେ ଗାର୍ଡେନିଂରେ ମନୋନିବେଶ କରନ୍ତି। ଘର ସାମନାରେ ଥିବା ବଗିଚାରେ କେତେ ପ୍ରକାର ନୂଆ ନୂଆ ଗଛ ଲଗାଯାଇପାରିବ ସେ ନେଇ ସେ ବେଶ୍ ସଚେତନ ଥାଆନ୍ତି। କେବଳ ସେତିକି ନୁହେଁ, ସେଗୁଡ଼ିକର ଯତ୍ନ ନେବାକୁ ମାଳୀଟିଏ ଥିଲେ ମଧ୍ୟ ନିଜେ ସେହି କାମକୁ ତଦାରଖ କରିଥାଆନ୍ତି। ଶ୍ରଦ୍ଧାଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା 'ତିନ୍ ପତି'ରୁ। ତା'ପରେ 'ଏବିସିଡି ୨', 'ବାଗୀ', 'ଓକେ ଜାନୁ', 'ହାଫ୍ ଗର୍ଲଫ୍ରେଣ୍ଡ', 'ଛିଛୋରେ' ଏବଂ 'ବାଗୀ-୩' ଆଦି ଫିଲ୍ମରେ ଅଭିନୟ କରିସାରିଛନ୍ତି।



ଶ୍ରଦ୍ଧା

## ଅତୀତରୁ

❖ଅଜିତ ଦାସ-ମହାଶ୍ୱେତା ରାୟଙ୍କୁ ନେଇ ନିର୍ମିତ ହୋଇଥିଲା 'ବାଟ ଅବାଟ'। ଏହି ସିନେମାର ନିର୍ଦ୍ଦେଶକ ଥିଲେ ବୃନ୍ଦାବନ ଜେନା। ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଥିଲେ ଭୁବନ-ହରି।

❖ ଓଡ଼ିଆ ସିନେମା 'ଅକ୍ଷୟ ତୃତୀୟା'ର ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ ଶରତ ପୂଜାରୀ, ଅନିତା ଦାସ, ଦୀପା ସାହୁ, ପ୍ରସନ୍ନ ମିଶ୍ର ପ୍ରମୁଖ କଳାକାର। ସୁଶୀଲ ମୁଖାର୍ଜୀ ଏହାର ନିର୍ଦ୍ଦେଶନା ଦେଇଥିବା ବେଳେ ଗୀତଗୁଡିକୁ ସ୍ୱରରେ ସଜାଇଥିଲେ ରାଖାଲ ମହାନ୍ତି।

❖ଓଡ଼ିଆ ଚଳଚ୍ଚିତ୍ର 'ବତାସୀ ଝଡ଼'ର ନାୟକ ଭୂମିକାରେ ଦେଖାଦେଇଥିଲେ ଅକ୍ଷୟ ମହାନ୍ତି (କାଶ୍ୟପ)। ଆରତି ଦାସ ପ୍ରଯୋଜିତ ଏହି ଚିତ୍ରର ନିର୍ଦ୍ଦେଶକ ଥିଲେ ରମେଶ ମହାନ୍ତି। ଏଥିରେ କାଶୀ ରଥ, ଜୟାଙ୍କୁ ମଧ୍ୟ ଦେଖିବାକୁ ମିଳିଥିଲା।

❖ଓଡ଼ିଆ ସିନେମା 'କାଚଘର'ର ପ୍ରଯୋଜନା କରିଥିଲେ କାମିନୀ ତ୍ରିପାଠୀ ଏବଂ ଏହାର ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଥିଲେ ବ୍ୟୋମକେଶ ତ୍ରିପାଠୀ। କାମିନୀ ପିକ୍ଚର୍ସ, ରାଉରକେଲା ବ୍ୟାନରରେ ପ୍ରସ୍ତୁତ ଏହି ଚିତ୍ରର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ କାହ୍ନୁ ଦାସ। ସୁରେଶ, ଜ୍ୟୋତ୍ସ୍ନା, ବିନୋଦ, ବିନି ଆଦି କଳାକାର ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ।

# ଲଭ୍ ଇନ୍ ଲଣ୍ଡନ

ପୁଣି ଥରେ ସିନେପ୍ରେମୀ ଦେଖିବାକୁ ପାଇବେ ଏକ ଭିନ୍ନ ଧରଣର ପ୍ରେମ କାହାଣୀଭିତ୍ତିକ ଓଡ଼ିଆ ସିନେମା। ଏହାର ଟାଇଟଲ ରହିଛି 'ଲଭ୍ ଇନ୍ ଲଣ୍ଡନ'। ଖାସ୍ କଥା ହେଲା ଏହି ଫିଲ୍ମରୁ ପୁଣି ଥରେ ବଡ଼ ପରଦାକୁ କମ୍ ବ୍ୟାକ୍ କରୁଛନ୍ତି ଓଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ଅଭିନେତା ଅନୁଭବ ମହାନ୍ତି। ଏହି ଫିଲ୍ମର ଫାଷ୍ଟ ଲୁକ୍ ରିଲିଜ ହୋଇ ବେଶ୍ ଦର୍ଶକାଦୃତ ହୋଇଛି। ଜେ.ବି. ଫିଲ୍ମସ ଆଣ୍ଡ ଟିଭି ଏବଂ ଆମରା ଷ୍ଟୁଡିଓ ବ୍ୟାନରରେ ଏହାର ପ୍ରଯୋଜନା କରଛନ୍ତି ନବୀନ ଭଣ୍ଡାରୀ ଏବଂ ଜେ. ବର୍ମା । ଫିଲ୍ମଟିର କାହାଣୀ ରଚନା ସହ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ତାପସ ସରଘରିଆ। ଉକ୍ତ ଚଳଚ୍ଚିତ୍ରରେ ଅନୁଭବଙ୍କ ସହ ସ୍କ୍ରିନ୍ ଶେୟାର କରୁଛନ୍ତି ନବାଗତା ସୁନ୍ଦରୀ ତଥା ସୁପର ମଡେଲ ସ୍ୱପ୍ନା ପ୍ରିୟଦର୍ଶିନୀ ଏବଂ ସୌମ୍ୟା ସଚଦେବା। ଫାଷ୍ଟଲୁକ୍ ପୋଷ୍ଟରରେ ଅନୁଭବ ଏବଂ ସ୍ୱପ୍ନା ପ୍ରିୟଦର୍ଶିନୀଙ୍କ ଏକ ଲିପ୍ ଲକ୍ ଦୃଶ୍ୟ ସ୍ଥାନିତ ହୋଇଛି। ଚିତ୍ରନାଟ୍ୟ ଲେଖିଛନ୍ତି ସୁରେଶ ପଟ୍ଟନାୟକ ଏବଂ ସଂଳାପ ରଚନା କରିଛନ୍ତି ଅନ୍ତର୍ଯ୍ୟାମୀ ସରଘରିଆ। ଡିଓପି ସୁବ୍ରତ କୁମାର ଖଟୋଇ ସିନେମାଟୋଗ୍ରାଫି ଦାୟିତ୍ୱ ତୁଲାଇଥିବା ବେଳେ ସମ୍ପାଦନା କରିଛନ୍ତି ରାଜେଶ ଦାଶ। ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ବୈଦ୍ୟନାଥ ଦାଶ- ଅସଦ ନିଜାମ। ଏହାର ପବ୍ଲିସିଟି ଡିଜାଇନର ଆଜହାର ଅଲ୍ଲୀ ଥିବା ବେଳେ ପ୍ରଚାର ପ୍ରସାର ଦାୟିତ୍ୱରେ ଅଛନ୍ତି ମିଡିଆ ପ୍ଲାନର ମୁଖ୍ୟ ପ୍ରଣୟ ଜେଠୀ। ଫିଲ୍ମଟି ଆସନ୍ତା ବର୍ଷ ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।



ଅନୁଭବ

## କ୍ୟାରିୟର ଆଗ, ପ୍ରେମ ପଛ

ଦିଶା ପଟାନିଙ୍କୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। ସେ କୁଆଡ଼େ ଏବେ ଜଣେ ନୂଆ ପ୍ରେମିକଙ୍କ ପ୍ରେମ ଫାଶରେ ପଡିଯାଇଛନ୍ତି। ଯେତେବେଳେ ସେ ଏକଥା ଶୁଣିବାକୁ ପାଇଲେ କେମିତି ବା ଚୁପ୍ ହୋଇ ବସି ରହନ୍ତେ କହୁନାହାନ୍ତି? ଏଭଳି ଆଲୋଚନା ସମ୍ପର୍କରେ ସଫେଇ ଦେଇ ଦିଶା କହନ୍ତି, 'ଏସବୁ ଆଲୋଚନା ପଛରେ ଟିକିଏ ହେଲେ ସତ୍ୟତା ନାହିଁ। ମୋ ବିରୋଧରେ କେହି ଅପପ୍ରଚାର ଚଳାଇଛି। ବର୍ତ୍ତମାନ ପ୍ରେମ ନୁହେଁ, ମୋ କ୍ୟାରିୟରକୁ ମୁଁ ଗୁରୁତ୍ୱ ଦେଉଛି। ତେଣୁ ଏବେ ମୋ ପାଖରେ ପ୍ରେମ କରିବାକୁ ସମୟ ନାହିଁ। ତେଣୁ ଏଭଳି ଭିତ୍ତିହୀନ ବିଷୟକୁ ନେଇ ଅଧିକ ଆଲୋଚନା ନ କରିବା ଭଲ।' ଦିଶାଙ୍କ ଅଭିନୀତ ଶେଷ ଚଳଚ୍ଚିତ୍ର ଥିଲା 'ଏକ ଭିଲେନ୍ ରିଟର୍ନସ'। ଜୁଲାଇ ୨୯ରେ ରିଲିଜ ହୋଇଥିବା ଏହି ଫିଲ୍ମଟି ବକ୍ସ ଅଫିସରେ ଆଶାନୁରୂପ ବିଜନେସ୍ କରିବାରେ ସକ୍ଷମ ହୋଇଥିଲା। ତାଙ୍କ ହାତରେ ଏବେ ୩-୪ଟି ନୂଆ ପ୍ରୋଜେକ୍ଟ ରହିଛି।



ହୁମା



ଦିଶା

# ଦୋଛକିରେ ହୁମା

ହୁମା କ୍ୟୁରେସି ଏବେ ତାଙ୍କୁ ଅଫର ମିଳିଥିବା ଫିଲ୍ମଦ୍ୱୟ ମଧ୍ୟରୁ କାହାକୁ ହଁ ଭରିବେ କାହାକୁ ମନା କରିବେ ସେ ନେଇ ଅଡୁଆରେ ପଡିଛନ୍ତି। କଥା କ'ଣ କି ନିକଟରେ ତାଙ୍କୁ ଦୁଇଟି ସିନେମାର ନାୟିକା ସାଜିବାକୁ ଅଫର ମିଳିଥିଲା। ହେଲେ ଫିଲ୍ମଦ୍ୱୟର ଶୁଟିଂ ଏକାଥରେ ଆରମ୍ଭ ହେଉଛି। ଏ ନେଇ ହୁମା କହନ୍ତି, 'ଫିଲ୍ମଦ୍ୱୟର କାହାଣୀ ମୋତେ ବେଶ୍ ଇମ୍ପ୍ରେଶ କରିଛି। ହେଲେ ଏଗୁଡିକର ଶୁଟିଂ ଏକାଥରେ ଆରମ୍ଭ ହେବ। ତେଣୁ ମୁଁ ଅଡୁଆରେ ପଡିଯାଇଛି। ସେପଟେ ଜଣେ ପ୍ରଯୋଜକଙ୍କୁ ଶୁଟିଂ ସିଡ୍ୟୁଲରେ ପରିବର୍ତ୍ତନ କରିବାକୁ ଅନୁରୋଧ କରିଛି। ଯଦି ତାହା ନ ହୁଏ ତେବେ ହୁଏତ ଗୋଟିଏ ଫିଲ୍ମ ମୁଁ ହାତଛଡା କରିପାରେ। ଏ ନେଇ ଅବଶ୍ୟ କିଛି ନିଷ୍ପତ୍ତି ଏବେ ନେଇନି। ଯଦି ଶୁଟିଂ ସିଡ୍ୟୁଲରେ ପରିବର୍ତ୍ତନ କରାଯାଏ ତେବେ ମୋର ସମସ୍ୟା ଅନେକାଂଶରେ ସମାଧାନ ହୋଇଯିବ।'

# ଜି ଲେ ଜରା

ବେଶ୍ କିଛି ବର୍ଷର ଗ୍ୟାପ୍ ପରେ ପ୍ରିୟଙ୍କା ଚୋପ୍ରା ପୁଣି ଥରେ ବଲିଉଡ୍‌କୁ କମ୍ ବ୍ୟାକ୍ କରୁଛନ୍ତି। ହଲିଉଡ୍‌ରେ ଏଣ୍ଟ୍ରି କରିବା ପୂର୍ବରୁ ତାଙ୍କୁ ହିନ୍ଦୀ ସିନେମାର ଅନ୍ୟତମ ଆଗଧାଡିର ଅଭିନେତ୍ରୀ ଭାବରେ ଗଣନା କରାଯାଉଥିଲା। ପୁଣି ଯା ଭିତରେ ସେ ହଲିଉଡ୍ ଗାୟକ ନିକ୍ ଜୋନାସ୍‌ଙ୍କ ସହ ଘର ସଂସାର କରିସାରିଛନ୍ତି। ବର୍ତ୍ତମାନ ତାଙ୍କ ଅଭିନୀତ ତଥା ଜୋୟା ଅଖତରଙ୍କ 'ଜି ଲେ ଜରା' ରିଲିଜ ଅପେକ୍ଷାରେ ରହିଛି। କେବଳ ସେତିକି ନୁହେଁ, ଏହି ଫିଲ୍ମର ସଫଳତାକୁ ନେଇ ବେଶ୍ ଆଶା ବାନ୍ଧିଛନ୍ତି ପ୍ରିୟଙ୍କା। ଯେତେବେଳେ ତାଙ୍କୁ ଏହି ଅଫରଟି ମିଳିଲା ସେତେବେଳେ ଥଣ୍ଡା ମିଜାଜରେ ଏ ନେଇ ଚିନ୍ତା କରି ହଁ ଭରିଥିଲେ। ଏ ନେଇ ପ୍ରିୟଙ୍କା କହନ୍ତି, 'ଯେତେବେଳେ ମୋତେ ଏହି ଅଫର ମିଳିଲା, ତା' ପୂର୍ବରୁ କେତୋଟି ସୁଯୋଗ ମୁଁ ହାତଛଡା କରିଥିଲି। କାରଣ ସେତେବେଳେ ମୋ ପାଖରେ ସମୟ ନ ଥିଲା। କେତେକେ ଭାବିଥିଲେ ଯେ ମୁଁ ବୋଧହୁଏ ଆଉ ବଲିଉଡ୍‌କୁ ଫେରିବି ନାହିଁ। ହେଲେ ତାହା ମିଛ। ବଲିଉଡ୍ ମୋତେ ଯେଉଁ ନେମ୍ ଫେମ୍ ଦେଇଛି ତାହାକୁ ମୁଁ କଦାପି ଭୁଲି ପାରିବି ନାହିଁ। ଏହି ଫିଲ୍ମଟିକୁ ନେଇ ଅନେକ ଆଶା ରହିଛି। ବାକି ସବୁ ଦର୍ଶକଙ୍କ ଉପରେ ନିର୍ଭର କରେ।' ଏହି ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ଫରହାନ ଅଖତର। ଏଥିରେ ପ୍ରିୟଙ୍କାଙ୍କ ବ୍ୟତୀତ ଆଲିୟା ଭଟ୍ଟ ଏବଂ କ୍ୟାଟ୍ରିନା କୈଫ ମଧ୍ୟ ଅଭିନୟ କରିଛନ୍ତି।



ପ୍ରିୟଙ୍କା

# ଉତ୍ତରାଖଣ୍ଡ ଅଗ୍ରଣୀ

**ଭୁବନେଶ୍ୱର, ୨୧।୧୨ (କ୍ରୀଡ଼ା ପ୍ରତିନିଧି)**

ଡେରାଡୁନରେ ଚାଲିଥିବା ରଣଜୀ ଟ୍ରଫି କ୍ରିକେଟ ମ୍ୟାଚରେ ଓଡ଼ିଶା ବୋଲରଙ୍କ ପ୍ରଦର୍ଶନ ପ୍ରଭାବହୀନ ରହିଛି। ଅଧିନାୟକ ଜିଓ୍ୱନଜୋତ ସିଂଙ୍କ ଅପରାଜିତ ଶତକ ସହାୟତାରେ ଉତ୍ତରାଖଣ୍ଡ ପ୍ରଥମ ଇନିଂସ ଅଗ୍ରଣୀଲାଭ କରିଛି। ଅଭିମନ୍ୟୁ କ୍ରିକେଟ ଏକାଡେମୀ ପଡ଼ିଆରେ ଚାଲିଥିବା ମ୍ୟାଚରେ ବୁଧବାର ଦ୍ୱିତୀୟ ଦିବସ ଶେଷ ବେଳକୁ ଉତ୍ତରାଖଣ୍ଡ ୩ ଉଇକେଟ ହରାଇ ୩୦୮ ରନ ସଂଗ୍ରହ କରିଛି। ଫଳରେ ଓଡ଼ିଶା ପ୍ରଥମ ଇନିଂସଠାରୁ ଏହି ଦଳ

## ରଣଜୀ ଟ୍ରଫି
## ଜିଓ୍ୱନଜୋତଙ୍କ ଶତକ



ଜିଓ୍ୱନଜୋତ ସିଂ

୯୫ ରନରେ ଅଗ୍ରଣୀ ହୋଇଛି। ଓଡ଼ିଶା ପ୍ରଥମ ଇନିଂସରେ ମାତ୍ର ୨୧୩ ରନ କରିଥିଲା।

### ଓଡ଼ିଶା ବୋଲର ପ୍ରଭାବହୀନ

ପ୍ରଥମ ଦିବସର ଅସମାପ୍ତ ସ୍କୋର ୪/୦ରୁ ଖେଳ ଆରମ୍ଭ କରିଥିବା ଉତ୍ତରାଖଣ୍ଡ ୨୧ ରନରେ ଓପନର ପ୍ରିୟାଂଶୁ ଖଣ୍ଡୁରୀଙ୍କ ଉଇକେଟ ହରାଇଥିଲା। ଉଇକେଟ କିପର ରାଜେଶ ଧୂପରଙ୍କ ହାତରେ କ୍ୟାଚ କରାଇ ପ୍ରିୟାଂଶୁ (୬ ରନ)ଙ୍କୁ ପ୍ୟାଭିଲିୟନ ପଠାଇଥିଲେ ସୂର୍ଯ୍ୟକାନ୍ତ ପ୍ରଧାନ। କୁନାଲ ଚାଣ୍ଡେଲା ରନଆଉଟ ହୋଇଥିବାବେଳେ ୬୦ତମ ଓଭରରେ ଦୀକ୍ଷାଂଶୁ ନେଗିଙ୍କ ଉଇକେଟ ନେଇଥିଲେ ଶୁଭମ୍ ନାୟକ। ଉଭୟ ଚାଣ୍ଡେଲା ଓ ନେଗି ୨୮ ରନ ଲେଖାଏ କରି ଆଉଟ ହେବାରୁ ୧୭୦ ରନରେ ଉତ୍ତରାଖଣ୍ଡର ୩ୟ ଉଇକେଟ ପଡ଼ିଥିଲା। ତେବେ ଅନ୍ୟତମ ଓପନର ଜିଓ୍ୱନଜୋତ ଓ ମିଡିଲ ଅର୍ଡର ବ୍ୟାଟର ସ୍ୱପ୍ନିଲ ସିଂ ଅସମାପ୍ତ ୪ର୍ଥ ଉଇକେଟରେ ୧୩୮ ରନର ଭାଗୀଦାରି ଗଢ଼ି ଦଳକୁ ଅଗ୍ରଣୀ କରାଇଥିଲେ। ମ୍ୟାଚ ଆହୁରି ୨ ଦିନ ବାକିଥିବାରୁ ଉତ୍ତରାଖଣ୍ଡ ଏକ ବଡ଼ ଇନିଂସ ଗଢ଼ିବା ସମ୍ଭାବନା ସୃଷ୍ଟି କରିଛି। ୩୦୬ ବଲ୍‌ର ସମ୍ମୁଖୀନ ହୋଇଥିବା ଜିଓ୍ୱନଜୋତ ୨୮ ଚୌକା ସହାୟତାରେ ୧୭୪ ଏବଂ ସ୍ୱପ୍ନିଲ ୯୧ ବଲ୍‌ରୁ ୬୦ (୩ ଚୌକା, ୩ ଛକା) ରନରେ ଅପରାଜିତ ରହିଛନ୍ତି। ଓଡ଼ିଶା ଅଧିନାୟକ ଶୁଭ୍ରାଂଶୁ ସେନାପତି ୭ ଜଣ ବୋଲରଙ୍କୁ ଲଗାଇଥିଲେ ହେଁ ଯୋଡ଼ି ଭାଙ୍ଗିପାରି ନ ଥିଲେ। ପ୍ରକାଶଯୋଗ୍ୟ ଯେ ସିଜନ ଆରମ୍ଭରେ ବରୋଦା ବିପକ୍ଷରେ ଓଡ଼ିଶା ଏହାର ପ୍ରଥମ ମ୍ୟାଚର ମଧ୍ୟ ପ୍ରଥମ ଇନିଂସରେ ପଛୁଆ ରହି ମ୍ୟାଚ ଡ୍ର ରଖିଥିଲା। ଏଠାରେ ଅନୁରୂପ ପରିସ୍ଥିତି ସୃଷ୍ଟି ହୋଇଛି। ଏପରି କି ଓଡ଼ିଶା ଦ୍ୱିତୀୟ ଇନିଂସରେ ସତର୍କତାର ସହ ବ୍ୟାଟିଂ ନ କଲେ ପରାଜୟର ମଧ୍ୟ ଆଶଙ୍କା ରହିବ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୨୧୩। ଉତ୍ତରାଖଣ୍ଡ ପ୍ରଥମ ଇନିଂସ: ୩୦୮/୩ (ଜିଓ୍ୱନଜୋତ ସିଂ-୧୭୪*, ସ୍ୱପ୍ନିଲ ସିଂ-୬୦*, ସୂର୍ଯ୍ୟକାନ୍ତ ପ୍ରଧାନ-୧/୪୩, ଶୁଭମ୍ ନାୟକ-୧/୭୦)।

# ବିପଜ୍ଜନକ ପିଚ୍ ପାଇଁ ମ୍ୟାଚ୍ ଅଧାରୁ ବନ୍ଦ

**ନୂଆଦିଲ୍ଲୀ, ୨୧।୧୨(ପି.ଟି):** ରେଲୱେ ଦଳ ଓ ପଞ୍ଜାବ ମଧ୍ୟରେ ଅନୁଷ୍ଠିତ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚ ବିପଜ୍ଜନକ ପିଚ୍ କାରଣରୁ ଅଧାରୁ ବନ୍ଦ ରଖାଯାଇଛି। ବୁଧବାର କର୍ନେଲ ସିଂ ଷ୍ଟାଡିୟମରେ ଏହି ମ୍ୟାଚ ହେଉଥିଲା। ଗୁରୁବାର ଏକ ନୂତନ ଟ୍ରାକ୍‌ରେ ମ୍ୟାଚ ଖେଳାଯିବା ପାଇଁ ନିଷ୍ପତ୍ତି ହୋଇଛି। ମ୍ୟାଚର ୨ ଦିନ ମଧ୍ୟରେ ୧୦୩ ଓଭର ଖେଳାଯାଇଥିବା ବେଳେ ୨୪ ଉଇକେଟ ପତନ ଘଟିଥିଲା। ଦ୍ୱିତୀୟ ଦିନରେ ପଞ୍ଜାବ ୧୮ ରନରେ ୪ ଉଇକେଟ ହରାଇଥିବା ବେଳେ ମ୍ୟାଚ୍ ଅଫିସିଆଲ ଏହି ନିଷ୍ପତ୍ତି ନେଇଥିଲେ। ଦୁଇ ଅନ୍‌ଫିଲ୍ଡ ଅମ୍ପାୟର କେ. ମଦନ ଗୋପାଳ ଓ ରାଜୀବ ଗୋଦାରା ମ୍ୟାଚ ବାତିଲ କରିବା ପାଇଁ ମ୍ୟାଚ ରେଫରି ଯୋଗରାଜ ସିଂଙ୍କୁ କହିବା ପରେ ଉଭୟ ଦଳର ଅଧିନାୟକଙ୍କ ସହମତିରେ ଗୁରୁବାର ଏକ ନୂତନ ଟ୍ରାକ୍‌ରେ ଦୁଇଦିନିଆ ମ୍ୟାଚ ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ୨୦୧୧ରେ ମଧ୍ୟ କର୍ନେଲ ସିଂ ଷ୍ଟାଡିୟମରେ ସମାନ ଘଟଣା ଦେଖିବାକୁ ମିଳିଥିଲା। ବିସିସିଆଇ ପକ୍ଷରୁ ଦୁଇ ବର୍ଷର ବାସନ୍ଦାଦେଶ ପରେ ରେଲୱେ ପକ୍ଷରୁ ଏହାର ବେସ୍ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଥିଲା।

# ଇନଫାଣ୍ଟିନୋଙ୍କୁ ବ୍ଲାଟରଙ୍କ ସମାଲୋଚନା

**ବର୍ଲିନ୍, ୨୧।୧୨(ପି.ଟି):** ପୂର୍ବତନ ଫିଫା ସଭାପତି ସେପ୍ ବ୍ଲାଟର ଫିଫା ବିଶ୍ୱକପରେ ୪୮ ଟିମ ବିଶ୍ୱକପ ଆଇଡିଆକୁ ସମାଲୋଚନା କରିଛନ୍ତି। ବର୍ତ୍ତମାନର ସଭାପତି ଜିଆନ୍ନି ଇନଫାଣ୍ଟିନୋଙ୍କୁ ସେ ସିଧାସଳଖ ଟାର୍ଗେଟ କରିଛନ୍ତି। ଏକ ଜର୍ମାନୀ ଖବର କାଗଜକୁ ସାକ୍ଷାତକାର ଦେବା ଅବସରରେ ସେ ଏହି ମନ୍ତବ୍ୟ ଦେଇଛନ୍ତି। ଫିଫାରେ ବର୍ତ୍ତମାନ ଯାହା ଘଟୁଛି ତାହା ମାତ୍ରାଧିକ ବ୍ୟବସାୟୀକରଣ ବୋଲି ବ୍ଲାଟର କହିଛନ୍ତି। ଜିଆନ୍ନି ଇନଫାଣ୍ଟିନୋ ବର୍ତ୍ତମାନ ଲେମ୍ବୁକୁ ଅତ୍ୟଧିକ ଚିପୁଡିବାକୁ ପ୍ରୟାସ କରୁଛନ୍ତି ଯାହାର ପରିଣତି ଭୟାବହ ହେବ ବୋଲି ସେ ଚେତାଇ ଦେଇଛନ୍ତି। ଏହା ସହିତ ଫିଫା ପକ୍ଷରୁ କ୍ଲବ୍ ବିଶ୍ୱକପରେ ହସ୍ତକ୍ଷେପ କରାଯାଇ ଟିମ୍ ସଂଖ୍ୟା ବୃଦ୍ଧି କରାଯିବା ନେଇ ଘୋଷଣା କରାଯାଇଛି।

# ଓଡ଼ିଶା ଏଫ୍‌ସି ଓଡବ୍ଲ୍ୟୁଏଲ୍ ଚାମ୍ପିୟନ



ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ ଅବସରରେ ଓଡ଼ିଶା ଓମେନ୍ସ ଲିଗ୍ ଚାମ୍ପିୟନ ଓଡ଼ିଶା ଏଫ୍‌ସି ଦଳର ଖେଳାଳିମାନେ।

**ଭୁବନେଶ୍ୱର, ୨୧।୧୨ (କ୍ରୀଡ଼ା ପ୍ରତିନିଧି)**

ଚଳିତ ବର୍ଷର ଓଡ଼ିଶା ଓମେନ୍ସ ଲିଗ୍ (ଓଡବ୍ଲ୍ୟୁଏଲ୍)ରେ ଚାମ୍ପିୟନ ହୋଇଛି ଓଡ଼ିଶା ଏଫ୍‌ସି। ଇଷ୍ଟକୋଷ୍ଟ ରେଲୱେ ଦ୍ୱିତୀୟ ସ୍ଥାନରେ ରହି ପ୍ରତିଯୋଗିତା ଶେଷ କରିଛି। ଫଳରେ ଓଡ଼ିଶା ଏଫ୍‌ସି ମହିଳା ଦଳ ଇଣ୍ଡିଆନ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍) ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଏଥିସହ ଓଡ଼ିଶାରୁ ୨ଟି ଦଳ ଇଣ୍ଡିଆନ ଓମେନ୍ସ ଲିଗ୍‌ରେ ଭାଗନେବା ସ୍ପଷ୍ଟ ହୋଇଛି। ଗତବର୍ଷ ଇଣ୍ଡିଆନ ଓମେନ୍ସ ଲିଗ୍‌ରେ ଟପ୍-୪ରେ ରହିଥିବାରୁ ସ୍ପୋର୍ଟ୍ସ ଓଡ଼ିଶା ଆଗାମୀ ସଂସ୍କରଣରେ ମଧ୍ୟ ଖେଳିବାକୁ ଯୋଗ୍ୟତା ପାଇଛି।

**ଇଣ୍ଡିଆନ ଓମେନ୍ସ ଲିଗ୍ ଖେଳିବାକୁ ଯୋଗ୍ୟତା**

ବୁଧବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ସିଜନର ଶେଷ ମ୍ୟାଚରେ ଓଡ଼ିଶା ଏଫ୍‌ସି ୨-୧ ଗୋଲରେ ଇଷ୍ଟକୋଷ୍ଟ ରେଲୱେକୁ ପରାସ୍ତ କରିଛି। ଭୁବନେଶ୍ୱରର ୩ଟି ଗ୍ରାଉଣ୍ଡ କଳିଙ୍ଗ ଷ୍ଟାଡିୟମ, ୭ମ ବାଟାଲିଅନ ଗ୍ରାଉଣ୍ଡ ଏବଂ କ୍ୟାପିଟାଲ ପଡ଼ିଆରେ ଓଡ଼ିଶା ଏଫ୍‌ସି ମୋଟ ୧୦ଟି ମ୍ୟାଚ ଖେଳି ୪୭ଟି ଗୋଲ ଦେଇଥିବାବେଳେ ମାତ୍ର ୩ଟି ଗୋଲ ବରଣ କରିଥିଲା। ରେଲୱେ ବିପକ୍ଷ ମ୍ୟାଚରେ ଓଡ଼ିଶା ଏଫ୍‌ସି ପକ୍ଷରୁ ମାଳତୀ ମୁଣ୍ଡା ୪ର୍ଥ ମିନିଟରେ ଏକ ଗୋଲ କରି ଦଳକୁ ଅଗ୍ରଣୀ କରାଇଥିଲେ। ମାତ୍ର ୨୯ତମ ମିନିଟରେ ରେଲୱେର ୟୁମନାମ କମଳା ଦେବୀ ଗୋଲକରି ମ୍ୟାଚକୁ ୧-୧ ସ୍ଥିତିକୁ ନେଇ ଆସିଥିଲେ। ମ୍ୟାଚର ୫୫ତମ ମିନିଟରେ ପ୍ୟାରୀ ଖାଖା ଗୋଲ ଦେଇ ଓଡ଼ିଶା ଏଫ୍‌ସିକୁ ପୁଣି ଅଗ୍ରଣୀ କରାଇଥିଲେ। ଶେଷ ୩୫ ମିନିଟରେ ରେଲୱେ ଦଳ ଆକ୍ରମଣାତ୍ମକ ପନ୍ଥା ଅବଲମ୍ବନ କରି ଖେଳିଥିଲେ ହେଁ ଗୋଲ ପରିଶୋଧ କରିପାରି ନ ଥିଲା। ଶେଷ ଦିବସରେ ଅନୁଷ୍ଠିତ ଅନ୍ୟ ୨ଟି ମ୍ୟାଚରେ ଓଡ଼ିଶା ପୋଲିସ ୬-୦ ଗୋଲରେ ରାଇଜିଂ ଷ୍ଟୁଡେଣ୍ଟକୁ ହରାଇଥିବାବେଳେ ସ୍ପୋର୍ଟ୍ସ ଓଡ଼ିଶା ୨-୦ରେ ଓଜିପି କ୍ଲବକୁ ପରାସ୍ତ କରିଛି। ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଯୁଗ୍ମ ସମ୍ପାଦକ ଅଭିଜିତ ପାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଉପସଭାପତି ଦିଲୀପ କୁମାର ସାହୁ, ଯୁଗ୍ମ ସମ୍ପାଦକ ବିଶ୍ୱ ରଞ୍ଜନ ଘଡ଼େଇ, ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ଓଏସ୍‌ଡି ଶୁଭେନ୍ଦୁ ପଣ୍ଡା, ଫାଓ ରେଫରି ପ୍ୟାନେଲ ମୁଖ୍ୟ ଦୁର୍ଗା ମାଧବ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ଦିଲ୍ଲୀରେ ଏସିଆନ୍ ରେସ୍‌ଲିଂ ଚାମ୍ପିୟନଶିପ୍

**ନୂଆଦିଲ୍ଲୀ, ୨୧।୧୨(ପି.ଟି):** ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ ଏସିଆନ୍ ରେସ୍‌ଲିଂ ଚାମ୍ପିୟପଶିପ୍ ୨୦୨୩। ମାର୍ଚ୍ଚ ୨୮ରୁ ଏପ୍ରିଲ୍ ୨ ଯାଏ ଟୁର୍ନାମେଣ୍ଟ ଆୟୋଜିତ ହେବ ବୋଲି ୟୁନାଇଟେଡ୍ ୱାର୍ଲ୍ଡ ରେସ୍‌ଲିଂ(ୟୁଡବ୍ଲ୍ୟୁଡବ୍ଲ୍ୟୁ) ପକ୍ଷରୁ କୁହାଯାଇଛି। ଆସନ୍ତା ବର୍ଷରୁ ୨ କିଗ୍ରାର ଓଜନ ଟଲେରାନ୍ସ ବ୍ୟବସ୍ଥା ମଧ୍ୟ ଲାଗୁ କରାଯାଇଛି। ସୋମବାର ୟୁଡବ୍ଲ୍ୟୁଡବ୍ଲ୍ୟୁର ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।

# ସର୍ବଭାରତୀୟ ଓପନ କରାଟେ ଉଦ୍‌ଘାଟିତ

**ଭୁବନେଶ୍ୱର, ୨୧।୧୨ (କ୍ରୀଡ଼ା ପ୍ରତିନିଧି)**

ଉତ୍କଳ କରାଟେ ସ୍କୁଲ ଆନୁକୂଲ୍ୟରେ ବୁଧବାର ସର୍ବଭାରତୀୟ ଓପନ କରାଟେ ଚାମ୍ପିୟନଶିପ୍ ଆରମ୍ଭ ହୋଇଛି। ଉତ୍କଳ କରାଟେ ସ୍କୁଲ ପରିସରରେ ଆୟୋଜିତ ଉକ୍ତ ପ୍ରତିଯୋଗିତାରେ ଓଡ଼ିଶା, ଗୁଜରାଟ, ଝାଡ଼ଖଣ୍ଡ, ବିହାର ଆଦି ୪ ରାଜ୍ୟରୁ ୮୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ମହିଳା ଓ ପୁରୁଷ ବର୍ଗରେ ପାଖାପାଖି ୧୦୦ ବିଭାଗରେ ପ୍ରତିଯୋଗିତା ହେଉଛି। ୪ ଦିନ ବିଶିଷ୍ଟ ଏହି ପ୍ରତିଯୋଗିତା ୨୫ ତାରିଖରେ ଶେଷ ହେବ। ଅନ୍ୟ ରାଜ୍ୟର ପ୍ରତିଯୋଗୀଙ୍କ ସହ ଓଡ଼ିଶା କରାଟେକାଙ୍କର ଲଢ଼ିବା ସୁଯୋଗ ସୃଷ୍ଟି ଏହି ପ୍ରତିଯୋଗିତା ଆୟୋଜନର ମୁଖ୍ୟ ଲକ୍ଷ୍ୟ ବୋଲି ଉତ୍କଳ କରାଟେ ସ୍କୁଲ ମୁଖ୍ୟ ହରିପ୍ରସାଦ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଏହାଦ୍ୱାରା ରାଜ୍ୟ ଖେଳାଳିଙ୍କ ଅଭିଜ୍ଞତା ବଢ଼ିବ

**ଏସୀୟ ଜଜ୍ ପରୀକ୍ଷାରେ ରାଜୀବ ଉତ୍ତୀର୍ଣ୍ଣ**



ବୋଲି ସେ କହିଛନ୍ତି। ନିକଟରେ ଉଜବେକିସ୍ତାନରେ ଅନୁଷ୍ଠିତ ଏସୀୟ କରାଟେ ପ୍ରତିଯୋଗିତାରେ ଓଡ଼ିଶାର ଭାଲେନା ଭାଲେଣ୍ଟିନା ଓ ମଧୁପ୍ରୀୟା ବାଇ ଭାଗ ନେଇଥିଲେ। ଭାଲେନା ମହିଳା ବ୍ୟକ୍ତିଗତ କାଟାରେ ୧୦ମ ସ୍ଥାନ ଏବଂ ମଧୁପ୍ରୀୟା ଜୁନିୟର ମହିଳା କାଟାରେ ୯ମ ସ୍ଥାନରେ ରହିଥିଲେ। ତେବେ ଖୁସି ଖବର ହେଲା ରାଜୀ ସିଂ ଏସୀୟ ଜଜ୍ ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେ କୁମିତେ ଜଜ୍-ବି ମାନ୍ୟତା ପାଇବା ସହ ଏସୀୟ ପ୍ରତିଯୋଗିତା ପରିଚାଳନା ଅନୁମତି ପାଇଥିଲେ। ଉତ୍କଳ କରାଟେ ସ୍କୁଲ ଏବଂ ରାଜ୍ୟ ଆସୋସିଏଶନ ପକ୍ଷରୁ ରାଜୀବଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

# ଜୁନିୟର ବ୍ୟାଡ୍‌ମିଣ୍ଟନ: ତାମିଲନାଡୁ ଚାମ୍ପିୟନ

**ଭୁବନେଶ୍ୱର, ୨୧।୧୨ (କ୍ରୀଡ଼ା ପ୍ରତିନିଧି)**

କିଟ୍‌ର ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ଜାତୀୟ ଜୁନିୟର (୧୯ ବର୍ଷରୁ କମ୍) ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ଦଳଗତ ପ୍ରତିଯୋଗିତା ବୁଧବାର ଶେଷ ହୋଇଛି। ଏହାର ଫାଇନାଲରେ ହରିୟାଣାକୁ ହରାଇ ତାମିଲନାଡୁ ଚାମ୍ପିୟନ ହୋଇଛି। ଉତ୍ତରାଖଣ୍ଡ ଓ ମଣିପୁର ତୃତୀୟ ସ୍ଥାନରେ ରହି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଫାଇନାଲର ବାଳକ ସିଙ୍ଗଲ୍ସରେ ହରିୟାଣାର ମନରାଜ ସିଂ ତାମିଲନାଡୁର କେ.ଏମ. ନିଧିଙ୍କୁ ୨୧-୧୧, ୨୧-୧୯ରେ ହରାଇଥିବାବେଳେ ବାଳିକା ସିଙ୍ଗଲ୍ସରେ ତାମିଲନାଡୁର ରକ୍ଷିତା ଶ୍ରୀ ୧୮-୨୧, ୨୧-୧୩, ୨୧-୯ରେ ହରିୟାଣାର ଖରବ ଅନମୋଲଙ୍କୁ ପରାସ୍ତ କରିଛନ୍ତି। ବାଳକ ଡବଲ୍ସରେ ତାମିଲନାଡୁର ଆୟାସ୍ପାନ ଦେବ ଓ ଆୟାସ୍ପାନ ଧିରେନ ଯୋଡ଼ି ୨୨-୨୦, ୨୧-୧୫ରେ ହରିୟାଣାର ବୁଧଓ୍ୱାର ଅନଶୁଲ ଓ ମନରାଜ ସିଂଙ୍କୁ ହରାଇ ଦେଇଛନ୍ତି। ବାଳିକା ଡବଲ୍ସରେ କିନ୍ତୁ ହରିୟାଣାର ଅନମୋଲ ଖରବ ଓ ତୁର ରିଧି କୌର ଯୋଡ଼ି ତାମିଲନାଡୁର ବାଲାଜ ଶ୍ରେୟା ଓ ଏନ. ଶ୍ରୀନିଧିଙ୍କୁ ୨୧-୧୮, ୨୨-୨୦ରେ ହରାଇ ମୁକାବିଲାକୁ ୨-୨ କରି ଦେଇଥିଲେ। ନିର୍ଣ୍ଣାୟକ ମିକ୍ସଡ ଡବଲ୍ସରେ ତାମିଲନାଡୁର ଆର. ଅରୁଲଭୁରୁଗାନ ଓ ଏନ. ଶ୍ରୀନିଧି ଯୋଡ଼ି ବିପକ୍ଷ ଦଳର ବାହାଦୂର ଅନସୁଲ ଓ ତୁର ରିଧି କୌରଙ୍କୁ ୨୧-୧୪, ୧୭-୨୧, ୨୯-୨୭ରେ ହରାଇ ଦେଇଥିଲେ। ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ଯୁଗ୍ମ ସଚିବ ଶୁଭ୍ରାଂଶୁ ମିଶ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ବିଏମ୍‌ସି କମିଶନର ବିଜୟ ଅମୃତ କୁଲାଙ୍ଗେ ମୁଖ୍ୟ ଅତିଥି, କ୍ରୀଡ଼ା ବିଭାଗ ଓଏସ୍‌ଡି ସୋନାଲି ଚାନ୍ଦ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆ ଉପସଭାପତି ଏସ. ମୁରଲୀଧରନ, ଯୁଗ୍ମ ସମ୍ପାଦକ ଓମାର ରଶିଦ, କେରଳ ରାଜ୍ୟ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ପ୍ରତିନିଧି ରାକେଶ ଶେଖର, ବିଡବ୍ଲ୍ୟୁଏଫ୍ ରେଫରି ଗିରିଶ ନାଟୁ, ମ୍ୟାଚ ରେଫରି ଉଦୟ ସାନେ, ଆୟୋଜକ କମିଟି ସମ୍ପାଦକ ନିଲେନ କୁମାର ପ୍ରମୁଖ ଉପସ୍ଥିତ ଥିଲେ।



ଜାତୀୟ ଜୁନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ଦଳଗତ ଚାମ୍ପିୟନ ତାମିଲନାଡୁ ଦଳ ଅତିଥିଙ୍କ ଗହଣରେ।










Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ଶତପଥୀ